# ନଗ୍ନ ସତ୍ୟ

## ଏହି ପ୍ରକାଶକଙ୍କ :

| | |
|---|---|
| ସ୍ୱାଧୀନ ମାନବ | ହ୍ୟାଲ୍‌ଡର୍ ଲକ୍‌ସନେସ୍ |
| ମୁକ୍ତ ତାଜ | ସେଲମା ଲଗର୍‌ଲଫ୍ |
| ମା ଓ ପୁଅ | ଗ୍ରାତ୍ସିଅ ଦେଲେଦା |
| ବାରବାସ | ପାର୍ ଲଗେର୍‌କଭିଷ୍ଟ |
| ମାଟିର ମାୟା | ନୁଟ୍ ହାମ୍‌ସୁନ୍ |
| ପ୍ରିୟତମ | ଅଁଦ୍ରେ ଜିଦ୍ |
| ଜାଁ କ୍ରିସ୍ତଫ୍ | ରୋମାଁ ରୋଲାଁ |
| ତିରସ ନାଟକ | ଜର୍ଜ ବାର୍ଣ୍ଣାଡ଼ ଶ' |
| ପୋଡ଼ା ଭୂଇଁ | ଟି. ଏସ୍. ଏଲିୟଟ |
| ସିଦ୍ଧାର୍ଥ | ହେରମାନ୍ ହେସ୍ |
| ସୁଭ ଅର୍ଥ | ପାର୍ଲ. ଏସ୍. ବାକ୍ |
| ଅପସରଣ | ଅର୍ନେଷ୍ଟ ହେମିଂୱେ |



ଲୁଇଜି ପିରାନଡେଲ୍ଲୋ

ଅନୁବାଦ— ଲକ୍ଷ୍ମୀନାରାୟଣ ମହାନ୍ତି

# ନଗ୍ନ ସତ୍ୟ

## ଲୁଇଜି ପିରାନ୍ଦେଲ୍ଲୋ

୧୯୩୪ର ନୋବେଲ ପୁରସ୍କାର ପ୍ରାପ୍ତ

ପ୍ରଥମ ଓଡ଼ିଆ ସଂସ୍କରଣ : ୧୯୫୭

ପ୍ରକାଶକ :

ପ୍ରଫୁଲ୍ଲ ଚନ୍ଦ୍ର ଦାସ,

କଟକ-୨

ପରିବେଶକ :

ନଭସ ରିକ୍ୟୁଇଟେସ୍ କୋ: (ଇଣ୍ଡିଆ)

ଚୂଦନାଗୈଢି, କଟକ-୨

କଥାବସ୍ତୁ ମୁଦ୍ରକ :

କଳିଙ୍ଗ ଭାସ୍କର ମୁଦ୍ରଣାଳୟ,

ମାନସିଂହ ପାଟଣା,

କଟକ-୧

ପ୍ରତିକୃତି, ପ୍ରଚ୍ଛଦପଟ୍ଟ ମୁଦ୍ରକ ଓ ବନ୍ଧାଇ :

ମନମୋହନ ପ୍ରେସ,

କଟକ-୨

ପ୍ରଚ୍ଛଦପଟ୍ଟ ଶିଳ୍ପୀ

ବିଭୂତିଭୂଷଣ କାନୁନଗୋ

ମୁଦ୍ରଣ୍ୟ ଉଦ୍ଧାର :

ମୂଲ୍ୟ: ଦୁଇଟଙ୍କା ଓଡ ରଅଣା

# କୃତଜ୍ଞତା ସ୍ୱୀକାର

ଇଟାଲୀୟ ସାହିତ୍ୟ ସହିତ ଓଡ଼ିଆ ପାଠକ ବୃନ୍ଦ ଅଳ୍ପ ପରିଚିତ । ବିଶ୍ୱ ସାହିତ୍ୟ ଦରବାରରେ ସମ୍ମାନିତ ହେଲା ପରେ ଦରିଆପାରିର ବିଭିନ୍ନ ଦେଶ ସଙ୍ଗେ ପ୍ରଖ୍ୟାତ ସାହିତ୍ୟିକମାନଙ୍କର ପରିଚୟ ଘଟେ । ବିଂଶ ଶତାବ୍ଦୀର ଇଟାଲୀୟ ସାହିତ୍ୟ ଏକଛତ୍ରବାଦ ଯୋଗୁଁ ବିଶେଷ ଭାବରେ ବିପନ୍ନ । ମୁସୋଲିନୀଙ୍କର କୋଡ଼ିଏ ବର୍ଷ ଯାବତ ଏକଛତ୍ର ସାମ୍ରାଜ୍ୟବାଦ ଓ ଅତ୍ୟାଚାର ଯୋଗୁଁ ବିଶିଷ୍ଟ ସାହିତ୍ୟିକମାନଙ୍କୁ ଅନିଚ୍ଛା ସତ୍ତ୍ୱେ ନୀରବ ରହିବାକୁ ପଡ଼ିଥିଲା ଏବଂ ଅନେକେ ସ୍ୱଦେଶ ତ୍ୟାଗ କରି ବିଦେଶରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଯେଉଁମାନେ ଏହି ଏକଛତ୍ରବାଦକୁ ଅସ୍ୱୀକାର କରି ଅବିରାମ ଲେଖନୀ ଚଳାଇଥିଲେ, ତନ୍ମଧ୍ୟରେ ଅଗ୍ରଣୀ ହେଉଛନ୍ତି ଇଗ୍ନାଜିଓ ସିଲୋନ୍ ।

ଯୁଦ୍ଧୋତ୍ତର ନବଜାଗ୍ରତ ଗଣତାନ୍ତ୍ରିକ ଇଟାଲୀର କୌଣସି ଉଲ୍ଲେଖ ଯୋଗ୍ୟ ବିଶିଷ୍ଟ ରଚନା ବର୍ତ୍ତମାନ ସୁଦ୍ଧା ପ୍ରକାଶିତ ହୋଇନାହିଁ । କିନ୍ତୁ ଅତୀତର ଐଶ୍ୱର୍ଯ୍ୟମୟ ସାହିତ୍ୟ ଭଣ୍ଡାରର ପୁନର୍ଗଠନ ପାଇଁ ପ୍ରସ୍ତୁତ ଚାଲିଛି ।

ପାଞ୍ଚ ବର୍ଷ ତଳେ ଇଟାଲୀ ତଥା ବିଶ୍ୱର ଦୁଇ ସାହିତ୍ୟ ମହାରଥୀ ଏବଂ ନୋବେଲ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ଗ୍ରାଜିଆ ଦେଲେଦ୍ଦା ଓ ଲୁଇଜି ପିରାନ୍‌ଦେଲ୍ଲୋଙ୍କ ରଚନାମାନ ଓଡ଼ିଆ ପାଠକଙ୍କ ସଙ୍ଗେ ପରିଚୟ କରାଇ ଦେବା ପାଇଁ ଚୁକ୍ତିବଦ୍ଧ ହୋଇଥିଲୁ ।

ତିନି ବର୍ଷ ତଳେ ଶ୍ରୀମତୀ ଦେଲେଦ୍ଦାଙ୍କ ରଚିତ "ମା ଓ ପୁଅ" ବନ୍ଧୁ ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଥିଲା । ସାର୍ଥକ ଅନୁବାଦ ଯୋଗୁ ଉଚ୍ଚ ପ୍ରଶଂସିତ ହୋଇ ପ୍ରଥମ ସଂସ୍କରଣ ବିକି ହୋଇ ଯାଇଥିବାରୁ "ମା ଓ ପୁଅ"ର ପୁନର୍ମୁଦ୍ରଣ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଛି । ଏହି ଗ୍ରନ୍ଥର ପ୍ରଚାର, ପ୍ରସାର ତଥା ଓଡ଼ିଆ ପାଠକଙ୍କ ସହାନୁଭୂତିରେ ଉତ୍ସାହିତ ହୋଇ ଲୁଇଜି ପିରାନ୍‌ଦେଲ୍ଲୋଙ୍କ "ନଗ୍ନ ସତ୍ୟ" ବର୍ତ୍ତମାନ ପ୍ରକାଶିତ ହେଲା ।

ଇଟାଲୀର ପିରାନ୍‌ଦେଲ୍ଲୋ ଇଷ୍ଟେଟ ଏବଂ ଲଣ୍ଡନର ଡକ୍ଟର ଯାନ୍ ଭାନ୍ ଲୋଏନ୍ ପିରାନ୍‌ଦେଲ୍ଲୋଙ୍କ ଜୀବନୀ, ପ୍ରତିକୃତି ଓ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ଯୋଗାଇ ଦେଇଥିବାରୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞତା ସ୍ୱୀକାର କରୁଅଛି ।

ବିଜୟାଦଶମୀ, ୧୯୫୭ — ପ୍ରକାଶକ

# ଲୁଇଜି ପିରାନ୍‌ଦେଲୋ

ଆଜି ସୁଦ୍ଧା ତିନି ଜଣ ଇଟାଲୀୟ ଲେଖକ ବିଶ୍ୱ-ସାହିତ୍ୟ ଦରବାରରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି । ୧୯୦୬ ସାଲରେ କବି ଗିଓସୁଇ କାରଡୁଚି, ୧୯୨୬ ସାଲରେ ଔପନ୍ୟାସିକା ଶ୍ରୀମତୀ ଗ୍ରାଜିଆ ଦେଲେଦା ଏବଂ ୧୯୩୪ ସାଲରେ ଲୁଇଜି ପିରାନ୍‌ଦେଲୋ ।

ଗାବ୍ରିଏଲେ ଦାନୁନ୍‌ଜିଓ ଏବଂ ଲୁଇଜି ପିରାନ୍‌ଦେଲୋ ଉଭୟେ ଇଟାଲୀୟ ସାହିତ୍ୟ ଜଗତରେ ଦୁଇ ଚୂଡ଼ାମଣି । କିନ୍ତୁ ଦୁଇ ଜଣଙ୍କର ପ୍ରତିଭାର ସ୍ୱଭାବ, ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଜଣେ ସାନ୍ଦ୍ର, ରୁଦ୍ର, ଉଚ୍ଛ୍ୱସିତ ଏବଂ ଆନନ୍ଦମୟ; ଆଉ ଜଣଙ୍କ ଅତି ଶାନ୍ତ, ସୂକ୍ଷ୍ମ, ନିପୀଡ଼ିତ ଓ ରହସ୍ୟମୟ । ତରୁଣ ବୟସରେ ପିରାନ୍‌ଦେଲୋ ଯେତେବେଳେ ପ୍ରଥମେ ସାହିତ୍ୟ କ୍ଷେତ୍ରରେ ଅବତରଣ କଲେ, ସେତେବେଳେ ଦାନୁନ୍‌ଜିଓଙ୍କ ଖ୍ୟାତି ମଧ୍ୟ ଗଗନରେ ଭାସ୍ୱର । କିନ୍ତୁ ପୂର୍ବସୂରୀଙ୍କର ଶିଷ୍ୟତ୍ୱ ସେ କଦାପି ଗ୍ରହଣ କରି ନ ଥିଲେ, ଦାନୁନ୍‌ଜିଓଙ୍କର କଳୋଚ୍ଛ୍ୱାସ ତାଙ୍କୁ ଭଲ ଲାଗୁ ନ ଥିଲ । ଅନ୍ୟାନ୍ୟ ପ୍ରସିଦ୍ଧ ଗଳ୍ପ ଲେଖକମାନଙ୍କ ପରି ପିରାନ୍‌ଦେଲୋ ତାଙ୍କର ସାହିତ୍ୟ ଜୀବନ ଆରମ୍ଭ କରିଥିଲେ କାବ୍ୟ-ପ୍ରାଙ୍ଗଣରେ ।

ଲୁଇଜି ପିରାନ୍‌ଦେଲୋ ସିସିଲିର ଅନ୍ତର୍ଗତ ଆଗ୍ରିଜେଣ୍ଟୋ ନିକଟବର୍ତ୍ତୀ କାଓସ ନାମକ ସ୍ଥାନରେ ଜୁନ ୨୦ ତାରିଖ ୧୮୬୭ ସାଲରେ ପିତା ଷ୍ଟିଫାନୋଙ୍କ ଔରସରେ ମାତା କାଟେରିନା ରିସି ଗ୍ରେଭିଟୋଙ୍କ ଗର୍ଭରୁ ଜନ୍ମ-ଗ୍ରହଣ କରନ୍ତି । ୧୮ ବର୍ଷ ବୟସରେ ପୈତୃକ ବ୍ୟବସାୟରେ ତିନି ମାସ ଯାଏ ତାଲିମ କଲା ପରଠାରୁ ସେ ତାଙ୍କ ପିତାଙ୍କୁ କହିଲେ ଯେ ପାଲେର୍‌ମୋ ବିଶ୍ୱବିଦ୍ୟାଳୟରେ ସେ ଉଚ୍ଚଶିକ୍ଷା ଲାଭ କରିବାକୁ ଚାହାନ୍ତି । ସେଠାରୁ ସେ ୧୮୭୫ ସାଲରେ ରୋମ ବିଶ୍ୱବିଦ୍ୟାଳୟକୁ ଗଲେ । ଏଠାରେ ସେ ପ୍ରସିଦ୍ଧ ଶିକ୍ଷାବିତ୍ ଅର୍ଣ୍ଣେଷ୍ଟୋ ମନାସୀଙ୍କର ବନ୍ଧୁତ୍ୱ ଲାଭ କରିଥିଲେ । ଯେତେବେଳେ

ଲାଟିନ ଭାଷାର ଅଧ୍ୟକ୍ଷଙ୍କ ସଙ୍ଗେ ପିରାନ୍‌ଦେଲ୍ଲୋଙ୍କର ମତାନ୍ତର ଘଟିଲା, ସେତେବେଳେ ମନୀଷୀ ପ୍ରବର ପିରାନ୍‌ଦେଲ୍ଲୋଙ୍କୁ ବନ୍ ଯିବା ପାଇଁ ଉପଦେଶ ଦେଇଥିଲେ ଏବଂ ପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ଓ୍ୱେଣ୍ଡେଲିନ ଫଏଷ୍ଟରଙ୍କ ନିକଟରୁ ଉପଯୁକ୍ତ ଜ୍ଞାନ ହାସଲ କରିବାକୁ ମଧ୍ୟ କହିଥିଲେ ।

୧୮୯୧ ସାଲରେ ସେ ଗିରଗେଣ୍ଟି ଭାଷାତତ୍ତ୍ୱରେ ଗବେଷଣା କରି ଡକ୍ଟରେଟ୍ ଉପାଧିରେ ବିଭୂଷିତ ହେଲେ ଏବଂ ତା' ପରେ କିଛି ଦିନ ବନ୍‌ରେ ଇଟାଲୀୟ ଭାଷାର ଅଧ୍ୟକ୍ଷ ହିସାବରେ କାର୍ଯ୍ୟ କରି ରୋମକୁ ଫେରି ଆସି ସମସାମୟିକ ଔପନ୍ୟାସିକ ଓ ସମାଲୋଚକ ଲୁଇଜି କାପୁଆନାଙ୍କର ଲେଖକ ଓ ଶିଳ୍ପୀ ଭକ୍ତମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରି ବସିଲେ । ପିରାନ୍‌ଦେଲ୍ଲୋ ଦାନନ୍ସିଓ ଗୋଷ୍ଠିର ଯୁବକ ଲେଖକମାନଙ୍କର ସମର୍ଥକ ନ ଥିଲେ ।

ଲୁଇଜି ପିରାନ୍‌ଦେଲ୍ଲୋ ଇଂଲଣ୍ଡରେ ବିଶ୍ୱ ନାଟ୍ୟକାର ହିସାବରେ ପରିଚିତ ହେବା ପୂର୍ବରୁ ସମଗ୍ର ୟୁରୋପ ମହାଦେଶରେ [illegible] ଗଳ୍ପ ଲେଖକ ହିସାବରେ ଶ୍ରେଷ୍ଠ ବୋଲି ବିବେଚିତ ହୋଇଥିଲେ ଏବଂ ମୋପାସା ଓ ଚେକଫଙ୍କ ସମଶ୍ରେଣୀୟ ବୋଲି ମଧ୍ୟ ପ୍ରଶଂସିତ ।

୧୮୯୪ ଖ୍ରୀଷ୍ଟାବ୍ଦରେ ପିରାନ୍‌ଦେଲ୍ଲୋ ୨୬ ବର୍ଷ ବୟସରେ ପିତାଙ୍କର ଇଚ୍ଛା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସମ୍ଭ୍ରାନ୍ତ ବଂଶୀୟ ଧନୀ କନ୍ୟା ଆଣ୍ଟୋନିଏଟା ପରତୁଲାନୋଙ୍କ ସଙ୍ଗେ ପରିଣୟ ସୂତ୍ରରେ ଆବଦ୍ଧ ହୁଅନ୍ତି । ପରିବାରବର୍ଗଙ୍କ ସ୍ୱାର୍ଥ ସଂରକ୍ଷଣ ଏବଂ ଅର୍ଥ ସଂଗ୍ରହ ବୁଦ୍ଧିରୁ ବିବାହ ଉତ୍ସବ ରଚନା କରାଯାଇଥିଲା, ମାତ୍ର କେତୋଟି ବର୍ଷ ଉତ୍ତାରୁ ଷ୍ଟିଫାନୋ, ଲିଓ ଓ ଫସ୍ତୋ ନାମିତ ତିନୋଟି ଶିଶୁର ଜନକ ପିରାନ୍‌ଦେଲ୍ଲୋଙ୍କ ସୁଖମୟ ଜୀବନର ଅବସାନ ଘଟିଥିଲା । ଏହାର ପ୍ରଧାନ କାରଣ ହେଉଛି ଅପ୍ରତ୍ୟାଶିତ ଅର୍ଥାଭାବ ଏବଂ ଶେଷ ଶିଶୁର ଅସ୍ୱାଭାବିକ ଜନ୍ମଲାଭ ପରେ ସହଧର୍ମିଣୀଙ୍କର ମସ୍ତିଷ୍କ ବିକୃତି । ରୋଗର ପ୍ରଧାନ ଲକ୍ଷଣ ହେଲା ସ୍ୱାମୀ ପ୍ରତି ସୁତୀବ୍ର ସନ୍ଦେହ । ଏହି ସନ୍ଦେହର ତାଡ଼ନାରେ ତାଙ୍କୁ ବର୍ଷ ବର୍ଷ ଧରି ଦୁଃସହ ନିର୍ଯାତନା ଭୋଗ କରିବାକୁ ହୁଏ । ତାଙ୍କର ସ୍ନେହଶୀଳ ମନ

ସ୍ତ୍ରୀକୁ ଉନ୍ମାଦାଶ୍ରମକୁ ପଠାଇ ପାରିଲେ ନାହିଁ । ସେ ଏହି ସବୁକୁ ସହ୍ୟ କରି ଭାଗ୍ୟକୁ ଆଦର କରିଲେ । କୌଣସି ବନ୍ଧୁ-ବାନ୍ଧବ ଘରକୁ ଯିବା ଆସିବା କରନ୍ତି ନାହିଁ । ଉପାର୍ଜିତ ଅର୍ଥର ଶେଷ କପର୍ଦ୍ଦକଟିକୁ ମଧ୍ୟ ସ୍ତ୍ରୀ ହାତରେ ଦେଇ ଦିଅନ୍ତି । ଏଣିକବେଳେ ସେ ଭାବିବାକୁ ଆରମ୍ଭ କଲେ— ନିଜ ମଧ୍ୟରେ ଅସଲ ମଣିଷଟି କିଏ ? ତାଙ୍କ ସ୍ତ୍ରୀ ଯାହାକୁ ସନ୍ଦେହ କରେ ଆଉ ସେ ନିଜେ ଯାହାକୁ ଚିହ୍ନନ୍ତି, ଏହି ଉଭୟ ମଧ୍ୟରେ କେଉଁଟି ସତ୍ୟ । ଏହି ଚିନ୍ତା କ୍ରମେ ଗଭୀର ଭାବରେ ତାଙ୍କର ସମସ୍ତ ରଚନାରେ ବ୍ୟାପିଗଲା । ପ୍ରତ୍ୟେକ ମଣିଷ ମଧ୍ୟରେ ଏହି ବ୍ୟକ୍ତି-ବହୁଳତା-ସମସ୍ୟାର ଉଲ୍ଲେଖ ଦେଖିବାକୁ ମିଳେ ତାଙ୍କର ଗଳ୍ପ, ଉପନ୍ୟାସ ଓ ନାଟକରେ ।

ପିରାନ୍‌ଦେଲ୍ଲୋ ଖାସ ଇଟାଲୀୟ ନୁହନ୍ତି ; ସେ ସିସିଲୀୟାନ ଅଟନ୍ତି । ଛାତ୍ର ଜୀବନରେ ଜର୍ମାନୀର ବନ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡ଼ିଗ୍ରୀ ପାଇଁ ସେ ସିସିଲୀର ମୌଖିକ ଭାଷାତତ୍ତ୍ୱ ବିଷୟରେ ପ୍ରବନ୍ଧ ଲେଖିଥିଲେ । ଏହି ଭାଷାରେ ଲିଖିତ ତାଙ୍କର କେତୋଟି ନାଟକ ମଧ୍ୟ ଅଛି । ସାରା ଜୀବନ ସେ ସିସିଲୀର ନୀଳ ଆକାଶ, ଉଜ୍ଜ୍ୱଳ ରୌଦ୍ର, ଆଉ ସ୍ଥାନୀୟ ଅଜ୍ଞ, ସରଳ, ଭାବପ୍ରବଣ ମାନବ-ପ୍ରକୃତିକୁ କଦାପି ଭୁଲି ପାରି ନ ଥିଲେ । ସମସ୍ତ ଦୁଃଖ ଓ ନିର୍ଯାତନା ମଧ୍ୟରେ ମାତୃଭୂମି ସିସିଲି ପ୍ରତି ଏକ ଗଭୀର ପ୍ରେମ ପିରାନ୍‌ଦେଲ୍ଲୋଙ୍କ ଧ୍ୟାନୀ ଚିତ୍ତରେ ସ୍ପନ୍ଦିତ ହେଉଥିଲା ।

ଏହା ପରେ ଏହି ପାଗଳିନୀର ଅଯୌକ୍ତିକ ଈର୍ଷା ଓ ପ୍ରଳାପ ବହୁ ଦିନ ଯାବତ୍ ପିରାନ୍‌ଦେଲ୍ଲୋଙ୍କ ଜୀବନକୁ ଦୁର୍ବିସହ ଓ ଅତିଷ୍ଠ କରି ଦେଇଥିଲା । ଦରିଦ୍ରତା ଯୋଗୁ ଅନିଚ୍ଛା ସତ୍ତ୍ୱେ ପିରାନ୍‌ଦେଲ୍ଲୋଙ୍କୁ କିଛି ଦିନ ପାଇଁ ନର୍ମାଲ କଲେଜର ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷା ଦେବା କାର୍ଯ୍ୟରେ ଅଧ୍ୟାପନା କରିବାକୁ ପଡ଼ିଥିଲା ।

ଲୁଇଜି ପିରାନ୍‌ଦେଲ୍ଲୋ ଇଟାଲୀୟ ଭାଷାରେ ସର୍ବମୋଟ ୪୩ ଖଣ୍ଡ ପୁସ୍ତକ ରଚନା କରି ମାତୃଭାଷାକୁ ସମୃଦ୍ଧିମନ୍ତ କରି ୧୯୩୪ ସାଲରେ ବିଶ୍ୱସାହିତ୍ୟ ଦରବାରରେ ନିଜକୁ ଅନ୍ୟତମ ହିସାବରେ ପ୍ରତିଷ୍ଠା କରି ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇ ଦେଶ ଓ ଜାତିର ଗୌରବ ବଢ଼ାଇଥିଲେ ।

୧୯୧୮ ସାଲରେ ଉନ୍ମାଦିନୀ ମରି ତାଙ୍କୁ ମୁକ୍ତି ଦେଲା, କିନ୍ତୁ ଏଥିଯୋଗୁଁ ତାଙ୍କର ଜୀବନ ସୁଖମୟ ହୋଇପାରି ନ ଥିଲା । ବାର୍ଦ୍ଧକ୍ୟରେ ତାଙ୍କର ମୁଖରେ ଗଭୀର ଗମ୍ଭୀର ବିଷଣ୍ଣତା ଲକ୍ଷ୍ୟ କରି ଅନେକେ ତାଙ୍କୁ "ଚୀନାର ବୁଦ୍ଧ" ବୋଲି କହୁଥିଲେ । ଏତକବେଳେ ସେ ତାଙ୍କ ନାଟ୍ୟଦଳ ସଙ୍ଗେ ପାଶ୍ଚାତ୍ୟ ଭୂଖଣ୍ଡ ନଗର ଗୁଡ଼ିକରେ ଗୃହହୀନ-ଭ୍ରାମ୍ୟମାନ-ଜୀବନ ଅତିବାହିତ କରୁଥିଲେ । ସମ୍ପତ୍ତିସବୁ ପିଲାମାନଙ୍କ ନାମରେ ଲେଖି ଦେଇ ସଂସାର ବନ୍ଧନରୁ ମୁକ୍ତ ନେଇଥିଲେ । ଲୋକଙ୍କୁ କହୁଥିଲେ "ହୋଟେଲର ଘରହିଁ ମୋର ଗୃହ ଏବଂ ସମ୍ପତ୍ତି ହେଉଛି ମୋର ଟାଇପ୍‌ରାଇଟର ।"

୧୯୩୬ ସାଲ ଡିସେମ୍ବର ୧୦ ତାରିଖରେ ଏହି ବିଶ୍ୱ ସାହିତ୍ୟିକ ପିରାନଦେଲ୍ଲୋ ହଠାତ୍ ରୋମରେ ସ୍ୱର୍ଗାରୋହଣ କଲେ । ତାଙ୍କର ଜୀବନର ଅପ୍ରାକୃତିକ ଶେଷ ଇଚ୍ଛା ଥିଲା ଯେ ଅନାଡ଼ମ୍ବର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ, ଏତତାଧିକ ଆଉ କିଛି ନୁହେଁ ।

ଏହି ଓଡ଼ିଆ ସଂସ୍କରଣରେ ଯେଉଁ କେତୋଟି କ୍ଷୁଦ୍ରଗଳ୍ପ ଏକତ୍ରିତ ହୋଇ ସନ୍ନିବେଶିତ କରାଗଲା ତାହା ତାଙ୍କର ଅମର ରଚନା "ନଭେଲ ପାର ଅନ୍ ଆନୋ" ଅର୍ଥାତ୍ "ବର୍ଷର ପ୍ରତ୍ୟେକ ଦିନ ପାଇଁ ଗୋଟିଏ ଗଳ୍ପ"ରୁ ସଂଗୃହୀତ ଏବଂ ସର୍ବପ୍ରଥମ ଓଡ଼ିଆ ଭାଷାରେ ପରିବେଷଣ କରାଗଲା ।

ଗଭୀର ବେଦନା-ରସରେ ଗଳ୍ପଗୁଡ଼ିକ ପରିପ୍ଲୁତ । ଏହି ବେଦନା କେତେବେଳେ ମଧୁରତାର ଆଭାସ ଆଣିଦିଏ ପୁଣି ଅତଳ ହତାଶାରେ ମଧ୍ୟ ମଗ କରିଦିଏ । କେତେବେଳେ ପୁଣି ତିକ୍ତତା, ବିଦ୍ରୂପର ବଙ୍କା ହସ ଅଥବା ଅଳ୍ପ ଦୁର୍ଲ୍ଲଭ ଅଶ୍ରୁ ସୃଷ୍ଟି କରେ ।

ଆର୍ଥାର ଏବଂ ହେନରି ମେନଙ୍କ ଇଂରାଜୀ ଅନୁବାଦରୁ ଓଡ଼ିଆ ଅନୁବାଦ କରା ହୋଇଛି, ମୂଳ ଇଟାଲୀୟ ଗ୍ରନ୍ଥରୁ ନୁହେଁ । କିଛି ତ୍ରୁଟି ମଧ୍ୟ ଥାଇପାରେ । ସେହି ତ୍ରୁଟି ଭାଷା-ବିନ୍ୟାସର ସୌଷ୍ଠବରେ ପୂରଣ କରିବା ପାଇଁ ଅନୁବାଦକ ଯଥେଷ୍ଟ ଚେଷ୍ଟା କରିଛନ୍ତି ।

ମହାଷ୍ଟମୀ: ୩୦।୧୦।୫୭ —ସୁଭଦ୍ରାନନ୍ଦନ

# ନିର୍ଦେଶିକା


| | | |
|---|---|---|
| ନଗ୍ନ ସତ୍ୟ | ୧ | The Naked Truth |
| ସେ | ୩୩ | He |
| ମାଛି | ୪୬ | The Fly |
| ସେବାର ମହିମା | ୭୬ | The Spirit of Service |
| ଧାଈ | ୮୧ | The Nurse |
| ଭେଣ୍ ବେନ | ୧୭୯ | Va Bene |

*"Nagna Satya (The Naked Truth)" Published by Prafulla Chandra Das, Cuttack-2 (India), 1957. By arrangement with Dr. Jan Van Loewen, London & Pirandello Estate, Italy.*

# ନଗ୍ନ ସତ୍ୟ

'ମରିଗଲେ, ବୁଝିଲ ବନ୍ଧୁ, ମରିଗଲେ ବି, ମଣିଷ ନିଜର ଖଣ୍ଡିଏ ଘର ଲୋଡ଼େ। ଯଦି ଶବଟି ଥିଲା-ଦାଲ୍ଲ ହୋଇଥାଏ, ତାର ଖଣ୍ଡିଏ ସୁନ୍ଦର ଘର ଦରକାର ହୁଏ। ଏଥିପାଇଁ ସେ ବି ହକ୍‌ଦାର। ସୁଖ ସ୍ୱଚ୍ଛନ୍ଦରେ ରହିବାକୁ ହେଲେ, ତାର ଇଚ୍ଛା ଏହା ଯେମିତି ମାର୍ବଲ ପଥରରେ ତିଆରି ହୁଏ, ଏବଂ ତା ଉପରେ ନାନା କାରୁକାର୍ଯ୍ୟ ହୋଇଥାଏ। ଆଉ ତା ପରେ, ମୃତ ବ୍ୟକ୍ତିଟିର ଅକାଙ୍କ୍ଷା ଦେବାକୁ ଯଦି ଅଜସ୍ର ଅର୍ଥ ଥାଏ, ତାହାହେଲେ ତ କବର ଉପରେ ମୋ ପରି ଜଣେ ବଡ଼ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ଗୋଟିଏ ବିରାଟ···ବିରାଟ··· କଣ କହିବି ତାକୁ ? ······ ରୂପକ, ହଁ, ଗୋଟିଏ ବିରାଟ ରୂପକ ତିଆରି କରାଇ ନିଏ ସେ ··· ଖଣ୍ଡିଏ ପଥର ଉପରେ ଲାଟିନ ଭାଷାରେ ଲେଖା ହୋଇଥାଏ। ତାର ପରିଚୟ ······ ସେ କଣ ଥିଲା, ଓ କଣ ନ ଥିଲା ··· ଘରର ଆଗରେ ଫୁଲଫଳ-ଭରା ଗୋଟିଏ ମନୋରମ ଛୋଟ ବଗିଚା, ଏବଂ କୁକୁରଗୁଡ଼ାକୁ ଦୂରେଇ ରଖିବା ପାଇଁ ଗୋଟିଏ ସୁନ୍ଦର ରେଲିଂ ଆଉ ······ ।'

'ଓଃ ! ଚୁପ୍ କର ! ମୋତେ ଜଳେଇ ପୋଡ଼େଇ ମାରିଲୁ ! କନ୍‌ଷ୍ଟାନ୍‌ଟିନୋ ପଲ୍ୟାନି ଚିତ୍କାର କଲା, ତା ମୁହଁଟି ଜ୍ୱାଳାରେ ବଙ୍କାଯାଇ ଝୁଲସିଥିଲା।

# ୨

ସିରେଗ୍ କଲ୍ଲି ଅଙ୍କୁଶି ପରି ବଙ୍କା ହୋଇଥିବା ତାର ଛେଳି-ଦାଢ଼ୀ ଯୁକ୍ତ ମୁହଁଟି ଛାତି ଉପରୁ ଟେକିଲା । ନୀରବରେ ପଲ୍‌ଯୁାନ ଆଡ଼କୁ ଅନାଇ, ନାକ ଉପରକୁ ଲମ୍ବି ଯାଇଥିବା ଟୋପି ତଳୁ ତା ଆଖି ଟେକିଲା, ଏବଂ ତା ପରେ ଅନେକ ଭାବ ଚିନ୍ତା ମନ ସ୍ଥିର କରି, ତା ବନ୍ଧୁ ସମ୍ବନ୍ଧରେ ନିଜର ମତାମତ ପ୍ରକାଶ କଲା ଗୋଟିଏ ମାତ୍ର ଶବ୍ଦରେ—'ଗଧ' ।

ଏତିକିରେ ସବୁ କଥା ତୁଟିଗଲା ।

ଟିକିଏ ଆଗରୁ ପଲ୍‌ଯୁାନ ସୋଫାଟି ଓ ଫ୍ଲୋର କାର୍ପେଟଟା ଖୁବ୍ ଯତ୍ନରେ ପରିଷ୍କାର କରି ରଖିଥିଲା । ସିରେଗ୍ କଲ୍ଲି ତାର ଲମ୍ବା ଗୋଡ଼ ଦୁଇଟି କାର୍ପେଟ ଉପରେ ଛିଡ଼ା ଛିଡ଼ା କରି ଲମ୍ବାଇ ନିଶ୍ଚିନ୍ତ ଆରାମରେ ଆସି ସୋଫା ଉପରେ ବସିଲା ।

ପଲ୍‌ଯୁାନ ତାର ଷ୍ଟୁଡିଓଟା ପରିଷ୍କାର କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥିଲା, ଜିନିଷଗୁଡ଼ିକ ଏପରି ଭାବରେ ସଜାଇ ରଖୁଥିଲା ଯେ ଯେମିତି ସେଗୁଡ଼ିକ ଖୁବ୍ ଭଲ ଦେଖାଯିବ । ପ୍ରଦର୍ଶନୀରୁ ଫେରି ଆସିଥିବା ତାର ନିଜ ତିଆରି ପ୍ଲାଷ୍ଟରର ପୁରୁଣା ଧୂଳିମିଶା ହଳଦିଆ ମୂର୍ତ୍ତିଗୁଡ଼ାକ ଷ୍ଟୁଡିଓ ପଛରେ ସଜାଇ ରଖୁଥିଲା, ଭବିଷ୍ୟତରେ ଯେଉଁଟିକୁ ମୂର୍ତ୍ତି ଯେ ପ୍ରଦର୍ଶନୀକୁ ପଠାଇବ ସେଗୁଡ଼ାକ ଆଗରେ ଭଲ କରି ବାଛି ବାଛି ଦେଉଥିଲା—ନିଜେ ଏତେ ଖଟୁଛି, ଅଥଚ ବନ୍ଧୁଟି ଆରାମରେ ବସି ଏଣୁତେଣୁ ଚାହୁଁଛି ଏହା ଭାବି ଭାବି ପଲ୍‌ଯୁାନ ଖୁବ୍ ବିରକ୍ତ ହେଉଥିଲା । ଡେର୍ ବେଳ ଯାଏ ବିରକ୍ତିଟା ଗୁପ୍ତ ରଖିବାକୁ ଚେଷ୍ଟା କରି, ସେ ଶେଷରେ ଅଧୈର୍ଯ୍ୟ ହୋଇ କହି ପକାଇଲା : 'ତା ହେଲେ ଏଯାଏଁ, ଏଠାରୁ ଯାଉଛ ନା ? ହଁ ନା ନାଁ ?'

'ନା ।'

‘ବେଶ୍, ଈଶ୍ବରଙ୍କ ଦ୍ୱାହି ଗୋଟେ, ମୁଁ ଯେଉଁ ପାଖଟା ପରସ୍କାର କଟିଛୁ ଅନ୍ତତଃ ସେଇଠି ବସି ଟିକିଏ ମଇଲା କର ନା । ମୁଁ ତୋତେ କହିଛି ନା, କେତେ ଜଣ ଭଦ୍ର ମହିଳାଙ୍କର ଅସ୍ୱୀକାର ଅଛି ।’

‘ମୋର ତୋତେ ବିଶ୍ୱାସ ହେଉ ନାହିଁ ।’

‘ଏଇ ଚିଠି । ଦେଖ ! କମାଣ୍ଡାର ଯେବଲ୍ଲିଙ୍କ ପାଖରୁ କାଲି ଆସିଛି : “ଶ୍ରଦ୍ଧେୟ ବନ୍ଧୁ, ଅପଣଙ୍କୁ ଜଣାଇ ଦେଉଛି ଯେ କାଲି ପ୍ରାୟ ଏଗାରଟା ବେଳେ—” ।’

‘ଏଗାରଟା କଣ ବାଜି ନାହିଁ ?’

‘ବାଜି ଗଲଣି !’

‘ମୋର ତୋତେ ବିଶ୍ୱାସ ନାହିଁ । ପଢ଼ !’

‘ଆପଣଙ୍କୁ ଦେଖା କରିବାକୁ ଯିବେ ସିନୋର୍ କନ୍...... ସେ ଖଣ୍ଡଟା କଣ ?’

‘କନ୍‌ଫୁସିୟୁସ !’

‘କଣ୍ଟ...... କିମ୍ବା କନ୍‌ଟାଲ୍‌ଭି, ମୁଁ ଠିକ୍ ଭାବରେ ପଢ଼ି ପାରୁ ନାହିଁ, ଏବଂ ତାଙ୍କ କନ୍ୟା । ଆପଣ ସେମାନଙ୍କର କିଛି କାମ କରି ଦେବେ, ଏହା ସେମାନଙ୍କର ଇଚ୍ଛା । ମୋର ଦୃଢ଼ ବିଶ୍ୱାସ ଯେ ... ଇତ୍ୟାଦି, ଇତ୍ୟାଦି ।’

‘ତୁ ନିଜେ ଏହି ଚିଠିଟା ଲେଖି ନାହୁଁ ତ ?’ ମୁଣ୍ଡଟି ପୁଣି ବକ୍ଷ ଉପରେ ଗୁଞ୍ଜି, ସିବେର୍ କଲ୍ଲି ପଚାରିଲା ।

‘ବୋକା !’ ଜଲ୍ୟୁଜି କହି ପକାଇଲା । ହସିବ କି କାନ୍ଦିବ ଠିକ୍ କରି ନ ପାରି, ସେ ପ୍ରାୟ ହତାଶ ହୋଇ ପଡ଼ିଲା ।

କଲ୍ଲି ଉତ୍ତେଜନାରେ ଗୋଟିଏ ଅଙ୍ଗୁଳି ଉଠାଇଲା ।

‘ମୋତେ ତାହା କହି ପାରିବୁ ନାହିଁ । ମୁଁ ତାର ପ୍ରତିବାଦ କରୁଛି । କାରଣ ପ୍ରକୃତରେ ମୁଁ ବୋକା ହୋଇଥିଲେ, ମୁଁ କେମିତିକା

ଲୋକ ହୋଇଥାନ୍ତି ଜାଣୁ ନା ? ତାହା ହୋଇଥିଲେ ମୁଁ ଅନ୍ୟ ସମସ୍ତଙ୍କୁ କରୁଣାପୂର୍ଣ୍ଣ ଦୃଷ୍ଟିରେ ଦେଖୁଥାନ୍ତି । ମୁଁ ଖୁବ୍ ଭଲ ପୋଷାକ, ଜୋତା ପିନ୍ଧୁ ଥାନ୍ତି, ଆଉ ଗୋଟାଏ ସୁନ୍ଦର ଟାଇ ··· ହେଲ୍‌ୟୋଟ୍ରୋ ରଙ୍ଗର ··· ହେଲ୍‌ୟୋଟ୍ରୋ ······ ତାକୁ କଣ କହନ୍ତି ତ ? ······ ହେଲ୍‌ୟୋଟ୍ରୋପ, ଏବଂ ତୋ ପରି ଭେଲ୍‌ଭେଟରେ ଗୋଟାଏ ଓୟେଷ୍ଟ କୋଟ—ହାତ୍ତରେ ମୋର ପହା କପାଳ । ଶୁଣ୍ । ମୁଁ ଯାହା କହୁଛି ତାହା କର ଏବଂ ମୋ କହିବାନୁଯାୟୀ କଲେ ତୋର ଖୁବ୍ ଭଲ ହେବ । ଯଦି ସତରେ ଏଣ୍ଟି କନ୍‌ଫୁଚ୍ଛିୟସ ମହିଳାମାନେ ଏଠାକୁ ଆସୁ ଥାଆନ୍ତି, ତା ହେଲେ ଗୁଲ୍ ଷ୍ଟୁଡ୍‌ୟୋଟା ପୁଣି ଖୁବ୍ ପରିଷ୍କାର କରି ଦେବା, ତା ନ ହେଲେ ସେମାନଙ୍କର ତୋ ଉପରେ ଗୋଟାଏ ଅତି ଖରାପ ଧାରଣା ଜାତ ହେବ । ସେମାନେ ଆସି ଦେଖିବେ ଯେ ତୁ ଏକବାରେ କାମରେ ମଗ୍ନ, ଖାଲି କରି ଯାଉଛୁ ······ କଣ କହନ୍ତି ଏହାକୁ ସେମାନେ ? ········· ମଥାର ଖାଲି ······ ମୋର କହିବାର କଥା, ମୁଣ୍ଡ ଖାଲି ତୁଣ୍ଡରେ ମାର । କିଛି କାଢୁଅ ନେ, ଷ୍ଟାଣ୍ଡ ଉପରେ ରଖ, ଆଉ ମୁଁ ଏଠାରେ ଏମିତି ଗଢୁଛି, ଯେପରି ଦୂର ପାଖୁ ଏହାର ଗୋଟାଏ ପ୍ରତିମୂର୍ତ୍ତି ଗଢ଼ । ଆମେ ତାକୁ କହିବା "ଶ୍ରମିକ ।" ମୋ କଥାଟା ମନେ ରଖ—ନାମ ଦେଖି ନ୍ୟାସନାଲ ଗ୍ୟାଲେରୀ ତୁରନ୍ତ କିଣି ନେବ । ମୋ ଜୋତା ··· ହଁ, ଖୁବ୍ ପୁରୁଣା ହୋଇ ଗଲଣି; କିନ୍ତୁ ତୁ ଚାହିଁଲେ ତାକୁ ଏକବାରେ ନୂଆ କରି ଦେଇ ପାରୁ, କାରଣ, ତୋତେ ଖୋସାମତ କରୁ ନାହିଁ, ମୁଁ କହିପାରେଁ, ଭାସ୍କର ହିସାବରେ, ତୁ ଜଣେ ବେଶ୍ ପକ୍କା ମୋଚୀ ।'

କନ୍‌ଷ୍ଟାନ୍‌ଟିନୋ ପଲ୍ୟୁାନର ଏଥି ପ୍ରତି ନଜର ନ ଥିଲା । ସେ କାନ୍ଥରେ କେତେ ଗୁଡ଼ିଏ କାର୍ଟୁନ ଛବି ଟାଙ୍ଗୁଥିଲା । ତା ମତରେ କିନ୍ତିର ଜୀବନଟା ଏକବାରେ ବ୍ୟର୍ଥ, ଗତ ଯୁଗର ଯାଉଁ-ଯାଉଁ-ଅଟକ-

ଠିଅ-ହୋଇଥିବା ଏକ ସ୍ତମ୍ଭ, ଶିଳ୍ପୀ ମହଲରେ ସେହି ସୁରୁଣ୍ଣା ଗୁଲ୍ ଚଳଣି—ଅପରିଚ୍ଛନ୍ନ ଓ ଅବହେଳିତ ଚେହେରା, ଡିଲା, ଏବଂ ତାର ଏହି ମଜ୍ଜାଗତ ଆଳସ୍ୟ ସ୍ୱାଭାବିକ । ନ ହେଲେ, କାମ କରିବା ପାଇଁ ତାର ସ୍ପୃହା ଜାତ ହେଲେ ସେତେବେଳେ ତା ମଥାରୁ ଯାହା ବାହାରେ ତାହା ଶ୍ରେଷ୍ଠ ଶିଳ୍ପୀଙ୍କ କାର୍ଯ୍ୟ ସହିତ ବି ତାଳ ଦେବ । ପଲ୍ଲୁମାନ ଏ ସମ୍ବନ୍ଧରେ କିଛି କାରଣ : କେତେ ସମୟରେ କୌଣସି ମୂର୍ତ୍ତି ଭିତରେ କୌଣସି ଏକ ବିଶେଷ ଭାବ ଫୁଟାଇବା ପାଇଁ ସେ ଯେତେବେଳେ ଗାଳ-ନାଳ ହେଉଥାଏ, ତାର ବନ୍ଧୁଟି ଷ୍ଟୁଡିଓକୁ ଆସି ଅବହେଳିତ ଭାବରେ ତାର ବୁଢ଼ା-ଆଙ୍ଗୁଳିର କେତୋଟି ସ୍ପର୍ଶରେ ତାହା ସହଜରେ ଫୁଟାଇ ପାରେ । କିନ୍ତୁ କଲ୍ଭି ପଢ଼ାପଢ଼ି କରିଥିଲେ ଆହୁରି ଭଲ ହୋଇ ଆଆନ୍ତା, ଭାସ୍କର୍ଯ୍ୟ-ଶିଳ୍ପର ଇତିହାସ ସମ୍ବନ୍ଧରେ ଟିକିଏ କିଛି ଜାଣିଥିଲେ ବି ଚଳନ୍ତା । ତା ଛଡ଼ା ନିୟମିତ ଭାବରେ ଜୀବନ ଯାପନ କରି ନିଜ ଚେହେରା ପ୍ରତି ଟିକିଏ ଦୃଷ୍ଟି ଦେବା ତାର ଉଚିତ । ପ୍ରକୃତରେ, ସେ ଏହିସବୁ ଅଦ୍ଭୁତ ଭାବନା ମଧ୍ୟରେ ରହିଥାଏ ଓ ଏମିତି ଅଜବ ପୋଷାକ ପିନ୍ଧିଥାଏ ଯେ ତାକୁ ଦେଖିଲେ ସହି ହୁଏ ନାହିଁ । କାହିଁକି, ପଲ୍ଲୁମାନ ନିଜେ ଦୁଇ ବର୍ଷ ବିଶ୍ୱ-ବିଦ୍ୟାଳୟରେ ପଢ଼ି ଏଯଣି ତ ବେଶ୍ ଆସ୍ତେ ଆସ୍ତେ ତାର କାମ କରି ଯାଉଛି ……

ଏତିକି ବେଳେ ଦୁଆରରେ ଦୁଇଟି ମୃଦୁ କରାଘାତ ହେଲା । ଟେବୁଲ ଉପରେ ଠିଆ ହୋଇ ସେ ତାର ସ୍କେଚଗୁଡ଼ାକ ଟାଙ୍ଗୁଥିଲା, ଶବ୍ଦ ଶୁଣିପାରି କୁଦି ପଡ଼ିଲା ।

'କଣ, ତୁ ଯିବୁ ନାହିଁ ?' କଲ୍ଭିର ହାତ ମୁଠାକୁ ଦବାଇ, ସେ ତାକୁ କହିଲା ।

୬

'ସେମାନେ ଅଧିଗଲେ ମୁଁ ଗୁଳିଖିବ', ଜଠି ପଣ୍ଡବାର କୌଣସି ଇଙ୍ଗିତ ନ ଦେଖାଇ, ତା ବନ୍ଧୁ ଜବାବ ଦେଲା । 'ଏତେ ଭଲ ଓ ଶକ୍ତିଶାଳୀ ହୁଅ ନାହିଁ । ଏମିତ ସ୍ୱାର୍ଥପର ଅସଭ୍ୟ ହେଲେ ଚଳିବ ନା, ତାଙ୍କ ସହିତ ମୋର ଅନ୍ତତଃ ପରିଚୟ କରାଇ ଦେ ।'

ପଲ୍ୟାନ ତା କପାଳ ଉପରୁ ସୁନ୍ଦର କୁଞ୍ଚିକୁଞ୍ଚିଆ ବାଳ ଟେକି ଦେଇ, ଦୁଆର ଖୋଲି ଦେବାକୁ ଦୌଡ଼ିଗଲା ।

ମିସେନାସ କନ୍‌ସାଲଭ୍ ଘରେ ପ୍ରବେଶ କଲେ । ପଛରେ ତାଙ୍କର ଝିଅ, ତରୁଣୀ ବାଳିକାଟିଏ, ଗମ୍ଭୀର ଶୋକ-ପୋଷାକ ପରିଧାନ କରିଛି, ମୋଟା କ୍ରେପ୍‌ର ଓଢ଼ଣାରେ ତାର ମୁହଁଟି ଆବୃତ । ତା ହାତରେ ଗୁଡ଼ା ହୋଇଥିବା ଖଣ୍ଡିଏ ଲମ୍ବା କାଗଜ । ମାଆ ସୁନ୍ଦର ହାଲ୍‌କା ପାଉଁଶିଆ ରଙ୍ଗର ପୋଷାକ ପିନ୍ଧିଛି ତାର ସୁଗଠିତ ଦେହକୁ ଖୁବ୍ ଚମତ୍କାର ମାନୁଛି । ମଥାର ବାଳ ତାର ପୋଷାକ ପରି ପାଉଁଶିଆ ବର୍ଣ୍ଣ ହୋଇ ଗଲାଣି, କିନ୍ତୁ ତାହା ଯୁବତୀ-ସୁଲଭ ଢଙ୍ଗରେ ବନ୍ଧା ଯାଇଛି । ମଥାରେ ଭାୟୋଲେଟ ଫୁଲ ଖୋସା ହୋଇଥିବା ଗୋଟିଏ ସୁନ୍ଦର ଟୋପି ଟାଏ ।

ମିସେନାସ କନ୍‌ସାଲଭଙ୍କୁ ଦେଖିଲେ ଜଣା ପଡ଼ୁଥାଏ, ବୟସ ହୋଇ ଯାଇଥିଲେ ସୁଦ୍ଧା ସେ ଯେ ଏଷଣି ସୁନ୍ଦରୀ ଏହି ବିଷୟରେ ସେ ବିଶେଷ ସଚେତନ । ଝିଅଟି ଯେତେବେଳେ ମୁହଁର ଓଢ଼ଣାଟି ଟୋପି ଉପରକୁ ଉଠାଇଲା, ସେତେବେଳେ ଦେଖାଗଲା ଯେ ଶୋକରେ କାତର ହୋଇଥିଲେ ବି ସେ ତ କମ୍ ସୁନ୍ଦରୀ ନୁହେଁ ।

୭

ପ୍ରାଥମିକ ଭଦ୍ରତା-ବିନିମୟ ପରେ, ପଲ୍‌ଦ୍ୟୁନି ଲକ୍ଷ୍ୟ କଲା ଯେ ହାତ ଦୁଇଟି ପକେଟରେ ପୂରାଇ, ଟୋପିଟା ପ୍ରାୟ ନାକ ଉପରକୁ ଖସାଇ ଆଣି ଏବଂ ଖଣ୍ଡିଏ ଦରପୋଡ଼ା ସିଗାରେଟ ଓଠ ଭିତରେ ପୂରାଇ କଲିଁ ତଥାପି ସେଠାରେ ଟହଲ ମାରୁଥିଲା । ତାର ଚାଲି ଯିବାର କୌଣସି ଲକ୍ଷଣ ଦେଖାଯାଉ ନ ଥିଲା ।

ସିନୋରିନା କନ୍‌ସାଲଭି ହଠାତ୍ ଅବାକ୍ ହୋଇ ଯାଇ ଆଖି ତଳକୁ କରି, ପଚାରିଲା, 'ସିନୋର କଲିଁ ? ସିରେ କଲିଁ ? ଭାସ୍କର ?'

ସିଧା ଠିଆ ହୋଇ ଏବଂ ମଥାରୁ ଟୋପିଟା ଉଠାଇ ନେଇ, କଲିଁ ଜବାବ ଦେଲା, 'ଭାସ୍କର ? କାହିଁକି ନୁହେଁ ? ହଁ, ମୁଁ ବି ଜଣେ ଭାସ୍କର ।'

ସିନୋରିନା କନ୍‌ସାଲଭି ଟିକିଏ ବିରକ୍ତି ଓ ଅପ୍ରସ୍ତୁତ ବୋଧ କଲା । ସେ କହିଲା, 'କିନ୍ତୁ ମୁଁ ଶୁଣିଥିଲି ଯେ ଆପଣ ଆଉ ରୋମରେ ରହୁ ନାହାନ୍ତି ।'

'ନା ! ମୁଁ ଏଠାରେ ଭଲରେ ଅଛି । ସିନୋରିନା, କହିବାକୁ ଗଲେ, ମୁଁ ଛୁଟିରେ ଅଛି । ପ୍ରଥମ, ଗୋଟାଏ ସ୍କଲାରସିପ (ବୃତ୍ତି) ନେଇ ରୋମ ଭଳି ଗୋଟିଏ ସୁନ୍ଦର ସ୍ଥାନରେ ଆସି ଚିରକାଳ ଆଲସୁଆମି କରି କଟାଇବି ବୋଲି ସ୍ଥିର କରିଥିଲି, ଏବଂ ତା ପରେ···'

ମାଥା ମୃଦୁ ହସୁଥିଲା । ସିନୋରିନା କନ୍‌ସାଲଭି ତା ଆଡ଼କୁ ଅନାଇ, କହିଲା : 'କଣ କରିବାକୁ ହେବ ?'

'ମୁଁ ଚାଲି ଯାଉଛି ?' କଲିଁ ପଚାରିଲା ।

ସିନୋରିନା ଚଞ୍ଚଳ ଚଞ୍ଚଳ ଜବାବ ଦେଲା, 'ନା, ନା, ଆପଣ ଚାଲିଯିବେ କାହିଁକି, ଏଠାରେ ରହିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି, କାରଣ······'

ମାଅ୍ମା ଚିତ୍କାର କଲା, 'କି ଅଦ୍ଭୁତ ମିଳନ !' ତା ପରେ ପଲ୍‌ସ୍ନାନ ଆଡ଼କୁ ଫେରିପଡ଼ି, ସେ ପୁଣି କହିଲା, 'କିନ୍ତୁ ଯେ କୌଣସି ମତେ ଗୋଟାଏ ଉପାୟ ସ୍ଥିର କରାଯିବ ···· · ଆପଣମାନେ ଦୁଇ ଜଣ ବନ୍ଧୁ, ନୁହଁନ୍ତି ନା ?'

'ଖୁବ୍ ଘନିଷ୍ଠ ବନ୍ଧୁ,' ପଲ୍‌ସ୍ନାନ ତୁରନ୍ତ ଜବାବ ଦେଲା ।

'ଏତେ ଘନିଷ୍ଠ ଯେ ଏହି କେତେ ମୁହୂର୍ତ୍ତି ଆଗରୁ ସେ ମୋତେ ତଡ଼ି ଦେବା ପାଇଁ ବ୍ୟସ୍ତ ହୋଇ ପଡ଼ିଥିଲା,' ବାଧା ଦେଇ କଲି କହିଲା ।

'ଚୁପ୍ କର !' ଗଳାର ସ୍ୱର ନରମ କରି ପଲ୍‌ସ୍ନାନ କହିଲା । ତା ପରେ ମହିଳା ମାନଙ୍କ ଆଡ଼କୁ ବୁଲିପଡ଼ି ସେ କହିଲା, 'ଆପଣମାନେ ବସନ୍ତୁ । ଆପଣମାନଙ୍କର ଆଗମନର କାରଣ କଣ ଜାଣିପାରେଁ କି ?'

ସିନୋରା କନ୍‌ସାଲ୍‌ଭି, ସୋଫା ଉପରେ ବସୁଁ ବସୁଁ, ଆରମ୍ଭ କଲା, 'ବେଶ୍, ଘଟଣାଟି ହେଉଛି, ମୋ ଝିଅ ବାଟର୍ ଯାହାଙ୍କର ବାଗ୍‌ଦତ୍ତା ଥିଲା ସେ ହଠାତ୍ ମରି ଯିବାରୁ ତାର ଅଜି ଏ ଦୁରବସ୍ଥା ।'

'କି କରୁଣ !'

'ଓଃ !'

'ଏହା ଏକ ଦାରୁଣ ଆଘାତ ! ଠିକ୍ ତାର ବିବାହ ପୂର୍ବେ— କଳ୍ପନା କରନ୍ତୁ ତ ······ ସେ ଶିକାରକୁ ଯାଇଥିଲେ, ଗୋଟିଏ ଦୁର୍ଘଟଣାରେ ପ୍ରାଣ ଗଲା । ଆପଣମାନେ ବୋଧହୁଏ ଖବର କାଗଜରେ ଏହା ପଢ଼ିଥିବେ । ଜୁଲ୍‌ସ୍ୟୋ ସୋରିନ ।'

'ଓଃ ! ହଁ, ସୋରିନ,' ପଲ୍‌ସ୍ନାନ କହିଲା । 'ଖବର କାଗଜରେ ଲେଖା ଥିଲା ଯେ ତାଙ୍କ ବନ୍ଧୁକର ଗୁଳି ଫୁଟିଗଲା—'

'ଗତ ମାସର ଆରମ୍ଭରେ ······ ନା, ତାର ପୂର୍ବ ମାସ······ ମୋର କହିବାର କଥା, ଏବେ ତିନି ମାସ ହୋଇଗଲା । ବିଚାରୀ

ମୋର ଜଣେ ଦୂର ସମ୍ପର୍କୀୟ ଭାଇର ପୁଅ, ସ୍ତ୍ରୀ ମରିଯିବା ପରେ ତା ବାପ ଆମେରିକା ଚାଲିଯାଇ ରହିଛନ୍ତି । ବେନ୍, ଦେମ୍, ଜୁଲିୟେଟ୍ସ (ମୋ ଝିଅର ନାମ ମଧ୍ୟ ଜୁଲିଅା)—'

ଏତକ କହିଲେ ପଲାସ୍ନାନି ନମ୍ର ଭାବରେ ମଥା ନତ କଲା ।

ମାଆ କହି ଚାଲିଲା, 'ଭାବୀ ସ୍ୱାମୀର ସ୍ମୃତିରକ୍ଷା ପାଇଁ ଜୁଲିୟେଟ୍ ଭେସନୋରେ (ଗ୍ରାମରେ ପ୍ରଧାନ କବର ସ୍ଥାନ) ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରିବାକୁ ଚାହେଁ । ବର୍ତ୍ତମାନ ସେଠାରେ କେବଳ ଗୋଟିଏ ମାମୁଲି କବର ଅଛି । ଏହି ସ୍ମୃତି ସ୍ତମ୍ଭଟି କିପରି ହେବ ଏ ବିଷୟରେ ତାର ନିଜର କେତେ ଗୁଡ଼ିଏ ଧାରଣା ଅଛି । କାରଣ, ମୁଁ ଆପଣମାନଙ୍କୁ ଜଣାଇଁ ପାରେ, ମୋ ଝିଅର ସ୍କେଟିଂ ବିଷୟରେ ସର୍ବଦା ଯଥେଷ୍ଟ ପ୍ରତିଭା ଅଛି ।'

'ନା …… ଖୁବ୍ କମ୍,' ଝିଅଟି ଆଖି ତଳକୁ କରି, ଲାଜୁଆ ସ୍ୱଭାବରେ, ଲାଜ ଲାଜ ହୋଇ କହିଦେଲା । 'ସେଠା ଗୋଟାଏ ସମୟ-କାଟିବା ଆମୋଦ, ଏତିକି ମାତ୍ର ।'

'ମାଫ୍ କରିବେ, କିନ୍ତୁ ବିଂସ ଜୁଲିୟେଟର ବା ଇଚ୍ଛା ଆପଣଙ୍କ ଠାରୁ ଶିଖିବ—'

'ମାଆ, ରହ !' ଜୁଲିୟେଟ୍ସ ଜୋର ଦେଇ କହିଲା । 'ମୁଁ ଗୋଟିଏ ସଚିତ୍ର ପତ୍ରିକାରେ ଏହି ଭଦ୍ର ବ୍ୟକ୍ତିଙ୍କର, ଅର୍ଥାତ୍ ସିନୋର କଲିଙ୍କ ଦ୍ୱାରା ଅଙ୍କିତ ଗୋଟିଏ କବର-ସ୍ମୃତି ସ୍ତମ୍ଭର ସ୍କେଚ ( ଛବି ) ଦେଖି, ମୁଁ ଖୁବ୍ ପ୍ରୀତ ହୋଇଗଲି, ଏବଂ ……'

'ହଁ, ତାହାହିଁ ଆମ ଆଗମନର ଉଦ୍ଦେଶ୍ୟ,' ଝିଅକୁ କଥା କହିବାକୁ ଦ୍ୱିଧା କରୁଛି ଦେଖି, ତା ମାଆ ଯୋଗ କରିଦେଲା ।

'କିନ୍ତୁ,' ଝିଅଟି କହିବାକୁ ଲାଗିଲା, ଏହାକୁ ଟିକିଏ ଅଦଳ ବଦଳ କରିବାକୁ ମୁଁ ଚାହୁଁଛି …'

'କହୁ ପାରିବ କି ସେଟା କେଉଁଟା,' କଲ୍ଲି ପଚାରିଲା । 'ଜୀବନ୍ତ ମଣିଷମାନେ ମୋତେ ଆଦର କରୁ ନାହାନ୍ତି ଦେଖି, ଅନ୍ତତଃ ମୃତ-ବ୍ୟକ୍ତିଙ୍କ ଠାରୁ କିଛି କାମ ପାଇବା ଆଶାରେ, ମୁଁ କେତେ ଗୁଡ଼ିଏ କବରର ସ୍କେଚ (ନକ୍ସା) କରିଛି ।'

ପଲ୍‌ସ୍ଟାନି ଯେ ଗୋଟିଏ ପାଖକୁ ଘୁଞ୍ଚି ଯାଉଛି ଏହା ଦେଖି, ଠିକ୍‌ଏ ବିରକ୍ତ ହୋଇ କହିଲା, 'ମାଫ୍ କରିବେ, ସିନୋରିନା । ଆପଣ କଣ ଭାବିଛନ୍ତି ଯେ ମୋ ବନ୍ଧୁର ଗୋଟିଏ ସ୍କେଚ ଅନୁଯାୟୀ ଗୋଟିଏ ସ୍ମୃତିସ୍ତମ୍ଭ ତିଆରି କରିବେ ?'

'ନା, ଠିକ୍ ତାହା ନୁହେଁ ......ନା, ମୋର ଇଚ୍ଛା ଏମିତିକା,' ଡ଼ିଅଟି ଉତ୍ସାହ ସହକାରେ ଜବାବ ଦେଲା । 'ସିନୋର କଲ୍ଲିଙ୍କର ଛବିର ଉଦ୍ଦେଶ୍ୟ ମୃତ୍ୟୁ ଜୀବନକୁ ତା ଆଡ଼କୁ ଟାଣି ନେଉଛି—ଯଦି ମୁଁ ଠିକ୍ ଭାବରେ ବୁଝିଥାଏଁ ...'

'ଓ ! ବୁଝି ପାରିଲି ଆପଣ ସେଇଁଟାର କଥା କହୁଛନ୍ତି,' କଲ୍ଲି କହିଲା । 'ଗୋଟିଏ ଆବରଣ ଭିତରେ ଏକ କଙ୍କାଳ, ସେଇଟା ତ ? ଅବରଣ ଭିତରୁ ଜଣେ ତାହା ସ୍ପଷ୍ଟ ଦେଖିପାରେ । ସେ ଜୀବନକୁ ମୁଠାଇ ଧରିଛି—ଜଣେ ସୁନ୍ଦରୀ ବାଳିକା—ଯେ ତାହା ଅଦ୍ଭୁତ କୌଶଳ ସମ୍ପର୍କ ରଖିବାକୁ ଚାହୁଁ ନାହିଁ । ହଁ, ହଁ ... ଖୁବ୍ ସୁନ୍ଦର । ଅପୂର୍ବ ! ସେହି ଛବିଟା କଥା ଆପଣ କହୁଛନ୍ତି ତ ।'

ସେହି ଅଦ୍ଭୁତ-ଚେହେରା ବୈଶିଷ୍ଟ ଶିଳ୍ପୀର ଆତ୍ମକେନ୍ଦ୍ରିକତାରେ ଟିନୋସ ବନସାଲ୍‌ଭି ଆଶ୍ଚର୍ଯ୍ୟ ହେଲେ ସୁଦ୍ଧା, ହସ ରୁପି ରଖି ପାରିଲେ ନାହିଁ ।

'ସେ ବିନସ୍ପୀ, ନୁହଁ ନା ?' ପଲ୍‌ସ୍ଟାନି ତାକୁ ଲକ୍ଷ୍ୟ କରି କହିଲା । 'ଏକବାରେ ଅସ୍ୱାଭାବିକ ଧରଣର ।'

'ଆ, ଖୁଲ୍‌ଆ,' ସେ ତା ଝିଅକୁ କହିଲା । 'ଅଉ ଭୂମିକା ନ କରି ତୋ ଛବିଟା ସେମାନଙ୍କୁ ଦେଖାଇଲେ ବୋଧହୁଏ ଭଲ ହେବ ।'

ଝିଅଟି ଅନୁରୋଧ କଲା, 'ରୁହ, ମାଆ । ପ୍ରଥମେ ସିନୋର ପଲିସ୍ଥାନିଙ୍କୁ ବ୍ୟାପାରଟି ଖୁବ୍ ପରିଷ୍କାର ଭାବରେ ବୁଝାଇ ଦେଲେ ବରଂ ଭଲ ହେବ । କଥାଟି ହେଉଛି, ସ୍ତ୍ରୁ ,ଭିସ୍ତମ୍ଭର ଭାବନା ପ୍ରଥମେ ଯେତେବେଳେ ମୋ ମନକୁ ଆସିଲା, ମୁଁ ସ୍ୱୀକାର କରୁଛି ଯେ ସେତେବେଳେ ଏହି କାର୍ଯ୍ୟଟି ତୁରନ୍ତ ସିନୋର ବର୍ଲିଙ୍କ ଉପରେ ନ୍ୟସ୍ତ କରିବା ବୋଲି ଭାବିଥିଲି । ତାଙ୍କ ଛବିଟାହିଁ ତାହାର କାରଣ’

ବର୍ଲିଙ୍କ ଆଡ଼କୁ ବୁଲି ପଡ଼ି, ସେ ପୁଣି କହିଲା, 'କିନ୍ତୁ ମୁଁ ଶୁଣିଥିଲି, ଆଗରୁ ବି ତାହା କହୁଛି, ଯେ ଆପଣ ଆଉ ରୋମରେ ରହୁ ନାହାନ୍ତି । ତେଣୁ ସେତେବେଳେ ମୋ ନିଜ ଭାବନା ଓ ଧାରଣା ଅନୁଯାୟୀ ତାଙ୍କ ଛବିଟାକୁ ମୋର ନିଜସ୍ୱ କରିନେବା ପାଇଁ ଯଥାସାଧ୍ୟ ଚେଷ୍ଟା କଲି—ଅର୍ଥାତ୍, ତାକୁ ଏପରି ଭାବରେ ଅଦଳ ବଦଳ କଲି ଯଦ୍ୱାରା ତାହା ମୋ କଥାଟା ଏବଂ ମୋ ଅଭିଳାଷ ପ୍ରକାଶ କରିବ । ମୁଁ ମୋ କଥାଟି ପରିଷ୍କାର କରି କହୁଛି ତ ?'

'ଚମତ୍କାର ଭାବରେ ଅବଶ୍ୟ, ପଲିସ୍ଥାନି ଉତ୍ସାହିତ ହୋଇ କହିଲା ।

ଝିଅଟି କହି ଚାଲିଲା, 'ମୃତ୍ୟୁ ଓ ଜୀବନର ମୂର୍ତ୍ତି ଦୁଇଟିକୁ ମୁଁ ଛାଡ଼ି ଦେଲି, କିନ୍ତୁ ମୃତ୍ୟୁର ଜୋର୍ କରି ଜୀବନକୁ ଧରି ନେବା ଭାବନାଟିକୁ ମୁଁ ଏକବାରେ ବଦଳାଇ ଦେଇଛି । ମୁଁ ଏହି ପରିବର୍ତ୍ତନଟି ମାନି କରି ଦେଇଛି । ମୋର ପରିବର୍ତ୍ତିତ ଛବିଟିରେ, ମୃତ୍ୟୁ ଆଉ ଜୀବନକୁ ଭିଡ଼ି ଧରି ନାହିଁ, କିନ୍ତୁ ତାର ଭାଗ୍ୟକୁ ଆଦରି ସେ ଜୀବନକୁ ବିବାହ କରୁଛି ।'

'ମୃତ୍ୟୁ ଜୀବନକୁ ବନ୍ଧୀ ହେଉଛି !' ଏକ ବିସ୍ମୟାତ୍ମକ ସ୍ୱରରେ ପଲ୍ୟାନା କହିଲା ।

'ତା ପରେ !' କହି ଚିତ୍କାର କଲା । 'ଜୀବନର ମୃତ୍ୟୁକୁ ବିବାହ ଏହି ଭାବନା !'

ଝିଅଟି ଟିକିଏ ନମ୍ର ହସର ରେଖା ଖେଳାଇ କହିଲା, 'ଜୀବନର ମୃତ୍ୟୁ ସହିତ ବିବାହ । ଅନ୍ତତଃ ମଧ୍ୟ, ମୁଁ ଗୋଟିଏ ବିବାହ ମାଧ୍ୟମରେ ଏହାକୁ ସ୍ପଷ୍ଟ ଭାବରେ ଫୁଟାଇବାକୁ ଚେଷ୍ଟା କରୁଛି । ସିଗ୍ନୋର କହି ଯେମିତି କହିଥିଲେ, କଙ୍କାଳଟି ଠିକ୍ ଯେମିତି ଠିଆ ହୋଇଛି, କିନ୍ତୁ ବିବାହ ପୋଷାକର ଭାଙ୍ଗ ଭିତରୁ ତାର ଗୋଟିଏ ମାଂସ ହାତ ବାହାରକୁ ଫୁଟି ଦିଶୁଛି । ସେହି ହାତରେ ବିବାହ ମୁଦିଟିଏ । ଆଉ ଜୀବନ, ଲଜ୍ଜାନମ୍ର ବିନୀତ ଦୃଷ୍ଟିରେ, କଙ୍କାଳର ଦେହକୁ ଲାଗି ଠିଆ ହୋଇ ମୁଦିଟି ନେବା ପାଇଁ ତାର ହାତ ଧରିଛି ।'

'ଚମତ୍କାର ! ଖୁବ୍ ସୁନ୍ଦର ! ମୁଁ ଏବେ ବୁଝି ପାରିଲି,' କହି କହି ପକାଇଲି । 'କିନ୍ତୁ ଏହା ଆଉ ଗୋଟିଏ ଭାବନା— ଅପରୂପ ! ଆଉ ଗୋଟିଏ ଏକଦମ ନୂଆ ଚିନ୍ତା, ସମ୍ପୂର୍ଣ୍ଣ ମୌଳିକ ! ଅପରୂପ ! ମୃଦୁ ...... ଅଙ୍ଗୁଳି ! ସୁନ୍ଦର !'

'ଧନ୍ୟବାଦ, ହଁ, ମୁଁ ମାନୁଛି, ଏହା ଟିକିଏ ଅଲଗା,' ତାର ଉଚ୍ଛ୍ୱସିତ ପ୍ରଶଂସାରେ ଲଜ୍ଜିତ ହୋଇ, ଝିଅଟି ପୁଣି ଯୋଗ କଲା । 'କିନ୍ତୁ ଅସ୍ୱୀକାର କରି ହେବ ନାହିଁ ଯେ ମୁଁ ଆପଣଙ୍କ ଛବିଟାର ସୁଯୋଗ ନେଇଛି ଏବଂ ......'

'ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ,' କହି କହିଲି । 'ଆପଣଙ୍କ ଭାବନା ମୋ ଠାରୁ ସତେଅବା ସୂକ୍ଷ୍ମତର, ଏବଂ ଆପଣଙ୍କର ନିଜସ୍ୱ ବି । ମୋ କଥା କହିବାକୁ ଗଲେ, କେବଳ ଭଗବାନ ଜାଣନ୍ତି ସେହି ଭାବନାଟି କାହାର ......'

ସିନୋରିନା କନ୍‌ସାଲ୍‌ଭି ନିଜର ହାତ ଉଠାଇଲେ ଏବଂ ପୁଣି ଅଗ୍ନି ତଳକୁ ଅନାଇଲେ ।

ତାର ମାଆ ଅସନ୍ତୁଷ୍ଟ ଭଙ୍ଗୀରେ କହିଲା, 'ସେତ କହିବାକୁ ଗଲେ, ତା ଇଚ୍ଛା ମୁତାବକ କରିବା ପାଇଁ ମୁଁ ଟିଅଣ୍ଟିକୁ ଛାଡ଼ିଦେଇଛି, କିନ୍ତୁ ମୁଁ କହିବି ଯେ ତାର ଭାବନା ମୋତେ ଆଦୌ ପସନ୍ଦ ଲାଗୁ ନାହିଁ ।'

'ମାଆ, ଶୁଣ !' ଟିଅଣ୍ଟି ପୁଣି କହିଲା । ତା ପରେ ପଲ୍‌ଗ୍ଲିଆନୋ ଆଡ଼କୁ ବୁଲିପଡ଼ି, ସେ କହିବାକୁ ଲାଗିଲା: 'ଅଚ୍ଛା, କେତେ ଦିନ ହେବ, ଆମର ପୁରୁଣା ବନ୍ଧୁ କମାଣ୍ଡର ଯେରାଲ୍ଡିଙ୍କୁ ଏହି ବିଷୟରେ ପରାମର୍ଶ ମାଗିଥିଲି ......'

'ବିଚାରଦରବାରରେ ତାଙ୍କର ଜଣେ ସାକ୍ଷୀ ହେବାର ଥିଲା,' ତାର ମାଆ ଦୀର୍ଘଶ୍ୱାସ ଛାଡ଼ି କହିଲା ।

'ଆଉ କମାଣ୍ଡାର ଆପଣଙ୍କ ନାମ କହିଲେ,' ଟିଅଣ୍ଟି କହି ଚାଲିଲା, 'ତେଣୁ ଆମେ ଆପଣଙ୍କ ନିକଟକୁ ପଚାରିବାକୁ ଆସିଥିଲୁ—'

ନା, ନା, ମୋତେ ମାଫ୍ କରନ୍ତୁ, ସିନୋରିନା,' ପଲ୍‌ଗ୍ଲିଆନୋ ତତ୍‌କ୍ଷଣାତ୍ ଜବାବ ଦେଲା । 'ମୋର ବନ୍ଧୁଙ୍କୁ ଯେତେବେଳେ ଆପଣ ଏଇଠି ପାଇଛନ୍ତି ......'

ବର୍ଲି କ୍ରୋଧ ପରବଶ ହୋଇ କାନ୍ଧ ହଲେଇ କହିଲା, 'ଉଁଃ, ବାଟେଳ ବକବକ ଧୂଅନା ! ତୋ କଥା ଶୁଣିଲେ ମୋ ଧାଡ଼ ଜଳି ଯାଉଛି ।'

ସେ ଦୁଆର ଆଡ଼କୁ ଚାଲି ଯାଇଥିଲା । ପଲ୍‌ଗ୍ଲିଆନୋ ତା ହାତ ଧରି ତାକୁ ଟାଣି ନେଇ, କହିଲା: 'ଦେଖ୍ ! ତୁ ଭୁଲ ବୁଝୁଛୁ ? ସିନୋରିନା ଖାଲି ମୋ ପାଖକୁ ଆସିଥିଲେ, କାରଣ ସେ ଜାଣିଥିଲେ ଯେ ତୁ ଘରେ ନାହୁଁ ।'

'କିନ୍ତୁ ସେ ସମୁଦାୟ ନକ୍ସାଟା ବଦଳାଇ ଦେଇଛନ୍ତି !' ନିଜକୁ ମୁକ୍ତ କରିବା ପାଇଁ ଭଡ଼ାଭଡ଼ି କରୁଁ କରୁଁ, କଲ୍ଲି ବଡ଼ ପାଟିରେ କହିଲା । 'ମୁଁ ଯାଉଛି ! ମୋର ସେଥିରେ କଣ ଅଛି ? ସେ ତୋ ପାଖକୁ ଆସିଛନ୍ତି । ମୋତେ ମାପ୍ କରିବେ, ସିନୋରିନା, ସିନୋରା । ନମସ୍କାର ।'

'ଶୁଣ !' ହାତ ନ ଛାଡ଼ି, ଫିଲିପ୍ପିନୋ ଦୃଢ଼ ସ୍ୱରରେ କହିଲା । 'ମୁଁ ତ ଏ କାର୍ଯ୍ୟର ଭାର ଗ୍ରହଣ କରୁ ନାହିଁ । ତୁମେ ବି ମନା କରୁଛ । ତାର ମାନେ ଆମ ଦୁହିଙ୍କ ଭିତରୁ କେହି ଏ କାମ କରିବେ ନାହିଁ ।'

'କିନ୍ତୁ—ମୋତେ ମାଫ କରିବେ—ତାହାହେଲେ ଆପଣମାନେ ମିଳାମିଶି କରୁ ନାହାନ୍ତି ?' ମାଆ ବାଧା ଦେଇ କହିଲା । 'ଆପଣମାନେ ଦୁହେଁ ମିଶି କଣ ଏହା କରି ପାରିବେ ନାହିଁ ?'

ହିଁ ଅଟି ଉଭୟ ଟାରୁ କହି ପକାଇଲା, 'ମୋ ପାଇଁ ଆପଣମାନଙ୍କ ଭିତରେ ......'

କଲ୍ଲି ଓ ଫିଲିପ୍ପିନୋ ଏକା ସାଙ୍ଗରେ କହି ପକାଇଲେ, 'ଆଦୌ ନୁହେଁ !'

କଲ୍ଲି କହିବାକୁ ଲାଗିଲା: 'ସିନୋରିନା, ଏହି ବ୍ୟାପାର ସହିତ ମୋର ଆଉ କୌଣସି ସମ୍ବନ୍ଧ ନାହିଁ । ଅଉ ତା ଛଡ଼ା—ଆପଣ ଦେଖନ୍ତୁ—ମୋର ଷ୍ଟୁଡିଓ ୟୁନିଟିଏ ବି ନାହିଁ । ତେଣୁ ଏହି କାମ କରିବା ପାଇଁ ମୁଁ ଆଦୌ ଯୋଗ୍ୟ ନୁହେଁ । ଗୁରୁଆଡ଼େ ଯେ ଯେଉଁଟି ଅଛି ସମସ୍ତଙ୍କୁ ଗାଳିମନ୍ଦ ଦେବା ଛଡ଼ା ମୋ ଦ୍ୱାରା ଆଉ କିଛି ହେବ ନାହିଁ । ତେଣୁ ଆପଣମାନେ ନିଶ୍ଚୟ ଏହି ପାଗଳଟିକୁ ଏଠାରେ—'

ଫିଲିପ୍ପିନୋ କହିଲା, 'ବାଜେ ବକ କିଛି ଫଳ ନାହିଁ । ସିନୋରା ଯାହା କହିଲେ, ହୁଏ ତ ଆମେ ଦୁହେଁ ମିଶି କରିବା, ନଚେତ୍ ମୁଁ ଏହା ଗ୍ରହଣ କରିବି ନାହିଁ ।'

'ଟିକିଏ ରୁହନ୍ତୁ, ସିନୋରିନା.' ସିନୋରିନାଙ୍କ ପାଖରେ ସୋଫା ଉପରେ ପଡ଼ିଥିବା କାଗଜ ଶିଟ୍ଟିକୁ ଆଡ଼କୁ ତା ହାତ ବଢ଼ାଇ, କହି କହିଲା । 'ଆପଣଙ୍କ ସ୍କେଚ୍ଟା ଦେଖିବା ପାଇଁ ମୋର ଖୁବ୍ ଲୋଭ ହେଉଛି ! ତାହା ଦେଖି ପାରିଲେ · ····'

'ଓଃ ! ଅପରୂପ କିଛି ଦେଖିବା ପାଇଁ ଆଶା କରିବେ ନାହିଁ,' ସିନୋରିନା କନ୍‌ସାଲ୍‌ଭି ଗୁଟିଗୁଣି ହୋଇ କହିଲା, ଏବଂ କମ୍ପିତ ଅଙ୍ଗୁଳିରେ କାଗଜଟା ଖୋଲିଲା । 'ପେନ୍‌ସିଲ୍‌ଟା କପରି ଧରିବାକୁ ହୁଏ ମୁଁ ଜାଣେ ନା···ମୋ ଭାବଟି ଫୁଟାଇବା ପାଇଁ ମୁଁ କେତୋଟି ଗାର ମାତ୍ର ଟାଣିଛି······ଏହା ଏକବାରେ କଅଁଳ ହାତର କାମ··· ଦେଖନ୍ତୁ !'

'ପୋଷାକ ପିନ୍ଧିଛନ୍ତି ?' ତାଙ୍କ ପ୍ରଶ୍ନ, ବୋଲି ସେ ନା ଭଦ୍ରୁପ ଗାଇଲା ।

'ଆପଣ କପରି ମନେ କରୁଛନ୍ତି ? ପୋଷାକ କାହିଁକି ନ ପିନ୍ଧିବ ?' ଝିଅଟି ଟିକିଏ ଡରିଯାଇ, ବ୍ୟାକୁଳ ହୋଇ, ପଚାରିଲା ।

'ମାଫ୍ କରିବେ ! ଆପଦୀ ନୁହେଁ !' ବୋଲି ଟିକିଏ ଗରମ ହୋଇଯାଇ କହିଲା । 'ଜୀବନର ମୂର୍ତ୍ତିକୁ ସେମିତ ପିନ୍ଧାଇ ଆପଣ ଚିତ୍ର କରୁଛନ୍ତି······କିମ୍ବା ଆମେ ଏହାକୁ ଜାଦୁ କହୁପାରୁ······ଏହା ଚଳିବ ନାହିଁ ! ନା, ମୁଁ କହୁଛି, ନଗ୍ନ, ନଗ୍ନ, ନଗ୍ନ ! ସିନୋରିନା, ଜୀବନକୁ ନଗ୍ନ କରିବାକୁ ହେବ—ସମ୍ପୂର୍ଣ୍ଣ ନଗ୍ନ ।'

ସିନୋରିନା କନ୍‌ସାଲ୍‌ଭି ଥଙ୍ଗେଇ ଥଙ୍ଗେଇ କହିଲା, 'ମୋତେ ମାଫ୍ କରିବେ, କିନ୍ତୁ ମୋର ଇଚ୍ଛା ଆପଣ ସ୍କେଚ୍ଟାକୁ ଆହୁରି ମନଯୋଗ ସହକାରେ ଦେଖନ୍ତୁ ।'

'ହଁ, ମୁଁ ତ ଦେଖି ପାରୁଛି,' କହି ବଡ଼ ପାଟି କରି କହିଲା । 'ଆପଣ ନିଜକୁ ପ୍ରତିଫଳିତ କରିବାକୁ ଚାହିଁଛନ୍ତି—ଜୀବନର ଛବି ପାଇଁ ଆପଣ ନିଜର ପ୍ରତିକୃତ ଅଙ୍କନ କରିଛନ୍ତି । (ମୁଁ କହିପାରେଁ

ଯେ ଅପଣ ଦେଖିବାକୁ ତା ଠାରୁ ବେଶୀ ସୁନ୍ଦର ।) କିନ୍ତୁ ବର୍ତ୍ତମାନ ଆମେ କଳା-ରାଜ୍ୟରେ ଅଛୁଁ ଅଉ ଏହି ଚିତ୍ରଟି ପ୍ରତିପାଦନ କରୁଛି ଜୀବନ ମୂଲ୍ୟକୁ ବିବାହ କରୁଛି । ବେଶ୍, କଙ୍କାଳ ପରିଧାନ କରିଛି, ତେଣୁ ଜୀବନର ମୂର୍ତ୍ତିଟା ନଗ୍ନ ହେବ, ଜଣାଶୁଣା କଥା—ସମ୍ପୂର୍ଣ୍ଣ ନଗ୍ନ ଓ ଅତି ସୁନ୍ଦର, ସିନୋରିନା । ଏହି ଆଚ୍ଛାଦିତ କଙ୍କାଳର ଭୀଷଣ ମୂର୍ତ୍ତି ନିକଟରେ ଜୀବନର ପ୍ରତିମୂର୍ତ୍ତି ଏପରି ହେବା ଦରକାର । ନଗ୍ନ, ପଲସ୍ନାନ, ତୁମେ କଣ ଏହା ଭାବ ନାହିଁ ? ନଗ୍ନ, ସିନୋରା, ସେହା ନୁହେଁ କା ? ସମ୍ପୂର୍ଣ୍ଣ ନଗ୍ନ, ସିନୋରିନା—ଏକବାରେ ପୁରାପୁରି, ମୁଣ୍ଡରୁ ଗୋଡ଼ଯାଏ ! ମୋତେ ବିଶ୍ୱାସ କରନ୍ତୁ, ନ ହେଲେ ଏହା ଡ଼ାକ୍ତରଖାନାର ଗୋଟିଏ ଛବି ଭଳି ଦେଖାଯିବ—ଗୋଟିଏ ମୂର୍ତ୍ତି ପୋଷାକ-ପରିହିତ, ଆଉ ଅନ୍ୟଟି ସ୍ନାନ-ପୋଷାକ । ସିନୋରିନା, ଆମକୁ ଶୁଦ୍ଧ କଳାର କାର୍ଯ୍ୟଟି ପ୍ରସ୍ତୁତ କରିବାକୁ ହେବ, ଏବଂ ଏହି ବିଷୟରେ କୌଣସି ସଙ୍ଗତ ଯୁକ୍ତି ନ ଥାଇପାରେ ।'

'ନା, ନା—ମୁଁ ଅତି ଦୁଃଖିତ······' ନିଜେ ଓ ତା ମାଆ ଉଠି ପଡ଼ିବାରୁ, ସିନୋରିନା ଲିନ୍‌ସାଲ୍‌ଭି କହିଲା । 'କଳା ଦିଗରୁ ଅପଣ ବୋଧହୁଏ ଠିକ୍ । ମୁଁ ସେହି ବିଷୟରେ ଯୁକ୍ତି କରିବି ନାହିଁ, କିନ୍ତୁ ମୋ ହୃଦୟର ଭିତରେ କିଛି ବ୍ୟକ୍ତ କରିବାକୁ ମୁଁ ଉଦ୍ୟମ କରିଛି, ଏବଂ ମୁଁ ଯେଉଁ ଉପାୟରେ ଏହା କରିଛି ତାହା କେବଳ ସେହି ଉପାୟରେ ବୁଝାଯାଇ ପାରେ । ଅପଣଙ୍କ ପରାମର୍ଶ ଗ୍ରହଣ କଲେ, ମୁଁ ଯେଉଁ ବାର୍ତ୍ତା ପ୍ରକାଶ କରିବାକୁ ଚେଷ୍ଟା କରୁଛି ତାହା ମୋତେ ତ୍ୟାଗ କରିବାକୁ ହେବ ।'

'କିନ୍ତୁ ଅପଣ କାହିଁକି ତାହା କରିବେ ? ମୋ ମତ ତାହା ନୁହେଁ । ଆପଣଙ୍କର ଭୁଲ ହେଉଛି ଯେ ଅପଣ ନିଜ ଶରୀରକୁ ଏକ ବ୍ୟକ୍ତିଗତ ବସ୍ତୁ ରୂପେ ଗ୍ରହଣ କରୁଛନ୍ତି, ସଙ୍କେତ ନୁହେଁ । ଆପଣ

କହି ପାରିବେ ନାହିଁ ଯେ ସେହିପରି କରିବା ଦ୍ୱାରା ଛବିଟି ସୁନ୍ଦର ହୋଇଛି ।'

'ନା, ମୁଁ କହୁ ନାହିଁ ଯେ ଏହା ସୁନ୍ଦର,' ସେ ଜବାବ ଦେଲା। 'କିନ୍ତୁ ଆପଣ ଏଷଣି ଯାହା କହିଲେ ଏକଦମ ଠିକ୍ । ମୁଁ ଛବିଟିକୁ ଏକ ସ୍ୱତନ୍ତ୍ର ରୂପେ ଚିତ୍ରଣ କରିବାକୁ ଚାହେଁ ନାହିଁ, କିନ୍ତୁ ମୋ ନିଜର ଶରୀର, ମୋ ନିଜର ଘଟଣା ରୂପେ—ଭବିଷ୍ୟତ ପାଇଁ ମୋର ଅଭିଳାଷ । ଆଜି ମୋର ଉପାୟରେହିଁ ମୁଁ କେବଳ ତାହା କରିପାରେଁ। ଆପଣ ଦେଖନ୍ତୁ......ଅଚ୍ଛା, ଯେଉଁଠି ମୁଁ ଉତ୍ସନ୍ନ ହିଁ ନିର୍ମିତ ହେବ ସେହି ସ୍ଥାନଟିର କଥା ଚିନ୍ତା କରନ୍ତୁ......ନା, ଆପଣ ଯେମିତି କହୁଛନ୍ତି......ଜୀବନର ମୂର୍ତ୍ତି ହୋ ମୁଁ ଠିକ୍ ସେହିପରି କରି ପାରିଲି ନାହିଁ ।'

କଲ୍ଲି ତାର ହାତ ଦୁଇଟି ଟେକି, କାନ୍ଧ ବଙ୍କ କରି ଅପ୍ରସ୍ତୁତ ସୂଚକ ଭଙ୍ଗୀରେ କହିଲା, 'ଆପଣଙ୍କ ପକ୍ଷରେ ଏହା କଳ୍ପନା ମାତ୍ର—।'

ମଧୁର ଅଥଚ ଅତି ବଳିଷ୍ଠ ସ୍ୱର ଖୋଲାଇ ହିଂଓଟି ତାକୁ ସୁଧାରିଲା : 'ବରଂ ଭାବପ୍ରବଣତା ବୋଲି କୁହନ୍ତୁ, ତା ହେଲେ ତାହା ପ୍ରତି ସମ୍ମାନ ଜାତ ହେବ ।'

ଦୁଇ ଶିଳ୍ପୀ ସ୍ଥିର କଲେ ଯେ ଜମାନ୍ତ୍ରୀର ସେବକଙ୍କ ସହିତ ପରାମର୍ଶ କରି ସେମାନେ ସବୁ ବ୍ୟବସ୍ଥା କରିବେ । ତା ପରେ, ସେଟୋରି କନ୍ସାଲିଭ ଓ ତାଙ୍କର ଶୋକାକୁଳ ଜନନୀ ବିଦାୟ ଗ୍ରହଣ କଲେ।

ପିତର କଲ୍ଲି ଆନନ୍ଦରେ ତା ହାତ ଘଷି ଘଷି, ଗୀତ ଗାଇ ଗାଇ ଷ୍ଟୁଡ଼ିଓ ଭିତରେ ଏ ପାଖରୁ ସେ ପାଖ ଯାଏ ପଦଚାରଣା କରିବାକୁ ଲାଗିଲା ।

ପ୍ରାୟ ଏକ ସପ୍ତାହ ପରେ କନ୍‌ଷ୍ଟାନ୍‌ଟିନୋ ପଲ୍‌ସ୍ୟାନ ମୂର୍ତ୍ତିର ମସ୍ତକ ଅଙ୍କନ କରିବା ପାଇଁ କେତୋଟି ସିଟିଂ ଦେବା ଲାଗି ସିନୋରିନାଙ୍କୁ କହିବା ପାଇଁ କନ୍‌ସାଲ୍‌ଭିଙ୍କର ଘରେ ଯାଇ ପହଞ୍ଚିଲି ।

କମାଣ୍ଡାର ଓୟେସ୍ଲିଙ୍କ ସହିତ ସିନୋର କନ୍‌ସାଲଭିଙ୍କର ପ୍ରଗାଢ଼ ବନ୍ଧୁତା ଥିଲା । କମାଣ୍ଡାରଙ୍କ ନିକଟରୁ ପଲ୍‌ସ୍ୟାନ ଶୁଣିଥିଲା, ସେହି ଭୀଷଣ ଦୁର୍ଘଟଣା ପରେ ସବିନା ତିନି ଦିନ ମାତ୍ର ବଞ୍ଚିଥିଲେ ଏବଂ ସେହି ସମୟରେ ସେ ତାଙ୍କର ଅଗାଧ ପୈତୃକ ସମ୍ପତ୍ତି ସିନୋରିନା କନ୍‌ସାଲଭିଙ୍କୁ ଦେଇ ଯାଇଥିଲେ । ତେଣୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣରେ ଆଦୌ କାର୍ପଣ୍ୟ ଦେଖାଯିବ ନାହିଁ ।

କମାଣ୍ଡାର ବ୍ୟକ୍ତ କରିଥିଲେ ଯେ ସେହି ଦୁର୍ଘଟଣା ହେତୁ ତାଙ୍କର ନିଜର ଦୁଶ୍ଚିନ୍ତା, ଦୁଃଖ ଓ ବିରକ୍ତିର ଶେଷ ନାହିଁ—ସିନୋରିନା କନ୍‌ସାଲଭିଙ୍କ ବ୍ୟବହାରରେ ତାହା ବରଂ ଆହୁରି ବଢ଼ି ଯାଉଛି । ଝିଅଟି ବିଚାରୀ, ତାଙ୍କୁ ଦେଖିଲେ ଦୁଃଖ ଆସୁଛି, କିନ୍ତୁ ସେ ଭାରି ଚାଲାକ । ସତ କଥା କହିବାକୁ ଗଲେ, ତାଙ୍କୁ ପ୍ରକୃତରେ ଦେଖିଲେ ବୋଧହୁଏ ଯେମିତିକି ତାର ଶୋକ ଅଧିକ ପ୍ରକାଶରେ ସେ ଅଦ୍ଭୁତ ଆନନ୍ଦ ଲାଭ କରୁଛନ୍ତି । ଓଃ ! ଏହା ଏକ ଭୀଷଣ ଦୁର୍ଘଟଣା—ସମସ୍ତେ ଏହା ସ୍ୱୀକାର କରିବେ— ବାସ୍ତବିକ ବିନା ମେଘରେ ବଜ୍ରପାତ । ଆଉ ସବିନା ଜଣେ ଖୁବ୍ ସୁନ୍ଦର ତରୁଣ ଯୁବକ ଥିଲେ— ବିଚରାଟି ସୁଦର୍ଶନ ମଧ୍ୟ, ଏବଂ ଝିଅଟିକୁ ଖୁବ୍ ଭଲ ପାଉଥିଲେ । ଏହା ନିଃସନ୍ଦେହ ଯେ ବିଭା ହୋଇଥିଲେ ସେ ତାଙ୍କୁ ଖୁବ୍ ସୁଖୀ କରାଇ ଥାନ୍ତେ । ବୋଧହୁଏ ସେଇଥିପାଇଁ ଦୈବ ତାଙ୍କୁ ଛଡ଼ାଇ ନେଇଗଲା ।

ଏହା ପ୍ରାୟ ଅନୁମିତ ହୁଏ, ଯେମିତିକି କମାଣ୍ଡାର ହେସ୍ଲିଙ୍କ ଦୁଃଖ ବଢ଼ାଇବା ପାଇଁ ସରଳାଙ୍କ ପରି ଜଣେ ଏମିତି ଭଲ ମଣିଷକୁ ଛଡ଼ାଇ ନିଆ ଯାଉଛି । ଅଥଚ ଏହା ବିଶ୍ୱାସ କରିବେ ତ ? କାହିଁକି, ସରଳା— ତାର ପ୍ରେମିକ— ବିବାହ ପରେ ତାକୁ ନେଇ ରହିବା ପାଇଁ ଯେଉଁ ଘରଟି ତିଆରି କରିଥିଲେ, ଝିଅଟି ତାହା ଛାଡ଼ିବାକୁ ଏକବାରେ ମନା କରିଦେଲା । ଏହା ପ୍ରକୃତରେ ଏକ ପ୍ରେମ-ନୀଡ଼ । ଝିଅଟି ତାର ଭଲ ଲଗାପଣ୍ଟା ସବୁ ସେଠାକୁ ନେଇ ଯାଉଛି, ଏବଂ ଦିନର ଅଧିକାଂଶ ସମୟ ସେ ସେଠାରେ ରହେ, ଅଦୌ କାନ୍ଦେ ନାହିଁ ! କିନ୍ତୁ ବୋହୂ ହୋଇ ଯେଉଁ ଜୀବନ ସେ ସେହି ଘରେ ବିତାଇ ଥାଆନ୍ତା, ଯେଉଁ ଜୀବନ ଏମିତି ନିର୍ମମ ଭାବରେ ତା ଠାରୁ ଛଡ଼ାଇ ନିଆ ଯାଉଛି, ତାର ସ୍ୱପ୍ନ ଦେଖି ସେ ଅନୁତାପରେ ଦିନ ବିତାଇ ଦିଏ ।

ବାସ୍ତବିକ, ପଲ୍ସ୍ଟ୍ରାନି ସ୍ନୋରିନା କନ୍ଷ୍ଟାନଭିକୁ ତା ଘରେ ପାଇଲା ନାହିଁ । ଗୃହକର୍ତ୍ତ୍ରୀ ତାକୁ ଭିଆ ଡ ପୋଣ୍ଡି ପିଜ ସିପ୍ନୋନୋରେ ଥିବା ନୂଆ ଘରର ଠିକଣା ଦେଲା । ଯେଉଁ ଡକ୍ତ-ମଟୁର ବ୍ୟଂଗରେ ହତଭାଗି ଝିଅଟି ଜଳିପୋଡ଼ି ହୋଇ ମରୁଥିଲା, ପଲ୍ସ୍ଟ୍ରାନି ଯାଉଥିଲା ବେଳେ ତାହା ଭାବୁଥିଲା— ବିବାହ ପୂର୍ବରୁ କନ୍ୟାଟି ବିଧବା । ଭାଗ୍ୟ ଶେଷ ମୁହୂର୍ତ୍ତରେ ବାଧା ଦେଇ ନ ଥିଲେ ଯେଉଁ ସ୍ୱପ୍ନଟି ସତ୍ୟରେ ପରିଣତ ହେବାକୁ ଯାଉଥିଲା, ସେହି ସ୍ୱପ୍ନ ନୀଡ଼ରେ ସେ ତାର ଅତୃପ୍ତ ଆତ୍ମାର ଶାନ୍ତି ଖୋଜି ବୁଲୁଥିଲା ।

କେତେ ଅସୀମ ମଧୁର ଦିନର କଥା ଭାବି, ଭାବୀ ବରକନ୍ୟା ଦୁହେଁ କେତେ ଦୋକାନ ବୁଲି ବୁଲି ଗୋଟି ଗୋଟି କରି ଆସବାବ ପତ୍ର କିଣି, ଘରଟିକୁ କେତେ ଆନନ୍ଦରେ ସଜାଇ ଥିଲେ । କେତୋଟି ଦିନ ପରେ ସେମାନେ ସେଠାରେ ଘର ବାନ୍ଧି ଥାଆନ୍ତେ । ମଧୁର ସ୍ମୃତି, ଅଭିଳାଷ, ପ୍ରତିଜ୍ଞା ଓ ଆଶାରେ ଭରପୂର ହୋଇ, ସେହି ଜିନିଷପତ୍ରଗୁଡ଼ିକ ଯେମିତି

ଭାବରେ ସୁସଜ୍ଜିତ ହୋଇ ରହିଥିଲା, ଆଜି ବି ତାହା ଠିକ୍ ସେମିତି ଅଛି । ......ନବବଧୂ ପ୍ରତି କି ନିର୍ଦ୍ଦୟତା— ଏବଂ ଏହିପରି ଏକ ସୁଖମୟ ଦିନରେ ମଧ୍ୟ, ପଲ୍ସ୍ୱାନି ଦୀର୍ଘଶ୍ୱାସ ଛାଡ଼ି ଭାବିଲା ।

ପରଦିନଠାରୁ ବସନ୍ତର ଓ ସୂର୍ଯ୍ୟାଲୋକରେ ଉଷ୍ମତାର ପ୍ରଥମ ସ୍ପର୍ଶ ସେ ପରିଷ୍କାର ଭାବରେ ଅନୁଭବ କରି ପାରିଲା । ତା ମନ ଆନନ୍ଦରେ ନାଚି ଉଠିଲା । ଯେହି ନୂଆ ଦିନରେ, ସେ ଦେଖିବ, କୁଳଦୀପ କନ୍ଧାଲଭି ବସନ୍ତର ସୂର୍ଯ୍ୟାଲୋକ ଆଡ଼କୁ ଝରକା ଖୋଲି ବସିଛି— ଈଶ୍ୱର ଜାଣନ୍ତି, ଆଜି ପରି ଦିନରେ ତାର ସେହି ମଧୁର ସ୍ୱପ୍ନ ତାକୁ କି କଠୋର ଚେତନା ଦେଉଥିବ ।

ପଲ୍ସ୍ୱାନି ଘରେ ପ୍ରବେଶ କରିବା ବେଳକୁ, କୁଳଦୀପ ଗୋଟିଏ ଇଜେଲ (ଚିତ୍ରଫଳକ) ଆଗରେ ବସି, ତାର ପ୍ରେମିକଙ୍କର ଖଣ୍ଡିଏ ସ୍କେଚ ଫଟୋରୁ, ନିର୍ଭୀକ ଭାବରେ ଗୋଟିଏ ବଡ଼ ଚିତ୍ର ଅଙ୍କନ କରିବାରେ ବ୍ୟସ୍ତ ଥିଲା । ତାର ମାଆ କମାଣ୍ଡୋର ଓ୍ୱେସ୍ଲିଙ୍କ ପାଠାଗାରରୁ ଆଣିଥିବା ଖଣ୍ଡିଏ ଫରାସୀ ଉପନ୍ୟାସ ବସି ପଢ଼ୁଥିଲା ।

ସତ କହିବାକୁ ଗଲେ, ଏକ ବିୟୋଗାନ୍ତ ଦୃଶ୍ୟରେ ପରିଣତ ହୋଇଥିବା ତାର 'ପ୍ରେମ-ନାଟରେ' ଏକାକୀ ରହିବାକୁ ସିନୋରିନା କନ୍ଧାଲଭି ଅଧିକ ପସନ୍ଦ କରେ । ତା ମାଆର ଉପସ୍ଥିତି ତାକୁ ବିରକ୍ତିକର ବୋଧ ହେଉଥିଲା । କିନ୍ତୁ ସିନୋରା ଭୟ କରୁଥିଲା, କାଳେ ତା ଝିଅର ଅଦ୍ଭୁତ ଢଙ୍ଗଢାଙ୍ଗ ହେତୁ ସେ କିଛି ଦୁଃସାହସିକ କାମ କରିପାରେ । ତେଣୁ ଏ ଘରକୁ ଆସିଲେ ସେ ବରାବର ତା ଝିଅ ପାଖରେ ଥାଏ । ଝିଅର ଦୁଃଖଭୋଗର ଏହି ଏକାନ୍ତ ଅବସ୍ଥାରେ ସେ ଉତ୍କଣ୍ଠିତ ହୋଇ ଯାଉଥିଲା, ଏବଂ ସେଠାରେ ବସି ମନେ ମନେ ଫୁଲି ଉଠୁଥିଲା, କିନ୍ତୁ ଅତି କଷ୍ଟରେ କୌଣସି ପ୍ରକାର ବାହ୍ୟ ସମାଲୋଚନାରୁ ସେ କେବଳ ବିରତ ରହୁଥିଲା ।

ତରୁଣୀ ଥିଲା ବେଳେ ସିନୋରା କନ୍‌ସାଲ୍‌ଭ କପର୍ଦ୍ଦକଶୂନ୍ୟା ହୋଇ ପଡ଼ିଥିଲା— ବିଧବା, ତା ସହିତ ଝିଅଟିଏ— ଏବଂ ତାର ଝିଅ ଯେମିତି ମୃତ ସ୍ତ୍ରୀଲୋକ ଚହ୍ନାଇ ପଡ଼ୁଛି, ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତାର ଶୋକ ସହିତ ଚିର ଦିନ ଲୁହା ବାକ୍ସ ଭିତରେ ବନ୍ଦ କରି ରଖିବା ପାଇଁ ସେ ସମ୍ପୂର୍ଣ୍ଣ ଅସମର୍ଥ ହୋଇ ପଡ଼ିଥିଲା । ଭାଗ୍ୟ ଯେଉଁ ନିଷ୍ଠୁର ଆଘାତ ଦେଇଛି ସେଥିପାଇଁ ଜୁଲିଏଟ୍ଟା ଯେ ଶୋକ ପ୍ରକାଶ କରିବ ନାହିଁ ଏହା କହି ନ ଥିଲା । କିନ୍ତୁ ସେ ମନେ କରୁଥିଲା— ଏବଂ ତା ସହିତ ତାର ପ୍ରିୟ ଓ ଘନିଷ୍ଠ ବନ୍ଧୁ କମାଣ୍ଡାର ସେରାଲ୍ଲି ମଧ୍ୟ ବିଶ୍ୱାସ କରୁଥିଲେ— ଯେ ସେ ଅତି ମାତ୍ରାରେ ତାର ଶୋକ ପ୍ରକାଶ କରୁଥିଲା । ସେ ଭାବୁଥିଲା ଯେ ତା ଝିଅର ଅଭାଗା ଭାବୀ ସ୍ୱାମୀ ଅଗାଧ ସମ୍ପତ୍ତି ରଖି ଯାଇଥିବା ହେତୁ ସେ ତାର ସୁଯୋଗ ନେଉଛି ଏବଂ ସେଇଥିପାଇଁ ଏହି ଅବାଧ ଦୁଃଖ-ପ୍ରକାଶର ବିଳାସରେ ନିଜକୁ ଭସାଇ ଦେଉଛି । ସେ ନିଜେ ଜୀବନର ଘୃଣ୍ୟତମ ସତ୍ୟଗୁଡ଼ିକର ତିକ୍ତ ଅଭିଜ୍ଞତା ଲାଭ କରିଛି । ତାର ଏବେ ବି ମନେ ପଡ଼ିଯାଏ, ସ୍ୱାମୀଙ୍କର ମୃତ୍ୟୁ-ବେଦନାରେ ଜର୍ଜରିତ ହୋଇଥିଲେ ସୁଦ୍ଧା, ଜୀବନ-ଯାତ୍ରା ନିର୍ବାହ କରିବା ପାଇଁ ତାକୁ କି ଦୁଃଖ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା, କିନ୍ତୁ ତା ଝିଅ ତାର ଶୋକ ସମୟ ଖୁବ୍ ସହଜରେ କଟାଉଛି । ତାର ନିଜର ଦୁଃଖପୂର୍ଣ୍ଣ ଅଭିଜ୍ଞତା କଥା ଭାବିଲେ ତା ଝିଅର ଶୋକ-ଆସକ୍ତି ହୁଏ ତ କ୍ଷମା କରାଯାଇ ପାରେ— ହଁ, ଏହି ପରିସ୍ଥିତିରେ ପ୍ରାୟ କ୍ଷମଣୀୟ— କିନ୍ତୁ କେବଳ ଗୋଟିଏ ସର୍ତ୍ତରେ ଯେ ଏହା ଯେମିତି ବେଶୀ ଦିନ ନ ଚାଲେ । ତାର ପ୍ରିୟ ଓ ଘନିଷ୍ଠ ବନ୍ଧୁ କମାଣ୍ଡାର ସେରାଲ୍ଲି ସବୁବେଳେ ଏହା କହନ୍ତି ।

ସିନୋରାର ବୁଦ୍ଧି ପ୍ରଖର, ସଂସାରର ବହୁ ବିଷୟରେ ତାର ଅଭିଜ୍ଞତା ଅଛି, ତେଣୁ ସେ ତାର ଝିଅକୁ ତାର ଦୁଃଖ-ବିଳାସରେ

ସଙ୍ଗତ ହେବାକୁ ଅନେକ ଥର ପ୍ରବର୍ତ୍ତାଇଛି, କିନ୍ତୁ କିଛି ଫଳ ହୋଇ ନାହିଁ । ତାର କୁଳହୃଦୟ ଅତ୍ୟଧିକ ଭାବପ୍ରବଣ । ବୋଧହୁଏ ଦୁଃଖରେ ସେ ଯେତେ ଅଭିଭୂତ ହୋଇ ନ ପଡ଼ିଛି, ସେହି ଭାବନାରେହିଁ ସେ ତା ଠାରୁ ବେଶୀ ଦ୍ରବୀଭୂତ ହୋଇ ଯାଇଛି । ଯଦି ଏହା ହୋଇ-ଥାଏ, ତାହାହେଲେ ଏହା ବଡ଼ ଦୁର୍ଭାଗ୍ୟର କଥା: କାରଣ ସମୟର ଗତି ସଙ୍ଗେ ସଙ୍ଗେ ଭାବନାର ଶକ୍ତି ଅବଶ୍ୟ ହ୍ରାସ ଲଭେ — ଏଥିରେ ଆଦୌ ସନ୍ଦେହ ନାହିଁ — କିନ୍ତୁ ଗୋଟିଏ ଭାବନା ମଧ୍ୟରେ ଏହା ସମ୍ପୂର୍ଣ୍ଣ ବିପରୀତ ଆକାର ଧାରଣ କରେ; ଏହା ବଦ୍ଧମୂଳ ହୋଇଯାଏ । ଏହି ଦୁଃଖଭୋଗରେ ଯେଉଁ ଆନନ୍ଦ, ତାର ଫଳରେ ଜୀବନ ନଷ୍ଟକୁ ବିବାହ କରୁଛି (ବିବାହ ଉତ୍ସବ ଉପଲକ୍ଷେ ଏହା ଏକ ଚମତ୍କାର ଧାରଣା !)— ଏହିପରି ଏକ ଅଦ୍‌ଭୁତ ଧାରଣାର ବଶବର୍ତ୍ତୀ ହୋଇ ସେ ଗୋଟିଏ ସମାଧି-ସ୍ମୃତିସ୍ତମ୍ଭ ନିର୍ମାଣ କରିବା ପାଇଁ ପ୍ରସ୍ତାବ କରିଛି । ତାର ଆହୁରି ଗୋଟିଏ ଅଦ୍‌ଭୁତ ଖିଆଲ ଅଛି — ବରକନ୍ୟା ଦୁହେଁ ଘରଟିକୁ ଠିକ୍ ଯେମିତି ଭାବରେ ସଜାଇ ଥିଲେ ସେହିପରି ରହିବ । ଏହା ଦ୍ୱାରା ଯେଉଁ ବିବାହିତ ଜୀବନ ସେ ଉପଭୋଗ କରି ପାରିଲା ନାହିଁ, ସେହି ପ୍ରାୟୁ-ସତ୍ୟ-ହୋଇଥିବା ସ୍ୱପ୍ନର ଇଙ୍ଗିତ ତାହା ସର୍ବଦା ଧାରଣ କରି ପାରିବ ।

ପଲ୍‌ଯ୍ୟାନ ସେମାନଙ୍କ ସହିତ ସାକ୍ଷାତ କରିବାକୁ ଆସି ଛୁଟି ଦେଖି ମନୋରମ କଲ୍ୟାଲଭ ଖୁବ୍ ଖୁସି ହୋଇଗଲେ ।

ଖୋଲା ଝରକା ବାଟେ ସୂର୍ଯ୍ୟ-କିରଣ ବିଚ୍ଛୁରିତ ହୋଇ ଯାଇଥିଲା । ବାହାରେ ଭଲ ବଡ଼େର୍ସର ଦୃଶ୍ୟ — ବଡ଼ ସବୁଜ ପ୍ରାନ୍ତର ଏବଂ ଚମତ୍କାର ପାଇନ୍ ବଣ ଗଭୀର ନୀଳ ଦିଗନ୍ତର ଆକାଶକୁ ପ୍ରାୟ ସ୍ପର୍ଶ କରୁଛି । ଏହା ଏକ ମନୋହର ଦୃଶ୍ୟ ।

ପଲ୍‌ଯ୍ୟାନ ପ୍ରବେଶ କରନ୍ତେ, ହିଲୋରିନା ଉଠି ପଡ଼ି ତାର ପେନ୍‌ସିଲଟା (ଛବି) ଲୁଚାଇବାକୁ ଚେଷ୍ଟା କଲା, କିନ୍ତୁ ପଲ୍‌ଯ୍ୟାନ ସାମାନ୍ୟ

ମାଥା ଦେଇ, ତାକୁ ଅଟକାଇଲି, 'ଆଉଁ କି ? ମୋତେ କଣ ତାହା କିଛିଏ ଦେଖାଇବ ନାହିଁ ?'

'ଆଃ, ଏହା ମାନେ ଆରମ୍ଭ କରନ୍ତୁ ।'

'ଦେଖନ୍ତୁ ତ, ଆପଣ ଚମତ୍କାର ଭାବରେ ଆରମ୍ଭ କରିଛନ୍ତି,' କହି ପାଞ୍ଚ ତାକୁ ଦେଖି ଦେଖି, ସେ କହିଲା । 'ବାସ୍ତବିକ ଖୁବ୍ ଭଲ ! ଏହା ଜେରିନାଙ୍କର ତ ? ...... ହଁ, ଏବେ ମୁଁ ଭାବୁଛି, ସେହି ଫଟୋଗ୍ରାଫଟା ଦେଖି ତାଙ୍କ ମୁହଁଟା ଭଲ ଭାବରେ ମୋର ମନେ ପଡ଼ିଗଲା । ହଁ, ହଁ, ମୁଁ ତାଙ୍କୁ ଚିହ୍ନି ପାରିଲି । ......କିନ୍ତୁ ସେ କଣ ଦାଢ଼ୀ ରଖିଥିଲେ ?'

'ନା,' ଫିଅଡ଼ି ଶୀଘ୍ର ଜବାବ ଦେଲା, 'ସେ ରଖି ନ ଥିଲେ— କିଛି ସମୟ ପାଇଁ ନୁହେଁ ।'

ଆଃ ! ମୁଁ ତ ଭାବୁଛି ତାହା ନୁହେଁ । ...... ଅତି ସୁନ୍ଦର ମଣିଷଟିଏ— ଅତି ।'

ଫିଅଡ଼ି ପୁଣି କହି ଚାଲିଲା, 'ମୁଁ ଛବିଟି କରି ପାରୁ ନାହିଁ, କାରଣ ଏହା ଫଟୋ ମିଳୁ ନାହିଁ— ମୋ ମନରେ ତାଙ୍କର ଯେଉଁ ଛବି ଅଛି ଏହା ପ୍ରକୃତରେ ସେହି ଛବି ପରି ନୁହେଁ ।'

'ହଁ, ମୁଁ ଜାଣେ ଆପଣ କଣ ବୁଝାନ୍ତି,' ପଲିୟାନା ତତ୍‌କ୍ଷଣାତ୍ ସମ୍ମତି ଜଣାଇଲା । 'ସେ ଆହୁରି—ଆହୁରି ଅଧିକ...... ସତେଜ ଥିଲେ— ସେ ଆହୁରି ବେଶୀ ଜୀବନ୍ତ ଦେଖା ଯାଉଥିଲେ ।'

ମାଆ ମନ୍ତବ୍ୟ କଲା, 'ସେହି ଫଟୋଟା ଆମେରିକାରେ ଉଠା ହୋଇଥିଲା । ତାହା ଅବଶ୍ୟ ମୋ ଫିଅ ସହିତ ଆବଦ୍ଧ ହେବା ଆଗରୁ ।'

ଫିଅଡ଼ି ବିଷାଦପୂର୍ଣ୍ଣ ସ୍ୱରରେ କହିଲା, ଆଉ ମୋ ପାଖରେ ତାଙ୍କର ଅନ୍ୟ ଫଟୋ ନାହିଁ । ଦେଖନ୍ତୁ ! ଏହାପରେ, ମୁଁ ମୋ ଆଖି

ବନ୍ଦ କଲ, ଆଉ ଦୁର୍ଘଟଣା ଆଗରୁ ସେ ଯେମିତି ଥିଲେ ମୁଁ ତାଙ୍କୁ ଠିକ୍ ସେମିତି ଦେଖି ପାରୁଛି । କିନ୍ତୁ ଠିକ୍ ତାଙ୍କୁ ସ୍ମରଣ କରିବାକୁ ବସିଲା ବେଳକୁ, ତାଙ୍କ ମୁହଁ ମୋତେ ଆଉ ଦେଖାଯାଉ ନାହିଁ । କେତେକ ବେଳେ ମୁଁ ଫଟୋକୁ ଚାହୁଁଛି ଏବଂ ତତ୍କ୍ଷଣାତ୍ ମୋତେ ବୋଧହେଉଛି ଯେ ଏହା ତାଙ୍କର ଏକ ଜୀବନ୍ତ ପ୍ରତିକୃତି । କିନ୍ତୁ ଯେତେବେଳେ ମୁଁ ଛବିଟି ଅଙ୍କିବାକୁ ଚେଷ୍ଟା କରୁଛି, ସେତେବେଳେ ପଟରେ ମୁଁ ତାଙ୍କର ସାମଞ୍ଜସ୍ୟ ଦେଖି ପାରୁ ନାହିଁ । ଏଥିପାଇଁ ମୁଁ ହତାଶ ହୋଇ ପଡ଼ୁଛି ।'

ପଲ୍ୟାନି ଉପରେ ଦୃଷ୍ଟି ନିବଦ୍ଧ କରି, ତାର ମାଆ କହିଲା, 'ଦେଖ୍, ଜୁଲିଓ, ତୁ ଚିବୁକର ରେଖା ସମ୍ପୃକ୍ତ କହୁଛୁ ତ— ଦାଢ଼ୀଟା ଉଠାଇ ଦେବା ତୋର ଇଚ୍ଛା । ତୁ କଣ ଦେଖି ପାରୁନାହୁଁ ଯେ ସିନୋର ଲେୟାନିଙ୍କର ଚିବୁକ ...... ।'

ସେ ଲଜ୍ଜିତ ହୋଇ ମୁହଁ ନୁଆଁଇଲା । ପ୍ରାୟ ଅଜାଣତରେ ସେ ତାର ଚିବୁକ ଟେକି ଧରିଲା, ଯେମିତି ସୁନୋରିନା କାର୍ଲୋ ଲିଭିଙ୍କୁ ଦେଖାଉଛି ଯେ ସେ ଦାଢ଼ୀ ଧୀରେ ଛଡ଼ାଇ ନେଇ ତାହା ଦ୍ୱାରା ଅଙ୍କିତ ସ୍ୱକୀୟ ଛବିରେ ବଢ଼ାଇ ଦେବ ।

ସିନୋରିନା ବହୁତ ଓ ଲଜ୍ଜିତ ହୋଇଗଲା, ଏବଂ ପଲ୍ୟାନିର ମୁହଁକୁ ଆଉ ପ୍ରାୟ ଅନାଇ ପାରିଲା ନାହିଁ । (ତା ମାଆର ଅବଶ୍ୟ ଏହିପରି ଭାବରେ କଥା କହିବା ଆଦୌ ଉଚିତ ହୋଇ ନାହିଁ, ବିଶେଷତଃ ଏହି ଦୁଃଖ ସମୟରେ ।)

କୌଣସି ଦୃଢ଼ ଅଭିସନ୍ଧି ନ ରଖି, ସିନୋରା କାର୍ଭାଲ୍ଭି ପୁଣି କହିଲା, 'ଆଜି ଲକ୍ଷ୍ୟ କର, ଦେଖ୍ ! ଜୁଲିଓ୍ୱା ବାପର ତାର ଶେଷ କେତେ ମାସ ଠିକ୍ ଏହିପରି ଲକ୍ଷ୍ୟ ରଖିଥିଲା, ତୋର କଣ ଏହା ମନେ ପଡୁ ନାହିଁ ?'

ସିନୋରିନା ଆଘାତ ପାଇଲା । ସେ ନରମ ସ୍ୱରରେ କହିଲା, 'ଆମେ ତ ନିଶ କଥା ଆଲୋଚନା କରୁ ନ ଥିଲୁ । ମୁଁ ବି ନିଶଟିଏ ଆଙ୍କିବାକୁ ଯାଉ ନାହିଁ ।'

'ନା, ଆଦୌ ନୁହେଁ,' ପଲିଡ୍ରାନି ଏକମତ ହେଲା, କିନ୍ତୁ ସେ ସ୍ୱାଭାବିକ ଭାବରେ ତା ନିଶରେ ଟିକେ ହାତ ବୁଲାଇ ଦେଇ ମୃଦୁ ହସି ପକାଇଲା ।

ତା ପରେ ସେ ଇଜେଲ୍ ପାଖକୁ ଯାଇ କହିଲା : ଦେଖନ୍ତୁ ! ସିନୋରିନା, ଆପଣ ଯଦି ମୋତେ ଅନୁମତି ଦିଅନ୍ତି, ତାହାହେଲେ ଆପଣଙ୍କୁ ତାଙ୍କର ସାମଞ୍ଜସ୍ୟ ଦେଖାଇ ଦେବାକୁ ମୁଁ ଚେଷ୍ଟା କରିବି । ......ଏଇଠି ଆପଣଙ୍କ ଛବିଟିର ଏହି କୋଣରେ, କେତୋଟି ବିନ୍ଦୁମାନ......ଆପଣ କିଛି ମନେ କରିବେ ନାହିଁ, କରିବେ ନା ? ଆପଣ ତାହା ପରେ ଲିଭାଇ ଦେଇ ପାରନ୍ତି । ମୁଁ ଆପଣଙ୍କୁ ଦେଖାଇ ଦେବାକୁ ଚାହେଁ, ବଚେରୀ ସରିନାଙ୍କୁ ମୁଁ କେତେ ଦୂର ମନେ ରଖି ପାରିଛି ।'

ସେ ବସି ପଡ଼ିଲା, ଏବଂ ପଷ୍ଟ ସାହାଯ୍ୟରେ ତାର ପ୍ରେମିକର ମଥା ଆଙ୍କିବାକୁ ଲାଗିଲା । ସିନୋରିନା କନ୍‌ସାଲ୍‌ଭି ସ୍ଥିର୍ ତନ୍ମୟ ହୋଇ ତାର ଦ୍ରୁତ ରେଖାଗୁଡ଼ିକୁ ଲକ୍ଷ୍ୟ କରିବାକୁ ଲାଗିଲା । ତାର ସମଗ୍ର ଅନ୍ତର ଏକାଗ୍ର ଓ ଆଗ୍ରହୀ ବୋଧ ହେଲା । କାମଟି ଯେତେ ଆଗେଇବାକୁ ଲାଗିଲା, ସେ ସମୟ ସମୟରେ ଆନନ୍ଦପୂର୍ଣ୍ଣ ଚିତ୍କାର କରିବାକୁ ଲାଗିଲା । ଏଥିରେ ପଲିଡ୍ରାନି ଉଟଂକୃତ ବୋଧ କଲା ଏବଂ ତାର ପେନ୍‌ସିଲ ଦ୍ରୁତ ଗତିରେ ଚାଲିବାକୁ ଲାଗିଲା । ଅବଶେଷରେ ସେ ଆଉ ତାର ଉଚ୍ଛ୍ୱାସ ଚାପି ନ ପାରି କହି ପକାଇଲା : 'ଦେଖ୍, ଏ, ଦେଖ୍, ମା ! ସରିନାଙ୍କୁ ! ଏକବାରେ ଠିକ୍ ! ଓଃ, କିଛି ବଦଳାନ୍ତୁ ନାହିଁ...... ଆପଣଙ୍କୁ ଅଶେଷ ଧନ୍ୟବାଦ ...... ଆପଣ କି ଚମତ୍କାର ଆଙ୍କି ପାରନ୍ତି ...... ଅଦ୍ଭୁତ, ଅପୂର୍ବ ଅବିକଳ...!'

ପଲ୍ୟୁଆନି ଆସନରୁ ଉଠି ପଡ଼ି, କହିଲା, 'କେବଳ ଟିକିଏ ଅଭ୍ୟାସହିଁ ଦରକାର ।' ସେ ମଡେଷ୍ଟ ବିନୟ ସହକାରେ କହିଲା, କିନ୍ତୁ ଭ୍ଲାଦିମ୍ରେଶ୍ୱରର ଅକପଟ ପ୍ରଶଂସାରେ ସେ ଯେ ଆନନ୍ଦ ଲାଭ କରୁଥିଲା ଏହା ପରିଷ୍କାର ଭାବରେ ପ୍ରକାଶ ପାଉଥିଲା । ...... 'ତା ଛଡ଼ା—ଆପଣ ଦେଖନ୍ତୁ, ଝିଅଟି ସରିନଙ୍କୁ ମୁଁ ଭଲ ଭାବରେ ମନେ ରଖିଛି ।'

ସିନୋରିନା କନ୍ସାଲ୍‌ଭି ତେବେ ବି ଛବିଟା ଅଡ଼କୁ ଅନାଇ ଥିଲା, ଯେମିତିକି ଯେତେ ଦେଖିଲେ ବି ତା'ର ଆଶା ଆଦୌ ମେଣ୍ଟୁ ନ ଥିଲା ।

'ଟିଭୂକି ...... ହଁ ...... ଆପଣ ଠିକ୍ ଭଣିଛନ୍ତି, ଏକବାରେ ଠିକ୍ ...... ଓଃ ! ହଜାରେ ଥର ଆପଣଙ୍କୁ ଧନ୍ୟବାଦ ।'

ସେହି ସମୟରେ, ସରିନାଙ୍କର ଯେଉଁ ଫଟୋ ମଡେଲ ରୂପେ ବ୍ୟବହୃତ ହୋଇଥିଲା ଇଜେଲରୁ ଖସି ପଡ଼ିଲା ଏବଂ ସିନୋରିନା ସେତେବେଳେ ପଲ୍ୟୁଆନିର ଛବିଟି ପାଇଁ ଏତେ ପ୍ରଶଂସାମୁଖର ହୋଇ ଉଠିଥିଲା ଯେ ତାକୁ ପୁଣି ଉଠାଇ ଆଣିବା ପାଇଁ ତାର ମନ ବଳିଲା ନାହିଁ ।

ସେଇଟି ଭୂଇଁରେ ତାହା ପଡ଼ି ରହିଲା, ସେହି ମ୍ଳାନ ଛବିଟି— ଅତି ବିଷଣ୍ଣ ଦେଖା ଯାଉଥିଲା, ଯେମିତିକି ସେ ବୁଝି ପାରୁଥିଲା ଯେ ସେ ଆଉ କେବେ ହେଲେ ଉଠାଯିବ ନାହିଁ ।

ଯାହା ହେଉ, ପଲ୍ୟୁଆନି ନଇଁପଡ଼ି ତାହା ଉଠାଇ ନେଲା ଏବଂ ନମ୍ର ଭାବରେ ତାକୁ ଦେଖାଇଲା ।

ସିନୋରିନା କହିଲା, 'ଆପଣଙ୍କୁ ଧନ୍ୟବାଦ, କିନ୍ତୁ ବର୍ତ୍ତମାନ ମୁଁ ଆପଣଙ୍କ ଛବିଟିର ସଦ୍‌ବ୍ୟବହାର କରିବି । ତେଣୁ ଦେଖନ୍ତୁ, ସେହି କଦର୍ଯ୍ୟ ଫଟୋ ଆଡ଼କୁ ଆଉ ଅନାଇବାକୁ ମୁଁ ଚାହୁଁନାହିଁ ।'

ସେତିକିବେଳେ ସେ ଆଖି ଟେକି ଅନାଇଲା ଏବଂ ପଲକମାତ୍ରେ ତାର ମନେ ହେଲା ଯେ ଘରଟି ଆଗ ଅପେକ୍ଷା ଉଜ୍ଜ୍ୱଳ ହୋଇ

ଯାଇଛନ୍ତି । ଲମ୍ବା ଫରାସୀ ଝରକା ଭିତର ଦେଇ ସୁନ୍ଦର ଭିଲ୍ଲା ଓ ଉଦ୍ୟାନର ଅପୂର୍ବ ଦୃଶ୍ୟ ଦେଖି, ସେ ତୃପ୍ତିର ଗଭୀର ନିଶ୍ୱାସ ଗ୍ରହଣ କଲା । ଏତେ ଦିନ ହେଲା ତାର ହୃଦୟ ଶୋକରେ ଭାରାକ୍ରାନ୍ତ ଥିଲା । ସେହି ରମଣୀୟ ଦିବସର ଆନନ୍ଦୋଜ୍ଜ୍ୱଳ ଆଲୋକ ତା ହୃଦୟର ଗଭୀରତମ ପ୍ରଦେଶରେ ପ୍ରବେଶ କଲା । ତାକୁ ଜଣା ପଡ଼ିଲା, ଯେମିତିକି ସେହି ପ୍ରଶଂସା ସୂଚକ ସାମାନ୍ୟ ଅଭିବ୍ୟକ୍ତି ତାର ସନ୍ତାପ ସବୁ ଅତ୍ୟାଚାର ଦୂରକରି ଦେଇଛନ୍ତି ଏବଂ ମୁକ୍ତିର ନିଶାରେ ତାକୁ ମାତାଲ କରି ପକାଇଛନ୍ତି ।

ଏହା ମୁହୂର୍ତ୍ତକ ମାତ୍ର ରହିଲା । ତା ଭିତରେ ଘଣ୍ଟା ଘଟିଗଲା ସିନୋରିନା କନ୍‌ସାଲ୍‌ଭି ତାହା କୌଣସିମତେ ନିଜେ ବୁଝି ପାରିଲା ନାହିଁ । ସହସା ତା ମନରେ ଧାରଣା ଜନ୍ମିଲା ଯେ ସେହି ସବୁ ନୂତନ ବସ୍ତୁ ଭିତରେ ସେ ନିଜେ ବି ନୂତନତ୍ୱ ଧାରଣ କରିଛନ୍ତି— ନୂତନ ଓ ମୁକ୍ତ, କେତେ ମୁହୂର୍ତ୍ତ ଆଗରୁ ଯେଉଁ ଦୁଃସ୍ୱପ୍ନ ତାର ଶ୍ୱାସରୋଧ କରୁଥିଲା ତାହା ଠାରୁ ବି । ଖୋଲା ଝରକା ଭିତର ଦେଇ ଜୀବନର କେତୋଟି ନିଶ୍ୱାସ ଦ୍ରୁତ ଗତିରେ ପ୍ରବେଶ କରି, ତା ହୃଦୟରେ ଭୟଙ୍କର ଓଲଟ ପାଲଟ ସୃଷ୍ଟି କରିଛନ୍ତି । ସମ୍ଭବତଃ ଜଣା ଯାଉଥିଲା, ଯେପରିକି କେବଳ ଭିତରେ ନୁହେଁ, ବାହାରେ ମଧ୍ୟ, ଗୃହଅଭ୍ୟନ୍ତର ଯେଉଁସବୁ ପଦାର୍ଥକୁ ସେ ପ୍ରାଣହୀନ ବୋଲି ଏତେ ଦିନ ଯାଏ ଜାଣି ଆସିଥିଲା, ସେହି ସବୁକୁ ସେ ଏତେ ଠିକିଏ ବି ସ୍ଥାନାନ୍ତର କରି ନାହିଁ, ତାର ମୃତ୍ୟୁ-ସ୍ୱପ୍ନର ସନ୍ଦର୍ଭରେ ତାକୁ ସାହାଯ୍ୟ କରିବ ବୋଲି ସେହି ସବୁ ବି ଯେମିତି ପ୍ରାଣ ଲାଭ କରି ବଞ୍ଚି ଉଠିଛନ୍ତି ।

ଅତି ବିଚକ୍ଷଣ ଭାସ୍କର ଓ ତା ମାଆ ଭିତରେ ହେଉଥିବା କଥାବାର୍ତ୍ତା ପ୍ରତି ସେ କାନ ଦେଲା, ଏବଂ ସେହି ଚରିତ୍ରର ଓ ତାର ରୁଚିଯୁକ୍ତ ଦୃଶ୍ୟର ପ୍ରଶଂସା ଶିଳ୍ପୀର ମୁହଁରୁ ଶ୍ରବଣ କଲା— କି ସୁମଧୁର କଣ୍ଠସ୍ୱର ତାର ! ମାଆ ପ୍ରସ୍ତାବ କଲେ ଯେ ସେ ଅନ୍ୟ କୋଠରୀଗୁଡ଼ିକ

ଭୁଲି ଦେଇଚି ଏବଂ ଅଦ୍ଭୁତ ଉଦ୍‌ବେଗପୂର୍ଣ୍ଣ ଅବସ୍ଥାରେ ହିଁ ଅଛି ସ ତାଙ୍କ ପଛେ ପଛେ ବୁଲିବାକୁ ଲାଗିଲା । ତାକୁ ପୁଣି ଜୀବନ୍ତ କରିବା ପାଇଁ ସେହି ତରୁଣ ବ୍ୟକ୍ତି, ସମ୍ପୂର୍ଣ୍ଣ ଅଜଣା ହୋଇ ସୁଦ୍ଧା, କଣ ତାର ମୃତ ସ୍ୱପ୍ନରେ ପ୍ରବେଶ କରିଛି ?

ଏହି ନୂଆ ଧାରଣାଟି ଏପରି ପ୍ରବଳ ହୋଇ ପଡ଼ିଲା ଯେ ସେମାନେ ଯେତେବେଳେ ଶୋଇବା-ଘର ନିକଟରେ ପହଞ୍ଚିଲେ, ସେ କୌଣସି ମତେ ସେହି ଦୁଆର-ବନ୍ଧ ଡେପି ପାରିଲା ନାହିଁ । ସେ ଲକ୍ଷ୍ୟ କଲା, ତା ମାଆ ଓ ତରୁଣ ବ୍ୟକ୍ତି ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଦୃଷ୍ଟି ବିନିମୟ ହେଲା ଆଉ, ଅଧିକ ସମୟ ନିଜକୁ ସମ୍ଭାଳି ନ ପାରି, ସେ ଖୁବ୍ କାନ୍ଦି ପକାଇଲା ।

ଯେଉଁ ଶୋକରେ ସେ ଏତେ ଦିନ ବହୁ ବାର ଭାଙ୍ଗି ପଡ଼ୁଥିଲା, ସେଥିରେହିଁ ତା ଚକ୍ଷୁରୁ ଅବିରଳ ଲୋତକ ଝରି ପଡ଼ିଲା । କିନ୍ତୁ କୌଣସି ଅସ୍ପଷ୍ଟ ଉପାୟରେ ସେ ବୁଝି ପାରିଲା ଯେ ଏହି ଥର ତା କ୍ରନ୍ଦନରେ ପ୍ରଭେଦ ଦେଖା ଦେଇଛି, ପୂର୍ବ ପରି ତାର କ୍ରନ୍ଦନର ସ୍ୱର ତା ଭିତରେ ଦୁଃଖର ପ୍ରତିଧ୍ୱନି ଉଠାଇ ନାହିଁ, ଯେଉଁସବୁ ମୂର୍ତ୍ତି ସଦାବେଳେ କ୍ରନ୍ଦନ ସମୟରେ ତା ଆଖି ଆଗରେ ଭାସିଯାଏ ଆଜି ଆଉ ତାର ଦେଖା ମିଳିଲା ନାହିଁ । ଏହା ସେ ଅତି ସ୍ପଷ୍ଟ ଭାବରେ ବୁଝି ପାରିଲା, ଯେତେବେଳେ ତାର ମାଆ ଦ୍ରୁତ ତା ପାଖକୁ ଆସି ଅଜପରି ସେହି ଏକ କଥାରେ ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲା ଏବଂ ମନରେ ଦମ୍ଭ ବାନ୍ଧିବାକୁ ଉପଦେଶ ଦେଲା । ସେ ଏହିଭଳି ସାନ୍ତ୍ୱନା ସମ୍ଭାଳି ପାରିଲା ନାହିଁ, କିନ୍ତୁ ଖୁବ୍ ଚେଷ୍ଟା କରି ତାର କ୍ରନ୍ଦନର ବେଗ ରୋଧ କରି ଦେଲା । ତରୁଣ ବ୍ୟକ୍ତି ଯେତେବେଳେ ତାକୁ ତାର ଶୋକ ଠାରୁ ବିଚ୍ଛିନ୍ନ କରିବା ପାଇଁ ଲୁକ୍ସମ୍ବର୍ଗ ଉପରେ ଥିବା ତାର ଚିତ୍ରର (ଛବି) ଅଲବାମ୍‌ଟା ତାକୁ ଦେଖାଇବାକୁ ଅନୁରୋଧ କଲା, ସେ ତା ପ୍ରତି କୃତଜ୍ଞତା ଜ୍ଞାପନ କଲା ।

ସେ ତା ଛବିଗୁଡ଼ିକର ପରିମିତ ଓ ନୈସ୍ତିକ ପ୍ରଶଂସା କଲା, କେତେ ପରାମର୍ଶ ଦେଲା ଏବଂ ଭୁଲଗୁଡ଼ିକ ଦେଖାଇ ଦେଲା । ସେ ପ୍ରଶ୍ନ ପଚାରିବାରୁ କୁଲ୍‌ମ୍ୟେଭା ବୁଝାଇବାକୁ ଲାଗିଲା ଏବଂ ତେଣୁ ଏକ ଆଲୋଚନା ଚାଲିଲା । ଶେଷରେ କୁଲ୍‌ଟମ୍ୟୁଣ୍ଟର ଅସାଧାରଣ କ୍ଷମତା ବିଷୟ ଉଲ୍ଲେଖ କରି, ସେ ତାକୁ ଭଲ ଭାବରେ ଛବି ଅଙ୍କନ ଶିଖିବାକୁ ପରାମର୍ଶ ଦେଲା । ଏହା ଅବହେଳା କଲେ ପାପ ହେବ, ପ୍ରକୃତ ପାପ ! ସେ କଣ କେବେ ରଙ୍ଗରେ ଛବି ଅଙ୍କିବାକୁ ଚେଷ୍ଟା କରିଛି ? କରି ନାହିଁ ? ସତରେ ! କାହିଁକି ନୁହେଁ ? ସେଭଳି କଣ୍ଢିବାରେ ଯାହାର ଏମିତି ସୁନ୍ଦର ହାତ ଏବଂ ଯେ ଏଥିପାଇଁ ଏତେ ଉତ୍ସାହ ଦେଖାଇଛି, ତା ପକ୍ଷରେ ଏହା ଆଦୌ କଷ୍ଟକର ହେବ ନାହିଁ ।

କନ୍‌ଷ୍ଟାନ୍‌ଟିନୋ ପଲ୍ୟୁାନ ତାକୁ ଚିତ୍ରବିଦ୍ୟା ଶିକ୍ଷା ଦେବାକୁ ପ୍ରସ୍ତାବ କଲା । ସିନୋରିନା କନ୍‌ସାଲଭି ତାହା ଗ୍ରହଣ କଲା । ସ୍ଥିର ହେଲା ଯେ କାଲି ଠାରୁ ପାଠ ଆରମ୍ଭ ହେବ—ସେଠାରେ, ନୂଆ ଘରେ, ଯାହା ଅନନ୍ତପୁଣ୍ଟ ଆଶାରେ ସେମାନଙ୍କ ପ୍ରତୀକ୍ଷା ପାଇଁ ଭରି ରହିଥିଲା ।

ପ୍ରାୟ ଦୁଇ ମାସ ପରେ ପଲ୍ୟୁାନର ଷ୍ଟୁଡ଼ିଓରେ ସୋଫା ଉପରେ ସିଗ୍ରେ କଲ୍ଲି ଗଡ଼ପଡ଼ ହେଉଥିଲା । ତା ଭିତରେ ଗୋଟିଏ ପ୍ରକାଣ୍ଡ ସମାଧି-ସ୍ତମ୍ଭ ଉପସ୍ତମ୍ଭ ଚିତ୍ରିତ ହୋଇ ପଡ଼ିଥିଲା—କାର୍ଯ୍ୟଟି ଏବେ ଆରମ୍ଭ ହୋଇଛି । ସେ ଖଣ୍ଡିଏ ସୁନ୍ଦରୀ ସୁତା ବୁଣାଳିକୁ ଗୋଡ଼ ଭିତରେ ପିନ୍ ମାରି ଦେଇ ପିନ୍ଧିଛି । ପାଉଁସ ଝାଣ୍ଟୁ ଝାଣ୍ଟୁ ସେ ତା ସାମନାରେ କଳା କାଠ ଟୁଲ୍ ଉପରେ ସିଧା ଠିଆ ହୋଇଥିବା

ଗୋଟିଏ କଙ୍କାଳ ସହିତ ଅଦ୍ଭୁତ କଥାବାର୍ତ୍ତା କରୁଥିଲା । ଜଣେ ଡାକ୍ତର ବନ୍ଧୁଙ୍କ ନିକଟରୁ ମଡ଼େଲ କରିବ ପାଇଁ ସେ ଏହାକୁ ମାଗି ଆଣିଛି ।

ଖପୁରୀ ଉପରେ ଟିକିଏ ବଙ୍କାଇ ସେ ଗୋଟିଏ କାଲେଜର ଟୋପୀ ମାରି ଦେଇଛି, ଏବଂ ତାଙ୍କୁ ଲାଗି ଜଣେ ସାଧାରଣ ସୈନ୍ୟ ପରି ଦେଖା ଯାଉଛି—ସେ ସିଧା ଠିଆ ହୋଇ, ଲାନ୍ସର-କର୍ପୋରାଲ୍ ହିସେବ କଲ୍ଲି ଯାଇପ ଝାଣିବା ସମୟରେ ଯେଉଁ ଉପଦେଶ ତାଙ୍କୁ ଦେଉଛି, ତାହା ଶୁଣୁଥିଲା ।

'ଅଚ୍ଛା, କୁହ ତ ବୁଢା, ତୁମେ କାହିଁକି ଶିକାର କରିବାକୁ ଗଲ ? ଦେଖି ପାରୁଛ, ଏହା ଦ୍ୱାରା ତୁମେ କି ଜଘନ୍ୟ ଗୋଳମାଳରେ ପଡ଼ି ଯାଇଛ ? ସେଇଥିପାଇଁ ତୁମେ ଆଜି ଏକ କଦାକାର ଭୂତ ହୋଇ ଯାଇଛ……କାଠି ପରି ଗୋଡ଼……ତୁମର ଏପରି ଦେହଟା ଗୋଟାଏ ହାଡ଼ ମାତ୍ର । ରହିମନ୍— ତୁମକୁ ପଚାରୁଛି— ତୁମେ କଣ ଭାବୁଛ ଯେ ତୁମର ଏହି ଅଭ୍ୟାସର କେବେ ଶେଷ ହୋଇ ପାରିବ ? ଦେଖ, ବନ୍ଧୁ, ଜୀବନ ଠିଆ ହୋଇଛି, ଦେଖ; ଦେଖ, କିପରି ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ ବାଳିକାଟିଏ ମୁଁ ଗଢ଼ିଛି । ତୁମେ କଣ ପ୍ରକୃତରେ ନିଜେ ଜବାନ୍ଦୁତ ମନେ କରୁଛ ଯେ ସେ ତୁମକୁ ବନ୍ଧୁ ହେବାକୁ ରାଜି ଅଛି ? ମଧୁର ଓ ଲଜ୍ଜିତ ଭଙ୍ଗୀରେ, ସେ ତୁମକୁ ଲାଗି ଠିଆ ହୋଇଛି । ସେ ବାଲ୍ତ ବୋଲ୍ତ ଲୋତକ ଢାଳିଛି' କିନ୍ତୁ ବିବାହ-ମୁଦ କଥା ଅବେର କୁହ ନା—ତାହା ଆଉ ହେବ ନାହିଁ ! ତୁମେ ଏହି ଧାରଣା ମନ ଭିତରୁ ଦୂର କରିଦିଅ…… ତା ପଛରେ ଟଙ୍କା ଖର୍ଚ୍ଚ କରି ଦେଖ ନାହିଁ, ବୁଝ—ତା ପଛରେ ତୁମର ସବୁ ଉଡ଼ାଇ ଦେବ ନାହିଁ ? ଭଣ୍ଡ ! ତୁମେ ତାକୁ ତୁମର ଥଳି ଓ ଟ ଭିତରେ ଥିବା ଟଙ୍କା ସବୁ ଦେଇ ପାରିବ ? ତାହାହେଲେ ମୁଁ ତୁ

ପାଇଁ ଏଷଣି କଣ କରିପାରେ ବୋଲି ତୁମେ ଆଶା କରୁଛ ? ତୁମେ ଙ୍କ ବିଷୟରେ ପଚାରୁଛ ମୋତେ କହ ତୁମର କିଛି ଲାଭ ନାହିଁ । ମୁଁ ଜାଣି ନି, କଣ ଘଟିବ । ଏହା ଗୋଟିଏ ଖାପିଷ୍ଟ ପୃଥିବୀ ଏବଂ ଏଠାରେ କେହି ନାହାନ୍ତି ଯାହାକୁ ତୁମେ ବିଶ୍ୱାସ କରି ପାରିବ··· ବର୍ତ୍ତମାନ କଣ ଘଟିଛି ତୁମେ ନିଶ୍ଚୟ ଜାଣିଥିବ, ତୁମେ ଜାଣି ନାହିଁ ? ସେ ଛବି ଅଙ୍କନ ଶିଖିବା ଆରମ୍ଭ କରିଛି—ଜୀବନ—ଆଉ ତାର ଶିଷ୍ୟଙ୍କୁ କିଏ ବୋଲି ତୁମେ ଭାବୁଛ ? କନ୍‌ଷ୍ଟାନ୍‌ଟିନୋ ପଲ୍‌ସ୍ଥାନି ! ବର୍ତ୍ତମାନ ବୁଝ, ଏହା ଟିକିଏ ମୋଟା— ଏହା ଥଟ୍ଟାର ବାହାରେ । ମୁଁ ଯଦି ତୁମର ଅବସ୍ଥାରେ ଥାଆନ୍ତି ମୁଁ ତାକୁ ଦ୍ୱନ୍ଦ୍ୱ ଯୁଦ୍ଧକୁ ଡାକି ଦିଅନ୍ତି······ଆଜି ସକାଳେ କଣ ଘଟିଛି ତୁମେ ଜାଣନା ? ତୁମେ ତ ଜାଣ, ମୋ ଉପରେ କଡ଼ା ହୁକୁମ— ସେ ଚାହେଁ ନାହିଁ, ଜୀବନଙ୍କୁ ନଗ୍ନ ରୂପ ଦେବାକୁ ସେ ମୋତେ ବିଶେଷ ଭାବରେ ବାରଣ କରିଛନ୍ତି । ଅଚ୍ଛା, ସେ—ଗାମ୍ୟ ହେଲେ ସୁଦ୍ଧା—ଭାସ୍କର ତ, ଏବଂ ସେ ଭଲକରି ଜାଣେ ଯେ ପ୍ରଥମେ ନଗ୍ନ ମୂର୍ତ୍ତି ନ ଗଢ଼ିଲେ, ପରେ ତାକୁ ପୋଷାକ-ପତ୍ର ପିନ୍ଧାଇ ପାରିବ ନାହିଁ । ଏଷଣି ଟିକିଏ ମନ ଦେଇ ଶୁଣ କଣ ଘଟିଛି ! ମୁଁ ଜୀବନର ଯେଉଁ ଚମତ୍କାର ନଗ୍ନ ମୂର୍ତ୍ତିଟି ତିଆରି କରିଛି ତା ଉପରେ ସେହି ଦାଲକାଟିର ମୁଖ ବସାଇବାକୁ ସେ ଦେବ ନାହିଁ । ସେଥିପାଇଁ ସେ ଆସେ— ତୁମେ ତାକୁ ଦେଖି ନାହିଁ ?— ଏବଂ ଷ୍ଟାଣ୍ଡ ଉପରେ କୁନ୍ଦ ପଡ଼ କରଣୀର ଦୁଇଟା ଚୋଟରେ ମୋ ଦ୍ୱାରା ଅଙ୍କିତ ସମଗ୍ର ମୁଖ ମଣ୍ଡଳଟିକୁ ସେ ଲିଭାଇ ଦିଏ । ଜାଣ ବନ୍ଧୁ, ସେ କାହିଁକି ଏମିତି କଲା ? ମୁଁ ତାକୁ ଗୋଟି କରି କହିଲି, "ରହ, ରହ ! ଅଧ ମୁହୂର୍ତ୍ତକ ଭିତରେ ଯାଇ ମୁଁ ତାକୁ ପୋଷାକ ପିନ୍ଧାଇ ଦେଉଛି । ମୁଁ ତାକୁ ଠିକ୍ ଭାବରେ ପୋଷାକ ପିନ୍ଧାଇ ଦେବି ।" କିନ୍ତୁ କିଛି ଫଳ ହେଲା ନାହିଁ ! ସେମାନେ ବର୍ତ୍ତମାନ ଜୀବନଙ୍କୁ ନଗ୍ନ

ରୂପେ ଦେଖିବାକୁ ଋହାନ୍ତି······ଏହା ନଗ୍ନ ଜୀବନ ହେବ, ଜୀବନ ଯେତେ ନଗ୍ନ ଓ ଅପରିପକ୍ୱ ହେବାର କଥା ହେବ! ସେମାନେ ମୋର ପ୍ରଥମ ଛବି ପାଖକୁ ଫେରି ଆସିଛନ୍ତି ······ ଜୀବନର ଛବି ହେଉ ଗୋଟିଏ ରୂପକ, ଏବଂ ଏଥିରୁ ହିଁ ଅଠିର ମୂର୍ତ୍ତି କରିବା ପରିକଳ୍ପନା ସମ୍ପୂର୍ଣ୍ଣ ରୂପେ ପୋଛି ଦିଆ ହୋଇଛି ! ହେ ମୋର ପ୍ରିୟତମ ବନ୍ଧୁ, ବର୍ତ୍ତମାନ ତୁମେ ତାକୁ ଭଡ଼ି ଧରିବ, ଏବଂ ସେ ତୁମ ସହିତ କୌଣସି ସମ୍ପର୍କ ରଖିବାକୁ ମନା କରି ଦେବ !· ····ଆଃ! ତୁମେ ବର୍ତ୍ତମାନ ମୋତେ କୁହ ତ— ଏହି ପୃଥିବୀରେ ତୁମର ଶୀକାରକୁ ଯିବାର କି ଗରଜ ପଡିଥିଲା ?’

# ସେ

ପ୍ରଥମେ ଯେଉଁ ଦିନ ସେମାନଙ୍କର ବିଭାଘର ବିଷୟ ସ୍ଥିର ହେଲା, ସେହି ଦିନ ଠାରୁ ବାତୌଲିନୋ ତାର ଭାବୀ ସ୍ତ୍ରୀ କହୁଥିବାର ଶୁଣିଛି: 'ଜାଣ ନା, ମୋର ପ୍ରକୃତ ନାମ କିନ୍ତୁ ଲିନା ନୁହେ । ମୋର ଅସଲ ନାମ କାରୋଲିନା, କିନ୍ତୁ ସେ ମୋତେ ଲିନା ବୋଲି ଡାକନ୍ତି, ଆଉ ସେହି ଦିନରୁ ମୋ ନାମ ଲିନା ହୋଇ ଯାଇଛି । ଆହା—ଖୁବ୍ ଭଲ ମଣିଷ ଥିଲେ ସେ । ଏହି ଦେଖ ନା ତାଙ୍କର ଛବି—'

ଏହା କହି ଲିନା ଗୋଟିଏ ବଡ଼ ଫଟୋଗ୍ରାଫ ଆଡ଼କୁ ଆଙ୍ଗୁଳି ଦେଖାଇ ଦେଲା । ବା'ତୌଲିନୋ ଦେଖିଲା, ତାର ଭାବୀ ସ୍ତ୍ରୀର ପ୍ରଥମ ସ୍ୱାମୀ ସିନୋର କୋସିମୋ ତାଦେସ୍କୀ ତା ଆଡ଼କୁ ଚାହିଁ ମୃଦୁ ହସ ଛୋପି ଉଠାଉଛନ୍ତି ।

ପ୍ରାୟ ନିଜର ଅଜାଣତରେ, ବାତୌଲିନୋ ମୃତ ଭଦ୍ରଲୋକଙ୍କର ଅଭିବାଦନର ପ୍ରତ୍ୟୁତ୍ତର ସ୍ୱରୂପ ନିଜର ମଥାଟି ଅଧେ ତଳକୁ ନଇଁ ପକାଇଥିଲା ।

ତାଦେସ୍କୀ ଥିଲେ ଜଣେ ବିଖ୍ୟାତ ସ୍ଥପତି । ତାଙ୍କ ମୃତ୍ୟୁ ପରେ ତାଙ୍କ ଛବିଟି କାନ୍ଥରୁ ଖୋଲି ରଖିବା କଥା ତାଙ୍କ ବିଧବା ସ୍ତ୍ରୀ ଲିନା ସାରୁଞ୍ଜିର ଆଦୌ ମନେ ନ ଥିଲା । କାହିଁକି ବା ହେବ ?

ତାଙ୍କ ନିକଟରେ ଲିନାର କୃତଜ୍ଞତା ତ କମ୍ ନୁହେଁ । ତାର ମାନ ସମ୍ମାନ, ଘରଦ୍ୱାର, ସୁନ୍ଦର ସୁନ୍ଦର ଆସବାବପତ୍ର ସବୁ ତ ସେ ତାରି ପାଇଁ କରି ଯାଇଛନ୍ତି ।

ଭାବୀ ଦ୍ୱିତୀୟ ସ୍ୱାମୀର ଅପ୍ରତିଭ ଭାବ ତଳେ ମାନ ଲକ୍ଷ୍ୟ ନ କରି ଲିନା ଆହୁରି କହନ୍ତି, 'ମୁଁ ଅବଶ୍ୟ ନାମ ବଦଳାଇବାକୁ ଚାହେଁ ନା । କିନ୍ତୁ ସେ ଯାହା କହୁଥିଲେ, ତା ଉପରେ ମୁଁ ଆଉ ନାଁ କହି ପାରୁ ନ ଥିଲି । ତୁମେ ବି ମୋତେ ସେହି ନାମରେ ଡାକ, କେମିତିକା ? କିଛି ମନେ କରିବ ନାହିଁ ତ ?'

ବାର୍ତୋଲିନୋ ଟିକିଏ ରହିଯାଇ କହନ୍ତି, 'ନା···ସେ···ନା ···ସେଠା ତ ଠିକ୍ ଅଛି ।' କାନ୍ଥର ବଡ଼ ଛବିଟା ଉପରୁ ସେ ଯେମିତି ତା ଆଖି ଆଉ ଫେରାଇ ପାରି ନାହିଁ— ଭଦ୍ରଲୋକ ତାର ଆଡ଼କୁ ଅନାଇ ମୃଦୁକ ମୃଦୁକ ହସି ଠୋପି ଟେକି ଅଭିବାଦନ ଜଣାଉଛନ୍ତି ।

ଛଅ ମାସ ପରେ ଯେତେବେଳେ ଅନ୍ତରଙ୍ଗ ବନ୍ଧୁମାନେ ଲିନା ଓ ତାର ସ୍ୱାମୀକୁ ସେମାନଙ୍କର ମଧୁଚନ୍ଦ୍ରିମା ଯାତ୍ରା ଉପଲକ୍ଷରେ ଗାଡ଼ିରେ ଚଢ଼ାଇ ଦେବା ପାଇଁ ଷ୍ଟେସନକୁ ଆସିଲେ, ସେତେବେଳେ ଲିନାର ପ୍ରିୟ ସଖୀ ଅଣ୍ଟୋନିଏଟ୍ଟା ମୋଣ୍ଟି ତାର ସ୍ୱାମୀ ଅଡ଼କୁ ଅନାଇ ଗୋଟିଏ ଅଦମ୍ୟ ଦୀର୍ଘଶ୍ୱାସ ପକାଇ କହିଲା, 'ବିଚରା ବାର୍ତୋଲିନୋ—ଲିନା ପରି ସ୍ତ୍ରୀଅ ହାତରେ······।'

'କାହିଁକି ? ବିଚରା କାହିଁକି ?' ତାର ସ୍ୱାମୀ ପଚାରିଦେଲା । ଭଦ୍ରଲୋକଟିର ବସ୍ତୁତଃ ହୋଇଛି, କହିବାକୁ ଗଲେ ଲିନାର ଦ୍ୱିତୀୟ ବିବାହର ମଧ୍ୟସ୍ଥତା ସେହିଁ କରିଛନ୍ତି । ତେଣୁ ଏହି କଥାପରଭ କୌଣସି

ପ୍ରକାର ସମାଲୋଚନା ଶୁଣିଲେ ତାଙ୍କର ରାଗ ହୁଏ । 'କତସ ହେବାର କଣ ହୋଇଛି ? ବାର୍ତ୍ତୋଲନେ ତ ବୋକା ନୁହେଁ, କେମିଷ୍ଟ୍ରିରେ ତାର ଅସାଧାରଣ ଦଖଲ ।'

'ହଁ, କେମିଷ୍ଟ୍ରିରେ,' କହିଲ ଅଟୋନିଅସ୍ ।

'ଦେଖିବ ତୁମେ, ବାର୍ତ୍ତୋଲନେ ପୁରପୁର ଜଣେ ଆଦର୍ଶ ସ୍ୱାମୀ ହେବ । କେମିଷ୍ଟ୍ରି କଥା କା କଣ— ଯଦି ଟିକିଏ ପରିଶ୍ରମ କରି ସେ ତାର ସବୁ ବହି ଛପାଇ ବାହାର କରି ଦିଅନ୍ତା, ତାହାହେଲେ ଦେଶରେ ସେ ଜଣେ ଆଦର୍ଶ ଶିକ୍ଷକ ହୋଇ ପାରନ୍ତା । ତା ଛଡ଼ା ସେ ଏମିତି ମନ-ଖୋଲା ଭଲ ମଣିଷ—'

'ଠିକ୍ କହୁଛ, ନିତାନ୍ତ ମନ-ଖୋଲା ଭଲ ମଣିଷ ।' ଲୁଜାର ଏହି ଦ୍ୱିତୀୟ ମଧୁରପଣ କଥା ଶୁଣି ଅଟୋନିଅସ୍ ମନେ ମନେ ଟିକିଏ ନ ହସି ରହି ପାରିଲା ନାହିଁ । ପ୍ରଥମ ଥର ବି ଲୁଜା ସେମାନଙ୍କୁ ଯାଇଥିଲା— ଏଥର ବି ସେମାନଙ୍କୁ ଯାଉଛି । ପ୍ରଥମ ଥର ଥିଲା ଫୁର୍ତ୍ତିବାଜ, ଧୂର୍ତ୍ତ, ଉତ୍ସାହୀ (କେବେ କେବେ ବା ଟିକିଏ ବେଶୀ ଉତ୍ସାହୀ) ସିନୋର ଡାଡେସ୍ସୀ, ଆଉ ଏଥର ତା ସ୍ଥାନରେ ଏହି ଟେ.କା ବାର୍ତ୍ତୋଲନେ— ମୋଟା ଚଷ୍ମା, ଅଥଚ ଭେଦେଶ୍ୱର୍ ଓ ଅନ୍ଧଭାବରେ ଭିଲ୍ ମଣିଷ ।

ଗାଡ଼ି ଛାଡ଼ିବା ଆଗରୁ ବୁଢ଼ା ଆନସେଲମୋ ବୋହୂକୁ କହିଥିଲେ, 'ବାର୍ତ୍ତୋଲନେକୁ ଟିକିଏ ଦେଖା ଶୁଣା କରିବୁ··· ତାର ଟିକିଏ ଯତ୍ନ ନେବୁ ।'

ଲିନା ତାର ପ୍ରଥମ ମଧୁଶଯ୍ୟାରେ ଆଗରୁ ଥରେ ରୋମ ଆସିଥିଲା । ତେଣୁ ଏଦେଶ ଭ୍ରମଣର ସବୁ ରହସ୍ୟ ତାକୁ ଜଣା— ସେ ବାଟ ଘାଟ ବାଟୋଇ ଲିନାକୁ ପ୍ରାୟ ପିଲା ମଣିଷ ପରି ହାତ ଧରି ନେଇ ଆସିଲା । ଶେଷ ଅବଧି ଗାଡ଼ି ଯେତେବେଳେ ରୋମରେ ପହଞ୍ଚିଲା, ସେ ସ୍ୱାମୀକୁ କହିଲା, 'ତୁମେ କିଛି ଚିନ୍ତା କର ନାହିଁ— ମୁଁ ସବୁ ଠିକ୍ କରି ଦେଉଛି ।' ଯେଉଁ କୁଲିଟା ସେମାନଙ୍କର ଜିନିଷପତ୍ର ଉଠାଉଥିଲା ତା ଆଡ଼କୁ ଅନାଇ ସେ କହିଲା, 'ହୋଟେଲ ଭିକ୍ଟୋରିଆ ।'

ଷ୍ଟେସନ ବାହାରେ ହୋଟେଲ ଭିକ୍ଟୋରିଆର ବାସ୍ ଅପେକ୍ଷା କରିଥିଲା । ଡ୍ରାଇଭରକୁ ଚିହ୍ନି ପାରି ଲିନା ତା ଆଡ଼କୁ ଅନାଇ ଟିକିଏ ମଥା ହଲାଇଲା ।

'ଦେଖ, ସୁନ୍ଦର ହୋଟେଲଟିଏ । ରେଷ୍ଟ, ଙ୍ଗା:ଙ୍ଗ, ଗ୍ରୁକର ବାଜାରଗୁଡ଼ାକ ବି ହଟ୍‌ପଟ୍, ଏକବାରେ ସହରର ମଝିରେ, ଅଥଚ ଖରଚ ବି ଖୁବ୍ ବେଶୀ ନୁହେଁ । ···ଛଅ ବର୍ଷ ପୂର୍ବେ ତାଙ୍କ ସହିତ ମୋର ପ୍ରଥମ ମଧୁଶଯ୍ୟା ପାଇଁ ଆସି ଏହି ହୋଟେଲରେ ରହିଥିଲି । ······ଦେଖ, ତୁମକୁ ବି ଏଠା ଖୁବ୍ ଭଲ ଲାଗିବ ।'

ହୋଟେଲଟା ଲିନାକୁ ପ୍ରାୟ ଘର ପରି ଲାଗିଲା । ତାକୁ ଯେ କେହି ଚିହ୍ନି ପାରିଛନ୍ତି ତାର ଏମିତି ମନେ ହେଲା ନାହିଁ । କିନ୍ତୁ ସେ ସମସ୍ତଙ୍କୁ ଠିକ୍ ଭାବରେ ଚିହ୍ନି ପାରିଲା । ଏହି ତ ବୁଢ଼ା 'ପିଟ୍ରୋ', ଛଅ ବର୍ଷ ପୂର୍ବେ ଏହି ଲୋକଟି ତ ସେମାନଙ୍କୁ ଆଦର-ଯତ୍ନ କରିଥିଲା । ସେ ସେମାନଙ୍କୁ ଦୋତାଲାରେ ଏକ୍ ୧୨ ନମ୍ବର କୋଠରୀକୁ ନେଇଗଲା— ବେଶ୍ ବଡ଼ ଘରଟିଏ, ଭଲ ଭାବରେ ସଜା ହୋଇଥିଲା । କିନ୍ତୁ ଲିନାର ସେହି କୋଠରୀଟି ପସନ୍ଦ ହେଲା ନାହିଁ ।

'ପିଟ୍ରୋ, ୧୯ ନମ୍ବର କୋଠରୀ କଣ ଖାଲି ନାହିଁ?' ପିଟ୍ରୋ ଖବର ନେବାକୁ ବାହାରି ଗଲା । ସେହି ଅବସରରେ ଲିନାର ମନେ ପଡ଼ିଲା

ଯେ ଛଅ ବର୍ଷ ପୂର୍ବେ ତାର ବି ଠିକ୍ ଏହିପରି ଅବସ୍ଥା ହୋଇଥିଲା । ସେମାନଙ୍କ ପାଇଁ ସେମାନେ ହୋଟେଲରେ ଗୋଟିଏ କୋଠରୀ ଠିକ୍ କରି ରଖିଥିଲେ । କିନ୍ତୁ ସେ ଚାହିଁଥିଲେ, ହୋଟେଲରେ ଏନ୍ ୧୯ନମ୍ବର କୋଠରୀ ।

'ଶୁଣୁଛ, ସେଠାରେ ଆମେ ଭଲରେ ରହିପାରିବା । ଗୋଳମାଳ କମ୍, ପବନ ବେଶୀ । ସେହି ଏକା ଘର ...... ।'

ପିଟ୍ରୋ ପେରିଆସ୍ତି ଯେତେବେଳେ କହିଲା ଯେ ଏନ୍ ୧୯ ନମ୍ବର କୋଠରୀ ଖାଲି ଅଛି, ଲିନା ପିଲାଙ୍କ ପରି ହାତତାଳି ମାରି ହସି ହସି ଗଡ଼ିଗଲା । ଠିକ୍ ସେହି ଘରେହିଁ ସେ ପୁଣି ରହିବ, ସେହି ସବୁ ଆସବାବ ପତ୍ର, ସେହି ଭଳି ସୁସଜ୍ଜିତ, ଫୁଲଦାନୀ କତରେ ଠିକ୍ ସେଇଠି ଥିବ ! କି ମଜା !

କହିବା ବାହୁଲ୍ୟ, ବାର୍ତ୍ତୋଲିନୋ ତାର ଆନନ୍ଦରେ ଅଂଶ ଗ୍ରହଣ କରି ପାରିଲା ନାହିଁ ।

'କି, ଘରଟି କଣ ତୁମକୁ ଭଲ ଲାଗୁ ନାହିଁ ?' ଲିନା ପଚାରିଲା ।

ଉଦାସ ଭାବରେ ବାର୍ତ୍ତୋଲିନୋ ଜବାବ ଦେଲା, 'ମନ୍ଦ କଣ— ତୁମକୁ ଭଲ ଲାଗିଲେହିଁ ହେଲା ...... ।'

ତା ପରେ — ଲିନା ଯେତେବେଳେ ଲୁଗା ଖୋଲିବା ପାଇଁ ପରଦା ପଛକୁ ଗଲା — ସେ ଘରର ଖଟ ଆଡ଼କୁ ଅନାଇ ଭାବିବାକୁ ଲାଗିଲା ଯେ ଏହିଠାରେ, ଏହି ବିଛଣାରେ ତାର ସ୍ତ୍ରୀ ତାର ପ୍ରଥମ ବିବାହିତ ରଜନୀ ଯାପନ କରିଛି— ଯାପନ କରିଛି ତାର ପ୍ରଥମ ସ୍ୱାମୀ ସିନୋର ତାଦେଓଚ୍ଚୀଙ୍କ ସହିତ । ...... ଆଉ ଅନେକ ଦୂରରୁ, ତା ସ୍ତ୍ରୀର ଘରର କାନ୍ଥରେ ଟଙ୍ଗା ହୋଇଥିବା ଛବିଟି ଭିତରୁ, ସିନୋର ତାଦେଓଚ୍ଚୀଙ୍କ ମୂର୍ତ୍ତି ତା ଆଖି ଆଗରେ ଭାସିଗଲା— ମୁରୁକି ମୁରୁକି ହସି ତା ଆଡ଼କୁ ଅନାଇ ସେ ଚୋଖି ଦେଉଛନ୍ତି !

ମଧୁଶଯ୍ୟା ସମୟରେ ସେମାନେ ଯେ କେବଳ ସେହି ଏକା ବିଛଣାରେ ଶୋଇଥିଲେ ତାହା ନୁହେଁ, ସେହି ଏକା ରେସ୍ତୋରାଁରେ ଖାଇଥିଲେ, ସେହିସବୁ ଦୃଶ୍ୟ ବୁଲି ଦେଖିଥିଲେ, ସେହିସବୁ ଯାଦୁଘର, ସେହିସବୁ ଚିତ୍ରଶାଳା, ସେହିସବୁ ଗୀର୍ଜା, ଏପରିକି ସେହିସବୁ ଉଦ୍ୟାନ — ଯେଉଁଠାକୁ ଛଅ ବର୍ଷ ଆଗେ, ଲିନା ତାର 'ସେ'ଙ୍କ ସହିତ ଯାଇଥିଲା । ବାର୍ତ୍ତୋଲିନୋ ଭାରି ଲଜ୍ଜାଶୀଳ ମଣିଷଟିଏ—କୌଣସି ମତେ ସେ ମୁହଁ ଖୋଲି କହି ପାରିଲା ନାହିଁ ଯେ ସେହି ପ୍ରଥମ ସ୍ୱାମୀର ଉପଦେଶ, ଅଭିଜ୍ଞତା, ରୁଚି, ଇଚ୍ଛା-ଅନିଚ୍ଛା ପଦେ ପଦେ ଅନୁସରଣ କରି ଚାଲିବାକୁ ତାକୁ କେତେ ଖରାପ ଲାଗୁଛି । ଲିନା ବି ଲକ୍ଷ୍ୟ କଲା ନାହିଁ ଯେ ନିଜର ବ୍ୟବହାରରେ ତାର ତରୁଣ ସ୍ୱାମୀ ମନେ ମନେ କିପରି ମର୍ମାହତ । ଅଠର ବର୍ଷ ବୟସରେ ତାର ବିବାହ ହୋଇଥିଲା । ଯେତେବେଳେ ବହୁବାକୁ ଗଲେ ସେ ବାଳିକା ମାତ୍ର, କିଛି ବୁଝି ନାହିଁ, ଜାଣି ନାହିଁ, ସେହି ମଣିଷଟି ତାକୁ ଶିକ୍ଷା-ଦୀକ୍ଷା ଦେଇ ମଣିଷ କରିଛନ୍ତି । ସେ ତ ତାର ପ୍ରଥମ ସ୍ୱାମୀର ସୃଷ୍ଟି । ଯାହା କିଛି ତାର ଅଛି ସବୁ ତ ସେ ତାଙ୍କ ଠାରୁ ପାଇ ନାହିଁ — ଏପରିକି, ତାଙ୍କ ଠାରୁ ଭିନ୍ନ ଭାବରେ ଭାବିବା କିମ୍ବା ଅନୁଭବ କରିବାର ଶକ୍ତି ବି ତାର ଲୋପ ପାଇ ଯାଇଥିଲା ।

ସେ ଯେ ପୁଣି ବିବାହ କରିଛି, ତାହା ବି ତ ପ୍ରିଜୋର ତାଦେୟୁସ୍କିଙ୍କରହିଁ ଉପଦେଶ । ସେହିଁ ତାକୁ ଶିକ୍ଷା ଦେଇ ଯାଇଛନ୍ତି ଯେ ଅଶ୍ରୁଜଳରେ ଜୀବନର ଶୁଷ୍କତା ଯାଏ ନାହିଁ, ଜୀବିତ ନିମନ୍ତେ ଜୀବନ, ଆଉ ମୃତ ନିମନ୍ତେ ମୃତ୍ୟୁ । କେବଳ ଏହି କଥା ମନେ କରି ସେ ବାର୍ତ୍ତୋଲିନୋକୁ ସ୍ୱାମୀ ରୂପେ ଗ୍ରହଣ କରିଥିଲା— ଆଉ କୌଣସି

କାରଣ ହେତୁ ନୁହେଁ । ଯଦି ବାର୍ତ୍ତୋଲିନୋ ତାକୁ ଭଲ ପାଏ ତାହାହେଲେ ସେ ତାର ମତାମତ ମାନି ଚଳିବ— ଆଉ ତାର ଅର୍ଥ ହେଉଛି ସୁଜେନାର ଡାଡ଼େସ୍ପୀଙ୍କର ଇଚ୍ଛା-ଅନିଚ୍ଛା ଅନୁସରଣ କରିବା । ସେ ହିଁ କର୍ତ୍ତା, ସେ ହିଁ' ତାର ଜୀବନ-ରଥର ସାରଥୀ ।

କିନ୍ତୁ— ଯୌବନର ଅନ୍ଧ ଅନଭିଜ୍ଞତା ହେତୁ ବାର୍ତ୍ତୋଲିନୋ ଭାବିଲା—ଅତି ସାମାନ୍ୟ କିଛି ବି କଣ ଲିନା ତାକୁ ଦେଇ ପାରେନା— ଗୋଟିଏ ଚୁମ୍ବନ, ଟିକିଏ ଆଦର, ତା'ର ପ୍ରଥମ ସ୍ୱାମୀ ତାଙ୍କୁ ଯାହା ସବୁ ଶିଖାଇ ଯାଇଛନ୍ତି ତା ଠାରୁ ଯାହା ଭିନ୍ନ ? ଏପରି କିଛି, ଯାହା ସେହି ମୃତ ମନୁଷ୍ୟର କଣ୍ଠିଭିରୁ ଲିନାକୁ ସେତେବେଳ ପାଇଁ ମୁକ୍ତି ଦେଇ ପାରେ ? କିନ୍ତୁ କଥାଟି ଉଲ୍ଲେଖ କରିବାରେ ବି ତାର ଲଜ୍ଜା, ଆଉ ବିଦ୍ରୋହ କରିବା କଥା ତ ସେ ଭାବି ବି ପାରୁ ନାହିଁ ।

ମଟ୍ରଶରଫାରୁ ଫେରି ଆସି ସେମାନେ ଗୋଟିଏ ଅପ୍ରତ୍ୟାଶିତ ଦୁଃସମ୍ବାଦ ପାଇଲେ ।

ସିନୋର ମୋଣ୍ଟି— ଯେ ସେମାନଙ୍କ ବିବାହରେ ଘଟସୂତ୍ର ହୋଇଥିଲେ— ହଠାତ୍ ମରି ଯାଇଛନ୍ତି ।

ସେ ନିଜେ ଯେତେବେଳେ ବିଧବା ହୋଇଥିଲା ସେତେବେଳେ ଏହି ମୋଣ୍ଟିଙ୍କ ସ୍ତ୍ରୀ ଅଣ୍ଟୋନିଆ ତା' ଲାଗି ଯେ କଣ କରିଥିଲେ ତାହା କଣ ଲିନା ପାଶୋରି ପାରେ ? ସେ ବି ଦୌଡ଼ିଗଲା ସଖୀକୁ ସାନ୍ତ୍ୱନା ଦେବା ପାଇଁ, ସାହାଯ୍ୟ କରିବାକୁ । କିନ୍ତୁ ସେ ବୁଝି ପାରିଲା ନାହିଁ ଯେ ସ୍ୱାମୀଙ୍କ ମୃତ୍ୟୁର ଦଶ ଦିନ ପରେ ବି ଅଣ୍ଟୋନିଆ କାହିଁକି ଏପରି ଶୋକାଭିଭୂତ ହୋଇ ରହିଛନ୍ତି ।

'ତାର କଣ ହୋଇଛି କୁହ ତ ?' ଫେରି ଆସି ସେ ନିଜର ସ୍ୱାମୀଙ୍କୁ ପଚାରିଲା ।

ସ୍ତ୍ରୀର ବୋଧଶକ୍ତିର ଅଭାବ ହେତୁ ବାର୍ତ୍ତୋଲିନୋ ଲଜ୍ଜାରେ ଲାଲ୍ ହୋଇଗଲା ।—'ମାନେ—ଯାହା କୁହ ନା, ତାର ସ୍ୱାମୀ ତ ମରି ଯାଇଛି ।'

'ତାର ସ୍ୱାମୀ ? ମରିଗଲେ ବା ହେଲା କଣ ? ବାପର ବୟସୀ ସ୍ୱାମୀ, ତାର ପୁଣି ......।'

'ତାହା ହେଲେ ବି, ସେଥିପାଇଁ କଣ ଦୁଃଖ ହେବ ନାହିଁ ?'

'ବାପର ବୟସୀ, କିନ୍ତୁ ବାପ ତ ନୁହେଁ ।' ଲିନା ଜୋର କରି କହିଲା ।

ଲିନାର କଥାହିଁ ଠିକ୍ । ଅର୍ତ୍ତେନସିଓ ଲକ୍ଷ୍ୟ କରିଥିଲା ଯେ ଲିନାର ମୁହଁରୁ ବାରମ୍ବାର ତାର ମୃତ ସ୍ୱାମୀଙ୍କ କଥା ଶୁଣି ଶୁଣି ବାର୍ତ୍ତୋଲିନୋର ମନରେ ଘୃଣା ଜାତ ହୋଇଛି । ତେଣୁ ସେ ଦୁଃସହ ଦୁଃଖର ଭାବ ଧରି ତାର ମନ ଭୁଲାଇବାକୁ ଚେଷ୍ଟା କଲା । ତାର ଦୁଃଖ ବାର୍ତ୍ତୋଲିନୋକୁ ଏମିତି ଗଭୀର ଭାବରେ ବିଚଳିତ କଲା ଯେ ଏହି ପ୍ରଥମ ଥର, ପ୍ରାଣପଣେ ଲଜ୍ଜା ଦୂର କରି, ସେ ତାର ସ୍ତ୍ରୀ ନିକଟରେ ଅନୁରୋଧ କଲା ।

'ତୁମେ ...... ତୁମେ ବି କିଛି କାନ୍ଦ ନାହିଁ !'

ହୁଏତ ସେ ଆହୁରି କିଛି କହୁ ଥାଆନ୍ତା । କିନ୍ତୁ ଲିନା ତାକୁ ବାଧା ଦେଇ କହିଲା, 'ତା ସାଙ୍ଗରେ ମୋର ତୁଳନା ! ପ୍ରଥମ କଥା, ସେ ଥିଲେ ......'।

ସ୍ତ୍ରୀର ତୁଣ୍ଡରୁ କଥା କାଢ଼ି ନେଇ ବାର୍ତ୍ତୋଲିନୋ କହିଲା, 'ସେ ସେତେବେଳେ ବୁଢ଼ା ହୋଇ ନ ଥିଲେ—ଏହା ତ ?'

'ତା ଛଡ଼ା ...... ମୁଁ ବି କଣ କାନ୍ଦ ନାହିଁ ? ହଁ, ସତରେ କାନ୍ଦିଛି, କେତେ କାନ୍ଦିଛି ...... କିନ୍ତୁ ଶେଷ ପର୍ଯ୍ୟନ୍ତ ନିଜକୁ ମୁଁ ସମ୍ଭାଳି ନେଇଛି । କିନ୍ତୁ ଅର୍ତ୍ତେନସିଓ କଣ କରୁଛି ? କେବଳ

କାନ୍ଦୁଛନ୍ତି, କାନ୍ଦୁଛନ୍ତି, ଆଉ କାନ୍ଦୁଛନ୍ତି— ସେମିତିକି ସେ ଜୀବନ ସାରା ଖାଲି କାନ୍ଦିବ । ଜାଣେ, ଜାଣେ, ସେ ସବୁ ମିଛ କାନ୍ଦଣା !'

ମିଛ ! ଅସମ୍ଭବ ! କଥା । ଶୁଣି ବାର୍ତ୍ତୋଲିନୋର ତା ସ୍ତ୍ରୀ ଉପରେ ଯେତେ ରାଗ ନ ହେଲା, ତାହା ଠାରୁ ଅଧିକ ବେଶୀ ରାଗ ହେଲା ତା ସ୍ତ୍ରୀର ସେହି ମୃତ ସ୍ୱାମୀ, ସେହି ଫର୍ନୋର ତାଡେଫ୍ରୀଙ୍କ ଉପରେ । ଲୋକଟି ଏବେ ବି କାନ୍ଥ ଭିତରୁ ତା ଆଡ଼କୁ ଅନାଇ ମୁରୁକି ମୁରୁକି ହସ ଚାପି ଦେଇ ରହିଛି । ବର୍ତ୍ତମାନ ତା ସ୍ତ୍ରୀକୁ ନିଜ ଇଚ୍ଛାରେ, ନିଜ ମତ ମତରେ ବଶବର୍ତ୍ତୀ କରି ରଖିଛି !

ସେହି ଛବି ! ସେହି ଚିରନ୍ତନ ହସ ! ଆଉ ସହ୍ୟ କରି ହେଉ ନାହିଁ । ଯେଉଁଠାକୁ ସେ ଯାଉଛି, ଭୂତ ପରି ସେ ତା ପଛେ ପଛେ ଗୋଡ଼ାଉଛି । ଏଇ ତ, ତା ଆଖି ଆଗରେ, ହସି ହସି ଚାପି ଦେଇ ସେ ଯେମିତି କହୁଛି : 'ଏଥର ତୁମ ପାଳି— ଗୋଡ଼ ହାତ ଲମ୍ବାଇ ଟିକିଏ ଆରାମ କର । ଏଇ କୋଠରିଟି ଦିନେ ମୋର ଅଫିସ ଘର ଥିଲା, ବର୍ତ୍ତମାନ ତୁମର କେମିଷ୍ଟ୍ରି ପାଇଁ ଲ୍ୟାବରେଟୋରୀ ହୋଇଛି । ଜୀବିତ ପାଇଁ ଜୀବନ, ଆଉ ମୃତ ପାଇଁ ମୃତ୍ୟୁ । ସୁଖରେ ରୁହ, ଶାନ୍ତିରେ କାମ କର ।'

ହୁଏତ ସେ ଶୋଇବା-ଘରେ ଗୋଡ଼ ଦେଲା । ସେଠାରେ ବି ଫର୍ନୋର ତାଡେଫ୍ରୀର ମୂର୍ତ୍ତି ତା ମୁଖରେ କ୍ରୂର ହସଟି ନେଇ ଉପସ୍ଥିତ !

'ଆସ, ଆସ । ତା ପରେ, ଭଲ ତ ? ମୋର ସ୍ତ୍ରୀ ତୁମକୁ କେମିତି ଲାଗୁଛି ? କୁହ ତ, ମୁଁ ତାକୁ ସୁଶିକ୍ଷା ଦେଇଥିଲି କି ନା ! ଜୀବିତ ପାଇଁ ଜୀବନ, ଆଉ ମୃତ ପାଇଁ ମୃତ୍ୟୁ ।'

ନା, ଆଉ ସହ୍ୟ ହେଉ ନାହିଁ । ଘରର ପ୍ରତି କୋଣରେ ବି ସେହି ମଣିଷଟାର ସ୍ୱରୂପ ପୂରି ରହିଛି । ବାର୍ତ୍ତୋଲିନୋ, ଯେ ଏମିତି ନିର୍ବିବାଦୀ ମଣିଷ, ସେ କି ଅସ୍ଥିର ହୋଇ ପଡ଼ିଲା, ଛଟପଟ ହେବାକୁ ଲାଗିଲା । ସ୍ତ୍ରୀ ନିକଟରେ ତା ମନର ଭାବ ଲୁଚାଇବାର ଚେଷ୍ଟା ଆଉ ସଫଳ ହେଲା ନାହିଁ ।

ଶେଷକୁ ମନର ଭାବ ଲୁଚାଇବା ଚେଷ୍ଟା ସେ ଛାଡ଼ି ଦେଲା । ସେ ଚେଷ୍ଟା କଲା ଅଲଗା ହେବାକୁ, ଅନ୍ୟଭୁକ୍ତ ହେବାକୁ, ଯେଉଁଥିରେ ତା ସ୍ତ୍ରୀର ପୁରୁଣା ଅଭ୍ୟାସଗୁଡ଼ିକ ଧକ୍କା ଖାଇବ । କିନ୍ତୁ ଏଥିରେ ବି ସେ ସଫଳ ହେଲା ନାହିଁ ।

'ତୁମର ଚାଲି ଚଳନ ଠିକ ତାଙ୍କରି ପରି ହୋଇ ଯାଉଛି.' ଈର୍ଷାଭରା ଶାସନର ସ୍ୱରରେ ଲିନା କହିଲା । 'ସେ ବି ଖୁବ୍ ହେଙ୍କିସାବୀ ଥିଲେ—ଆମ୍ଭା ଭଲ ମଣିଷଟିଏ ହିଁ ଠଗ !'

ବାର୍ଥୋଲିନୋ ଶୀଘ୍ର ବୁଝି ପାରିଲା ଯେ ତାର ଖାପଛଡ଼ା ବ୍ୟବହାର ଲିନା ମନେ ମନେ ଉପଭୋଗ କରୁଛି । ତାର ଏହି ସବୁ କାରସାଦ ଲିନାକୁ ଅବିକଳ ସେହି ମଣିଷଟିର କଥା ମନେ ପକାଇ ଦେଉଛି, ଯାହାକୁ ସେ ସ୍ତ୍ରୀର ମନରୁ ପୋଛି ଦେବାକୁ ଚାହେଁ ।

ଅବଶେଷରେ ଗୋଟାଏ ବଦମାସି ଫନ୍ଦ ତା ମନକୁ ଆସିଲା ।

ପ୍ରକୃତରେ କହିଲେ, ସ୍ତ୍ରୀ ସହିତ ପ୍ରବଞ୍ଚନା କରିବା ଇଚ୍ଛା ତାର ସେତେଟା ନ ଥିଲା, ଯେତେଟା ଥିଲା ପ୍ରତିହିଂସାର ଉତ୍ତେଜନା । ସେହି ମଣିଷଟା ଉପରେହିଁ ତାର ଆକ୍ରୋଶ, ଯେଉଁ ମଣିଷ ତା ଆଗରୁ ତା ସ୍ତ୍ରୀକୁ ଦଖଲ କରିଥିଲା, ଏବଂ ମରିଗଲେ ସୁଦ୍ଧା ସେହି ଦଖଲ ଛାଡ଼ି ନାହିଁ । ତାର ଅଜ୍ଞାନ ଅନଭିଜ୍ଞ ମନରେ ଧାରଣା ହେଲା ଯେ ଏହି ଦୁଷ୍ଟାମିର ଫନ୍ଦ ଏକବାରେ ତା ନିଜର ସୃଷ୍ଟି । ସେ ଭାବି ପାରିଲା ନାହିଁ ଯେ ଏହି ଦୁର୍ବୁଦ୍ଧି ଅଟୈଭିନସିସ୍ତାହିଁ ତାର ଅବଚେତନ ମନରେ ଟିକିଏ ଟିକିଏ ଭରି ପଶାଇ ଥିଲା । ଯେତେବେଳେ ସେ ସଜାଗ ହୋଇ ନ ଥିଲା, ସେତେବେଳେ ତାକୁ ତା ପଢ଼ାପଢ଼ିରୁ ଚ୍ୟୁତ କରିବା ଲାଗି ଅଟୈଭିନସିସ୍ତା ହେର୍ ଚେଷ୍ଟା କରୁଛି, ମାତ୍ର ବ୍ୟର୍ଥ ହୋଇଛି ।

କୁଚନୀ ଅଟେଭିନସିସ୍ତା ଏଥର ଶୃଙ୍ଖଳ ଉପରେ ଶୃଙ୍ଖଳ ପକାଇଲା । ବନେଇ ଚୁନେଇ ସେ ବାର୍ଥୋଲିନୋକୁ ବୁଝାଇଲା ଯେ

ଲିନା ଭଳି ପ୍ରିୟ ସଖୀ ପ୍ରତି ପ୍ରବଞ୍ଚନା କରିବା ଦୁଃଖରେ ତାର ଛାତି ଫାଟି ଯାଉଛି, କିନ୍ତୁ ବାର୍ଥୋଲମିଓକୁ ଢେର ଆଗରୁ ସେ ଭଲ ପାଇ ଆସିଛି । ଲିନା ସେତେବେଳେ ତାକୁ ଆଖିରେ ବି ଦେଖି ନ ଥିଲା । ସେହି ଭଲ ପାଇବା ନିୟତି ପରି ଅନତିକ୍ରମ୍ୟ ।

ଏହା ପରେ ଯାହା ଘଟିଲା, ଯେଉଁଥିରେ ଯେ ନିୟତିର ହାତ କେତେ ଦୂର ଥାଇପାରେ, ବାର୍ଥୋଲିମିଓ କିନ୍ତୁ ତାହା ଭାବି ପାରିଲା ନାହିଁ । ବିଚରା ଭଲ ମଣିଷ ! ତାର ଗୂଢ଼ ଅଭିସନ୍ଧି ଯେ ଏତେ ସହଜରେ ସମ୍ପନ୍ନ ହେଲା, ସେଥିରେ ସେ ଟିକିଏ ହତାଶ ହୋଇ ପଡ଼ିଲା । ମନେ ହେଲା ସେ ଯେମିତି ଠକି ଯାଇଛି । ତାର ପୁରୁଣା ବନ୍ଧୁ ମୋତ୍ସଙ୍କ ଶୋଇବା-ଘରେ ସେ ଯେତେବେଳେ ଏକାକୀ ବସିଥିଲା, ଟିକିଏ ପରେ ଅନୁଶୋଚନାରେ ତାର ମନଟା ଭରିଗଲା । ହଠାତ୍ ତାର ଆଖିରେ ପଡ଼ିଲା ଯେ ବିଛଣା କଡ଼ରେ ଭୂଇଁ ଉପରେ ଗୋଟାଏ କଣ ଚକଚକିଆ ଜିନିଷ ପଡ଼ିଛି । ଗୋଟାଏ ଛୋଟ ସୁନା ଲକେଟ୍, ନିଶ୍ଚୟ ଅର୍ତେନସିୟାର ହେବଟି । ସେ ତାହା ଉଠାଇ ନେଇ ଅର୍ତେନସିୟାକୁ ଅପେକ୍ଷା କରିବାକୁ ଲାଗିଲା । ଏପାଖ ସେପାଖ କରୁଁ କରୁଁ ତାର ଉତ୍ତେଜିତ ଆଙ୍ଗୁଳି ସ୍ପର୍ଶରେ ହଠାତ୍ ଲକେଟ୍‌ର ମୁହଁଟା ଖୋଲିଗଲା ।

ନିଜ ଆଖିକୁ ସେ ବିଶ୍ୱାସ କରି ପାରିଲା ନାହିଁ ।

ଲକେଟ ଭିତରେ ଗୋଟିଏ ଛବି ଖୁବ୍ ଛୋଟ ଆକାରରେ ଖୋଳା ଯାଇଛି; ସିନୋର କୋସିମୋ ଭାଦେସ୍ତୀର ସେହି ଛବିଟି, ସେ ମୃଦୁ ହସି ତା ଆଡ଼କୁ ଅନାଇ ତାର ଟୋପିଟା ଟେକି ଧରିଛି ।

# ମାଛି

ଦୁଇ ଜଣ ଯୁବକ ଗାଆଁ ତଳେ ଥିବା ତୀଖ ଭଳି ଗଣ୍ଡ-ପଥର ପାହାଡ଼ ଉପରକୁ ଚଢୁଥିଲେ। ସେମାନେ ଗୋଡ଼ ଓ ହାତ ଉଭୟ ବ୍ୟବହାର କରୁଥିଲେ, କାରଣ ସେମାନଙ୍କର ଲମ୍ବା-କଣ୍ଟା-ଲଗା ବୁଟ୍ ଗୋଡ଼ାଗୁଡ଼ାକ ଖସି ଯାଉଥିଲା। ଖୁବ୍ ଶୀଘ୍ର ଶୀଘ୍ର ଚଢୁଥିଲେ ବୋଲି ସେମାନଙ୍କର ଦମ୍ ପ୍ରାୟ ବନ୍ଦ ହୋଇ ଆସୁଥିଲା। ତେଣୁ ଧକାଉଥିବା ସମୟରେ ସେମାନେ ଖସଡ଼ା ରାସ୍ତାଟାକୁ ଗାଳି ନ ଦେଇ ରହି ପାରୁ ନ ଥିଲେ। ଗାଆଁର ପ୍ରବେଶ-ପଥର ଅଗରେ ଗୋଟିଏ କୂଅ। ତା ଚାରି ପଟେ ଦଳେ ସ୍ତ୍ରୀଲୋକ ଗପ କରୁଥିଲେ। ପାହାଡ଼ ତଳରେ ସେହି ଦୁଇ ଜଣଙ୍କର ଲାଲ୍ ଟକଟକ ଦୁଇଟି ମୁହଁ ଦେଖାଯିବା ମାତ୍ରେ ସ୍ତ୍ରୀଲୋକମାନେ ତୁଳପଣ୍ଡ ଅନାଇଲେ। ସେମାନେ ସେହି ଚର-ଚାରିଚି ଭାଇ ଦୁହେଁ ନୁହନ୍ତି ତ? ହଁ ତ, ନେଲ୍ ଓ ସାବେଶ ତରତୋରିଚ। ଆହା କଚରାମାନେ! କିନ୍ତୁ ଏମିତି ବ୍ୟସ୍ତତାର କାରଣ ବା କଣ?

ସାନ ଭାଇ ନେଲ୍‌ର ଆଉ ଏକ ପାଦ ଅଗ୍ରସର ହେବାକୁ କ୍ଷମତା ନ ଥିଲା। ଟିକିଏ ଦମ୍ ନେବା ପାଇଁ ଏବଂ ସ୍ତ୍ରୀଲୋକମାନଙ୍କ ପ୍ରଶ୍ନର ଜବାବ ଦେବା ପାଇଁ ସେ ଅଟକି ଗଲା। କିନ୍ତୁ ସାବେଶ ତା ହାତ ଧରି ତାକୁ ଟାଣି ନେଇଗଲା।

ରାସ୍ତାରେ ଯିବା ବେଳେ ନେଲି କାନ୍ଥ ପକାଇଲା, 'ଲୁଇସ-ଲିନ୍‌ଡ୍ରୁ ଡାକ୍ତର କଥା କହୁଥିଲା—ସେ ଅମର ଭାଇ ସମ୍ପର୍କ ହେବ !' ସେ ତାର ଦୁଇ ହାତ ଉପରକୁ ଟେକିଲା, ଯେମିତିକି ଈଶ୍ୱରଙ୍କୁ ପ୍ରାର୍ଥନା କଲା ।

ଆତଙ୍କ ଓ ଭୟ ମିଶ୍ରିତ ସ୍ୱରରେ ସ୍ତ୍ରୀ ଲୋକମାନେ ଅଭିନାଦ କରି ଉଠିଲେ । ସେମାନଙ୍କ ଭିତରୁ ଜଣେ ସେହି ଭାଇମାନଙ୍କୁ ଡାକି ପଚାରିଲା : 'କିଏ ଏଇଟା କଲା ?'

'କେହି ନୁହେଁ । ଭଗବାନ !' ଟିକିଏ ଦୂରରୁ ନେଲି ଚିତ୍କାର କଲା ।

ଗାଆଁ ମଝିରେ ଅଗ୍ରଲାଜ ଡାକ୍ତରଙ୍କ ଘର । ସେଠାକୁ ବ୍ୟସ୍ତ ଭାବରେ ସେଥିରୁ ଅନେକେ ଦୌଡ଼ିବାକୁ ଲାଗିଲେ ।

ପାଦରେ ଯୋଡ଼ାଏ ପୁରୁଣା ଚଟି, ଏବଂ କାମିଜର ବୋତାମ-ଗୁଡ଼ିକ ଖୋଲା ଓ ହାତ ଉପରକୁ ଗୁଡ଼ା ହୋଇଥିଲା— ଏହି ଅବସ୍ଥାରେ ଡାକ୍ତର ସିଦୋଟେଲ୍ ଲପିଡ୍ରାଲେ ଘର ଭିତରେ ପଦଚାଳନା କରୁଥିଲେ । ନିଦ୍ରା ଅଭାବରୁ ତାଙ୍କର ଚକ୍ଷୁ ଦୁଇଟି ଫୁଲି ଯାଇଛି ଏବଂ କାଳି ଭର୍ତ୍ତି ହୋଇଛି । ତାଙ୍କର ମସୃଣ ଗାଲ ଉପରେ ଅନ୍ତତଃ ଦଶ ଦିନ ହେଲା ଦାଢ଼ୀ ବଢ଼ି ଯାଇଛି । ପ୍ରାୟ ନଅ ବର୍ଷର ଗୋଟିଏ ଝିଅକୁ ସେ ହାରୋଇଛନ୍ତି—ତା ଦେହରେ ଖାଲି ଚର୍ମ ଓ ଅସ୍ଥି ଅଛି ଏବଂ ରୋଗରେ ପଡ଼ି ପଡ଼ି ସେ ହଳଦିଆ ରଙ୍ଗ ପାଲଟି ଗଲାଣି ।

ଗତ ଏଗାର ମାସ ହେଲା ତାଙ୍କ ସ୍ତ୍ରୀ ଶଯ୍ୟାଶାୟିନୀ । ଯେଉଁ ଝିଅଟିକୁ ସେ ହାରୋଇଥିଲେ, ସେ ସବୁ ଠାରୁ ବଡ଼ । ତାକୁ ଛାଡ଼ି

ତାଙ୍କ ପରିବାରରେ ଅଛନ୍ତି ଛଅଟି ପୁଅ ଝିଅ । ସେମାନେ ଯେମିତି ଦୁଷ୍ଟ, ସେମିତି ଅପରିଚ୍ଛନ୍ନ ମଧ୍ୟ । ଘର ଭିତରେ ବି ଅସମ୍ଭବ ରକମର ବିଶୃଙ୍ଖଳା— ଚଟାଣରେ ଭଙ୍ଗା-ଦଦରା ବାସନ-କୁସନ, ଫଳର ଚୋପା, ଅଇଁଠା ଗଦା ଗଦା ମଇଳା, ଚୌକିଗୁଡ଼ାକ ଭଙ୍ଗା, ଆରାମ ଚୌକିର ବସିବା-ସ୍ଥାନରେ ଗାତ, କିଏ ଜାଣେ କେତେ ଦିନ ହେଲା ବିଛଣା ବି ହୋଇ ନାହିଁ, ଏବଂ ବିଛଣା-ଚାଦରଗୁଡ଼ିକ ଚିରି ଟିକି ଟିକି ହୋଇ ଯାଇଛି । କାରଣ ସେହି କ୍ଷୁଦ୍ର ଶୟତାନ ପିଲାଗୁଡ଼ିକ ବିଛଣା ଉପରେ ବସି ତକିଆରେ ଲଢ଼େଇ କରି ମଜା ମାରନ୍ତି ।

ଦିନେ ଯେଉଁଠି ବୈଠକଖାନା ଥିଲା, ତାର କାନ୍ଥ ଉପରେ ଟଙ୍ଗା ହୋଇଥିବା କେବଳ ଖଣ୍ଡିଏ ପ୍ରତିକୃତି ଏବେ ବି ଅକ୍ଷତ ଅଛି । ତରୁଣାବସ୍ଥାରେ ଡାକ୍ତର ସିଦୋରୋଭ ଲପିତୋଭ ତାଙ୍କର ଡିପ୍ଲୋମା ପାଇବାର କିଛି ଦିନ ପରେ ଖଣ୍ଡିଏ ଫଟୋ ଉଠାଇ ଥିଲେ । ଏହି ଛବିଟି ତାହାର ବର୍ଦ୍ଧିତ ଆକାର । ଛବିରେ ତାଙ୍କୁ ଦେଖା ଯାଉଥିଲା ପରିପାଟୀ, ଏପରିକି ଶୌଖୀନ, ଚୁଟିଁବାଳ ଓ ସହାସ୍ୟ-ବଦନ ।

ତାଙ୍କର ଦାଢ଼ୀ ଚଟି ଫଟଫଟ କରି, ଛବିଟି ପାଖକୁ ଯାଇ, କାଟେଇ ଥିବା ଶାଗଣା ଝିଅଟିକୁ ତା ଅଡ଼କୁ ଟେକି ଧରେ, ସେ ତାଙ୍କ ଦାନ୍ତ ବାହାର କରି ସେହି ଫଟୋ ଠିକିଏ ଖେଁତେଇ ହେଲେ ।

'ତୁମେ ଏଇଠି, ସିସିନେ,' ସେ କହିଲେ ।

'ସିସିନେ' ତାଙ୍କର ଡାକ ନାମ । ଅନେକ ଦିନ ତଳେ ତାଙ୍କ ମାଆ ତାଙ୍କୁ ଚିଡ଼ାଇବାକୁ ଚାହିଁଲେ, ସେହି ନାମରେ ତାଙ୍କୁ ଡାକୁଥିଲେ । ସେ ତାଙ୍କର ଶ୍ରେଣୀ ଏବଂ ପରିବାରର ଆଶା ଭରସା ଥିଲେ । ତାଙ୍କର ଭବିଷ୍ୟତ ଅତି ଉଜ୍ଜ୍ୱଳ ଥିଲା ।

ବାସ୍ତବିକ, ସିସିନେ !

ଗୃହୀ ଦୁଇ ଜଣଙ୍କୁ ଦେଖି ସେ ପାଗଳା କୁକୁର ଭଳି ତାଙ୍କ ଆଡ଼କୁ ଦଉଡ଼ି ଆସିଲେ ।

'ତୁ ର କଣ ଦରକାର ?'

ହାତରେ ଟୋପି ଧରି ଏବେ ବି ଥରିଁଥରିଁ ଗହଳ ହୋଇ ସାଙ୍ଗେ ତରତର ହିଁ ଜବାବ ଦେଲା ।

'ଡାକ୍ତର ବାବୁ ........ ଜଣେ ଗରିବ ଲୋକ—ଆମର ଲେଖ ରେ ଭାଇ—ବର୍ତ୍ତମାନ ମରଣ ଦୁଆରେ ।'

'ତା ହେଲେ ତାର କପାଳ ତ ଖୁବ୍ ଭଲ ! ଜସ୍ତବର ବ୍ୟବସ୍ଥା କର !' ଡାକ୍ତର ଚିତ୍କାର କଲେ ।

'ନା, ଡାକ୍ତର ବାବୁ.......ସେ ମରିବାକୁ ବସିଛି...ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଲା...ଯେଉଁ ରୋଗ କଣ ଆମେ କିଛି ଜାଣୁ ନାହିଁ । ସେ ମଟଖୋଲ୍ ପାଖରେ ଗୋଟାଏ ଦ୍ୱାରଶାଳାରେ ପଡ଼ି ରହିଛି ।'

ଡାକ୍ତର ଏକ ପଦ ପଛକୁ ଯାଇ କ୍ରୋଧାନ୍ୱିତ ସ୍ୱରରେ କହିଲେ : 'ମଟଖୋଲ୍ ପାଖରେ ! ହାୟ ଭଗବାନ !'

ସେ ଜାଣନ୍ତି, ସେହି ସ୍ଥାନଟି ତାଙ୍କ ଗ୍ରାମ ଠାରୁ ପକ୍କା ସାତ ମାଇଲ—ଆଉ ସେ ଯେ କି ରାସ୍ତା !

'ହଁ, ଆଜ୍ଞା । ଯେତେ ଶୀଘ୍ର ପାରନ୍ତି, ଦୟା କରି ଟିକିଏ ଚାଲନ୍ତୁ,' ତରଭୋଗିଆ ଅନୁନୟ କରି କହିଲା । 'କଲଜା ପରି ତାର ରଙ୍ଗ କ । ପଡ଼ି ଗଲଣି, ଆଉ ସେ ଏମିତି ଫୁଲି ଗଲାଣି ଯେ ତାଙ୍କୁ ଦେଖି କି ଡର ମାଡ଼ୁଛି । ଦେହାଇ ଆପଣଙ୍କୁ, ଟିକିଏ ଆସନ୍ତୁ ।'

'କଣ ! ପାଦରେ ?' ଡାକ୍ତର ଚିତ୍କାର କଲେ । 'ଚାଲି ଚାଲି ସାତ ମାଇଲ ଯିବାକୁ ହେବ ! ତୁମେ କଣ ପାଗଳ ହୋଇଛ ? ଗୋଟିଏ ଗାଡ଼ି—ଗୋଟାଏ ଗାଡ଼ି ମୋର ଲୋଡ଼ା, ଶୁଣି ପାରୁଛ ତ ? ତୁମର କଣ ଗାଡ଼ି ଅଛି ?'

‘ମୁଁ ଏକ୍ଷଣି ଦୌଡ଼ି ଯାଇ ଗୋଟାଏ ନେଇ ଆସୁଛି,’ ଉରଟେ ବଟ ତୁରନ୍ତ ଜବାବ ଦେଲା । ‘କାହାର ଠାରୁ ମୁଁ ଗୋଟାଏ ଗଧ ଧାରରେ ନେଇ ଆସିବି ।’

‘ଇତ ମଧ୍ୟରେ ମୁଁ ଯାଉଛି, ଦାଢ଼ୀଟା ଖିଅର ହୋଇ ଆସେଁ,’ ଆଜ ଭାଇ ବୋଲି କହିଲା ।

ଡାକ୍ତର ତାହା ଆଡ଼କୁ ଏମିତ ଭାବରେ ଅନାଇଲେ ଯେମିତକି ସେ ତାକୁ ଗିଳି ଦେବାକୁ ଚାହାଁନ୍ତି ।

‘ଅଳ୍ପ ଦରକାର, ଡାକ୍ତର ବାବୁ,’ ବୋଲି ତାର ଝପେଇ ବାଢ଼ିଲା, ଏବଂ କିନ୍ତୁ ଅକୁଳ ନାହିଁ ଟିକିଏ ହସି ଦେଲା । ‘ଆଉ, ଡାକ୍ତର ବାବୁ, ଜାଣନ୍ତୁ ନା, ମୋର ବିଭାଘର କଥାଟା ବି ସାରା ହୋଇ ଗଲଣି ......।’

‘ଓ ! ତା ହେଲେ ତୁମର ବାହାଘର ହେଉଛି, ନା ?’ ଡାକ୍ତର ରାଗରେ ଅହ୍ବସ୍ତୃତ ହୋଇ କହିଲେ । ‘ଏଇ, ଧର ତାହେଲେ ଏହୁ ପିଲଟିକୁ ।’

ଏହା କହୁସାରି, ସେ ରୋଗଣା ଝିଅଟିକୁ ଯୁବକର ହାତରେ ଗୁଞ୍ଜି ଦେଲେ । ତା ପରେ ଯେଉଁ ଅନ୍ୟ ପିଲାମାନେ ସେଠାରେ ଭିଡ଼ କରି ଠିଆ ହୋଇଥିଲେ, ଜଣ ଜଣ କରି ସେମାନଙ୍କୁ ଧରି ଆଣି, ତାହା ଅଢ଼ିକୁ ଜୋରରେ ଠେଲି ଦେଇଁ ଦେଇଁ, ସେ ଚିତ୍କାର କରିବାକୁ ଲାଗିଲେ, ‘ଅଉ ଏଟାକୁ,’ ‘ଆଉ ଏଟାକୁ,’ ଆଉ ଏଟାକୁ ।’ ...... ‘ଗଧ କେଉଁଠିକାର’ ! ସେ ଶେଷରେ କହିଲେ, ‘ତୁମେ ଗୋଟାଏ ଗଧ ......।’

ଚାଲି ଯିବା ପାଇଁ ସେ ଯେମିତି ବୁଲିପଡ଼ି ଠିଆ ହେଲେ, ଏବଂ ତା ପରେ ଫେରି ଆସି, ରୋଗଣା ଝିଅଟାକୁ ପୁଣି କୋଳକୁ ନେଇ, ସେ ଦୁଇ ଭାଇଙ୍କୁ କହିଲେ :

‘ତୁମ ସାଙ୍ଗରେ ଯିବି ! ତୁମେ ଗୋଟାଏ ଗଧ ନେଇ ଆସ । ମୁ ଏକାଠି ବୁଲିଯିବି !’

ତାର ଭାଇ ପଛେ ପଛେ, ସିଢ଼ୀରେ ଗଳିକୁ ଓହ୍ଲାଇବା ବେଳେ ଟେନାଲ୍ ଭରଟୋରର ମୁଣ୍ଡ ଘୁରିବାକୁ ଲାଗିଲା । ତାର ବୟସ କୋଡ଼ିଏ ବର୍ଷ, ଆଉ ତାର ବାଗ୍‌ଦତ୍ତା, ଅତି ସୁନ୍ଦରୀ ଆଲ୍‌ବାଇନ ଷୋଳ ବର୍ଷ । ସାତୋଟି ସନ୍ତାନ ! ତାହା ଯଥେଷ୍ଟ ନୁହେଁ—ସେ ଭାବେ ବାରୋଟି ! ଏହା ସତ ଯେ ଈଶ୍ୱର ଦତ୍ତ ଦୁଇଟି ସବଳ ବାହୁ ଛଡ଼ା ତାହାର ଜୀବିକା ଉପାର୍ଜନର ଅନ୍ୟ କୌଣସି ଉପାୟ ନାହିଁ, କିନ୍ତୁ ହସହସ ବଦନରେ ଯେ କୌଣସି କାର୍ଯ୍ୟ କରିବାକୁ ସେ ପ୍ରସ୍ତୁତ । ଦୁଇଟି ଜିନିଷ ତାକୁ ଭାରି ଭଲ ଲାଗେ—ଦାଆ ଚଳାଇବା ଓ ଗୀତ ବୋଲିବା । ଲୋକେ ତାକୁ ‘ନ ସୁଲ’ (କବି) ବୋଲି ଡାକନ୍ତି, କାରଣ ସେ କାମ କରିବା ସମୟରେ ସଙ୍ଗୀତ ରଚନା କରିପାରେ । ପରୋପକାରୀ ଓ ସର୍ବଦା ହସଖୁସି ବୋଲି ସମସ୍ତଙ୍କର ସେ ପ୍ରିୟପାତ୍ର—ଏହା ସେ ଜାଣେ । ସବୁବେଳେ ତାର ହସ ଲାଗିଥାଏ, ଏପରିକି ଆକାଶ ପବନରେ ବି । ସୂର୍ଯ୍ୟ ଏବେ ସୁଦ୍ଧା ତାର ଚମଡ଼ା ପୁଡ଼ି କରି ପାରି ନାହାନ୍ତି କିମ୍ବା ତାର ଉଜ୍ଜ୍ୱଳ ଓ କୁଞ୍ଚିକୁଞ୍ଚିକା କେଶ ବିବର୍ଣ୍ଣ କରି ପାରି ନାହାନ୍ତି—ତାର ଏହି ଗୋରା ସୁନା ରଙ୍ଗର କେଶ ଦେଖି ସ୍ତ୍ରୀଲୋକମାନେ ହିଂସା କରନ୍ତି । ସେ ସେମାନଙ୍କ ଆଡ଼କୁ—ତାର ସେହି ଉଜ୍ଜ୍ୱଳ ନୀଳ ଚକ୍ଷୁରେ—ଏକ ବିଶେଷ ଭଙ୍ଗୀରେ—ଚାହିଁଲେ, କେତେ ସ୍ତ୍ରୀଲୋକ ଯେ, ଲଜ୍ଜାରେ ଅବନତ ହୋଇ ନ ଯାଆନ୍ତି !

ତାର ଖୁଡ଼ୁତା-ପୁଅ ଭାଲ ଜାନୁର ଅସୁସ୍ଥତାରେ ସେ ଭୀଷଣ ଭାବରେ ହଡ଼ବଡ଼େଇ ଯାଇଛି, ଏବଂ ତାର ଲୁଜା ନିଶ୍ଚୟ ତା ଉପରେ ଖୁବ୍ ରାଗି ଯାଇଥିବ ବୋଲି ସେ ଆହୁରି ବେଶୀ ଦୁର୍ଭାବନାରେ ପଡ଼ି ଯାଇଛି—କାରଣ ଏହି ରବିବାର ପାଇଁ ଲୁଜା ଛଅ ଦିନ ହେଲା ବୁଣ୍ଡୁଁ

କଟିଥିବ, ଅନ୍ତତଃ କେତୋଟି ଘଣ୍ଟା ତ ସେ ଅଜା ତା ସହିତ ଯାପନ କରି ପାରିଥାନ୍ତା । କିନ୍ତୁ ବିବେକ ବୁଦ୍ଧି ନିକଟରେ, ଏହି କାମରେ କିଛି ନ କରି ସେ କିପରି ବା ଚୁପ୍‌ଚାପ ରହି ପାରିବ ? ଶିବେଶ ଜୁଲିଅନ୍‌କୁ ଜାଣୁ ! ତାହାର ମଧ୍ୟ ଶିକ୍ଷାପର ଠିକ୍ ହୋଇ ସାରିଥିଲା—ଅଭ୍ ଏଷଣି ତା ମଥା ଉପରେ ଏହି ଚଢ଼ାକ ପଡିଲା । ମଣ୍ଟେସ୍ଲାଟରେ ଲେପ୍‌ସର ଜମିରେ ବାଦାମ ଗଛ ପିଟିବା କାର୍ଯ୍ୟରେ ସେ ନିଯୁକ୍ତ ଥିଲା । ତା ଆର ଦିନ ସକାଳେ—ଶନିବାର ଦିନ—ପାଗଟା ବଦଳି ଗଲା ଏବଂ ଆକାଶରେ ସହସା ବୃଷ୍ଟିର କୌଣସି ସୂଚନା ନ ଥିଲେ ସୁଦ୍ଧା, ମେଘ ଘୋଟିଗଲା । ଯାହା ହେଉ, ଦି-ପହରେ ଲେପ୍‌ସ ଆଜ୍ଞା ଦେଲା :

'ପିଲାମାନେ, ସନ୍ଧ୍ୟା ଭିତରେ ଇନ୍ଦ୍ରଦେବ ତାଙ୍କର ବୃଷ୍ଟି ଆମ ଉପରେ ଅଜାଡ଼ି ଦେବେ । ମୋ ବାଦାମଗୁଡ଼ାକୁ ଓଦା ଭୂମିରେ ପକାଇ ରଖିବା ମୋର ଆଦୌ ଇଚ୍ଛା ନୁହେଁ । ତେଣୁ ତୁମ୍ଭେମାନେ ବାଦାମ ଝାଡ଼ିବା କାମ ବନ୍ଦ କର ।'

ଯେଉଁ ସ୍ତ୍ରୀ ଲୋକମାନେ ଫଳ ଗୋଟାଉ ଥିଲେ, ସେ ସେମାନଙ୍କୁ ଡାକି ପାହାଡ଼ ଉପରର ଗୋଦାମ ଘରକୁ ଯାଇ ସେଠାରେ ବାଦାମ କୁଟିବାକୁ ଆଦେଶ ଦେଲା । ବାଦାମ ଗଛ ପିଟୁଥିବା ଲୋକମାନଙ୍କ ଆଡ଼କୁ ବୁଲି ଚାହିଁ—ସେମାନଙ୍କ ମଧ୍ୟରେ ଜୋଲି ଓ ସାବେ ଚାଇବୋରସ ଥିଲେ—ସେ କହିଲା, 'ହଁ, ତୁମ୍ଭେମାନେ—ଇଚ୍ଛା ହେଲେ, ତୁମ୍ଭେ-ମାନେ ମଧ୍ୟ ଯାଇ ପାର—ସ୍ତ୍ରୀ ଲୋକମାନଙ୍କ ସାଙ୍ଗରେ ଯାଇ, ବାଦାମ କୁଟିପାର ।'

ଜୁଲିଅନ୍ ତାଙ୍କୁ ଉତ୍ତର ଦେଲା : 'ମୁଁ ଏହା କରିବ, କିନ୍ତୁ ମୋର ସେକଡ଼ା ମଜୁରି ପାଇଁ ଦିନକୁ ମୋତେ ପଚାଶ ଶିଲିଂ ହିସାବରେ ଆପଣଙ୍କୁ ଦେବାକୁ ପଡିବ ।'

'ନା, ଲେହୁ ହିସାବରେ ଓଭରଲ-ଅଉଡାଭର ପାଇଜ୍,' ଲୋପ୍‌ସି ଜବାବ ଦେଲା । 'ଆଉ ଅଉଡାଭ ପାଇଁ ତୁମେ ପାଇବ ଅଧ-ଲିସ୍ ହିସାବରେ, ସ୍ତ୍ରୀଲୋକମାନେ ଯେଉଁ ହାରରେ ପାଆନ୍ତି ।'

ଘୋର ଅବିଚାର ! ପୁରୁଷମାନେ ନିଜ କାମ କରି ପୁରା ଦାମର ଯେଉଁ ମଜୁରି ପାଆନ୍ତି, ତାହା ତାଙ୍କୁ ଯେ ସେମାନେ ନ ପାଇବେ ତାର କୌଣସି କାରଣ ନାହିଁ । ବର୍ଷା ହେଲା ନାହିଁ । ବାସ୍ତବିକ, ଦିନ ସାରା କିମ୍ବା ଏପରିକି ରାତିରେ ମଧ୍ୟ ଆଦୌ ବୃଷ୍ଟି ହେଲା ନାହିଁ ।

'ଦିନକୁ ଅଧ-ଲିସ୍ ହିସାବରେ ଆପଣ ମୋତେ ମଜୁରି ଦେବେ ତ ?' ଜୁଇର୍ଲାନ୍କୁ ଜାଣୁ ଚିତ୍କାର କଲା । 'ବେଶ୍, ମୁଁ କାମ କରିବି ନାହିଁ ! ମୁଁ ପାଇଜାମା ପିନ୍ଧିଛି—ଘାଘରା ନୁହେଁ ! ହଁ, ଦିନକୁ ପଚାଶ ସେଣ୍ଟ ହିସାବରେ ମୋର ଅଭ୍ୟାସର ମଜୁରି ଆପଣ ମୋତେ ଦେଇ ଦିଅନ୍ତୁ, ମୁଁ ଚାଲିଯିବି ।'

ସେ ଅବଶ୍ୟ ଗଲା ନାହିଁ, କିନ୍ତୁ ତାର ଗୁଡ଼ୁଆ ପୁଅ ଭାଇମାନଙ୍କ ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କଲା । ଦିନକୁ ଅଧ-ଲିସ୍ ହିସାବରେ, ସ୍ତ୍ରୀଲୋକମାନଙ୍କ ସହିତ, ବାଦାମ ଲୁଟିବାକୁ ସେମାନେ ରାଜି ହୋଇ-ଥିଲେ । ଠିଆ ହୋଇ ଅନାଇ ଅନାଇ ଏବଂ ଅପେକ୍ଷା କରି କରି, କିନ୍ତୁ ସମସ୍ତ ପରେ ବିରକ୍ତ ହୋଇ, ସେ ନିକଟରେ ଥିବା ଗୋଟିଏ ଘୋଡାଶାଳକୁ ଯାଇ ଶୋଇ ପଡ଼ିଲା । ଫେରିବା ସମୟରେ ତାକୁ ଡାକିବା ପାଇଁ ସେ ଅନ୍ୟମାନଙ୍କୁ କହିଥିଲା ।

ମାତ୍ର ତେର ଦିନ ସେମାନେ ବାଦାମ ଗଛ ପିଟି ଥିବାରୁ, ଅଳ୍ପ ଫଳ ହଲାଇବା ବାକି ଥିଲା । ତାପରେ ସ୍ତ୍ରୀଲୋକମାନେ ପ୍ରସ୍ତାବ କଲେ, ସବୁଠାରୁ ବେଶୀ କାମ କରି, ଫଳଗୁଡ଼ିକ ଲୁଟିବାର ତାଙ୍କ ସାମର୍ଥ୍ୟ ଦେଖାଇବ ଜିତାଇ, ଏବଂ ସେଇ ଦିନ ରେକର୍ଡ ଦେବା ପୂର୍ବରୁ

ଜଟି ଗ୍ରାମକୁ ଫେରି ଯିବେ । ଏହି ପ୍ରସ୍ତାବରେ ରାଜି ହୋଇ, ଟେଲ୍‌ଫସ୍ ସେମାନଙ୍କ ପାଇଁ ଏକ ପାନ ଶିମ ଓ ଦୁଇ ବୋତଲ ମଦ ବନ୍ଦୋବସ୍ତ କଲା । ମଧ୍ୟ ରାତିରେ, ଭୋଜି ସରିବା ପରେ, ସେହି ସ୍ତ୍ରୀ ଓ ପୁରୁଷ ସମସ୍ତେ, ଖୋଲା ଖଳା ବାଡ଼ିରେ ଶୋଇ ପଡ଼ିଲେ । ସେଠାରେ ଭୁଠାଗୁଡ଼ାକ ଆକାରରେ ଭଙ୍ଗି ଯାଇଥିଲା, ଯେମିତଙ୍କ ପ୍ରକୃତରେ ଅସୁରଏ ବୃଦ୍ଧି ହୋଇ ଯାଇଛି ।

'ଲଯ୍‌ଲୁ, ଆମକୁ ଗୀତ ଶୁଣାଅ,' ସେମାନେ ପାଚ୍ଛିଲେ ।

ନେଲ୍ ଟୋକାଙ୍କ ସରେ ଗୋଟାଏ ଗୀତ ଗାଇବାକୁ ଲାଗିଲା । ଯେତେବେଳେ ଜହ୍ନ ବଉଦ କୋଳରେ ଲୁଚି ଯାଉଥାଏ ତ ଯେତେବେଳେ ବାହାରି ଆସୁଥାଏ । ମେଘ ଖଣ୍ଡସବୁ କ୍ଷଣକେ ଧଳା ତ କ୍ଷଣକେ କଳା ହୋଇ ଯାଉଥାନ୍ତି । ଜହ୍ନଟା ଯେମିତି ତାର ଲୁଜାର ମୁହଁ ଭଳି ଦିଶୁଥାଏ । ସେମାନଙ୍କ ପ୍ରେମର ଆନନ୍ଦ ଓ ବିଷାଦ ଅନୁସାରେ ସେ ଯେମିତି ତାକୁ ଦେଖି କେବେ ହସି ପକାଉ ଥିଲା ତ କେବେ କଳା କାଠ ପଡ଼ି ଯାଉଥିଲା ।

ଡୁଇରିଲନ୍ ଭାଲୁ ସେହି ଘୋଡ଼ାଶାଳରେ ପଡ଼ି ରହିଥିଲା । ଭୋର ହେବା ଆଗରୁ, ତାକୁ ଉଠାଇବାକୁ ଯାଇ ସାବେ ଦେଖିଲା ଯେ ସେ ଜ୍ୱରରେ ବେହୋସ ହୋଇ ପଡି ରହିଛି ଏବଂ ତାର ସର୍ବାଙ୍ଗ ଫୁଲି କଳା କାଠ ପଡ଼ି ଯାଇଛି ।

ଭଣ୍ଡାରୀ ଦୋକାନରେ ବସି ନେଲ୍ ଡରଡୋବରି ସମ୍ପ୍ରଦାୟ ଗପଟି କହୁଥାଏ । ଗପର ଏକ ଅଂଶରେ, ଭଣ୍ଡାରୀଟି ଏତେ ଉତ୍ତେଜିତ ହୋଇ ପଡ଼ିଲା ଯେ ସେ ତାର ଗାଲ କାଟିଦେଲା । ସ୍ୱତଃ ସମ୍ମାନ୍ୟ ହୋଇ ଥିବାରୁ ଅବଶ୍ୟ ତାର ମଥା ବୁଲାଇବାକୁ ପଡ଼ିଲା ନାହିଁ, ଏବଂ ଯେତେ ବେଳେ ଭଣ୍ଡାରୀର ଏହି ତ୍ରୁଟି ଦର୍ଶାଇବାକୁ ନେଲ୍‌ର ଆଦୌ ସମୟ ନ ଥିଲା, କାରଣ ସେହି ମୁହୂର୍ତ୍ତରେ ଲଜା ଅସି ଦୁଆର ମୁହଁରେ ଠିଆ ହୋଇ ଗଲା । ତାହା ସାଙ୍ଗରେ ତାର ମାଆ ଓ ଡୁଇରିଲନ୍ ଭାଲୁର ସାନସାନା ଭାଇଭଉଣୀ ମିତା ଲୁମିଯା ଥିଲେ — ମିତା ଅଳ୍ପ ରୋଗ ଭାଲୁଙ୍କୁ ।

ହିଅଛି ବାଟରେ ତାର ପ୍ରେମିକକୁ ଦେଖିବା ପାଇଁ ତାଳୁସଣାଙ୍କ ମଣ୍ଟୋଲ୍‌ସାକୁ ଯିବା ଲାଗି ଜିଗର ଧରିଥିଲା । ନେଲି ବହୁ କଷ୍ଟରେ ତାକୁ ସେଥିରୁ ନିବୃତ୍ତ କଲା । ସେ ତାହା ନିକଟରେ ଅଙ୍ଗୀକାର କଲା ଯେ ସେମାନେ ତାକୁ ଏଠାକୁ ଘେନି ଆସିବା ଷଣି, ସେ ସନ୍ଧ୍ୟା ଦୂରରୁ ତାକୁ ଦେଖି ପାରିବ—ଯେ କୌଣସି ମତେ ସେମାନେ ତାକୁ ଏଠାକୁ ନେଇ ଆସିବା ପାଇଁ ବ୍ୟବସ୍ଥା କରିବେ । ସେହି ମୁହୂର୍ତ୍ତରେ ସାଟେଗ୍ ଅସ୍ଥିର ଭାବରେ ଆସି, ଜଣାଇଲା ଯେ ଡାକ୍ତର ଗଧରେ ଚଢ଼ି ଚାଲି ଗଲେଣି, ଏବଂ ସେ ଆଉ ମୁହୂର୍ତ୍ତେ ମାତ୍ର ସେଠାରେ ରହି ପାରିବ ନାହିଁ । ନେଲି ଲଙ୍ଗାକୁ ଗୋଟାଏ ପାଗକୁ ନେଇ ଯାଇ ତାର ଫେରି ଆସିବା ଯାଏ ଧୈର୍ଯ୍ୟ ଧରି ଅପେକ୍ଷା କରିବା ପାଇଁ ତାକୁ ଅନୁନୟ କଲା; ସନ୍ଧ୍ୟା ହେବା ଆଗରୁ ସେ ଫେରି ଆସିବ । ତାକୁ ଶୁଣାଇବା ଲାଗି ତାର ଟିକଟେ ରହସ୍ୟମୟ କଥା ଅଛି ......

ପ୍ରକୃତରେ ରାସ୍ତାଟା ବଡ଼ ଜଘନ୍ୟ । କେତୋଟି ଗଭୀର ଖାଲକୁ ଡେଇଁ ଦେଇ ଯିବା ସମୟରେ ଡାକ୍ତର ଲପିରୋଲେ ତାଙ୍କ ଜୀବନର ଆଶା ପ୍ରାୟ ଛାଡ଼ି ଦେଇଥିଲେ । ଗଧର ଲଗାମ ଧରି ତାଙ୍କର ଏକ ପାଖରେ ଥିଲା ସାଟେଗ୍ ଓ ଅନ୍ୟ ପାଖରେ ନେଲି । ତଳେ ଶସ୍ୟ-କ୍ଷେତ୍ର ଏବଂ ଅଲିଭ୍ ଓ ବାଦାମ ଗଛରେ ପୂର୍ଣ୍ଣ ଉଦ୍ୟାନ, ବସନ୍ତ ମାଳଭୂମି ଓ ଉପତ୍ୟକା । ଫସଲର ମୂଳଗୁଡ଼ାକ ହଳଦିଆ, ମଝିରେ ମଝିରେ ଜମିର ରଙ୍ଗ କଳା—ସାର ଉର୍ବର ହେବା ପାଇଁ ସେଠାରେ ଆବର୍ଜନା ପୋଡ଼ା ହୋଇଛି । ଅନେକ ଦୂରରେ ସମୁଦ୍ର ଦେଖାଯାଉଛି,

ତାର ରଙ୍ଗ ଗାଢ଼ ନୀଳ । ମଲ୍‌ବେରୀ, ଲେବର୍ଣ୍ଣ, ସାଇପ୍ରେସ୍ ଓ ଅଲିଭ୍ ଗଛସବୁ ନାନା ପ୍ରକାର ଚିର-ସବୁଜ ରଙ୍ଗର ଆଭା ଧାରଣ କରିଛନ୍ତି, କିନ୍ତୁ ବାଦାମ ଗଛର ଚୂଡ଼ା ସବୁ ଉତ୍ତାପ ମଧ୍ୟରେ ପତଳା ହେବାକୁ ଆରମ୍ଭ କଲଣି ।

ସେମାନଙ୍କ ଚତୁର୍ଦ୍ଦିଗରେ, ସୁଦୂର ଚକ୍ରବାଳ ତଳେ, ପବନରେ ଭାସି ଆସୁଥିବା ମେଘମାଳାର ବିସ୍ତୃତ ପର୍ବତମାନ ଦେଖା ଯାଉଛି। କିନ୍ତୁ, ପବନ ବହୁଥିବା ସତ୍ତ୍ୱେ, ଅସହ୍ୟ ଗରମ ବୋଧ ହେଉଥିଲା ଏବଂ ପଥରଗୁଡ଼ାକ ଖରାରେ ଫାଟି ଯାଉଥିଲା । ମଝିରେ ମଝିରେ, ଟୁଲିଫୁଲ୍‌ର ସାତପେଣିଆ ବୁଦାର ଅନ୍ୟ ପାଖରୁ, ଗୃହକ କିମ୍ବା ନୀଳକଣ୍ଠ ପକ୍ଷୀର ପରସ୍ପର ଡାକ ଭାସି ଆସୁଥିଲା । ଶବ୍ଦ ଶୁଣି, ଗଧଟା ଭୟରେ ତାର କାନ ଠିଆ କରିଦେଲା ।

'ଖରାପ ଗଧଟାଏ ! ଖରାପ ଗଧଟାଏ !' ଡାକ୍ତର ହୁଙ୍କାର ଛାଡ଼ିଲେ ।

ସେ ଏକ ଦୃଷ୍ଟିରେ ଗଧର ମଥା ଉପରକୁ ଚାହିଁ ରହିଲେ ଏବଂ ତାଙ୍କର ପୁରୁଣା ସବୁଜ-ଚନାର ଛତାଟା ତାଙ୍କ କାନ୍ଧ ଉପରୁ କ୍ରମେ କ୍ରମେ ଖସିଗଲା । ତାଙ୍କ ମୁହଁ ଉପରେ ସୂର୍ଯ୍ୟ-କିରଣ ପଡୁଥିଲେ ସୁଦ୍ଧା ସେଥି ପ୍ରତି ତାଙ୍କର ଆଦୌ ଖିଆଲ ନ ଥିଲା ।

'ଆପଣଙ୍କର ଭୟ କରିବାର କୌଣସି କାରଣ ନାହିଁ । ଆମ୍ଭେମାନେ ଆପଣଙ୍କ ପାଖରେ ରହିଛୁ,' ତାଙ୍କୁ ଦମ୍ଭ ଦେବା ପାଇଁ ଛରତୋବଚି ଭାଇ ଦୁହେଁ କହିଲେ ।

ନିଜ ପାଇଁ ଡାକ୍ତରଙ୍କର ବାସ୍ତବିକ କୌଣସି ଭୟ ନ ଥିଲା— କିନ୍ତୁ ତାଙ୍କର ସକଳ ଚିନ୍ତା ତାଙ୍କର ସନ୍ତାନମାନଙ୍କ ଉପରେ ନିବଦ୍ଧ ଥିଲା । ସେହି ସାତୋଟି କ୍ଷୁଦ୍ର ଅସହାୟ ଜୀବଙ୍କ ପାଇଁ ତାଙ୍କର ନିରାପଦରେ ରହିବା ଆବଶ୍ୟକ ।

ତାଙ୍କୁ ଖୁସି ରଖିବା ପାଇଁ ଡରଡୋଥିର ଭାଇମାନେ ଗପ ଆରମ୍ଭ କଲେ । ସେମାନେ ଫସଲ କଥା ପକାଇଲେ : ଗହମ ଓ ଶିମ ଏଥର ଉପରେ ଖୁବ୍ ଅଳ୍ପ ଫଳିଛି; ବାଦାମ ଗଛ କଥା ତ ସମସ୍ତେ ଜାଣନ୍ତି, ଏଥର ଆଦୌ ଫଳ ନାହିଁ—ବର୍ଷେ ଛଡ଼ା ବର୍ଷେ ତାର ଫସଲ ଖୁବ୍ ଭଲ ହୁଏ । ଆଉ ଅଲିଭ୍ ! ସେ କଥା ଛାଡ଼—ଏ ବର୍ଷର ଆରମ୍ଭରେ କୁହୁଡ଼ି ଲାଗି ଭଲ ଭାବରେ ବଢ଼ି ପାରିଲା ନାହିଁ । ଚାଷୀମାନେ ଅଙ୍ଗୁର ଆମଦାନୀରୁ ଯେ ସେମାନଙ୍କର ଲୋକସାନ ମେଣ୍ଟାଇ ନେବେ ସେ ଆଶା ବି ନାହିଁ, କାରଣ ସେଥର ଜିଲ୍ଲାର ସବୁ ଅଙ୍ଗୁର-କ୍ଷେତରେ ରୋଗ ବ୍ୟାପି ଯାଇଥିଲା ......

'କି ସୁନ୍ଦର ଭବିଷ୍ୟତ !' ମଝିରେ ମଝିରେ ମଥା ହଲାଇ ଡାକ୍ତର ଏତକ କହୁଥାଆନ୍ତି ।

ଦୁଇ ଘଣ୍ଟା ଚାଲିବା ପରେ, ସେମାନଙ୍କର କଥାବାର୍ତ୍ତାସବୁ ଖତମ ହୋଇଗଲା । ଏଠାରୁ ଢେର୍ ବାଟ ଯାଏ ରାସ୍ତା ସିଧା ପଡ଼ିଲା ଏବଂ ଧଳା ଧୂଳିର ମୋଟା ପରସ୍ତରେ ତାହା ଆଚ୍ଛାଦିତ ହୋଇ ରହିଥିଲା । ଗଧର ଖୁରାର ଶବ୍ଦ ସହିତ ବୃଦ୍ଧୀ ଦୁହିଙ୍କର ଲମ୍ବା-ନାଲି-ଲଗା ଜୋତାର ଶବ୍ଦ ମିଶି ଯିବାକୁ ଲାଗିଲା । ଲୟୁଲ୍ ଅପେ ଆପେ, ନିଜ ମନେ ମନେ ଧୀରେ ଗୀତ ଗାଇବାକୁ ଲାଗିଲା—କିନ୍ତୁ ସେ ହଠାତ୍ ବନ୍ଦ ହୋଇଗଲା । ରାସ୍ତାରେ କୌଣସି ଜନ ମାନବ ଦେଖା ଯାଉ ନ ଥିଲେ । ରବିବାର, ତେଣୁ ସବୁ ଚାଷୀମାନେ ଉପର ଗ୍ରାମରେ ରହିଥିଲେ—କେତେକ ଗୀର୍ଜାକୁ ଯିବେ, ଅନ୍ୟମାନେ ବଜାର କରିବାକୁ କିମ୍ବା ମଉଜ ମଜଲିସ କରିବାକୁ ଯିବେ । ବୋଧହୁଏ ତଳେ, ନଟ୍ରେଲ୍‌ସାରେ, ଜୁଇର୍‌ଲାନୁ କାଲୁ କବାଟରେ କେହି ନାହାନ୍ତି । ଏବେ ବି ଯଦି ସେ ବଞ୍ଚିଥାଏ, ତା ହେଲେ ତାକୁ ମରିବା ପାଇଁ ଏକା ରଖି ଦେଇ ସମସ୍ତେ ପଳାଇଥିବେ ......

ପ୍ରକୃତରେ, ସେମାନେ ଦେଖିଲେ, ସେହି ଦୁର୍ଗନ୍ଧମୟ ଘୋଡ଼ାଶାଳର କାନ୍ଥ କଡ଼ରେ ସେ ଏକା ପଡ଼ି ରହିଛି । ସାହେବ ଓ ନେଲି ତାକୁ ଠିକ୍ ଏହି ଅବସ୍ଥାରେ ଛାଡ଼ି ଦେଇ ଯାଇଥିଲେ । ସେ ଅତ୍ୟନ୍ତ ବିବର୍ଣ୍ଣ ହୋଇ ଯାଇଥିଲା, ତେଣୁ ତାର ମୁହଁ ଆଉ ବାରି ହେଉ ନ ଥିଲା । ସେ ଶବ୍ଦ କରି ଅତି କଷ୍ଟରେ ନିଶ୍ୱାସ ନେଉଥିଲା । କୁଟା-ରଖା ଥାକ ନିକଟ ଝରକା ଭିତର ଦେଇ ସୂର୍ଯ୍ୟ-କିରଣ ଆସି ତା ମୁହଁ ଉପରେ ପଡ଼ୁଥିଲା—ସେ କୌଣସି ମଣିଷ ବୋଲି ଜଣା ଯାଉ ନ ଥିଲା । ଶରୀରଟା ଏତେ ବେଶୀ ଫୁଲି ଯାଇଥିଲା ଯେ ନାକଟା ଏକବାରେ ଲୁଚି ଗଲାଣି; ଓଠ ଗୁଡ଼ାକ କଳା ଓ ଖୁବ୍ ମୋଟା ଦେଖା ଯାଉଛି । ସେହି ଓଠ ଦୁଇଟି ମଧ୍ୟରେ ତାର ନିଶ୍ୱାସ ଅତି କଷ୍ଟରେ ଯାଉଥିଲା, ଏବଂ ସେହି ଶବ୍ଦ ଗୋଟାଏ ରାଗୀ କୁକୁରର ସ୍ୱର ପରି ମନେ ହେଉଥିଲା । ଖଣ୍ଡିଏ କୁଟା ତାର କୁଞ୍ଚିକୁଞ୍ଚିଆ କଳା କେଶ ମଧ୍ୟରେ ଅଟକି ଯାଇ ସୂର୍ଯ୍ୟ-କିରଣରେ ଝଟକୁ ଥିଲା ।

କେତେ ସମୟ ତାହା ଆଡ଼କୁ ଅନାଇ, ସେହି ତିନି ଜଣ ଯାକ ଦୁଆର ମୁହଁରେ ଠିଆ ହୋଇ ରହିଲେ । ଆତଙ୍କରେ ସେମାନଙ୍କୁ ପଛକୁ ହଟିଯିବା ପରି ବୋଧ ହେଲା । ଗଧଟା ନାକରେ ଶବ୍ଦ କଲା ଏବଂ ଘୋଡ଼ାଶାଳର ଚଟାଣ ଉପରେ ଖୁରା ପିଟିଲା । ତା ପରେ ସାହେବ ତରତରରେ ମୂର୍ଚ୍ଛିତ ଲୋକଟି ପାଖକୁ ଯାଇ, ତାକୁ ସ୍ନେହରେ କହିବାକୁ ଲାଗିଲା ।

'ଜୁଇର୍ଲି ! ଜୁଇର୍ଲି ! ଡାକ୍ତର ଆସିଛନ୍ତି ; ଚାହଁ ଦେଖ !'

କୁଟା-ରଖା ଥାକ ନିକଟରେ ବାନ୍ଧିଦେବା ପାଇଁ ନେଲି ଗଧଟାକୁ ନେଇଗଲା । କାନ୍ଥରେ ଅଭି ଗୋଟାଏ ଜନ୍ତୁର ଛାୟା ଦେଖାଗଲା—ଯେଉଁ ଗଧଟା ସାଧାରଣତଃ ଏଠାରେ ବନ୍ଧାଯାଏ ତାର ଛବି । ଦିନ ସାରା ସେ କାନ୍ଥର ଧଳା ଚୂନ ଉପରେ ଦେହ ଘଷୁଥାଏ ।

ଜୁଲିଅସ୍ ଲନ୍ଦ୍ ଜାନ୍ସକୁ ପୁଣି ଥରେ ଉଠାଇବା ପାଇଁ ଚେଷ୍ଟା ହେବାରୁ, ସେ ଶ୍ୱାସରୋଧ କରି କୌଣସି ମତେ ତାର ଆଖି ଖୋଲିଲା । ଆଖି ଦୁଇଟା ରକ୍ତ ପରି ଲାଲ, ଚାରି ପଟେ କଳା ବୃତ୍ତଗୁଡ଼ାଏ ଏବଂ ଅଶ୍ରୁ-ପରିପୂର୍ଣ୍ଣ । ତାର ବିଷଣ୍ଣ ମୁହଁଟା ଖୋଲି ସେ ଗଁ ଗଁ ହେବାକୁ ଲାଗିଲା ! ସେହି ସ୍ୱର ଯେମିତି ତାର ତଣ୍ଟି ପାଖରେ ବନ୍ଧୁଥିଲା :

'ମୁଁ ...... ମରିଗଲି ...'

'ନା, ନା,' ଆର୍ତ୍ତ ସ୍ୱରରେ, ସାଟେରୀ ତତ୍‌କ୍ଷଣାତ୍ ଜବାବ ଦେଲା । 'ଏହି ଦେଖ, ଡାକ୍ତର ତୋତେ ଦେଖିବାକୁ ଆସିଛନ୍ତି । ଆମେ ତାଙ୍କୁ ତୋ ପାଖକୁ ନେଇ ଆସିଛୁଁ । ତୁ ତାଙ୍କୁ ଦେଖି ପାରୁଛୁ ତ ?'

'ମୋତେ ନେଇଯାଅ ...... ଗାଆଁକୁ ...,' ମୁମୂର୍ଷୁ ଲୋକଟି କାତର ସ୍ୱରରେ କହିଲା । 'ଓ, ମାମା ମିଅ ......' । ବହୁ କଷ୍ଟରେ ଧଇଁସଇଁ ହୋଇ ସେ ଏହି କଥାଗୁଡ଼ିକ କହିଲା, କିନ୍ତୁ ତା'ର ଓଠ ଦୁଇଟି ମିଶାଇ ପାରିଲା ନାହିଁ ।

'ହଁ, ହଁ, ଆମେ ତୋତେ ନେଇଯିବୁ । ଆମେ ଗୋଟାଏ ଗଧ ଆଣିଛୁ । ଏହି ଦେଖ,' ସାଟେରୀ ଆଗ୍ରହରେ ଜବାବ ଦେଲା ।

'କାର୍ଲିକା, ମୁଁ ତୋତେ କାନ୍ଧେଇ କରି ନେଇ ଯିବି, ଜୁଲିଅସ୍,' ତୁରନ୍ତ ତା ପାଖକୁ ଲାଗିଯାଇ ଆଉ ତା ଉପରେ ନଇଁପଡ଼ି, ନେଲି କହିଲା । 'ଏମିତି ଅଧୈର୍ଯ୍ୟ ହୁଅ ନା — ତୁ ନିଶ୍ଚେ ଭଲ ହୋଇଯିବୁ ।'

ନେଲର ସ୍ୱର ଶୁଣି, ଜୁଲିଅସ୍ ଲନ୍ଦ୍ ଜାନ୍ସ ଧୀରେ ଧୀରେ ମଥା ଘୂରାଇ, ତାର ରକ୍ତାକ୍ତ ଚକ୍ଷୁରେ ତାକୁ ଅନାଇଲା । ମନେ ହେଲା, ସେ ଯେମିତି ତାକୁ ପ୍ରଥମେ ଚିହ୍ନି ପାରିଲା ନାହିଁ । ତା ପରେ ତାର ହାତ ବଢ଼ାଇ ସେ ତା ଭାଇର କଣ୍ଠରେ ବନ୍ଧା ହୋଇଥିବା ଲାଲ ସିଲ୍‌କ ରୁମାଲକୁ ମୁଠାଇ ଧରିଲା ।

'ଆରେ ...... କଏ, ତୁ ନା ?'

'ହଁ, ମୁଁ । ମୁଁ ଜେଲ୍ । ଖୁସି ରହ । କାନ୍ଦ ନା, ଜୁଲିଏଟ୍, କାନ୍ଦ ନା ...... ତୋର ସେମିତି କିଛି ବେଶୀ ହୋଇ ନାହିଁ ।'

ସେ ତାର ହାତ ସେମାନଙ୍କର ଗାଲ ଉପରେ ରଖିଲା । ଜାନୁ ରୁଦ୍ଧ ଶ୍ୱାସରେ କାନ୍ଦିବାକୁ ଲାଗିଲା, କିନ୍ତୁ ତାର ଗଳାରୁ କୌଣସି ସ୍ୱର ବାହାରିଲା ନାହିଁ । କିଛି କ୍ଷଣ ପରେ, ତାର ଚେଷ୍ଟା ବ୍ୟର୍ଥ ହେବାରୁ, ଜାନୁ ରାଗରେ ମଥା ହଲାଇ ଦେଲା, ଏବଂ ତା ପରେ ଗୋଟିଏ ହାତ ବଢ଼ାଇ, ଜେଲ୍‌ର ବେକକୁ ଧରି ତାକୁ ତା ଆଡ଼କୁ ଟାଣି ନେଲା ।

'ଆମ ଦୁହିଙ୍କର ବିଭା ହେବାର ଥିଲା— ଏକା ସାଙ୍ଗରେ ...' ସେ କହିଲା ।

'ହଁ, ଆମେ ଏକା ସାଙ୍ଗରେ ବିଭା ହେବା— ତୁ ସେଥିପାଇଁ କିଛି ଚିନ୍ତା କର ନା,' ତାର ବେକରୁ ହାତଟା ଛଡ଼ାଇ ନେଇ, ଜେଲ୍ ଜବାବ ଦେଲା ।

ଇତି ମଧ୍ୟରେ ଡାକ୍ତର ମୁମୂର୍ଷୁ ଲୋକଟିକୁ ପରୀକ୍ଷା କରୁଥିଲେ । ତାଙ୍କୁ ପରିଷ୍କାର ଜଣାଗଲା— ଏହା ଗ୍ଲାଣ୍ଡର୍ସ (ଅଶ୍ୱଜାତୀୟ ସଂକ୍ରାମକ) ରୋଗ ।

'ଆଚ୍ଛା, କୁହ ତ,' ସେ ପଚାରିଲେ, 'କୌଣସି କୀଟ-ପତଙ୍ଗ ତୁମକୁ କାମୁଡ଼ିଛନ୍ତି ବୋଲି ତୁମର ମନେ ପଡୁଛି କି ?'

ଜୀନୁ ମଥା ହଲାଇଲା

'କୀଟ ?' ସାରେ ପଚାରିଲା ।

ଡାକ୍ତର, ତାଙ୍କର ସାଧ୍ୟ ମତେ, ସେହି ଦୁଇ ଜଣ ଅଜ୍ଞ ରୁଗ୍ଣଙ୍କୁ ସବୁ କଥା ବୁଝାଇ ଦେଲେ । ସେ କହିଲେ, ନିଶ୍ଚୟ ନିକଟରେ କୌଣସି ଜନ୍ତୁ ଗ୍ଲାଣ୍ଡର୍ସ ରୋଗରେ ମରିଛି, ଏବଂ ମୃତ ଦେହଟା ବୋଧହୁଏ ଗୋଟାଏ ଖାଲ ଭିତରେ ପକାଇ ଦିଆ ଯାଇଛି । ଅସଂଖ୍ୟ ମାଛି ଆସି ତା ଉପରେ ବସିଛନ୍ତି । ତା ପରେ ସେଠାରୁ

ଗୋଟାଏ ମାଛି ଏହି ରୋଗୀଶାଳାକୁ ଉଡ଼ି ଆସି, ଜାନୁର ଦେହରେ ସେହି ରୋଗର ବିଷ ଲଗାଇ ଦେଇଛି ।

ଡାକ୍ତର ଏହି ବିଷୟ ବୁଝାଉଥିବା ବେଳେ, ଜାନୁ ଜାନୁ ଅଜାଣତରେ ତା ମୁହଁ ବୁଲାଇ ନେଲା । ସେମାନଙ୍କ ମଧ୍ୟରୁ କେହି ଜାଣି ନ ଥିଲେ ସୁଦ୍ଧା, ମୃତ୍ୟୁର ବାହନଟି ସଦାବେଳେ ସେଠାରେ ଥିଲା— ତଥାପି ସେଠାରେ ଏବଂ ତାହା ଏତେ କ୍ଷୁଦ୍ର ଯେ ଆଖିକୁ ପ୍ରାୟ ଦେଖାଯିବ ନାହିଁ । ତାହା ହେଉଛି ନିକଟବର୍ତ୍ତୀ ଝାଡ଼ୁ ଉପରେ ବସିଥିବା ଗୋଟାଏ ମାଛି । ଏହା ଅତି ନୀରବରେ ବସିଥିଲା, କିନ୍ତୁ ତୀକ୍ଷ୍ଣ ଭାବରେ ନିରୀକ୍ଷଣ କଲେ ଜଣାଯିବ ଯେ ମଝିରେ ମଝିରେ ଏହା ତାର ଛୋଟ ଶୁଣ୍ଢଟା ବାହାର କରି ଟେକୁଛି, ନ ହେଲେ ତାର ପତଳା ଆଗ-ଗୋଡ଼ ଦୁଇଟି ଭୂମି ସହକାରେ ଘଷି ଘଷି ଶୀଘ୍ର ଶୀଘ୍ର ପରିଷ୍କାର କରୁଛି ।

ଡାକ୍ତର କଥା କହୁଥିଲେ, ସେତିକିବେଳେ ଜାନୁ ହଠାତ୍ ମାଛିଟାକୁ ଦେଖି ପାରିଲା । ସେ ଏକ ଦୃଷ୍ଟିରେ ତା ଅଡ଼କୁ ଅନାଇ ରହିଲା ।

ଗୋଟାଏ ମାଛି······ହୁଏତ ଏହା ସେହି ମାଛି, କିମ୍ବା ଅନ୍ୟ ଗୋଟାଏ ହୋଇଥିବ— କିଏ ତାହା କହି ପାରିବ ? କାରଣ ବର୍ତ୍ତମାନ, ଡାକ୍ତରଙ୍କ କଥା ଶୁଣି, ତାର ମନେ ପଡ଼ିଲା ଯେ କାଲି, ଯେତେବେଳେ ସେ ସେଠାରେ ଶୋଇପଡ଼ି, ଲୋପ୍‌ସର ବାଦାମ ଛୁଟିବା ଶେଷ କରି ତା ଭାଇମାନଙ୍କର ଆଗମନ ପ୍ରତୀକ୍ଷା କରୁଥିଲା, ଗୋଟାଏ ମାଛି ତାକୁ ଭାରି ଜଳେଇଥିଲା······ ଏହା କଣ କୌଣସି ମତେ ସେହି ମାଛି ହେବ କି ?

ହଠାତ୍ ସେ ମାଛିଟାକୁ ଉଡ଼ିଯିବାର ଦେଖିଲା । ତାର ଦୃଷ୍ଟି ତାକୁ ଅନୁସରଣ କରିବାକୁ ଲାଗିଲା ।

ଏଁ ! ନେଲର ଗାଲ ଉପରେ ସେଠା ଉଡ଼ୁଥାଇଲା । ଗାଲରୁ, ଅତି ନୀରବରେ ଦୁଇଟି କ୍ଷିପ୍ର ଲମ୍ଫରେ ସେଠା ଶରୁଙ୍କ ଠାରୁ ଖସି ଅସିଲା ଏବଂ ଉଣ୍ଡାଗାର ଝୁରକରେ କଟି ଯାଇଥିବା ସ୍ଥାନରେ ବସି ଟେଙ୍କ ପରି ଗାଇବାକୁ ଲାଗିଲା ।

ଜୁଲିଏନ୍‌ଙ୍କ ଜାକୁ ଅତି ନିବଷ୍ଟ ଚିତ୍ତରେ ତାହା ଆଡ଼କୁ ଅନାଇ ରହି, ଚିନ୍ତାରେ ବୁଡ଼ିଗଲା । ତା ପରେ ଅତି କଷ୍ଟରେ ଏହି ଶବ୍ଦଗୁଡିକ ଉଚ୍ଚାରଣ କରି, ସେ ମୁମୂର୍ଷୁ ସ୍ୱରରେ କହିଲା ।

'ଗୋଟାଏ ମାଛି ? ...... ଗୋଟାଏ ମାଛି କଣ ଏହା କରିପାରେ ......?'

'ହଁ, କାହିଁକି ମାଛି ପାରିବ ନାହିଁ ?' ଡାକ୍ତର ଜବାବ ଦେଲେ । ଜୁଲିଏନ୍‌ଙ୍କ ଜାକୁ ଆଉ କିଛି କହିଲା ନାହିଁ, କିନ୍ତୁ ମାଛିଟାର ଗତି ଲକ୍ଷ୍ୟ କରିବାକୁ ଲାଗିଲା । ଏଣେ ଡାକ୍ତରଙ୍କ କଥାରେ ନେଲ୍ ଏମିତି ତନ୍ମୟ ହୋଇ ଯାଇଥିଲା ଯେ ମାଛିଟାକୁ ଘଉଡ଼ାଇବା ଲାଗି ସେ ଆଦୌ ଚେଷ୍ଟା କଲା ନାହିଁ । ଜାକୁ ଆଉ ଶୁଣିଲା ନାହିଁ । ଡାକ୍ତର କ୍ରମାଗତ କଥା କହୁଛନ୍ତି ବୋଲି ସେ ଖୁବ୍ ଖୁସି । କାରଣ ତଦ୍ୱାରା ତାର ଭାଇ ନେଲର ସମ୍ପୂର୍ଣ୍ଣ ଧ୍ୟାନ ଏମିତି ଆକୃଷ୍ଟ ହୋଇ ଯାଇଥିଲା ଯେ ସେ ପଥର ମୂର୍ତ୍ତି ପରି ନିସ୍ପନ୍ଦ ଭାବରେ ଠିଆ ହୋଇଥିଲା ଏବଂ ତାର ମୁହଁ ଉପରେ ବସିଥିବା ମାଛିଟି ଆଡ଼କୁ ସେ ଆଦୌ ଦୃଷ୍ଟି ଦେଲା ନାହିଁ । ଓ ! ବର୍ତ୍ତମାନ ସେମାନେ ଏକା ସଙ୍ଗରେ ପ୍ରକୃତରେ ବଞ୍ଚି ହେବେ ...... ତାର ତରୁଣ ଭାଇର, ଏମିତି ଅଖଣ୍ଡ ସ୍ୱାସ୍ଥ୍ୟ ଓ ଜୀବନର ଉଜ୍ଜ୍ୱଳ ଭବିଷ୍ୟତ ଦେଖି, ତା ମନରେ ଏକ ଗଭୀର ଈର୍ଷା ଓ ନୀରସ ବିଦ୍ୱେଷ ଭରିଗଲା— ତାର ମନେ ହେଉଥିଲା ଏହି ସୁନ୍ଦର ଜୀବନ ଠାରୁ ତାକୁ ହଠାତ୍ ବଞ୍ଚିତ କରା ଯାଉଛି ।

ଶେଷରେ ନେଲିର ମନେ ହେଲା ଯେମିତି କଣ ଗୋଟାଏ ତାକୁ କାମୁଡ଼ୁଛି । ସେ ହାତ ଉଠାଇ ମାଛିଟାକୁ ତଡ଼ି ଦେଲା । ତା ପରେ ତା ଚିବୁକରେ ଯେଉଁ ସ୍ଥାନଟି କାଟି ଯାଇଥିଲା ସେ ତାକୁ ଚିପିବାକୁ ଲାଗିଲା । ଗାଲୁ ଆଡ଼କୁ ଫେରି ପଡ଼ି ସେ ଦେଖିଲା ଯେ ସେ ଏକ ଦୃଷ୍ଟିରେ ତା ଆଡ଼କୁ ଅନାଇ ରହିଛି । ରୁଗ୍ଣ ଲୋକଟିର ଶୁଷ୍କ ଓଠରେ ଏକ କଦର୍ଯ୍ୟ ହାସ୍ୟର ରେଖା ଦେଖିପାରି ସେ ଟିକିଏ ଅସ୍ୱସ୍ତି ବୋଧ କଲା । କିଛି କ୍ଷଣ ସେମାନେ ପରସ୍ପରକୁ ଚାହିଁ ରହିଲେ; ତା ପରେ, ପ୍ରାୟ କିଛି ନ ବୁଝି, ଗାଲୁ କହିଲା :

'ମାଛିଟା ......'

ନେଲି ବୁଝି ପାରିଲା ନାହିଁ । ସେ ତା ଖଟ ଉପରେ ନଇଁ ପଡ଼ିଲା ।

'କଣ କହୁଛୁ ?'

'ମାଛିଟା ......' ଗାଲୁ ପୁଣି ଉଚ୍ଚାରଣ କଲା ।

'କେଉଁଟା ? କେଉଁଠି ?' ଡାକ୍ତର ଙ୍କ ଆଡ଼କୁ ଅନାଇ, ଭୟରେ, ନେଲି ପଚାରିଲା ।

'ସେଇଠି ...... ତୁ ଯେଉଁଠି ହାତରେ ଘସୁଛୁ ......ମୁଁ ନିଶ୍ଚିତ—ମୁଁ ନିଶ୍ଚିତ ଯେ ଏଟା ସେହି ମାଛି,' ଗାଲୁ କହିଲା, ଏବଂ ଅଦ୍ଭୁତ ଭାବରେ ହସିବାକୁ ଲାଗିଲା ।

ନେଲି ଡାକ୍ତରଙ୍କୁ ତାର ଚିବୁକର କଟା ସ୍ଥାନଟା ଦେଖାଇଲା ।

'ଏଠାରେ କଣ ହୋଇଛି ଦେଖନ୍ତୁ ତ ? ଜ୍ୱଳା କରୁଛି ...'

ଡାକ୍ତର ସ୍ଥାନଟି ପରୀକ୍ଷା କରି ଅତି ଉଦ୍‌ବିଗ୍ନ ଦେଖାଗଲେ । ତା ପରେ, ଯେପରିକି ତାହା ଆଉ ଟିକିଏ ଭଲ ଭାବରେ ପରୀକ୍ଷା କରିବେ, ସେଥିପାଇଁ ସେ ତାକୁ ଘୋଡ଼ାଶାଳର ବାହାରକୁ ନେଇଗଲେ । ସାରେ ବି ତାଙ୍କ ପଛେ ପଛେ ଗଲା ।

ତା ପରେ କଣ ହେଲା ? ଯଦିଓ ସେ ଗମ୍ଭୀର ଯନ୍ତ୍ରଣାରେ ସ୍ତମ୍ଭିତ ଶରୀରରେ ସୁଦୀର୍ଘ କାଳ ଅପେକ୍ଷା କରି ରହିଲା, କୁଇର୍‌ଲାନ୍ତୁ କାହ୍ନୁ ଆଦୌ କିଛି ଜାଣି ପାରିଲା ନାହିଁ । ଅସ୍ପଷ୍ଟ ଭାବରେ ସେ ବାହାରର ସ୍ୱର ଶୁଣି ପାରିଲା । ହଠାତ୍ ସାରେ ଅସ୍ଥିର ଭାବରେ ଘୋଡ଼ାଶାଳ ଭିତରକୁ ପଶିଗଲା ଏବଂ, ଏପରିକି ତା ଅଡ଼କୁ ଥରେ ମାନ ନ ଅନାଇ, ଗର୍ଦ୍ଦିକୁ ଫିଙ୍ଗାଇ ପୁଣି ଦ୍ରୁତ ଗତିରେ ବାହାରି ଆସିଲା । ସେତିକିବେଳେ ସେ ଅସ୍ଫୁଟ ଆର୍ତ୍ତ ଧ୍ୱନି କରୁଥିଲା, ‘ହାୟ ଭଗବାନ ! ମୋ ନେଲି …… ମୋର ଲୁନି ନେଲି ବଡ଼ସି …’

ତା ହେଲେ ଏହା ସତ୍ୟ ! ଅଭ କୁକୁର ପରି ମରିବା ପାଇଁ ସେମାନେ ତାକୁ ସେଠାରେ ଏକା ଛାଡ଼ି ଚାଲିଗଲେ । କୌଣସି ମତେ ତା କହୁଣୀ ଉପରେ ଭର ଦେଇ ଉଠି ପଡ଼ି ସେ ଦୁଇ ଥର ଡାକ ଛାଡ଼ିଲା :

‘ସାରେ … ସାରେ …’

ନୀରବତା । ସେଠାରେ କେହି ନ ଥିଲେ ।

ତା କହୁଣୀ ଉପରେ ଭର ଦେଇ ସେ ନିଜକୁ ଅଧିକ ସମୟ ରଖି ପାରିଲା ନାହିଁ ଏବଂ ଚଟାଣ ଉପରେ ଢଳି ପଡ଼ିଲା । ଗାଆଁର ଏତେ ପାଖଟା ସେ କିପରି ନିସ୍ତବ୍ଧ ହୋଇ ଯାଇଛି ତାହା ସେମିତି ଲକ୍ଷ୍ୟ କରି ନ ହୁଏ, ସେଥିପାଇଁ ସେ କିଛିକ୍ଷଣ ସେହି କୁଟା-ବିଛଣାରେ ମୁହଁ ଗୁଞ୍ଜି ପଡ଼ି ରହିଲା— ଭୟଙ୍କର ନିସ୍ତବ୍ଧତା । ହଠାତ୍ ତା ମନରେ ଏକ ସନ୍ଦେହ ଜାତ ହେଲା, ସମସ୍ତ ବ୍ୟାପାରଟା ଗୋଟାଏ ଦୁଃସ୍ୱପ୍ନ ହୋଇ ନ ପାରେ ତ— ତାର ଜ୍ୱରର ପରିଣାମ । କିନ୍ତୁ ପୁଣି ତାନ୍ତୁ ଆଡ଼କୁ ବୁଲିଯିବା ମାତ୍ରେ, ସେ ସେହି ସ୍ଥାନରେ, ସେହି ମାଙ୍କୁଟାକୁ ଦେଖିଲା ।

ସେଇଠି ତ ଏଟା ଥିଲା …… ଠିକ୍ ସେଇଠି ।

ମଝିରେ ମଝିରେ ତାର ଶ୍ଳେଠ ଶୁଣ୍ଢା ବାହାର କରି ସେ ଝେଲୁଥିଲା, ଏବଂ ଅନ୍ୟ ସମୟରେ ତାର ପତଳା ଆଗ-ଗୋଡ଼ ଦୁଇଟି କୁଞ୍ଚି ସହକାରେ ଏକାଠି ଘଷି ଘଷି ସେ ତାହାକୁ ଦ୍ରୁତ ଗତିରେ ସଫା କରୁଥିଲା ।

# ସେବାର ମହିମା

ଧରିତ୍ରୀର ମାଆ ଦୁଇ ଥର ଦୁଆର ମୁହଁରେ ଉଙ୍କି ମାରି ତାର ସାନ ଝିଅଟିକୁ କହୁଛନ୍ତି ଯେ ସେ ଏତେ ବେଶୀ କଥା କହିବ ନାହିଁ କିମ୍ବା ଏତେ ଉତ୍ତେଜିତ ହେବ ନାହିଁ, କାରଣ ତାର ଜର ଅଧିକ ବଢ଼ିବ।

'ତୁ ସବୁବେଳେ ବକର୍ ବକର୍ ହେଉଛୁ ...... ତୁ ଖାଲି ସଦାବେଳେ ଖେଳି ବୁଲୁଛୁ ......'।

ଛୋଟ ଖଟିଆରେ, ଗଦାଏ ତକିଆକୁ ଆଉଜି ଧରିତ୍ରୀ ବସିଥିଲା। ତାର ସୁନ୍ଦର କୁଣ୍ଡେଇଗୁଡ଼ାକ ତା ଚାରି ପଟେ ସଜା ହୋଇଥିଲା। ଖେଳର ଉତ୍ତେଜନାରେ, ତାର ଝିଲମିଲିଆ କେଶ ନାଲି ସିଲ୍କ ଟୋପି ତଳୁ ବାହାରି ପଡ଼ିଥିଲା। ଆଖି ଉପରୁ କେଶର ଅଗଗୁଡ଼ାକ ଠେଲି ଦେଇ ସେ ଜବାବ ଦେଲା :

'ନା, ମାଆ, ମୁଁ ଏକା ଖେଳୁ ନାହିଁ। ନେଲି ମଧ୍ୟ ଖେଳୁଛି।'

ନେଲି ହେଉଛି ନର୍ସର ଛୋଟ ଝିଅଟି।

କିନ୍ତୁ ଯେତେବେଳ ଯାଏ, ସତ କହିବାକୁ ଗଲେ, ନେଲି ଶବ୍ଦଏ କଥା ବି କହି ନ ଥିଲା। ଧରିତ୍ରୀର ମାଆ ଯେତେ ଥର ଦୁଆର ଖୋଲି ଘର ଭିତରକୁ ଉଙ୍କି ମାରିଛନ୍ତି, ସେତେ ଥର, ପ୍ରାୟ ଭୟରେ ସେ ତାଙ୍କ ଆଡ଼କୁ ଏକ ଦୃଷ୍ଟିରେ ଅନାଇଛି। ଧରିତ୍ରୀର ଘରକୁ ଯେତେବେଳେ ସେ ଆସିଛି, ତା ପରେ ଦୁଇ ଘଣ୍ଟା ଯାଏ

ନେଲି ଯେମିତି ସ୍ୱପ୍ନଲୋକରେ ବିଚରଣ କରୁଛି । ଘଡ଼ି ଘର
କ୍ୟାଥେଡ୍ରାଲର ଶବ୍ଦ, ଦୁଆର-ଖୋଲିବା ଅବାଜ, ଦରୱାନର ମାଆ ଓ
ତାର କଣ୍ଠସ୍ୱର ତାକୁ ସେହି ସ୍ୱପ୍ନଲୋକରୁ ଖସାଇ ପକାଉଛି । ସେ
ଯେମିତି ଏବେ ବି ସମସ୍ତ ପରୀ-ରାଜ୍ୟରେ ଥିଲା । ତା ମନରେ କେବଳ
ଏତିମାତ୍ର ଭୟ ଜାତ ହୋଇଛି—ହୁଏ ତ ଯାହା ସେ ଦେଖୁଛି,
ଯାହା କିଛି ସେ ସ୍ପର୍ଶ କରି ପାରୁଛି—ଏ ସବୁ ଆଦୌ ସତ ନୁହେଁ ।

ଝିଅଟି ଖଣ୍ଡିଏ ପୁରୁଣା ସବୁଜ ରଙ୍ଗର ଫ୍ରକ ପିନ୍ଧିଥିଲା । ଗତ
ଦୁଇ ବର୍ଷ ହେଲା ସେ ଏହା ପିନ୍ଧୁଛି ଏବଂ ତାହା ଏତେ ସାନ ହୋଇ
ଗଲାଣି ଯେ ବେକ ପାଖରେ, ହାତ ତଳେ ଓ କାନ୍ଧ ଉପରେ ତାହା
ବର୍ତ୍ତମାନ ଅତି ଟାଣ ହେଉଛି । ମଥାରେ ଖଣ୍ଡିଏ ରଙ୍ଗ-ଛାଡ଼ି-ଯା ଥିବା
ପାତଳ ସିଲ୍‌କ ରିବନ ବନ୍ଧା ଯାଇଛି । ଗୋଛାଏ ଘନ କଳା କେଶର
ଗୁଚ୍ଛାରେ କ୍ରମଶଃ ତାହା ଖୋଲି ଯାଉଛି । କେଶଗୁଡ଼ିକ ଏବେ ବି
ଓଦା ଅଛି, କାରଣ ସେହି ଦିନ ସେ ମୁଣ୍ଡରୁ ଗୋଡ଼ ଯାଏ ଖୁବ୍
ଭଲ ଭାବରେ ଗାଧୋଇଛି । ପ୍ରଥମେ ନାର୍ସାରୀରେ ପ୍ରବେଶ କରି,
ଗଦା-ଦିଆ କାନ୍ଥ, ନୀଳ ସିଲ୍‌କ ପରଦା ଓ ଅନ୍ୟାନ୍ୟ ମୂଲ୍ୟବାନ
ଜିନିଷ ଦେଖି, ନେଲି ଏତେ ଅବାକ ହୋଇ ଯାଇଥିଲା ଯେ
ପ୍ରଥମେ ସେ କିଛି ଦେଖି କିମ୍ବା ଶୁଣି ପାରିଲା ନାହିଁ । ଧୀରେ, ସେ
କଣ କରୁଛି ତାହା ଜାଣି ନ ପାରି, ମାଂସ ସହିତ ଚମଡ଼ା ଘଷି ଟାଣ
ହୋଇଥିବା ଜାମାଟା ଯୋଗୁଁ ଫୁଲିଥିବା ଅବଢ଼ା ଖାବଡ଼ା ହାତଟା
ନେଲି ଦରୱାନ୍ ଆଡ଼କୁ ବଢ଼ାଇ ଦେଲା । ତା ପରେ ବିଛଣାରେ
ବସି ନରମ ଗୁଦରଟା ଉପରେ ଅଙ୍ଗୁଳି ବୁଲାଉଥିଲା, ଏବଂ ଆଁ କରି
ଆଖି-ଖୋଲି ରଖି କୁନି ମାଲିକାଣୀଙ୍କ ଠାରୁ ଅନର୍ଗଳ ନିରର୍ଥକ
କଥାବାର୍ତ୍ତା ଶୁଣୁଥିଲା ।

ଦରଭସ୍ମା ଗରସ୍ମାର ଚେଷିଘିଷ ଓଘ ଏତେ ବେଳ ଯାଏ ଅନ୍ଧାଏ ହେଲେ କଥା କହୁ ନ ଥିଲେ ସୁଦ୍ଧା ପ୍ରକୃତରେ କେତେହିଁ କୁଣ୍ଢେଇ ଖେଳୁଥିଲା । କେବଳ କୁହୁ ହୋଇ ଗୋଲାକାରରେ ସଜ୍ଜିତ ଘାତଡାଟି କୁଣ୍ଢେଇ ଅଡ଼କୁ ଭୟରେ ଶବ୍ଦରେ ଗୁହିଁ ରହୁଥିଲା— ତାର ଏହି ଏକାଗ୍ରତାରୁ ମନେ ହେଉଥିଲା ଯେମିତି କୁଣ୍ଢେଇଗୁଡ଼ାକ କେତେ ଜଣ ଭଦ୍ର ମହିଳାଙ୍କ ପରି ଚୁଲିକାରରେ ବସି ଗୁହା ପାନ କରୁଛନ୍ତି। କେନାର ଏହି ଅବସ୍ଥା ଦେଖି କୁଣ୍ଢେଇଗୁଡ଼ାକୁ ସଲ୍ଲାର ଓ କଥା କୁହାଇ ଦରଭସ୍ମା ଆଉ ଥରେ ଆନନ୍ଦ ଲାଭ କଲା । ଏତେ ଦିନ ହେଲା ଦରଭସ୍ମାର ମନେ ହେଉଥିଲା ଯେ ତାର ଏହି ଘାତଡାଟି କୁଣ୍ଢେଇର ପ୍ରକୃତରେ ଅଦୌ ପ୍ରାଣ ନାହିଁ— କେବଳ କେତେକ ଖଣ୍ଡ କାଠ, ମହମ କାମ୍ପା ଗୁଳନାର ମଥା, କାଚର ଆଖି, ଓ ଘୋଡ଼ାର ବାଳ । କିନ୍ତୁ ଆଜି ମନେ ହେଉଛି, ସେମାନଙ୍କର ପ୍ରାଣ ଅଛି, ସେମାନେ ଏପରି ଭାବରେ ଜୀବନ ଲାଭ କରିଛନ୍ତି ଯେ ଦରଭସ୍ମା ତାହା କେବେ ହେଲେ ସମ୍ଭବପର ବୋଲି ଭାବି ପାରି ନ ଥିଲା । କେବଳ ଜଣେ ଦାସୀର ଗ୍ଲେଠ ହିଁଅଟିର ପ୍ରଶଂସା, ଓ କେନାର ବିସ୍ମୟ ହେତୁ, କୁଣ୍ଢେଇଗୁଡ଼ାକ ଯେ ଏପରି ପ୍ରକୃତ ମଣିଷ ହୋଇ ଯାଇ ପାରନ୍ତି, ଏହା ଦେଖି ସେ ସମ୍ପୂର୍ଣ୍ଣ ଅବାକ୍ ହୋଇଗଲା । ତାର ଘୋଡାଟିକୁ ମୁଗ୍ଧ କରିବା ପାଇଁ, ସେ କୁଣ୍ଢେଇଗୁଡ଼ାକୁ ବଡ଼ ବଡ଼ ଭଦ୍ର ମହିଳାଙ୍କ ପରି କଥା କୁହାଉ ଥିଲା— ତା ମାଆର ଖାଇ ଖିଆଲ ଓ ସ୍ନେହପ୍ରବଣ ବନ୍ଧୁମାନେ ଠିକ୍ ଯେମିତି ଭାବରେ କଥାବାର୍ତ୍ତା କରନ୍ତି ।

'ସେହି କୁଣ୍ଢେଇଟା ଦେଖୁଛ ? ତାର ନାମ ଭାଉଣ୍ଟେସ ଲୁଲୁ । ସେ ନିଜେ ତା ମଠର ତଳାଏ, ସୁନା ଜରି-ଦିଆ ସିଗାରେଟ ଟାଣେ, ଏବଂ ଏହିପରି ଭାବରେ, ସବୁବେଳେ ତା ଅଙ୍ଗୁଳି ଉଠାଇ, କହେ:

“ମରର୍ଘି, ମରର୍ଘି, ତୁମେ ଦୌଡ଼ ପଳାଇଲେ, ମୁଁ ବି ଦୌଡ଼ଯାଇ ତୁମ ସାଙ୍ଗରେ ମିଶିଯିବ !” ’

ମରର୍ଘି କିଏ ? ନେଲି କହି ପାରିବ ନାହିଁ । ବୋଧହୁଏ ଜଣେ ଯାଦୁକର— କିମ୍ବା ବୋଧହୁଏ ଦରଜିସ୍ତ୍ରୀର ମାଆର କୌଣସି ବନ୍ଧୁ, ବା ତା ଦଳର ମହିଳା-ବନ୍ଧୁମାନଙ୍କ ଭିତରୁ ଜଣେ ହୋଇଥିବ । କିନ୍ତୁ ଯେତେ ଥର ନେଲି କାଉଣ୍ଟେସ ଲିଲ୍ଲିର କଥା ଶୁଣେ, ସେ ମରର୍ଘିକୁ କୌଣସି ଜଣେ ଯାଦୁକର ବୋଲି ଧରିନିଏ, କାରଣ ଦରଜିସ୍ତ୍ରୀ ତାକୁ କହିଛି ଯେ ମରର୍ଘିର ମିଷ୍ଟ୍ରେସ ବେଟି ନାମ୍ବୁ କୁଣ୍ଢେଇ ସହିତ ଖୁବ୍ ଭାବ ଅଛି ।

“ଅଚ୍ଛା, ଧନ୍ୟବାଦ !”

‘ନା, ନା, ନେଲି, ତୁ ଯେମିତି ହସିବୁ ନାହିଁ। ମିଷ୍ଟ୍ରେସ ବେଟି ସବୁବେଳେ ଇଂରାଜୀରେ କଥା କହେ— ମୋ ମାଆକୁ ଓ ସମସ୍ତଙ୍କୁ । ସେ ସବୁବେଳେ ଘୋଡ଼ାରେ ଚଢ଼ି ବୁଲେ— ଗଡ୍ ! ଗଡ୍ ! ଗଡ୍ !— କିନ୍ତୁ ସେ କଦର୍ଯ୍ୟ ଭାବରେ ଘୋଡ଼ା ଉପରେ ବସିଥାଏ, ପୁରୁଷଙ୍କ ପରି ...... ତାର ଗୋଡ଼ଓମେଲା କରି ...... ମହିଳାମାନଙ୍କ ପକ୍ଷରେ ଏପରି ଭାବରେ ଘୋଡ଼ାରେ ଚଢ଼ିବା ଅତି କଦର୍ଯ୍ୟ । ସେ ବାରମ୍ବାର ଘୋଡ଼ାରୁ ପଡ଼ିଯାଏ ଏବଂ ଥରେ, ଶୁଣାଏ ଗଧିଆଙ୍କୁ ତଡ଼ି ନେଉଥିବା ସମୟରେ, ତା ଗାଲରେ ଆଘାତ ଲାଗିଥିଲା । ଦେଖ, ଏଇଟି ଦାଗ ! ଦାଗଟା ଦେଖି ପାରୁଛୁ ତ ? ସେ ମଧ୍ୟ ଠିକ୍ ଫଳ ପାଇଛି— ଭଦ୍ରାନିକ ଅମେରିକାନ ସ୍ତ୍ରୀଲୋକ ନା ! ପଡ଼ି ଯାଇଥିବା ହେତୁ ତା ଛାତି, ପିଠି ଓ ଏପରିକି ଗୋଡରେ ଯେଉଁ ଦାଗସବୁ ହୋଇଛି— ତାହା ସେ ସମସ୍ତଙ୍କୁ ଦେଖାଏ— ଆଉ ସେ ତୁମ ସହିତ କରମର୍ଦ୍ଦନ କରିବା ସମୟରେ ତୁମକୁ ଆଘାତ କରେ ।

‘ “ଅଚ୍ଛା, ଧନ୍ୟବାଦ !”

'ଅଭ୍ ସେଠାରେ ସେହି ଅନ୍ୟ କ୍ଲୁଣ୍ଣେଇଟା ? ଓ୍ୱ, ସେ ଖୁବ ମଜାର ଲୋକ— ହସାଇ ହସାଇ ଏକବାରେ ମାରି ପକାଇବ । ସେ ହେଉଛନ୍ତି ଜନା ମାରିସ୍ଙ୍କୁ । ତାର କଥା କହିବାର ଢଙ୍ଗ ତୋର ଶୁଣିବା ଉଚିତ । "ଓ୍ୱଃ, ବାପ୍‌ରେ ବାପ୍ ! ··· ମଥାଟା ମୋର ଗଲା ! ମନେ ରଖ, ମୋର ହୃଦୟ ଦୁର୍ବଳ । ମରିଙ୍ଗ, ଟିକିଏ ଗମ୍ଭୀର ହୁଅ । ମରିସିଂ, ତୁମେ ମୋତେ ବ୍ୟତିବ୍ୟସ୍ତ କରି ପକାଉଛ । ··· ମୁଁ ଅଭ୍ ହସି ପାରିବି ନାହିଁ । ମୋ ମଥାଟା ଗଲା । ମନେ ରଖ, ମୋର ହୃଦୟ ଦୁର୍ବଳ । ଅଭ୍ ସେ ଭାରି ମଜାରେ କଥା କହେ, ସେ ଶବ୍ଦଗୁଡ଼ିକ ଅଦ୍ଭୁତ ଭାବରେ ଉଚ୍ଚାରଣ କରେ । ମରିସିଂ ଯେମିତି ଭାବରେ କଥା କହେ ସେ ବି ସେମିତି କହିବା ପାଇଁ ଚେଷ୍ଟା କରେ । ଓ୍ୱଃ, ସେ ଭାରି ମଜାର ଲୋକ !'

ନେନା ଅସମ୍ଭବ ପ୍ରକାରେ ହଡ଼ବଡ଼େଇ ଗଲା ।

ସେ ଅବାକ ହୋଇ ଭାବିଲା, ପ୍ରକୃତରେ ଏ କଥା କଣ ସତ ଯେ ଗୋଟାଏ କ୍ଲୁଣ୍ଣେଇ ସିଗାରେଟ ଟାଣେ ଏବଂ ଅଭ୍ ଗୋଟାଏ ଘୋଡ଼ାରେ ଚଢ଼ି ବୁଲେ— ସେହି କ୍ଲୁଣ୍ଣେଇଟାର ଗାଲରେ ସେହି ଦାଗଟା ବି ଠିକ୍ ଅଛି ··· କାରଣ, କ୍ଲୁଣ୍ଣେଇଗୁଡ଼ାକ ଯଦି ଲେସ୍-ଧଡ଼ି-ଦିଆଯାଇଥିବା ଜାମା ପିନ୍ଧି ପାରନ୍ତି, ମଥାରେ ଗ୍ଳେଟ ଧନୁ-ଆକାରରେ ରିବନ ବାନ୍ଧି ପାରନ୍ତି, ଅଭ୍ ସିଲ୍‌କ୍ ମୋଜା, ମଖମଲି ଗାର୍ଟର ଓ ସୁନା ବକ୍‌ଲେସ୍-ଦିଆ ପେଟେଣ୍ଟ ଚମଡ଼ା ଜୋତା ପିନ୍ଧି ପାରନ୍ତି, ତା ହେଲେ ଏହା ବି ଏତ ସତ ହୋଇପାରେ ଯେ ସେମାନେ ଘୋଡ଼ାରେ ଚଢ଼ନ୍ତି, ସିଗାରେଟ ଟାଣନ୍ତି ଏବଂ ସେହି ଭାଷାରେ କଥାବାର୍ତ୍ତା ହୁଅନ୍ତି— ତାର ଗୋଟାଏ ହେଲେ ଶବ୍ଦ ସେ ବୁଝି ପାରେ ନାହିଁ । ସେହି ଘରେ ଯେ କୌଣସି କୌତୂହଳପ୍ରଦ ଘଟଣା ସତ୍ୟ ହୋଇପାରେ— ସେ ପ୍ରାୟ ଆଶା କରୁଛି ଯେ କୌଣସି

ମୁହୂର୍ତ୍ତରେ, ଘୋଡ଼ାଗୁଡ଼ାକ—ସେହି ଛୋଟ ଛୋଟ ଜୀଅନ୍ତା ଘୋଡ଼ା-ଗୁଡ଼ାକ—ହଠାତ୍ ବାହାରି ପଡ଼ି ମଖମଲ କାର୍ପେଟର ସୁବିସ୍ତୀର୍ଣ୍ଣ ପ୍ରାନ୍ତରରେ ଦୌଡ଼ିବା ଆରମ୍ଭ କରି ଦେଇ ପାରନ୍ତି । କୁଣ୍ଢେଇଗୁଡ଼ାକ ତାଙ୍କ ପିଠି ଉପରେ ବସିଥିବେ ଏବଂ ସେମାନଙ୍କର ସୁନ୍ଦର ପତଳା ଓଢ଼ଣୀସବୁ ପବନରେ ଫରଫର ହୋଇ ଉଡ଼ୁଥିବ ।

ନିଜ ସ୍ୱପ୍ନରେ ନେଲି ଏତେ ବିଭୋର ହୋଇ ପଡ଼ିଥିଲା ଯେ ଦରଜିଆର କଥାଗୁଡ଼ାକ ତା କାନରେ ପଶୁ ନ ଥିଲା, କିମ୍ବା ପଶିଲେ ବି କୌଣସି ମତେ ତାର ଅର୍ଥ କରି ପାରୁ ନ ଥିଲା । କାରଣ ସେହି ତରୁଣୀ ମହିଳାଟି, ଖେଳୁ ଖେଳୁ ଶେଷରେ କ୍ଳାନ୍ତ ହୋଇ ପଡ଼ି, ସ୍ଥିର କରିଛନ୍ତି ତାକୁ ଗୋଟାଏ କୁଣ୍ଢେଇ ଉପହାର ଦେବ, କିନ୍ତୁ ଏବେ ସୁଦ୍ଧା ସ୍ଥିର କରି ନାହିଁ କେଉଁଟା ତାକୁ ଦେବ ।

'ନା, ସେଟା ନୁହେଁ,' ଦରଜିଆ କହିଲା । 'ତାର ଗୋଟାଏ ହାତ ଖରାପ ହୋଇ ଯାଇଛି ଏବଂ ତାର ତମା ସହିତ ବିଛଣାରେ ଶୋଇ ରହିବା ଉଚିତ । ଦେଖ, ମୁଁ ତୋତେ ଦେବି ··· ମୁଁ ତୋତେ ମିଷ୍ଟ୍ରେସ ବେଟିକୁ ଦେଇ ଦେବି । ······ ନା, ନା, ମୁଁ ତାକୁ ବି ଦେଇ ପାରିବି ନାହିଁ । ସେ ତୋ ପାଖରୁ ଖସି ପଳାଇବ । ···ସେ ଏମିତି ଦୁଷ୍ଟ କୁଣ୍ଢେଇ— ମିଷ୍ଟ୍ରେସ ବେଟି —ଓଃ, ଏତେ ଦୁଷ୍ଟ । ଆଉ ତା ପରେ, ତୁ ଦେଖ, ସେ ସବୁବେଳେ ଇଂରେଜୀରେ କଥା କୁହେ, ଏବଂ ତୁ ତା କଥା ଆଦୌ ବୁଝି ପାରିବୁ ନାହିଁ । ତେଣୁ ମୁଁ ତୋତେ ଏହି ଅନ୍ୟ କୁଣ୍ଢେଇଟି ଦେବି । ତାର ନାମ ମିମି, କିନ୍ତୁ ତୁ ତାକୁ ନିଶ୍ଚୟ "ମି ଲେଡି" ବୋଲି ଡାକିବୁ, କାରଣ ସେ ଜଣେ ମାର୍ଶନେସ । ତୁ ତ ଜାଣୁ ତାହା କଣ, ଜାଣୁ ନାହିଁ ନା ? ଅଚ୍ଛା, ସେ ହେଉଛି ମାର୍ଶନେସ ମିମି, ଏବଂ ସେ ଅତି ଅସାଧାରଣ ······ଓଃ, ବାସ୍ତବିକ ଅତି ଅସାଧାରଣ । ନିତି ସକାଳେ ଠିକ୍ ସମୟରେ ତାର ସ୍ନାନର

୭୦

ଶାକଭଣ୍ଡା ହେବା ଦରକାର, ଆଜି ପ୍ରାତଃ-ଭୋଜନରେ ସେ ଚକୋଲେଟ୍ ଓ କଷ୍ଟର୍ଡ ଖାଇବ ଏବଂ...... ଏବଂ ତା ପରେ, ତୁ ଜାଣୁ......ସେ ବେଶି କିଛି ଖାଇପାରେ ନାହିଁ ଏବଂ ଟୁଟେପଲ ଭାଇଙ୍କ ସ୍ତ୍ରୀ ହୋଇଥିବା ସେହି ଚକ୍ଲେଟ ଚକ୍ଲେଟ ମିନଠର ଛଡ଼ା ସେ ଅନ୍ୟ କିଛି ଖାଏ ନାହିଁ—ସେହି ରକମ ମିଠେ ମାଆ ବେକାର୍ସରୁ କିଣି ଆଣେ — ତୁ ତ ଜାଣୁ, ଗ୍ରାଣ୍ଡ ହୋଟେଲ ଆଗରେ ସେହି ରସାୟନ-ଦୋକାନଟା । ହଁ, ମୁଁ ତୋତେ ସିମିକୁ ଦେବି । ଏହି ନେ— ତାକୁ ଧର । ତାକୁ ରଖିବା ପାଇଁ ମୁଁ ପ୍ରକୃତରେ ତାକୁ ତୋତେ ଦେଉଛି— ତୁ ବୁଝି ପାରୁଛୁ ତ ? ମୁଁ ତୋତେ କହୁଛି, ତୁ ତାକୁ ନେଇପାରୁ ··· ଟିକିଏ ରହ, ମୁଁ ତାକୁ ଗୋଟାଏ ଚୁମ୍ବନ ଦେଇ ଦିଏଁ । ସେ ସେଠାରେ ଅଛି । ବର୍ତ୍ତମାନ ତୁ ତାକୁ ତୋ ସାଙ୍ଗରେ ନେଇ ଯାଇ ପାରୁ ।'

ନେନା କଣ କରିବ ଭାବି ପାରିଲା ନାହିଁ । ସେ ଏମିତି ଅବାକ ହୋଇ ଯାଇଥିଲା ଯେ ଦୁଃଖ ଛଡ଼ା ଆନନ୍ଦ ଉପଭୋଗ କରି ପାରିଲା ନାହିଁ । ଦରଭସ୍ତା ଉପହାରଟି ତା ହାତରେ ଗୁଞ୍ଜି ଦେବା ବେଳେ ସେ ଉଠି ଠିଆ ହୋଇ ପଡ଼ିଲା, କିନ୍ତୁ ସେ ସ୍ଥିର ଭାବରେ ଠିଆ ହୋଇ ରହିଲା, କୁଣ୍ଢେଇଟି ନେବା ପାଇଁ ତା ହାତ ବଢ଼ାଇ ପାରିଲା ନାହିଁ, ଆଉ ତା ଆଖି ଲୋତକରେ ଛଳଛଳ ହୋଇଗଲା ।

ସେହି ସମୟରେ ଦରଭସ୍ତାର ମାଆ ଘରେ ପ୍ରବେଶ କଲା, ତା ପଛରେ ନର୍ସ— ନେନାର ମାଆ । ଦରଭସ୍ତାକୁ ଦୁଧ ଦେବା ପାଇଁ ତାକୁ ପ୍ରଥମେ ଏହି ପରିବାରରେ ଚାକିରି ଦିଆ ଯାଇଥିଲା ଏବଂ ଶିଶୁଟି ବଡ଼ ହୋଇ ଯାଇଥିଲେ ସୁଦ୍ଧା ତାକୁ ଚାକିରିରେ ରଖା ଯାଇଛି । ନେନା ତା ମାଆ ଆଡ଼କୁ ଅନାଇ ଦେଖିଲା, ସେ ଦରଭସ୍ତାର ମାଆ ପାଖରେ ଠିଆ ହୋଇଛି । ମଥାରେ ନର୍ସର ଟୋପି ଓ ଏପ୍ରନ୍‌ରେ ପଣା ଏମ୍ବ୍ରୟଡରୀ-କରା ଏପ୍ରନ ପିନ୍ଧି ତା ମାଆ ଏମିତି ସୁନ୍ଦର

ଉଦଗ୍ଯା ଯାଉଥିଲା ସେ, ତା ହିଅଟିର ମନେ ହେଲା ସେମିତିକା ତାର ମାଆ ମଧ୍ୟ ସେହି ଅଷ୍ଟ୍ରେଲିଆନ ଘରର ଗୌରବରେ ରୂପାନ୍ତରିତ ହୋଇ ଯାଉଛି, ଆଉ ସେ ନିଜେ ତାହା ଠାରୁ ଖୁବ୍ ଦୂରରେ କହି ସୁଦୂର-ପ୍ରସାରୀ ନୀଳ ଆକାଶରେ ଝୁଲୁଛି ।

ତା ମାଆ କଣ କହୁଥିଲା ? ସେ ଦରଡଯ୍ୟାକୁ କହୁଥିଲା, ସେ ତାକୁ କୁଟଣ୍ଡଇଟା ଦେବ ନାହିଁ । ସେଟା ଦେଇ ଦେବା ତାର ଉଚିତ ନୁହେଁ, ସେ କହିଲା, କାରଣ, ପ୍ରଥମେ ଏହା ଅତି ସୁନ୍ଦର, ଖୁବ୍ ଭଲ ପୋଷାକ, କୋଟ, ଗ୍ଲୋଭସ ଓ ଟୋପି ପିନ୍ଧିଛି । ଏମିତି କୁଟଣ୍ଡଇଟିଏ ନେଲିକୁ ଦେବା ପାଇଁ ଏ କି ଖିଆଲ ! ଆଉ ତା ପରେ, ନେଲି ବା ଏହା ନେଇ କଣ କରିବ ? ନେଲିକୁ ଘରେ ଅନେକ କାମ କରିବାକୁ ପଡ଼େ । ସେ ତା ବାବାଙ୍କର ସବୁ ଖିଦ୍‌ମତ ବଜାଇବ । ତାର ଖେଳିବାକୁ ଆଦୌ ସମୟ ନାହିଁ । ରାତିରେ ଘରକୁ ଫେରି ଆସି ତା ବାବା ଯଦି ଦେଖନ୍ତି ଯେ ସବୁ ବ୍ୟବସ୍ଥା ଠିକ୍ ନାହିଁ, ତାହାହେଲେ ତାକୁ ଖୁବ୍ ମୁସ୍କିଲରେ ପଡ଼ିବାକୁ ହେବ ।

ତାର ବାବା ? ସେ କେଉଁଠି ? ନେଲିର ମନେ ହେଲା, ସେହି ସମୟରେ ସେ ଅନ୍ୟ ଜଗତରେ ଅଛନ୍ତି— ତାର ସେହି ପାଷଣ୍ଡ ବାବା, ସବୁବେଳେ ମାତାଲ ହୋଇ ଘରକୁ ଫେରନ୍ତି ଓ ବକର୍ ବକର୍ ହୁଅନ୍ତି, ଆଉ ଗାଳି ମିଛଟାରେ ତାକୁ ମାରଧର କରନ୍ତି, ଏବଂ ଭୀଷଣ ଭାବରେ ତାର ମଥାର କେଶ ଟାଣନ୍ତି, ଆଉ ତାଙ୍କ ହାତ ପାଖରେ ଯେଉଁ ଜିନିଷସବୁ ପାଆନ୍ତି, ତାହା ତା ଆଡ଼କୁ ଫୋପାଡ଼ି, ଚିତ୍କାର କରନ୍ତି, 'ତା ବଦଳରେ ତୁ ବା ମରିଗଲୁ ନାହିଁ କାହିଁକି ?'

ଏହାର ଅର୍ଥ ତାର ସାନ ଭାଇ ବଦଳରେ । ତା ମାଆ ଯେତେବେଳେ ନର୍ସ ଗୁଳକଣ୍ଡ କରିବାକୁ ଗଲା, ପିଲାଟିକୁ ଘରେ ସ୍ଥ ୬

ଦେଇ ପାଉଥିଲା, ଏବଂ ଜଣେ ପଡୋଶୀ ମିସିଜ୍ କେଟେଡ ଲିସ୍ ନେଇ ତାକୁ ଦୁଧ ଦେବାକୁ ରାଜି ହୋଇଥିଲା, ଆଉ ନେଲିକୁ ତାକୁ ଦେଖାଶୁଣା କରିବାକୁ ପଡୁଥିଲା । ଦିନେ, ଯାହାହେଉ, ସେ ସାନ ଭାଇଟିକୁ ଖାଇବାକୁ ଦେଉଥିବା ସମୟରେ, ସେ ମରିଗଲା । ସେ ଜାଣି ନ ଥିଲା ଯେ ପିଲାଟି ମରି ଗଲାଣି, ଏବଂ ତାକୁ ଧରି କିଛି ସମୟ ବୁଲି ବୁଲିଲା— ଅତି ଥଣ୍ଡା, ବିପନ୍ନ, ନୀରବ ଓ କଠିନ ଅବସ୍ଥାରେ । ସେହି ସମୟରୁ, ତାର ବାବା ପାପିଷ୍ଠ ଓ ନିର୍ଦ୍ଦୟ ହୋଇ ଯାଇଛନ୍ତି— ଏପରି ନିର୍ଦ୍ଦୟ ଯେ ତାର ମାଆ ଆଉ ତାଙ୍କ ପାଖରେ ରହୁ ନାହାଁନ୍ତି, କିନ୍ତୁ ସେ ଏହି ଘରେ ଜଣେ ଗୃହର ଭାବରେ ରହୁଛନ୍ତି— କିମ୍ବା ତା ବାବାଙ୍କ କଥାରେ, ଜଣେ 'ଗ୍ରାଣ୍ଡ ଲେଡି' ଭଳି । ଆଜି ବର୍ତ୍ତମାନ ପ୍ରକୃତରେ ନେଲି ତା ଅତୀତକୁ ଅନାଇଲେ, ତାର ସେହି କଥା ମନେ ପଡ଼ିଯାଏ । ତାର ଚେହେରା, କଥାବାର୍ତ୍ତାର ଢଙ୍ଗ, ହସଖୁସି ଓ ଚାଲିଚଳନରୁ ଜଣାଯାଏ, ସେ ବାସ୍ତବିକ, ଠିକ୍ ଦାରତିଆର ମାଆ ପରି, ଜଣେ ଭଦ୍ର-ମହିଳା ହୋଇ ଯାଇଛି । ସେ ଆଜି ତାର ମାଆ ଭଳି ନେଲିକୁ ବୋଧ ହେଉ ନାହିଁ ।

'ନା, ନା, ମିସ୍ ଦାରତିଆ ! ତୁମେ ଏପରି କଥା କା ଭାବୁଛ କିପରି ? ଏହା ଆଦୌ ହୋଇ ପାରିବ ନାହିଁ । ଏମିତି ସୁନ୍ଦର କୁଣ୍ଡେଇଟିଏ ମୋର ନେଲି ଝିଅଟିକୁ ତୁମେ କୌଣସି ମତେ ଦେଇ ପାରିବ ନାହିଁ ।'

କିନ୍ତୁ ସେହି ମୁହୂର୍ତ୍ତରେ ଦାରତିଆର ମାଆ ଝିଅଟିର ହାତ ଧରି ନେଇ, କୁଣ୍ଡେଇଟି— ମାର୍ଗେରେଟ ମିମି— ତା ଗୁଣ୍ଡ ଉପରେ ରଖି ଦେଲେ ଏବଂ ତା ପରେ କୁଣ୍ଡେଇଟିକୁ ଦୃଢ଼ ଭାବରେ ଧରିବା ପାଇଁ ସେ ତା ହାତକୁ ତା ଉପରେ ଥୋଇ ଦେଲେ ।

'ତୋର କଣ ଭଦ୍ରତା ନାହିଁ ?' ନେଲର ମାଆ ପାଟି କଲା । "ଧନ୍ୟବାଦ ଦେଉ ନାହୁଁ ? ଉପହାର ପାଇଲେ କଣ କହିବାକୁ ହୁଏ ଜାଣୁ ନାହିଁ ?'

କିଛି ନା ! ନେଲ କଣ କହିବ କିଛି ଭାବି ପାରିଲା ନାହିଁ । ହାତରେ ଭଡ଼ ଧରିଥିବା ମାର୍ଶନେସ କୁଣ୍ଢେଇଟାକୁ ବି ଅନାଇବା ପାଇଁ ତାର ଟିକିଏ ବି ହେମତ ନ ଥିଲା ।

ଖୁବ୍ ବିଭୋଳ ହୋଇ ସେ ଘରୁ ବାହାରି ଗଲା । ତାର ଆଖି ଛମା ଛମା ଦେଖା ଯାଉଥିଲା, ତାର ମୁହଁ ମଧ୍ୟ ମେଲା ହୋଇଥିଲା ଏବଂ ତାର ମାଆ ତା ବାଲଗୁଡ଼ାକ ସଜାଡି ଦେବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ଲାଲ୍ ରିବନ ତଳେ ଠିଆ ହୋଇଥିଲା । ତା ଚାରି ପଟେ କିଛି ନ ଦେଖି ଓ ଶୁଣି, ସେ ସିଡ଼ିରେ ତଳକୁ ଓହ୍ଲାଇ ଗଲା ଏବଂ ରାସ୍ତାରେ ଚାଲିବାକୁ ଲାଗିଲା । ଶେଷରେ ତା ବାବା ସହିତ ବାସ କରୁଥିବା ଦୀନ କୁଟୀରରେ ଆସି ସେ ପଦାର୍ପଣ କଲା । ତାର ମନେ ହେଲା, ଯେମିତିକି ତାର ସମସ୍ତ ଜୀବନୀଶକ୍ତି ସେହି ଅଜବ କୁଣ୍ଢେଇଟି ମଧ୍ୟରେ ସଞ୍ଚାରିତ ହୋଇ ଯାଇଛି । କୁଣ୍ଢେଇଟିକୁ ସେ ଦୃଢ଼ ଭାବରେ ଧରିଥିଲା ଏବଂ ଭାବୁଥିଲା, ମାର୍ଶନେସର ଜୀବନ-ଯାତ୍ରା ସମ୍ବନ୍ଧରେ ତାର ନିଜର କୌଣସି ଧାରଣା ନାହିଁ— ଅସୁସ୍ଥ ଦରିଦ୍ର୍ୟାର ଅନର୍ଗଳ ବକବକ-କରିବା ଭିତରେ ସେହି ଜୀବନର ଉଜ୍ଜ୍ୱଳ ଛବି ସେ ଦେଖି ପାରିଥିଲା । ହାୟରେ ବିଧାତା, ମିସ ଦରିଦ୍ର୍ୟା ଯେଉଁ କଥା କହୁଥିଲା ସେହି କୁଣ୍ଢେଇଟା ଯଦି ତାହା କହି ଆସନ୍ତା, ତାହା ସେ ବା କିପରି ବୁଝି ପାରିଥାନ୍ତା ?

'ମରଭିଂ, ମରବିଂ, ତୁମେ ଯଦି ଦଉଡ଼ି ପଳାଅ, ମୁଁ ବି ଦୌଡ଼ିଯାଇ ତମ ସାଙ୍ଗରେ ମିଶିଯିବି ।'

ଆ, ମାର୍ଗେନେସ ମିସିଙ୍କ ସାଙ୍ଗରେ ଦେଖା କରିବା ପାଇଁ ମରଭିଂ ନିଶ୍ଚୟ ସେହି ଭଙ୍ଗା ଘରକୁ ଆସିବା କଥା ଆଦୌ ଭାବିବ ନାହିଁ,— ତାର ମହିଳା ବନ୍ଧୁମାନଙ୍କ ସହିତ ମଧ୍ୟ । ସେମାନଙ୍କର ସୁନେଲି ସିଗାରେଟ ଓ ସୁଗନ୍ଧ ରୁମେଲ୍ସି ମିଠାଇ ଅଛି ! ଆଉ ପ୍ରକୃତ ଘୋଡ଼ାସବୁ, ଜୀବନ୍ତ ଘୋଡ଼ା, ଶ୍ୱେତ ଶ୍ୱେତ ଘୋଡ଼ା !

ମୁହୂର୍ତ୍ତିକ ପାଇଁ ଝିଅଟିର ମଥାରେ ଏହା କଦାପି ପଶି ନ ଥିଲା ଯେ ସେ କୁଣ୍ଢେଇ ସହିତ ଖେଳିପାରେ । ସେ ମାର୍ଗେନେସର ଜଣେ ଦାସୀ ହୋଇପାରେ— ହଁ, ସେ ତାର ସେବା କରିପାରେ । କିନ୍ତୁ ତା ସହିତ କିପରି କଥା କହିବାକୁ ହୁଏ ତାହା ନ ଜାଣିଲେ, ଏବଂ କୁଣ୍ଢେଇଟି କିପରି ଭାବରେ ଚଲାଚଲ କରେ ସେ ସବୁ କିଛି ନ ଜାଣିଲେ, ସେ କଣ କରି ପାରିବ ?

ତାର କ୍ଷୁଦ୍ର, ହୀନ ବାସସ୍ଥାନକୁ ଫେରି ଆସିବା ମାତ୍ରେ ନେଲ୍ଲ ଲଜ୍ଜାରେ ମଥା ନତ କଲା— ତା ନିଜ ପାଇଁ ନୁହେଁ, କିନ୍ତୁ ଯେଉଁ ଶ୍ୱେତ ମହିଳାଟିକୁ ସେ କାଖେଇ ନେଇ ଆସିଥିଲା ତାରି ପାଇଁ । ଏଠାରେ ତାର ଶୋଇବା ଘରେ ସାମାନ୍ୟ ବିଛଣା, ଖଣ୍ଡିଏ ଭଙ୍ଗା ବେତ-ଚୌକି, ଏବଂ ଗୋଟାଏ ଶ୍ୱେତ ଟୁଲ— ସେ ସ୍କୁଲରେ ପଢ଼ିବା ସମୟରେ ଏହି ଟୁଲଟାକୁ ଟେବୁଲ ପରି ବ୍ୟବହାର କରୁଥିଲା ; ତଥାପି ତା ଆଡକୁ ଅନାଇବାକୁ ସେ ସାହସ କରୁ ନ ଥିଲା । ମାର୍ଗେନେସ ମିମିର ଆଖି କେବଳ ତାଉପରେ ଉଆର ହୋଇ ଥିବାରୁ, କି କଦର୍ଯ୍ୟ ସ୍ଥାନରେ ସେ ଆସି ପହଞ୍ଚିଛି ତାହା ସେ ନିଜେ ଦେଖି ପାରୁ ନ ଥିଲା, କିନ୍ତୁ ଏତେ ସୁନ୍ଦର ସବୁ ଆସୁଥିବା ମାର୍ଗେନେସର ଚକ୍ଷୁ ଦ୍ୱାରା ନେଲ୍ଲ ବର୍ତ୍ତମାନ ତାହା ଲକ୍ଷ୍ୟ କଲା । ଯେତେ ବେଳ ଯାଏ ସେ କୁଣ୍ଢେଇଟାକୁ ତା କାଖ ତଳେ ଜାକି ରଖିଥିଲା ଓ ତାହା ଅଡ଼କୁ ଅନାଉ ନ ଥିଲା, ସେତେବେଳ ଯାଏ ମାର୍ଗେନେସ ମିମି

କିନ୍ତୁ ତେଉଁଷ ଶାନ୍ତ ନ ଥିଲା । କିନ୍ତୁ ନେଲି ଯେତେବେଳେ ତା ଅଙ୍ଗକୁ ଛୁଇଁବାକୁ ଇଚ୍ଛା କରିବ, ସେତେବେଳେ ସେ ବି ସବୁ କିଛି ଦେଖି ପାରିବ । ତେଣୁ ଏପରି ଭାବରେ ସବୁ ବ୍ୟବସ୍ଥା ହେବା ଦରକାର, ଯଦ୍ଦ୍ୱାରା ପ୍ରଥମ ଦୃଷ୍ଟିରେ ତାର ଧାରଣା ଯେପରି ଖରାପ ହେବାର କଥା ସେତେ ନ ହୁଏ ।

ତାର ମନେ ପଡ଼ିଲା ଯେ ତାର ବିଛଣା ତଳେ ଗୋଟିଏ ଟ୍ରଙ୍କ ବାକ୍ସରେ ମିସ୍ ଦରଭୟାର ଖଣ୍ଡିଏ ପୁରୁଣା ନୀଳ ଘାଗରା ଅଛି— ସେହି ବାକ୍ସରେ ସେ ତାର ପୋଷାକ-ପତ୍ର ରଖେ । ନେଲି ପିନ୍ଧିବା ପାଇଁ ତାର ମାଆ ତାହା ନର୍ସକୁ ଦେଇଥିଲା । ବାରମ୍ବାର କାଚ୍ଛ ହେବାରେ ତାର ରଙ୍ଗ ଧୋଇ ଗଲାଣି ଏବଂ ଏକାଧିକ ସ୍ଥାନରେ ଛ ଚିରି ଗଲାଣି, କିନ୍ତୁ ସେହି କଡ଼ ଘଟୁ ଏହା ଆସିଥିଲା, ଦିନେ ଏହା ଦରଭୟାର ଥିଲା, ଏବଂ ମାର୍ଶେନେସ ବୋଧହୁଏ ଏହାକୁ ଚିହ୍ନି ପାରିବ ।

କୁଣ୍ଡେଇଟାକୁ ତଳକୁ ନ ଓହ୍ଲାଇ କିମ୍ବା ତା ଅଙ୍ଗକୁ ଅଧିକ ନ ଛୁଇଁ, ନେଲି ନଇଁପଡ଼ି ବାକ୍ସରୁ ଘାଗରାଟି ବାହାର କଲା, ଏବଂ ତା ପରେ ତାହାକୁ ଟୁଲ ଉପରେ ଟେବୁଲ-କ୍ଲଥ ପରି ବିଛାଇ ଦେଲା— ଚିରା ସ୍ଥାନଗୁଡ଼ିକ, ଅନ୍ତତଃ ଯେଉଁଠି ବେଶି ଛିଡ଼ି ଯାଇଛି, ଯେପରି ଟେବୁଲ ଉପରେ ନ ରହେ ସେଥି ପ୍ରତି ସେ ବିଶେଷ ଯତ୍ନ ନେଇଥିଲା । ସେଠାରେ ! ବର୍ତ୍ତମାନ ସେ ଖଣ୍ଡିଏ ସ୍ଥାନ କରି ପାରିଲା, ଅନ୍ତତଃ ଆପାତତଃ, ସେ କୁଣ୍ଡେଇଟାକୁ ଏହା ଉପରେ ବସାଇ ପାରିବ; କାରଣ, ଅତି ପୁରୁଣା ହୋଇ ଯାଇଥିଲେ ବି, ଘାଗରାଟା ପରିଷ୍କାର ଥିଲା ଓ ସବୁ ସୂତାରେ ତିଆରି ହୋଇଥିଲା ।

କୁଣ୍ଡେଇଟାକୁ ଧୀରେ ଧୀରେ ବସାଉଥିବା ବେଳେ, କାଳେ ତା ଦେହରେ ଲାଗିବ କିମ୍ବା ତାର ପୋଷାକ ଛୁଆଁ ହୋଇଯିବ, ଏହି ଭୟରେ ତାର ହାତ ଥରିବାକୁ ଲାଗିଲା । ତା ପରେ ଅବଶେଷରେ

ସେ ତା ଆଡ଼କୁ ଅନାଇବାକୁ ସାହସ କଲା । ଏକ ଦୁଃଖ ମିଶ୍ରିତ ପ୍ରଶଂସାବାଚକ ଭଙ୍ଗୀରେ ସେ ତାର ବାହୁ ବିସ୍ତାର କରି ଦେଲା, କିନ୍ତୁ ତା ମୁଖ ମଣ୍ଡଳରେ ବ୍ୟଥାତୁର ଅନିଶ୍ଚିତତା ଫୋଟି ଯାଇଥିଲା । ଧୀରେ ତା ଆଣ୍ଠୁ ଭାଙ୍ଗି ବସି ପଡ଼ି, ସେ କଣ୍ଢେଇର ଆଖି ଆଡ଼କୁ ଅନାଇଲା । ହାୟ ! ତା ଘରେ ମିସ୍ ଦାରତଯ୍ୟା କଣ୍ଢେଇଟିକୁ ଯେଉଁ ଚମତ୍କାର ଜୀବନ ପ୍ରଦାନ କରିଥିଲା, ଏଠାରେ ତାହା ପ୍ରାୟ ଲିଭିଗଲା । ନେଲିର ମନେ ହେଲା, ତା ଆଗରେ ବସି କଣ୍ଢେଇଟି ତାର ଜୀବନ ଲାଭ କରିବା ପାଇଁ କଷ୍ଟ କରିବାକୁ ଯେମିତି ଉତ୍କଣ୍ଠାରେ ଅପେକ୍ଷା କରୁଛି— ତାର ହୃତ ଜୀବନ, ଜଣେ ଉଚ୍ଚ ମହିଳାର ଜୀବନ । କିପରି ଏହା କରାଯାଇ ପାରେ ? ନେଲି କଣ କରି ପାରିବ ? ତାର ସେ ସବୁ କଷ୍ଟର ଅଭାବ । ମିସ୍ ଦରତଯ୍ୟା କହୁଥିଲେ ଯେ ତାର କଣ୍ଢେଇମାନଙ୍କର ଦିନ ଭିତରେ ଅନେକ ଥର ଲୁଗା ବଦଳାଇବାର ଅଭ୍ୟାସ ଅଛି, ଏବଂ ମାର୍ଶନେସ ମିମିର ଅନେକ ପୋଷାକ ଅଛି, ଗୋଟିଏ ଅନ୍ୟଟି ଠାରୁ ଅଧିକ ସୁନ୍ଦର— ଗୋଟିଏ ନୀଳ, ଅନ୍ୟଟି ହଳଦିଆ, ଅନ୍ୟଟି ସବୁଜ, ଗୋଟାକ ଉପରେ ଛୋଟ ଛୋଟ ଫୁଲ ଛପା ହୋଇଛି, ଅନ୍ୟଟି ସହିତ ଜାପାନୀ ଛତା ଅଛି । ବର୍ତ୍ତମାନ ଏହା କିପରି ବା ଆଶା କରାଯାଇ ପାରେ ଯେ ଏକ ପୋଷାକରେ, ତାର ଛୋଟ ପାଦରେ ସେହି ଜୋତା ଯୋଡ଼ାକ ପିନ୍ଧି, ଗୋଟାଏ ଟୋପି, ସେହି ବ୍ରେସଲେଟ ଓ ସଦାବେଳେ ବେକରେ ସେହି ହାରଟା ନାଇ, ମାର୍ଶନେସ ତାର ଦିନ ଯାପନ କରିବ ? ଅସଲ ପଅର ଡିଅର୍, କି ସୁନ୍ଦର ପଙ୍ଗାଟିଏ : ଯେ ବେଚାରି ଏଥିରେ ବଞ୍ଚିଲେ ନିଜେ ହାଓ୍ୱା ପାଇ ପାରିବ— ଖୁବ୍ ଅଳ୍ପ ପରିମାଣ ହାଓ୍ୱା, କିନ୍ତୁ କୁନି ମାର୍ଶନେସ ମିମି ପକ୍ଷରେ ତାହା ସମ୍ପୂର୍ଣ୍ଣ ଯଥେଷ୍ଟ ।......

ମିସ୍ ଦରଭଙ୍ଗାର ଘରେ ସବୁ ଦରକାରୀ ଜିନିଷ ଥିଲା— ଗୋଟିଏ ଧଳା ବିଛଣା ଓ ଲୁଇଜିର ଅନ୍ୟାନ୍ୟ ଆସବାବ ପତ୍ର, ସୁନ୍ଦର ପୋଷାକ-ବାକ୍ସ— ସେଠାରେ ଯଦି ସେମାନେ ଥାଆନ୍ତେ, ତା ହେଲେ କି ଖୁସି ମନରେ ନେଲି ମାର୍ଶନେସ୍ ମିମି ର ଦାସୀ ହୋଇ ନ ଥାଆନ୍ତା । କିନ୍ତୁ ଏଠାରେ ସେ ତାର କି ସେବା କରି ପାରିବ ? ଗୋଟିଏ ବିଛଣାଟିଏ ଓ ଅନ୍ତତଃ କିଛି ଲୁଗାପଟା ତାକୁ ଦେବା କଥା ତ ମିସ୍ ଦରଭଙ୍ଗାର ମନରେ ଜାତ ହୋଇବା ଉଚିତ ଥିଲା । ନେଲି ସେଯ ଆଉ କିଛି ଅଧିକ ମୂଲ୍ୟବାନ ଉପହାର ଚାହୁଁଛି ତାହା ନୁହେଁ କି କିନ୍ତୁ ଯେଉଁଥିରେ ଲୁଇଜିଟା କଷ୍ଟ ନ ପାଏ ଏବଂ ସେ ନିଜେ ବି ଯେଉଁଥିରେ ମାର୍ଶନେସର ସେବା କରିପାରେ, ଏଥି ପ୍ରତି ତ ତାଙ୍କ ନଜର ଦେବା ଉଚିତ ଥିଲା । ତାର ନିଜର ଆଦୌ କିଛି ନ ଥିବା ସ୍ଥଳେ, ସେ ବା ତାର ଅଭାବ ମେଣ୍ଟାଇବ କିପରି ? ସେ କେବଳ ମାର୍ଶନେସର ପେଟେଣ୍ଟ-ଚମଡ଼ା ଜୋତା ଉପରେ ନିଶ୍ୱାସ ଛାଡ଼ି ଓ ତାର ଅଙ୍ଗୁଳି ଟିପରେ କିମ୍ବା ରୁମାଲର କୋଣରେ ତାହା ଘଷି ସଫା କରିଦେଇ ପାରେ । ତାହା ଛଡ଼ା ସେ ଆଉ କଣ କରିପାରେ !

ମିସ ଦରଭଙ୍ଗା ପାଖରୁ ଲୁଇଜିଟା ଫେରାଇ ନେଇ ଏକଥା କହିଲେ କଣ ବରଂ ଭଲ ହେବ ନାହିଁ: 'ତୁଏ ତ ଯେପରି ଭାବରେ ତାର ରହିବା ଅଭ୍ୟାସ, ସେହିପରି ଭାବରେ ରହିବା ପାଇଁ ତାର ଯାହା ଦରକାର ସବୁ ମୋତେ ଦିଅ, ନଚେତ୍ ତୁମେ ନିଜେ ତାକୁ ରଖ ।'

ଆଉ କିଏ କହି ପାରିବ ? ତୁଏ ତ ମିସ ଦରଭଙ୍ଗା ଲୁଇଜିର ସବୁ ଦରକାରୀ ଜିନିଷ ତାକୁ ଦେଇ ଦେବ ।......

ନେଲି ଟୁଲଟା ଆଗରେ ବସି ପଡ଼ି, ଗୋଟାଏ ଲମ୍ବା ନିଶ୍ୱାସ ଛାଡ଼ିଲା । ସେ ଥରେ ଘରର ଚାରିଆଡ଼କୁ ଅନାଇବା ମାତ୍ରେ, ତାର

ହଠାତ୍ ମନେ ହେଲା ଯେ ମାର୍ଶନେସ ମିମିଭ ଲେଡ଼ି ରେଣ୍ଟେ ଘରଟି ଯେପରିକି ତାର ଭଙ୍ଗା ଘରର ଗୋଟାଏ କକ୍ଷରେ ଆସି ପଡ଼ିଛି । ଘରଟି ଯଥେଷ୍ଟ ପ୍ରଶସ୍ତ ଦେଖା ଯାଉଛି, ଚଟାଣ ଉପରେ ନରମ ନାଲି କାର୍ପେଟ ବିଛା ଯାଇଛି, କାଠ ଖଟ, ଧଳା ବିଛଣା, ନାଲି ସିଲ୍କ ମଶାରି, ଏବଂ ତା ଛଡ଼ା କାଚ-ବସା ଓ୍ୱାଡରୋବ୍, ସୁଟେନଲ୍ ଟେବୁଲ୍, ଓ ବଡ଼ ଆଇନା-ଦର୍ପଣ । ନେଲି ନିଜକୁ ଦେଖି ପାରିବା, ଯେମିତିକି ତାର ମାଆ ପରି ସୁନ୍ଦର ପୋଷାକ ପିନ୍ଧି, ଏବଂ ମନରେ ତାର ଖାମଖିଆଲି ଲେଡ଼ି ସୁନାବାଣୀର ସେବା କରୁଛି । ଗାଳିମନ୍ଦକୁ ରକ୍ଷା ପାଇବା ପାଇଁ, ସେ ଆଗରୁ ମନଯୋଗ ଓ ସତର୍କତା-ପୂର୍ବକ ସବୁ କାମ କରି ଦେଇଥିବ; କାରଣ ତାର ସବୁ ପ୍ରକାର ସୁବିଧା ହୋଇଥିଲେ ସୁଦ୍ଧା, ତର ପ୍ରୟୋଜନୀୟ ସକଳ ବିଳାସ ସାମଗ୍ରୀ ଥିଲେ ସୁଦ୍ଧା, ସେ ତାହା ସହିତ ଏକା ଥିବାରୁ, ମାର୍ଶନେସ ଠିକ୍ ନିଶ୍ଚୟ ଅସନ୍ତୁଷ୍ଟ ହେବ । ସେ ତାର ମହୁଲା ବନ୍ଧୁମାନଙ୍କର ଦର୍ଶନ ଲାଭ କରିବ ନାହିଁ...... ମର୍ଭିଂ ସହିତ ତାର ଦେଖା ହେବ ନାହିଁ ଏବଂ ସକାଳେ ସେ ଘୋଡ଼ା ଚଢ଼ି ପାରିବ ନାହିଁ । ଗଣ୍ଡିଏ ଲମ୍ବା ଛଡ଼ରେ ସେ ତାର ଗୃହକରଙ୍କୁ ଶାସନ କରିବ ।

'ମୋର ସ୍ନାନର ବ୍ୟବସ୍ଥା ହୋଇଛି ତ ?'

'ମୁହୂର୍ତ୍ତିକ ମଧ୍ୟରେ ସବୁ ବ୍ୟବସ୍ଥା କରି ଦେଉଛି, ମି ଲେଡ଼ି...।'

'କିନ୍ତୁ ମୁଁ ଉଠିବା କ୍ଷଣି ମୋର ସ୍ନାନର ସମ୍ପୂର୍ଣ୍ଣ ବ୍ୟବସ୍ଥା ହୋଇଥିବା ଉଚିତ । ମୋତେ ବସାଇ ରଖିବାର ଅର୍ଥ କଣ ? ମୋତେ ଶୀଘ୍ର ମୋ ଚକୋଲେଟ ଓ ଟୋଷ୍ଟ ଆଣି ଦେ । ଆଉ ମୋ ପୋଷାକ— ଜଲ୍‌ଦି କର !'

'କେଉଁଟା, ମି ଲେଡ଼ି ? ନୀଲଟା ? ନା ହଳଦିଆଟା ? ନା ଜାପାନୀ ଛିଟାବାଲା ପୋଷାକଟା ?'

‘ନା, ବାଇଗଣୀଟା । ସେଇଟା ଭଣି କୁ ଭାଣ୍ଟୁ ନାହିଁ ?’

‘ହିଁ, ହିଁ, ହୁଦ୍ଧରୁ, ମି ଲେଡ଼ି । ଉଦାଗେନ୍ତୁ, ଏଲଟି, ମି ଲେଡ଼ି…।’

ନେଲ୍ଲୀ ଏକ ଦୃଷ୍ଟିରେ ଘରର କୋଣକୁ ଚାହିଁ ରହିଛି, ଯେମିତିକି ତାର ସ୍ୱପ୍ନ ବାସ୍ତବ ହୋଇ ଯାଉଛି । ଭୁଲି ସମସ୍ତେ ଚାହିଁଲେ ମାର୍ଶନେସ ସହିତ ସେ ଜୋରରେ କଥାବାର୍ତ୍ତା କରୁଥିଲା, ମାର୍ଶନେସ ପାଇଁ ସେ ଉଚ୍ଚ-ଦାମ୍ଭିକ ସ୍ୱର ଏବଂ ତା ପାଇଁ ଏକ ଭକ୍ତି-ବିନମ୍ର ସ୍ୱର ବ୍ୟବହାର କରୁଥିଲା— ପ୍ରଭୁ ପରିପୂର୍ଣ୍ଣ କ୍ଷୁଦ୍ର ଦାସୀଟିଏ, ତାର ଅଭ୍ୟାଗତ ମୁନିବାଣୀର କୌଣସି କଥା ପ୍ରତି ତାର ଭ୍ରୂକ୍ଷେପ ନାହିଁ । ହଠାତ୍, ତାର ମଥା ଠାରୁ ପାଦ ଯାଏ କମ୍ପି ଉଠିଲା । ସେ ଦେଖି ପାରିଲା, ଗୋଟାଏ ବଡ ମୋଟା ହାତ ତା ମଥା ଉପରେ ଆସି, ଟୁଲ ଉପରେ ବସିଥିବା କୁଣ୍ଢେଇଟାକୁ ହଠାତ୍ ଉଠାଇ ନେଇଗଲା ।

ଲଜ୍ଜାରେ, ତା ମଥା ତଳକୁ ହୋଇଗଲା; ତା ପରେ, ଅଳ୍ପ କଣରେ, ସେ ତା କାନ୍ଧ ଉପରେ ପଛକୁ ଦୃଷ୍ଟି ନିକ୍ଷେପ କରିବାକୁ ସାହସ ବାନ୍ଧିଲା ।

ତା ବାବା ତା ପଛରେ ଠିଆ ହୋଇଥିଲେ । ତାଙ୍କ ବଡ଼ାବଡ଼ ହାତରେ ସୁନ୍ଦର କୁଣ୍ଢେଇଟି ପରୀକ୍ଷା କରୁଁ କରୁଁ, ତାଙ୍କ ମୋଟା ଓଠରେ ଅଶ୍ଳୀଳ ହସ ଫୁଟି ଉଠିଲା । ସେ ତାଙ୍କ ମୁଣ୍ଡ ହଲାଇ, ପାଟିକଲେ:

‘ଓ, ବସି ରସ ଏହା ହେଉଛି, ନା ?’

ତାର ବାବା ଅନ୍ୟ ହାତଟି ଉଠାଇ, ତାଙ୍କ ଆଙ୍ଗୁଳିରେ କୁଣ୍ଢେଇର ଟୋପିର ଧାର ଧରିବାର ସେ ଯେମିତି ଦେଖିଲା, ତାର ଅନ୍ତର ମର୍ମାନ୍ତିକ ଯନ୍ତ୍ରଣାରେ ପୂର୍ଣ୍ଣ ହୋଇଗଲା । ସେ ଜୋରରେ ଟାଣି ଆଣିଲେ । ମାର୍ଶନେସ ମିମିର ଟୋପି ସହ ମଥାଟା ବାହାରି ଆସିବା ବେଳେ, ନେଲ୍ଲୀ ଅତି କଷ୍ଟରେ ନିଜକୁ ସମ୍ଭାଳି ନେଲା । ତା ପରେ କୁଣ୍ଢେଇଟାକୁ ଖଣ୍ଡ ଖଣ୍ଡ କରି ଷ୍ଟୋଭ ଝରକା ଭିତରେ

ବାହାରକୁ ଘୋଷାଡି ଦିଆଗଲା । ପର ମୁହୂର୍ତ୍ତରେ ନେଲ ଏକ ପ୍ରଚଣ୍ଡ ଗୋଇଠା ଖାଇଲା ଏବଂ କ୍ରୋଧପୂର୍ଣ୍ଣ ଶବ୍ଦାଳ ଶୁଣିଲା :

'ଉଠ୍ ! ଏହୁ ଦାରୁଣ ମୂର୍ଖତା ଆଉ ଏଠାରେ ନୁହେଁ ! ମୋ ଘରେ ଆଉ "ଗ୍ରାଣ୍ଡ ଲେଡି" ଦରକାର ନାହିଁ—ଶୁଣି ପାରୁଛୁ ତ ?…'

# ଧାଇ

ଚାକରାଣୀ ହାତରୁ ଚିଠିଟା ଛଡ଼ାଇ ନେଇ ସିନୋରା ମାନଫ୍ରେଡି ସ୍ବସ୍ତିର ନିଶ୍ୱାସ ଛାଡ଼ି କହିଲେ, 'ଓଃ, ମଣିଷ ବଞ୍ଚିଲା' । ସେମରୁ କେବେ ଚିଠି ଆସି ପହଞ୍ଚିବ, ସିନୋରା ଦିନ ଗଣୁଥିଲେ । ସେ ଏନ୍ରିକୋ ମୋରିଙ୍କୁ କହୁଥିଲେ, ଏରସିଲ୍ୟାର ଛୁଆପିଲା ହେଲେ ସେ ଯେମିତି ସବୁ ଖବର ଜଣାଇ ଶୀଘ୍ର ଗୋଟିଏ ଚିଠି ଦିଏ । ଏଇଟା ସେଇ ଚିଠି ।

ଉଲ୍‌ଧ ପୋଷାକଟା ପିନ୍ଧି ପକାଇ ସେ ଚିଠି ପଢ଼ିବା ଆରମ୍ଭ କଲେ । କୋଉଁ ତାର କରି ଆଗରୁ ଜଣାଇଥିଲା ଯେ ତାଙ୍କ ଝିଅ ଖୁବ୍ କଷ୍ଟ ପାଉଛି, ଯଦିଓ ଭୟର କୌଣସି କାରଣ ନ ଥିଲା । ବର୍ତ୍ତମାନ ଚିଠିପଢ଼ି ଜଣାପଡ଼ିଲା, ପ୍ରକୃତରେ ବିପଦର ସମ୍ଭାବନା ଘଟିଥିଲା; ଏପରିକି ସେଣ୍ଟଭର ଧାତ୍ରୀ-ବିଦ୍ୟାରେ ବିଶେଷଜ୍ଞ ଜଣେ ଡାକ୍ତରଙ୍କୁ ବି ଡ଼ାକିବାକୁ ପଡ଼ିଥିଲା । ମୋର ଅନୁଭବ ଲେଖିଛି ଯେ କାଲେ ଶାଶୁ ଶଶୁରଙ୍କର ମନ ଭାଙ୍ଗି ଯିବ, ସେଥିପାଇଁ ସେ ଆଗରୁ ସବୁ କଥା ଜଣାଇ ନାହିଁ । ବର୍ତ୍ତମାନ ଅବସ୍ଥା ଅଲଗା କଥା, କାରଣ ବ୍ୟାପାରଟା

ଦୁଃଖେ ସୁଖେ ତୁଟି ଯାଉଛି ତ । ସେ ଅନୁଯୋଗ କରନ୍ତି ଯେ ଏରସିଲଦ୍ଧା ତା କଥା ନ ମାନି ଚାଲିବାରୁ ଏମିତି ହେଲା । ମୋବର ବାରଣ ସତ୍ତ୍ୱେ ବି ସେ ଶେଷ ଯାଏ ଅଣ୍ଟା-ଜାମା ଓ ଫୁଲ-ଲଗା ଜୋତା ପିନ୍ଧିବା ଛାଡ଼ିଲା ନାହିଁ ।

'କି କଥା କହୁଛନ୍ତି, ଫୁଲ-ଲଗା ଜୋତା ପିନ୍ଧିବା ଛାଡ଼ିଲା ନାହିଁ, ଭାରି ମୂର୍ଖ କେଉଁଠିକାର ।' ଛଠିଆ ଯେତେ ଥିବ ପଢନ୍ତି, ସିନେମା ଘରର ବାରଣ୍ଡା ତଳେ ବସନ୍ତି । କଟମଟ କରି ସେ ଏ ପାଖ ସେ ପାଖ ଚାହିଁ ଦେଖନ୍ତି । ଭିତରେ ଯାହାରିକୁ ପାଇଲେ ଯେମିତି ସେ ମନର ରାଗ ମେଣ୍ଟାଇ ନିଅନ୍ତି ।

'ବୋକାଟା କଣ କହୁଛନ୍ତି ଦେଖ । ପୁଣିର ଧାନ୍ଦ ସେମାନର ଲୋକ ହେଲେ ଚଳିବ ନାହିଁ । କାହିଁକିରେ ବାବା, ସେମାନର ଲୋକ କି ଦୋଷ କଲେ କି ? ଦରମା ବେଶି ଭୁଲିବ, ଏଇୟା ତ । ଲୋକଟା ଭାରି କୃପଣ । ଭଲ ଦରମା ଦେଇ ଭଲ ଧାନ୍ଦ ରଖିବା ବେଳକୁ ଯେତେ ସବୁ ଠଣାଓଟେର, ଏଣେ ପୁଣି ସାମ୍ୟବାଦୀ ! କିଲ୍ଲାଘର ବେଳେ ଦାଗୀ-ଠକାଟା ତ ହାତ ପକାଇ ଗଣି ନେଇଥିଲା ! ଛି ଛି ଛି, ଏରସିଲଦ୍ଧାର କପାଳରେ ପୁଣି ଏଇଆ ଥିଲା ! ସିସିଲିକୁ ଜଣେ ଗାଉଁଲି ଭୁତ ଯିବ ତାର ଝିଅକୁ ବସାର ଦୁଧ ଦେଇ ମଣିଷ କରିବାକୁ ! ତାକୁ ଧରି ସେ ବଡ଼ ସେମାନର ସମ୍ଭ୍ରାନ୍ତ କେଉଁ ଲଜ୍ଜାରେ ବାହାରିବ ? ଗୁଡ଼ୁଣ୍ଡୀଟାକୁ ପୋଷାକ ପିନ୍ଧାଇ ଦେଲେ ବି ତା ଆଉ ଧାଙ୍ଗ ହେବ ନାହିଁ ! ଯାହା ପଡ଼ରସ୍ତାର, ତାକୁ ଦଶ କୋଡ଼ିଏ ଥର କାଢିଲେ ବି ସେଥିରୁ ଗନ୍ଧ ଛାଡ଼େ ନାହିଁ । ମୂର୍ଖ କେଉଁଠିକାର ! ବୋକା !'

'ଅଟୋ, ଛିଟଫୁଲ ଲଗା ଜୋତା କାହିଁ କାହିଁକି ? ଆଉ ଟାଁଣ ଖାଲିଖା ଗିଳିବାକୁ ଦେବ କାହିଁକି ?'

ସିନୋର ମାନଫ୍ରେଡ ପ୍ରବେଶ କଲେ । ଏହି ମାଲିକାଣୀଙ୍କର ନୃତ୍ୟ-ବୈଚିତ୍ର୍ୟ । ଏବେ ଯଦି ଦାସୀ ଓ ସନ୍ଧୁଣୀଙ୍କୁ ଖାଲି ଦେଖ ଅସିଛନ୍ତି ।

'ସବୁ କଥାରେ ଏତେ ମେଜାଜ ଦେଖାଅ କାହିଁକି କୁହ ତ ? ଜାଣ ତ, ତୁମର ଏ ଘରେ କେତେବେଳେ ହାତରୁ କାମ ଛାଡ଼ି ନାହିଁ ।'

'ବେଶ୍, ଯାହା ହେଉ ଖୁବ୍ ଭଲ ଅଛ । ଅଚ୍ଛା, ମୋ କାମ କଥାଟା ଥରେ ଭାବି ଦେଖିଛ କି ?'

'ଖାଇବା-ଜିନିଷ ନ ଆସିବା ଯାଏ ତୁମର ସେହି ସୁନ୍ଦର ଜୁଆଇଁ-ବାବୁଙ୍କର ଚିଠିଟା ପଢି ସମସ୍ତଙ୍କୁ ଶୁଣାଇ ଦିଅ ।'

'ଏଭସିଲ୍ୟାର କଥା କେଉଁଠି ବୋଧହୁଏ ?'

'ପଢ଼ି ଦେଖ ନା ।'

ସିନୋର ମାନଫ୍ରେଡ କ୍ଷଣକେ ରୁଷ୍ଟ ତ, କ୍ଷଣକେ ତୁଷ୍ଟ । ଖାଇବା କଥା ଭୁଲିଯାଇ ସେ ଚିଠି ପଢ଼ିବାକୁ ଲାଗିଲେ । ପଢ଼ା ଶେଷ ହେଲା ! ଚିଠିଟା ଭାଙ୍ଗି ଲଫାପା ଭିତରେ ପୂରାଇ ପୁଣି ସେ କହିଲେ — 'ଭଲ ହୋଇଛି । ଯେମିତି ଦରକାର ଠିକ୍ ସେମିତି ଜଣେ ପାଇ ମିଳିବ ।' ସିନୋର ମାନଫ୍ରେଡଙ୍କର ପ୍ରାୟ ଏହିପରି 'ଅନୁପ୍ରେରଣା' ଆସେ । ଏହା ଯେମିତି ହଠାତ୍ ଆଲୋକର ଝଲକ— ତାଙ୍କ ଭିତର ଚକ୍ଷୁ ଝାଇଁଝାଇଁ ହୋଇଯାଏ । ବ୍ୟବସାୟରୁ ସେ ଯେଉଁ ପ୍ରଚୁର ଅର୍ଥ ସଞ୍ଚୟ କରିଛନ୍ତି, ତାଙ୍କର ଧାରଣା ସମସ୍ତିକି ଏହି ପ୍ରେରଣା-ଲବ୍ଧ । ଟିକିଏ ଅବିଶ୍ୱାସର ଭଙ୍ଗୀରେ ସିନୋରା କହିଲେ, 'ସେହି ଲୋକଟି କିଏ ଶୁଣେ ?'

'ଭକ୍ତ ମାର୍କୋଙ୍କ ସ୍ତ୍ରୀ ।'

'କଣର ଲୁଚକା ? ସେହି ଦାଗୀ ଚୋରଟାର ?'

'ଚୁପ୍ କର ।'

'ଏସବୁ ଲୋକଙ୍କୁ-ଜଳାଇବା-ସର୍ଦ୍ଦାରିଟାର ଭାରିଳା ?'

'ବାଜେ ବକ ନାହିଁ କହୁଛି ।'

'ଜେଲଖାନାର କୟେଦୀଦାର ଭାଗିଲା ଶେଷକୁ...... ।'

'ମୋତେର ଟିକିଏ ବୁଝାଇ କହି ଦିଅ ତ । ସ୍ତ୍ରୀ ଲୋକଙ୍କର ବୁଦ୍ଧି ଥାଉ କେତେ ହେବ ? ଭଗବାନ ତୁମ୍ଭମାନଙ୍କ ମଥାରେ ମସ୍ତିଷ୍କ ବଦଳରେ ଗୋବର ପୂରାଇ ଦେଇଛନ୍ତି । ଆଜିକାଲି ସାମାଜିକ ବ୍ୟବସ୍ଥାରେ...... ।'

ଅବାକ ହୋଇ ସିନୋଷା ପଚାରିଲେ, 'ଏହା ଭିତରେ ପୁଣି ସାମାଜିକ ଅବସ୍ଥା କଥା ଆସିଲା କିପରି' ?

'ଆସେ ନାହିଁ କେମିତି, ଖୁବ୍ ଆସେ । ଏହି ଠାରେ ନା, ଆମେ ଯେଉଁମାନେ ମୁଣ୍ଡର ଝାଳ ତୁଣ୍ଡରେ ମାରି, ଅର୍ଥାତ୍ ଗୁଡ଼ର ରକ୍ତ ପାଣି କରି ଦୁଇଟା ପଇସା ଜମାଇଛୁ, ଆମ ଆଗରେ ବର୍ତ୍ତମାନ କଣ ରହିଛି ଜାଣ ? ଗୋଟାଏ ଅନିଶ୍ଚିତ ସଙ୍କଟମୟ ଭବିଷ୍ୟତ । ମଥାରେ ପଶୁଛି ନା କଥାଟା ?'

'କଣ ଯେ କହୁଛ ତାର ମୁଣ୍ଡଗଣ୍ଡି କିଛି ନାହିଁ ।'

'ସେଥିପା ତ କହୁବ । ତେଣୁ ମୁଁ କହେ, ତୁମ୍ଭମାନଙ୍କ ମଥାରେ ଗୋବର ଅଛି ।'

ରାଗରେ ଗରଗର ହୋଇ ସିନୋଷ ଅସହାୟ ଭାବରେ ଗୋଟାଏ ଚୌକି ଟାଣି ଆଣି ସ୍ୱାମୀଙ୍କ ଚୌକି କଡ଼ରେ ଯାଇ ବସିଲେ । ଗୁଣ୍ଡିରମାନେ ବାଜେ ଜାନ ପାତ କଥା ଶୁଣି ପକାନ୍ତି, ସେହି ଭଙ୍ଗୀରେ କଣ୍ଠା ଗଲାର ସ୍ୱର କମାଇ କହିବାକୁ ଲାଗିଲେ — 'ମାଲୁଙ୍କୋକୁ ସେଇଟି କାରଖାନାରୁ କାହିଁକି ତଡ଼ି ଦେଇଥିଲେ ଜାଣ ? ତା ମଥାରେ ଜନ-ଜାଗରଣର ଭୂତ ପଶିଥିଲା ବୋଲି ।'

'ତାହା ଭିତରେ ଆଉ ତୁମର ଓସ୍ତାଦର ଓକାଲତି ମୋର ଭିତରେ କି ରଖାଯାଇ ଅଛି, କୁହ ତ ? ତଥାପି ତୁମ୍ଭ ସାମ୍ୟବାଦୀ ଓକିଲଟା ହାତରେ ତୁମର ଝିଅକୁ ସଁପି ଦେଲ ତ ?'

ସିନୋର ଅଧୀର ହୋଇ ଚିତ୍କାର କଲେ, 'ଫେର୍ ? ମୋତେ ଦୁଇ ପଦ କଥା କହିବାକୁ ଦେବ ତ ? ମୋର୍ ହାତରେ ଝିଅ ଦେଇଛି କାହିଁକି—ଏହା ତ ? ପ୍ରଥମତଃ, ମୋର ଚମତ୍କାର ଚିଲ୍, ତେଣୁ—ଦ୍ୱିତୀୟତଃ, ମୋର ସାମ୍ୟବାଦୀ, ତେଣୁ । ବାସ୍ତବଟା ମୋ ମତଲବ ସହିତ ଏତେ ଚମତ୍କାର ମିଳି ଯାଇଥିଲା ବୋଲି ତ ମତ ଦେଇଥିଲି । ଯେଉଁ ମଜୁରିଆମାନେ ମୋ କାରଖାନାଗୁଡ଼ିକରେ କାମ କରନ୍ତି, ସେମାନେ ମୋତେ କାହିଁକି ଏତେ ଖାତିର କରନ୍ତି, ଜାଣ ? ମଥାରେ ବୁଦ୍ଧି ତ ନାହିଁ, ଜାଣିବ ବା କେମିତି ? ଯାଉ ସେ ସବୁ କଥା—ଏକ୍ଷିତ୍ତୋ ସହିତ ଏ ବ୍ୟାପାରଟିର କୌଣସି ସମ୍ପର୍କ ନାହିଁ । ମୁଁ ତମ୍ମ ମାରୁକ୍ଲୋର କଥା କହୁଥିଲି । ସେଟି କାରଖାନାରୁ ତ ତାକୁ ତଡ଼ି ଦେଲି । ହତଭାଗା ବେକାର ହୋଇ ଗୁହଆଡେ ଘୁରି ବୁଲିଲା । ତା ପରେ ଯେମିତି ହାତାହାତି ଆରମ୍ଭ କଲା—ସେମିତି ଜେଲ୍, ତା ପରେ କଳାପାଣି । ବର୍ତ୍ତମାନ ମୁଁ ଯେଉଁ କଥା କହିବାକୁ ଯାଉଛି, ତାହା ହେଲା ଏହା : ମୁଁ ବଡ଼ଲୋକ ସତ—କିନ୍ତୁ ମୋର ତ ହୃଦୟ ବୋଲି ଗୋଟାଏ ପଦାର୍ଥ ଅଛି । ତେଣୁ ମୁଁ ଠିକ୍ କରିଛି ଯେ ମାରୁକ୍ଲୋର ସ୍ତ୍ରୀକୁ ଏଠାକୁ ଅଣାଇବି— ଗୋଟାଏ ତୃତୀୟ- ଶ୍ରେଣୀ ଟିକଟ କାଟି ସେମାନଙ୍କୁ ପଠାଇ ଦେବି—ସେଠାକୁ ଯାଇ ସ୍ତ୍ରୀଲୋକଟି ମୋ ନାଁରେ ଦାବୀ ତୁଲି କରୁ ।'

ସିନୋର ମାଜିଓ୍ୱାନି ଆହୁରି ଅନେକ କଥା କହିବାକୁ ଯାଉଥିଲେ କିନ୍ତୁ ହଠାତ୍ ରହିଗଲେ । ସିନୋରଙ୍କ ଗାଲ ଉପରେ ଏକ ଅଦ୍ଭୁତ ଦାଗ ଥିଲା । ସ୍ୱାମୀଙ୍କର ଅବାଧ୍ୟ ସ୍ତ୍ରୀ ନିକଟରେ

ଯେତେବେଳେ ଖରାପ ହେବାର ସମ୍ଭାବନା ହୁଏ, ସେତେବେଳେ ସିନୋର୍ ସେଥିରୁ କମ୍ପୁଜ କମାବାର ଦାଗଟା ଆଗରୁ ସ୍ଥିର ବୁଦ୍ଧିରେ ଗୁହାଁ ରହନ୍ତି । ଏହି ଚାରିଲି ବୁଦ୍ଧି ତଳେ କବେକୀ ସିନୋରଙ୍କର କଥା ମିଳାଇ ଯାଏ, ସେ ଅନେକ ବାଜେ କଥା ବକିବାକୁ ଆରମ୍ଭ କରନ୍ତି । ସେ ଯଥା ସମ୍ଭବର ଅନେକ ଅଗରୁ ଆଲୋଚନା କମାଇ ଘଣ୍ଟା ବଜାଇ ଗୃହସ୍ୱାମୀକୁ ଡାକିଲେ—

‘ଲିସକୁ କହ, ଯେମିତି ଏଖଣି ଆସି ମୋ ସହିତ ଦେଖା କରେ ।’

ଲିସି ଏକାଧାରେ କଚୁଆନ ଓ ଗୃହର । ଦେହରେ ଭୋଟ କାହିଁ, କମିଜର ହାତ ଗୁଞ୍ଜି ହୋଇଥିଲା । ଲିସି ଆସି ଦୁଆର ଭିତରେ ଠିଆ ହେଲା । କର୍ତ୍ତାଙ୍କର ଡାକ ପଡିଲେ ଲିସି ଦା  ବାହାର ଲଫ୍ ହସେ— ଏହା ତାର ସ୍ୱଭାବ । ତାହାର ବୁଦ୍ଧି ଉପରେ ପ୍ରଥମରୁ ସିନୋରଙ୍କର କେମିତି ଏକ ଆସ୍ଥା ଜନ୍ମି ଯାଇଛି ।

‘ତମ୍ଭ ମାଲୁଙ୍କୋର ସ୍ତ୍ରୀ କେଉଁଠି ଥାଏ ଜାଣୁ ?’

‘ଆଜ୍ଞା ହଁ, ବୁଝିଛି’— ଲିସି କହିଲା । ପୋଡାଏ ନିର୍ବୋଧ ହସରେ ତାର ମୁଖ-ମଣ୍ଡଳ ଉଦ୍ଭାସିତ ହୋଇଉଠିଲା ।

ଠିକ୍ ସେହି ମୁହୂର୍ତ୍ତରେ ଲିସିର ବୁଦ୍ଧିକୁ ତ ହେଁ କରିବା ଭଳି ଅବସ୍ଥା ସିନୋରଙ୍କର ନ ଥିଲା । ‘କଣ ବୁଝିଲୁ, ହତଭାଗା ?’ ସେ ପାଟି କଲେ ।

ଲିସି ଏପରି ଏକ ସଲଜ୍ଜ ଭଙ୍ଗୀ କଲା, ଯେମିତିକି କର୍ତ୍ତା ତା ପିଠି ଆପୁଡ଼େଇଛନ୍ତି । କହିଲା, ‘ତାଙ୍କୁ ଯାଇ କହିବି, ହଜୁର ।’

‘କହିବୁ, ଏଖଣି ଏଠାକୁ ଆସିବ, ତାହା ସାଙ୍ଗରେ କଥା ଅଛି ।’

କିଛି କ୍ଷଣ ପରେ ସିନୋର ତାଙ୍କ ଗୃହରର ଅବ୍ରୁଚ ତାଙ୍ଗିପଣିଆର ପ୍ରମାଣ ପାଇଲେ । ସେ ଓ ସିନୋରା ଯେତେବେଳେ

ଭୋଜନ ଶେଷ କରି ଜାହାନ୍ତି, ଏପରି ସମୟରେ ଜଣେ ସ୍ତ୍ରୀ ଲୋକ ଆସି ଖାଇବା-ଘରେ ପ୍ରବେଶ କଲା । ତା କୋଳରେ ଦୁଇ ମାସର ଶିଶୁଟିଏ । ଏ ଆଉ କେହି ନୁହେଁ— ଉତ୍ତ ମାରୁଚେଲୋର ସ୍ତ୍ରୀ ଆନ୍ଲିଚିସ୍ତା ।

ସିନୋରଙ୍କ ପାଦ ତଳେ ପଡ଼ି ସ୍ତ୍ରୀ ଲୋକଟି କହିବାକୁ ଲାଗିଲା, 'କର୍ତ୍ତା ବାବୁଙ୍କର ଦୟାର ଶରୀର । ଆପଣଙ୍କ ହାତ ଦୁଇଟି ଦିଅନ୍ତୁ, ମୁଁ ଥରେ ଚୁମ୍ବନ କରେ ।' ସ୍ୱଚ୍ଛଶ୍ରୀ ଓ ଗୃହକର୍ତ୍ତୀ ଦୁଆର ମୁହଁରେ ଠିଆ ହୋଇ ସବୁ ଦେଖୁ ଥାଆନ୍ତି । ସେମାନଙ୍କ ଆଗରେ ଲୁସି ଠିଆ ହୋଇଥାଏ, ମୁହଁ-ମଣ୍ଡଳରେ ତା'ର ଆକର୍ଣ୍ଣ-ବିସ୍ତୃତ ଅହ୍ଲାଦର ହସ ।

ସିନୋର ମାନଫ୍ରେଡିଙ୍କ ମୁହଁରେ ଦ୍ୱନ୍ଦ୍ୱର ରେଖା ଫୁଟି ଉଠିଲା । ଏହି ହଠାତ୍ ଆବିର୍ଭାବରେ ସେ ଯେତେ ଅବାକ ହୋଇଛନ୍ତି, ସେତେ ବିରକ୍ତ ବି ହୋଇଛନ୍ତି । ଭ୍ରୂ କୁଞ୍ଚିତ କରି ସେ ହାତ ଘୁଞ୍ଚାଇ ନେଲେ, ଏବଂ ଦୁଆର ଆଡ଼କୁ ଅନାଇ ବଡ଼ ପାଟିରେ କହିଲେ, 'ବାହାରି ଯାଅ ଏଠାରୁ । ଲୁସି, ତୁ ଯାଅ ନା । ଏଣେ ଆ । ଏହାକୁ କଣ କହୁଛୁ କହ ତ ?'

ଆନ୍ଲିଚିସ୍ତା ସେତେବେଳେ ଯାଏ ଆଣ୍ଠୁ ମାଡ଼ି ବସିଥିଲା । 'ଲୁସି କହିଲା— ତମେ ଫେରି ଆସୁଛ, ଆପଣ ତାକୁ ଜେଲରୁ ଖଲାସ କରି ଆଣୁଛନ୍ତି ।'

କଥା ଶୁଣି ସିନୋର ଚମକି ପଡ଼ିଲେ । 'ରହ, ଦେଖୁଛି ବଦମାସଟାକୁ ।' ଲୁସି ସେତେବେଳକୁ ଚମ୍ପଟ କଲାଣି ।

ସିନୋରଙ୍କ ଆଡ଼କୁ କରୁଣ ଭାବରେ ଅନାଇ ଆନ୍ଲିଚିସ୍ତା ଆସ୍ତେ ଆସ୍ତେ ଉଠି ଛିଡ଼ା ହେଲା, ଏବଂ ପଚାରିଲା, 'ତା ହେଲେ କଥାଟା ସତ ନୁହେଁ ?'

ଅନେକ କଷ୍ଟରେ ତାକୁ ବୁଝାଇଗଲା ଯେ ସିନୋର ମାନଫ୍ରିନିଙ୍କର ଏଥିରେ କୌଣସି ହାତ ନାହିଁ । ଇଚ୍ଛା ଥିଲେ ବି ସେ ତାଙ୍କୁ ଖଲାସ କରି ଆଣି ପାରିବେ ନାହିଁ । ସିନୋର ତାକୁ ବୁଝାଇ କହିଲେ, ‘ଦେଖ, ମୋ ରେଶମି କାରଖାନାରୁ ମୁଁ ତାଙ୍କୁ ତଡ଼ି ଦେଇଛି ସତ, କିନ୍ତୁ ତୁ ତ ନିଜେ ଦେଖିଛୁ ତାର କେତେ ଅପରାଧ ମୁଁ ଆଖି ବୁଜି ସହି ଯାଇଛି । ଏହିକୁ କାହିଁକି ? ତୋ ଆଡ଼କୁ ଅନାଇ । ପିଲା ବେଳେ ତୁ ଏହି ଘରେ ମଣିଷ ହୋଇଛୁ । ଏରସିଲ୍ୟାର ତୁ ଖେଳ-ସାଥୀ ଥିଲୁ । ଏ ସବୁ କଥା କଣ ମୁଁ କେବେ ପାଶୋରି ପାରେଁ ?’

ସିନୋର କଥା କହୁଥିଲେ, ଏଣେ ସିନୋରା ତୀକ୍ଷ୍ଣ ଦୃଷ୍ଟିରେ ଅଲିଭିଆକୁ ପରୀକ୍ଷା କରି ଦେଖୁଥିଲେ ଏବଂ ଭାବୁଥିଲେ : ହଁ, ଏ ଭଳି ପୋଷାକରେ ସେ ଖୁବ୍ ଭଲ ଦିଶିବ । ଲାଲ ରୁମାଲରେ ସୁନେଲି କେଶ ବନ୍ଧା, ଦେହରେ ନର୍ସର ପୋଷାକ ପିନ୍ଧା—ଭାରି ଭଲ ମାନିବ । ସେ ଯେମିତି କଳ୍ପନାର ଚକ୍ଷୁରେ ତାର ସର୍ବାଙ୍ଗ-ସଭଙ୍ଗ-ଚେହେରା ସ୍ପଷ୍ଟ ଭାବରେ ଦେଖିବାକୁ ପାଉଛନ୍ତି ।

ସବୁ କଥା ଶୁଣି ଅଲିଭିଆ ଯେମିତି ଆକାଶରୁ ପଡ଼ିଗଲା । ନିଜ ଶିଶୁଟିକୁ ସେମାନଙ୍କ ଆଗରେ ଧରି କହିଲା, ‘ମୋ ପିଲାଟି—ତାର କଣ ହେବ ? ତାଙ୍କୁ କିଏ ଦେଖିବ ?’

ଶିଶୁଟିକୁ ତା ବକ୍ଷରେ ଚାପି ଧରି ବିଚାରୀ ପୁଣି କାନ୍ଦିବାକୁ ଲାଗିଲା । ‘ଧନ ରେ ମୋର, ଲୁଚିପିରେ, ତୋ ବାପା ଆଉ ଫେରି ଆସୁ ନାହିଁ ।’ ଲୋତକପୂର୍ଣ୍ଣ ଚକ୍ଷୁରେ ସିନୋରଙ୍କ ଆଡ଼କୁ ଅନାଇ ସେ କହିଲା, ‘ତା ବାପା ତାକୁ ଦେଖି ନାହାନ୍ତି, ମୋ ପୁଅ ବି ସୋନାକୁ ଦେଖି ନାହିଁ ।’

‘ଏରସିଲ୍ୟା ତୋତେ ଯେଉଁ ଦରମା ଦେବ, ସେଥିରୁ କିଛି ଖର୍ଚ୍ଚ କଲେ ତୋ ପିଲାଟିକୁ ଦେଖା ଶୁଣା କରିବା ପାଇଁ ଢେର ଲୋକ ମିଳିବେ ।’

'ଭିନୋଷ୍ ଏରସିଲିୟାଙ୍କ ନିକଟକୁ, ମୁଁ ତ ଖୁସି ହୋଇ ଯାଆନ୍ତି, କିନ୍ତୁ ସେ ଯେ ଅନେକ ଦୂର— ସେଣ୍ଟ ଗ୍ରେମ !'

ପିନ୍ନୋର ମାନଫ୍ରେନ୍ନି କହି ପକାଇଲେ, 'ଦୂର ଟେସର୍ କଣରେ ! ଏ ହେଲା ରେଲ ଷ୍ଟିମରର ଯୁଗ । ଗାଡ଼ିରେ ବସିଲେ ହିଁ ହେଲା, ଦେଖୁଁ ଦେଖୁଁ ସେମତରେ ପହଞ୍ଚି ଯିବୁ ।'

ଅଲିଭିୟା କହିଲା, 'ଆଜ୍ଞା, ତାହା ତ ଠିକ୍ । ମୁଁ ମଫସଲର ମୂର୍ଖ ସ୍ତ୍ରୀ-ଲୋକଟିଏ । କିଏ ଜାଣେ, କେଉଁଠି ବାଟ ହୁଡ଼ିଯିବି । ଗାଁ ଛାଡ଼ି କେବେହେଁ ଦିନ ଘରୁ ପାଦ ବାହାର କରି ନାହିଁ । ଆଉ ତାହା ଛଡ଼ା, ଆପଣ ତ ଜାଣନ୍ତି, ମୁଁ ଓ ମୋର ଶାଶୁ ଗୋଟିଏ ଘରେ ରହୁଁ । ବୟସ୍କା ବୁଢ଼ୀ ମଣିଷ, ତାକୁ ବା ଏକା ଛାଡ଼ି ଯିବି କିପରି ? ତାଙ୍କ ବାରମ୍ବାର କହି ଯାଇଛନ୍ତି, ମୁଁ ଯେମିତି ତା ମାଆକୁ ଦେଖାଶୁଣା କରେଁ । କି କଷ୍ଟରେ ଯେ ଅଛନ୍ତି କିଏ ଜାଣିବ ? ଏଣେ ମୋର ଏଇ ପିଲାଟି, ତେଣେ ସତୁରୀ ବର୍ଷର ଏଇ ଖୁଙ୍କୁଣି ବୁଢ଼ୀ । କିଛି ଦିନ ହେଲା ଭାବୁଛି, କାହାର ହାତରେ ପିଲାଟିର ଭାର ଦେଇ ମୁଁ କେଉଁଠି ହେଲେ କିଛି ଗୋଟାଏ କାମ କରିବି । ଅଭାବର ସଂସାର; ଏଠା ସେଠା ବିକ୍ରି କରି କୌଣସି ମତେ ସଂସାର ଚଳାଉଛି । ଏପରି ଭାବରେ ଦିନ ଚାଲିଲେ ଆଉ କିଛି ଦିନ ପରେ ଜୁଟା କଣ୍ଡିଏ ବି ଘରେ ରହିବ ନାହିଁ । ବିବାହର ସମୟରେ ତାଙ୍କ କେତେ ଯତନ କରି ଘର ସଜାଇ ଥିଲି । ଏମିତ କିଛି ଦାମିକା ଜିନିଷ ନୁହେଁ, କିନ୍ତୁ ସଉକର ଜିନିଷ ତ । ଫେରି ଆସି ସେ ଯେତେବେଳେ ଦେଖିବ ଘର ଦୁଆର ଏକବାରେ ଫାଙ୍କା, ମୁଁ ସେତେବେଳେ ତାକୁ କଣ କହିବି ? କିନ୍ତୁ ବୁଢ଼ୀ କଣ ମୋତେ କାମ କରିବାକୁ ଦେବ ? ତାର ଯେଉଁ ଠମକ, ଲୋକଙ୍କ କଥା କାନକୁ ନେବ ନାହିଁ । ତଥାପି ଭିନୋଷ୍ ଏରସିଲିୟାଙ୍କ କାମରେ ଯିବା ଲାଗନ୍ତି··· ଅଚ୍ଛା, ଗୋଟାଏ କାମ କରିଯାଉ, ଶାଶୁଙ୍କୁ ଥରେ ପଚାରି ଦେଖେ ।'

'କିନ୍ତୁ ଜବାବଟା ଜରୁରୀ ଦରକାର । କାଲି ଭିତରେ ଚାଲି ଯିବାକୁ ହେବ ।'

ଅନିନ୍ଦିତା ମହା ଅଡୁଆରେ ପଡିଲା । 'କାଲିକି ? ହେଉ, ଯାଇ ପାରିବ କି ନା କାଲି ଆସି ଜଣାଇବି ।' ଏହା କହି ସେ ଚାଲିଗଲା ।

ନିକଟବର୍ତ୍ତୀ ଗୋଟାଏ ଗଳିରେ ସେମାନେ ଥାଆନ୍ତି । ଇତିମଧ୍ୟରେ ଲୁସିର କୃପାରୁ ମିଥ୍ୟା କଳଙ୍କିତ ପଡ଼ା ସାରା ବ୍ୟାପି ହୋଇ ଯାଇଛି ଯେ ଝିଅ ଖରାପ ହୋଇଛି । ବିଚାରି ବୁଢ଼ୀମା ସେମାନଙ୍କର ଛୋଟ ଏକ-ଚାଳ ଘରର ଗୋଟାଏ କୋଣରେ ଶୀତରେ ଥରି ଥରି ହୋଇ କାଆଁ କୁହୁଁଛି । ପଡ଼ାର ସ୍ତ୍ରୀ ଲୋକମାନେ ଆସି ତା ଘର ପାଖେ ଭିଡ଼ କରି ଠିଆ ହେଲେ । ସମସ୍ତେ ଏକ ବାକ୍ୟରେ ବିନୋଦ ମାଷ୍ଟରଙ୍କର ସ୍ତୁତି ଗାଇବା ଆରମ୍ଭ କରିଦେଲେ । 'କି ତାଙ୍କର ଦୟାର ଶରୀର ।' ବୁଢ଼ୀର ମଥାଟା ବକ୍ଷ ଉପରେ ଝୁଲି ପଡ଼ିଛି । ମଝିରେ ମଝିରେ ଥରେ ଅଧେ ହୁଁ ହାଁ ଶବ୍ଦ କରୁଛି । ତାହା ହର୍ଷରେ କି ବିରକ୍ତିରେ ଠିକ୍ ବୁଝାଯାଉ ନାହିଁ । ଚକ୍ଷୁରେ କାତର ସେମିତି ଉଦାସୀନ ଦୃଷ୍ଟି ।

ଇତି ମଧ୍ୟରେ ଅନିନ୍ଦିତା ଆସି ଦୁଆର ମୁହଁରେ ଠିଆ ହୋଇଛି । ତାହା ଠାରୁ ସବୁ କଥା ଶୁଣିବା ପରେ ବିନୋଦଙ୍କର ସ୍ତବଗାନ ଏକ ମୁହୂର୍ତ୍ତରେ ବନ୍ଦ ହୋଇଗଲା । ବୁଢ଼ୀ ଏଥର ମୁହଁ ଟେକି ପଡ଼ୋଶୀ-ମାନଙ୍କ ଆଡ଼କୁ ଅନାଇଲା । ଚକ୍ଷୁରେ ତାର କି ତୀବ୍ର ଧିକ୍କାର ଦୃଷ୍ଟି । ମାଷ୍ଟ୍ରେ କଣ ପ୍ରସ୍ତାବ କରିଥିଲେ ଶୁଣି ସେ କମ୍ପି କମ୍ପି ଉଠି ଠିଆ ହେଲା । ଝିଅକୁ ପଚାରିଲା, 'କି ଜବାବ ଦେଲୁ ?'

ଅନିନ୍ଦିତା କାତର ଦୃଷ୍ଟିରେ ପଡ଼ୋଶୀମାନଙ୍କ ଆଡ଼କୁ ଅନାଇଲା । ଜବାବଟା ଏହା— ତୁମ୍ଭେମାନେ ଭାଇ, ବୁଢ଼ୀକୁ ବୁଝାଇ କୁହ, ଏହି କାମଟା ଛାଡ଼ିଦେବା ମୋ ପକ୍ଷରେ ଉଚିତ ହେବ ନାହିଁ ।

ଶାଶୁଙ୍କ କଥାର ଉତ୍ତରରେ ସେ କହିଲା, 'ମୁଁ କହୁଛି ତୁମକୁ ଏସବୁ ଜଣାଇଛି ।'

ବୁଢ଼ୀ ରାଗରେ ଚିତ୍କାର କଲା, 'ସେ ସବୁ ହେବ ନାହିଁ, କୌଣସି ମତେ ହେବ ନାହିଁ କହି ଦେଉଛି ।'

ଆଉ ଥରେ ଅନୁନୟର ଦୃଷ୍ଟିରେ ପଡୋଶୀମାନଙ୍କ ଆଡକୁ ଅନାଇ ଅଣ୍ଟି ଭିଡ଼ି କହିଲା, 'ମୁଁ ତ ଯିବାକୁ ଚାହେଁ ନାହିଁ, କିନ୍ତୁ...'

ଏଥର ଜଣେ ଦୁଇ ଜଣ ଆସି ବୁଢ଼ୀକୁ ବୁଝାଇବାକୁ ଲାଗିଲେ— ଯଦି ବୋହୂ ଏ ସୁଯୋଗ ଛାଡ଼େ, ତା ହେଲେ ଖୁବ୍ ବୋକାମୀ ହେବ । ସେହି କାମଟା କଲେ ଏହି ତିନି ପ୍ରାଣୀଙ୍କର ଗୋଟାଏ ବ୍ୟବସ୍ଥା ହେବ ।

ସେମାନଙ୍କ ମଧ୍ୟରୁ ଜଣେ କୋଳରେ ଶିଶୁଟିଏ ଧରି ଆସିଥିଲା । ପିଲାଟିକୁ ଦୁଧ ଦେଇଁ ଦେଇଁ ସେ କହି ପକାଇଲା, 'ତୁ କିଛି ଚିନ୍ତା କରନା, ମୁଁ ତୋ ପିଲାଟିକୁ ଦେଖାଶୁଣା କରିବି ।' ଏହି ଦେଖ କହି ପିଲାଟିର ମୁହଁରୁ ବେଣ୍ଟଟା ଟାଣି ଆଣି ଦୁଦୁକୁ ଟେକି ଧରି ଚିପିଦେଲା । ପଚ୍ ପଚ୍ ହୋଇ ଦୁଧର ଟୋପା ଆସି ମୁହଁରେ ଆଖିରେ ପଡ଼ିବାକୁ ଲାଗିଲା । ଏ କାଣ୍ଡ ଦେଖି ସମସ୍ତେ ହସି ହସି ଗଡ଼ିଗଲେ ।

କିନ୍ତୁ ବୁଢ଼ୀ ସହଜରେ ଟଳିବାର ପାତ୍ରୀ ନୁହେଁ । ସେ କାହାରି କଥା କାନକୁ ନେଲା ନାହିଁ । ଗଳା ଫଟାଇ ଚିତ୍କାର କରି ସେ ତା ବୋହୂକୁ କହିଲା, 'ଯିବୁ ତ ମୋ ମଥା ଖାଇବୁ । ମୋ କଥା ନ ଶୁଣିଲେ, ଦେଖ୍ ଭଲ ହେବ ନାହିଁ । ମୋ ଅଭିଶାପରେ ତୋର ସର୍ବନାଶ ହେବ ।'

**ଏଣିକି ସ୍ତ୍ରୀ ମୋର ଷ୍ଟେସନକୁ ଆସିଛି—ନେପାଳର ଗାଡ଼ି ଆସିବାକୁ ଡେରି ନାହିଁ । ମୋର ଲେଞ୍ଜକଟା ବାକ୍ସ, କାନ୍ଧ ଝୁଲାଟି**

ବଢ଼—ଓଗ୍ରାଗା ଶରୀର । ଦେଖିଲେ ମନେ ହୁଏ ଯକ୍ଷ୍ମାର ଦୋଷ ଅଛି । ଶୀର୍ଣ୍ଣ ମୁଖ ନାଗ ଦାଢ଼ୀରେ ଅଚ୍ଛନ୍ନ । ଅଣ୍ଡପେଷା ଜର ଜର ତାଙ୍କୁ ବାରକ୍ଷ ଲାଗିଲାଣି । ଚମାଗାଲ ଚଶମାଟା ନାକ ଉପରେ ସିଧା ବସାଇବାକୁ ସେ ଚେଷ୍ଟା କରୁଛନ୍ତି । ରହି ରହି ସିଗାରେଟ ଅଣ୍ଡାଉଛନ୍ତି, ସବୁ ମିଶି କେମିତି ଏକ ଅସ୍ଥିର ଭାବ । କୋଟ ଓ ଓଭରକୋଟର ପକେଟଗୁଡ଼ାକ ଖବର କାଗଜରେ ଭରପୁର ।

ଜଣେ ରେଲ କର୍ମଚାରୀ ପାଖକୁ ଯାଇ ସେ ପଚାରିଲେ: 'ଆଜ୍ଞା ମହାଶୟ, ନେପାଲ୍‌ସର ଗାଡ଼ିଟା କେତେବେଳେ ଆସିବ—କହି ପାରିବେ ?'

'ଗାଡ଼ି ଚାଳିଶ ମିନିଟ ବିଳମ୍ବ ।'

'କଣ କହୁଛନ୍ତି, ମହାଶୟ । ହେବ ତ, ଖାଲି କଣ କହନ୍ତି ଇଟାଲିୟାନ ଗାଡ଼ି । ଯା-ଇଚ୍ଛା-ତା ବ୍ୟାପାର' ।

ଏଣେ ତେଣେ ଚାଲବୁଲି କରି ଶେଷକୁ ସେ ଯେମିତି—ସେମିତି ଗୋଟାଏ ସ୍ଥାନରେ ବସି ପଡ଼ିଲେ । ଗୋଟାଏ ବେଞ୍ଚି ବି ଖାଲି ନାହିଁ ।

'ଶେଷକୁ କଣ ନା ଗୋଟାଏ ଧାଡ଼ି ପାଇଁ ଉମେଦବାର ହେବାକୁ ହେବ । ସେ କେତେବେଳେ ଆସି ପହଞ୍ଚିବ, ତାର ଅପେକ୍ଷାରେ ବସି ରହିବାକୁ ହେବ । ଯା-ଇଚ୍ଛା-ତା ବ୍ୟାପାର ।'

ଏରମିଲ୍ୟା ଆଜିକୁ ପ୍ରାୟ ଦୁଇ ବର୍ଷ ହେଲା ରୋମରେ ଅଛି, ସେମାନଙ୍କର ବିବାହ ପର ଠାରୁ । ରାସ୍ତା ଘାଟ ଚିହ୍ନୁ ନାହିଁ, ନା ଅଭ କଳ୍ପ ଚିହ୍ନିଛି । ଘରର ସାମାନ୍ୟ ଜିନିଷଟିଏ କିଣିବାକୁ ଯିବା ପାଇଁ ବି ତାର ସାହସ ନାହିଁ । ଦୁଇ ପାଦ ବାହାରକୁ ବଢ଼ାଇଲେ ତ ଗଲେ ତାର ମଥା ଉପରେ ଯେମିତି ଆକାଶ ଭାଙ୍ଗି ପଡ଼େ—ସେ ଯେମିତି ସିସିଲିର ମଫସଲରୁ ଏହି ଭାଲି ସହରକୁ ଆସିଛି । ଘରେ ବସି ବସି ତାର ଏକମାତ୍ର କାମ କେମୋରକୁ ଗାଳିଦେବା । ସକାଳୁ ଆରମ୍ଭ ହୁଏ ଯେ

ଶୋଇବାକୁ ଯିବା ଯାଏ ତାହା ଚାଲେ । ଏକଘାଇଆ ବିଣିବିଣିଆ ସ୍ୱରରେ ଗାଳି ଦେଉଛନ୍ତି ତ ଦେଉଛନ୍ତି । ତାର ଗାଳି ଗୁଡ଼ିକ ମଧ୍ୟରେ କୌଣସି ଅର୍ଥ ନାହିଁ, ଯୁକ୍ତି ନାହିଁ । ଏହାହିଁ ମୋର ନିକଟରେ ସବୁ ଠାରୁ କ୍ଳାନ୍ତିକର । ତାର ଝଗଡ଼ାର ଆଉ ଗୋଟାଏ କାରଣ ହେଲା ଏରସିଲ୍ୟାର ଈର୍ଷା, ଏ ତାର ପ୍ରେମର ଈର୍ଷା ନୁହେଁ, ଖାଲି ବଦ୍‌ମିଜାଜ ।

ମୋର ବସି ବସି ଭାବୁଛି, 'ସେ ମନେ କରେ ମୁଁ ତାକୁ ଭଲ ପାଏ ନା । କେଉଁଥିପାଇଁ ଭଲ ପାଇବି ? ଇଚ୍ଛା କରି ଘୃଣା ଗୋଟାଇବା ଯେମିତି ତାର ସ୍ୱଭାବ—ସେଥିରେହିଁ ସେ ଆନନ୍ଦ ପାଏ । ପଦେ ମିଠା କଥା ନାହିଁ, ଟିକିଏ ଆଦର ନାହିଁ··· ସବୁବେଳେ ସନ୍ଦେହ ! କଳହୁଡ଼ି, ବଦମୁହାଁ ! କଣ ଦେଖି ଯେ ତାକୁ ବିଭା ହୋଇଥିଲି, ଏଷଣି ତାହା ଭାବୁଛି । ଯା-ଇଚ୍ଛା-ତା ବ୍ୟାପାର !'

ନାକର ଦଣ୍ଡା ଉପରେ ଚଷମାଟା ବସାଇ ପକେଟରୁ ଖଣ୍ଡିଏ ଖବର କାଗଜ ବାହାର କରି ସେ ପଢ଼ିବାକୁ ଲାଗିଲା ।

ଏଣ୍ଟୋନିଓର ସବୁଥିରେ ବିରକ୍ତି । ସ୍ତ୍ରୀ ସହିତ ପଟେ ନାହିଁ— କାଗଜ ପଢ଼ିଲେ ବି ସ୍ୱସ୍ତି ନାହିଁ । ଗୋଟିଏ ଗୋଟିଏ ଖବର ପଢ଼ୁଛି ଆଉ କ୍ରମାଗତ ଉଲଟାଇ ଯାଉଛି, 'ଯା-ଇଚ୍ଛା-ତା ବ୍ୟାପାର ।' ତଥାପି ପଢ଼ିବା ଛାଡ଼େ ନାହିଁ । ରୋମ, ମିଲାନ, ନେପଲ୍‌ସ, ତୁରିନ, ଫ୍ଲୋରେନ୍‌ସ— ଏହିସବୁ ସହରର ନାମଜାଦା ଖବର କାଗଜ ଗୁଡ଼ାକ ସଦାବେଳେ ତାର ପକେଟରେ । ପ୍ରତ୍ୟେକ କାଗଜ ଆମୂଳଚୂଳ ନ ପଢ଼ିବା ଯାଏ ତାର ଭାତ ହଜମ ହୁଏ ନାହିଁ । ସେ କହେ 'କାଗଜ ପଢ଼ିବା ମୋ ଯକୃତର ଔଷଧ ।' ଡାକ୍ତର ଠିକ୍ ତାର ବିପରୀତ କଥା କହେ ବସି ବସି ପଢ଼ାଶୁଣା କରି ତାର ଯକୃତର ଦୋଷ ହୋଇଛି । ତମାର ଭାବେ, ପଢ଼ାଶୁଣା ଛାଡ଼ିଦେଲେ ସେ ଖଣ୍ଡ ଦାମ୍ପତ୍ୟ ଜୀବନର

ମାଧୁରୀ ମଧ୍ୟରେ ବୁଡ଼ି ରହିଥାନ୍ତା, ତାହାହେଲେ ତାହା ତାର ସ୍ୱା
ପକ୍ଷରେ ଖୁବ୍ ବେଶି ଭଲ ହୋଇ ନ ଥାନ୍ତା । ଏଉରସିଲାପ୍ସୁ ସହି
ସମୟ ବିତାଇବା ଅପେକ୍ଷା ଖବର କାଗଜ ପଢ଼ିବା ଢେର୍ ଭଲ ।

'ହତଭାଗା ଗାଡ଼ିଟା କେପଲ୍ସରୁ ଅଧିକ ନାହିଁ ନା କଣ ? ଘଣ୍ଟା ଆଡ଼କୁ ଅନାଇ ଧଡ଼୍ କରି ସେ ଉଠି ପଡ଼ିଲା : ସର୍ବନାଶ, ସନ୍ଧ୍ୟା ହୋଇ ଗଲାଣି ! ସେ ହଠାତ୍ ଯାତ୍ରୀମାନଙ୍କର ପ୍ରସ୍ଥାନ-ଫାଟକ ନିକଟକୁ ଯାଇ ଠିଆ ହେଲା । ସ୍ତ୍ରୀ-ଲୋକଟି କାହିଁ ? କିଛିକ୍ଷଣ ପୂର୍ବରୁ ନିଶ୍ଚୟ ପହଞ୍ଚି ଯାଇଛି— କୁଆଡ଼େ ଗଲା ? ଘରର ଠିକଣା ବି ତ ସେ ଜାଣେ ନାହିଁ ।

ବଡ଼ ଭାଗ୍ୟ ବୋଲିବାକୁ ହେବ, ସେ ତାକୁ ଶୀଘ୍ର ଖୋଜି ପାଇଗଲା । ଲଗେଜ ଘରେ ଉଙ୍କି ମାରିବା ମାତ୍ରେ ସେ ଦେଖିଲା, ଅଲିଭିଆ ତା ବାକ୍ସଟି ଉପରେ ବସି କରୁଣ-ନୟନରେ କାନ୍ଦୁଛି । ଲଗେଜ-ବାବୁମାନେ ତାକୁ ଆଶ୍ୱାସନା ଦେଇ କହୁଛନ୍ତି, ଥାନାକୁ ଯାଇ ପୋଲିସକୁ ଖବର ଦେଲେ ସବୁ ଠିକ୍ ହୋଇଯିବ ।

'ଅଲିଭିଆ ।'

ମୋହର ଗଳାର ସ୍ୱର ଶୁଣି ଅଲିଭିଆର ପିଣ୍ଡରେ ଯେମିତି ପ୍ରାଣ ପଶିଲା । ଆନନ୍ଦରେ ଅଧୀର ହୋଇ ସେ କହିବାକୁ ଲାଗିଲା— ମୋର ଉପରେ ପଡ଼ିଯିବ କି ଆଜି ! 'ଆଉ ଟିକିଏ ଯାଇଥିଲେ ଏକବାରେ ହଜି ଯାଇଥାନ୍ତି । ଭାଗ୍ୟକୁ ଜୋର୍ବାରୁ ଆସିଗଲେ !'

'ଶ୍ୱଶୁର କଣ ଆମ ଘର ଠିକଣାଟା ତୁମକୁ କହି ନାହାନ୍ତି କି ? ଖଣ୍ଡିଏ କାଗଜରେ ଲେଖିଦେଇ ପାରିଥାନ୍ତେ ତ ।'

କ୍ରନ୍ଦନର ଧକ୍କାଟା ସମ୍ଭାଳି ନେଇ, ଚକ୍ଷୁରୁ ଜଳ ପୋଛୁ ପୋଛୁ ଅଲିଭିଆ କହିଲା, 'ମୁଁ ତ ପଢି ଜାଣେ ନାହିଁ, ସେଥିପାଇଁ ଲେଖିଥିଏ ଦେଇ ନାହାନ୍ତି ।'

'ଯା-ଇଚ୍ଛା-ତା ବ୍ୟାପାର । ଟିକଣାଟା ହାତରେ ଥିଲେ ଯେ କୌଣସି ଗାଡ଼ିବାଲା ତୁମକୁ ଘରେ ପହଞ୍ଚାଇ ଦେଇ ପାରିଥାନ୍ତା । ମୋତେ କଷ୍ଟ କରି ଏତେ ଦୂର ଆସିବାକୁ ପଡ଼ି ନ ଥାନ୍ତା । କପାଳରେ ଦୁଃଖ ଥିଲା, ତା ନ ହେଲେ କଣ ଆଉ ଆସିଥାନ୍ତି ? ପ୍ଲାଟଫର୍ମରେ ବସିଥିଲି, ତେଣୁ ନେପାଲ୍‌ର ଗାଡ଼ି କେତେବେଳେ ଆସିଲା ଜାଣି ବି ପାରିଲି ନାହିଁ ।'

ଘୋଡ଼ାଗାଡ଼ିରେ ବସୁଁ ବସୁଁ ସେ ତାକୁ ସାବଧାନ କରି ଦେଲା, 'ଖବରଦାର, ତୁମର ଏହି କଥା କାହାରି ଗୋଚରକୁ ନ ଆସିବା ଯେମିତି ଟେର ନ ପାଏ । ଜାଣି ପାରିଲେ, ସାମାନ୍ୟ ବ୍ୟାପାର ପାଇଁ ସେ କୁରୁକ୍ଷେତ୍ର ଯୁଦ୍ଧ ସୃଷ୍ଟି କରିବ ।'

ଏଣିକି ସେ ଆଉ ଖଣ୍ଡିଏ ଖବର କାଗଜ ବାହାର କରି ପଢ଼ିବାକୁ ଆରମ୍ଭ କଲା । ଆଣିକିଯା ବିଚାରୀ ତା ଶରୀରଟା ତଥା ସମୁଦାୟ ସଙ୍କୁଚିତ କରି କୋଣରେ ଘସି ହୋଇ ବସିଛି । ମୁନ୍ନାବାବୁଙ୍କ ସାଙ୍ଗରେ ଏକା ଗୋଟିଏ ଗାଡ଼ିରେ ଲଟାଲଗି ହୋଇ ବସି ଯିବାଟା ତାହା ନିକଟରେ ଅଭାବନୀୟ ବ୍ୟାପାର । ବିଚାରୀ ଲଜ୍ଜା ଓ ଭୟରେ ଜଡ଼ସଡ଼ । ଅବଶ୍ୟ ଏହି ଭାବଟା ଶୀଘ୍ର କଟିଗଲା । ନିତାନ୍ତ ମଫସଲି ଝିଅ, ଦୈନନ୍ଦିନ ଜୀବନର ସଙ୍କୀର୍ଣ୍ଣ ଗଣ୍ଡି ମଧ୍ୟରୁ ସେ କେବେ ହେଲେ ବାହାରି ନାହିଁ । ରେଲରେ ଓ ଷ୍ଟିମାରରେ ଦୀର୍ଘ ପଥ ଅତିକ୍ରମ କରି ନାନା ବିଚିତ୍ର ବ୍ୟାପାର ଦେଖି ବିଚାରୀ ଏକବାରେ ହତବୁଦ୍ଧି ହୋଇ ଯାଇଛି । ତାର ଭାବନା ଚିନ୍ତା ସବୁ ଓଲଟି ଯାଉଛି । ଶେଷ ଅବଧି ସ୍ୱସ୍ତିରେ ପହଞ୍ଚି ସେ ଯେମିତି ନିଶ୍ୱାସ ନେଇ ବଞ୍ଚିଲା । ଏବେ ବି ରହି ରହି ତାର ମନେ ପଡ଼ୁଛି—ସମୁଦ୍ରରେ କି ଢେଉ ଆଉ ରେଲଗାଡ଼ି କେମିତି ଜୋରରେ ନ ଦୌଡ଼ିଲା ! ପ୍ରାଣ ଧରି ସେ ଯେ ବଞ୍ଚିକରି ଆସିଲା, ଏହା ତାର ପୌତ୍ର ପୁରୁଷର ଭାଗ୍ୟ ବୋଲିବାକୁ ।

ଏବେ ଏଇ ନୂଆ ରାଜ୍ୟକୁ ସେ ଆସିଛି । ଇଚ୍ଛା ହେଲେ ଏଣେ ତେଣେ ଅନାଇ ଦେଖନ୍ତା, କିନ୍ତୁ ସେ ଏତେ କ୍ଳାନ୍ତ ଯେ ସେ ଭଲ କରି ଟିକିଏ ଚାହିଁ ପାରୁ ନାହିଁ । ରୋମ ହେଲା ତୀର୍ଥସ୍ଥାନ, କେତେ ଲୋକ ଏଠାକୁ ପୁଣ୍ୟ କରିବାକୁ ଆସନ୍ତି । ସ୍ଥାନଟା ଭଲ ଭାବରେ ଦେଖିବାକୁ ହେବ । ସେ ତ ଏଠାରେ ଅନେକ ଦିନ ରହିବ । ତାକୁ ଢେର ସମୟ ବି ମିଳିବ । ବର୍ତ୍ତମାନ ତାର ଆଉ ଭାବନା ନାହିଁ ।' ସାଙ୍ଗରେ ଚିହ୍ନା ଲୋକ ରହିଛନ୍ତି, ଆଉ ଏଥିଣି ତ ସିନୋରିନାଙ୍କ ସହିତ ସାକ୍ଷାତ ହେବ ! ତା ଆଖି ଆଗରେ ଗାଆଁର ଛବି ଭାସିଗଲା—ତାର ଟିକି ପୁଅ, ତାର ବୁଢ଼ା ଶାଶୁ ମନେ ପଡ଼ିଲା । ସେ ଚିନ୍ତାଗୁଡ଼ିକୁ ଜୋରରେ ହଟାଇ ଦେବାକୁ ଚାହିଲା । ପ୍ରଥମ ସ୍ଫୁର୍ତ୍ତିର ମୁହୂର୍ତ୍ତଟା ସେ ଦୁର୍ଭାବନାରେ ଭାରାକ୍ରାନ୍ତ କରିବାକୁ ଚାହେଁ ନାହିଁ ।

ମୋର ହଠାତ୍ ତାକୁ ପଚାରିଲି, ଜାହାଜ ଯେତେବେଳେ ନେପଲ୍ସ ବନ୍ଦରରେ ପହଞ୍ଚିଲା, ତୁମକୁ କେହି ନେବାକୁ ଆସି ଥିଲେ ?'

'ଆଜ୍ଞା ହଁ, ଜଣେ ବାବୁ ଆସିଥିଲେ । ଚମତ୍କାର ଭଦ୍ରଲୋକ ! ଆପଣଙ୍କୁ ତାଙ୍କର ନମସ୍କାର ଜଣାଇବାକୁ ଆଜ୍ଞା କରିଛନ୍ତି ।'

'ଆଜ୍ଞା କରିଛନ୍ତି ?' !

'ଆଜ୍ଞା ହଁ ।'

'ଅନୁରୋଧ କରିଛନ୍ତି, କୁହ ।'

'ଆଜ୍ଞା, ମୁଁ ସାମାନ୍ୟ ଲୋକ—ମୋତେ କିଏ ଅନୁରୋଧ କରି ପାରନ୍ତି ?'

ଏଲିସ୍ତୋ ଅଧୀର ହୋଇ ଖବର କାଗଜର ପୃଷ୍ଠା ଓଲଟାଇବାକୁ ଲାଗିଲା । ଔଷଧ, ପୃଷ୍ଠା ଉଠି ଯାଉଥାଏ ଔଷଧର ବିଜ୍ଞାପନ ।

'ଆଜ୍ଞା, ମୋତେ କିଛି କହିଲେ ?'

'ନା, ସେଟା କିଛି ନୁହେଁ ।'

ଅଲିଭିୟା ଟିକିଏ ଅବାକ ହୋଇଗଲା । 'ପ୍ୟାଲ୍‌ମୌରେବ ଜଣେ ଭଦ୍ରଲୋକ ମୋତେ ଷ୍ଟିମାର ଯାଏ ପହଞ୍ଚାଇ ଦେବା ପାଇଁ ଷ୍ଟେସନକୁ ଆସିଥିଲେ । ଚମତ୍କାର ମଣିଷ !'

'ସେ ତ ମୋତେ ନମସ୍କାର ଜଣାଇବାକୁ ଆଶା କରୁଛନ୍ତି ନା କଣ ?'

'ଆଜ୍ଞା ହଁ ।'

ମୋର ଖବରକାଗଜଟା ନୁଆଁଇ ଆଣି ଚଶମାଟା ନାକ ଉପରେ ବସାଇ ପଚାରିଲି, 'ତୁମର ସ୍ୱାମୀ ? ତାର ଖବର କଣ ?'

ଅଲିଭିୟା ଦୀର୍ଘ ନିଶ୍ୱାସ ତ୍ୟାଗକରି କହିଲା, 'ଏବେ ବି ସେ ଖଲାସ ହୋଇ ନାହିଁ । ସେହି କଳାପାଣିରେ ଅଛି । ଆପଣ ତ ଦେଶରେ ଥାଆନ୍ତି—ଆପଣ ଯଦି ରାଜାଙ୍କୁ......।

ମୋର ବାଧା ଦେଇ କହିଲି, 'ସେ ସବୁ ରାଜା-ମହାରାଜାଙ୍କ କଥା ମୋ ପାଖରେ କୁହ ନାହିଁ ।'

ଅଲିଭିୟା ଅନୁନୟର ସ୍ୱରରେ କହିଲା, 'ଆପଣ ରାଜାଙ୍କୁ ଦି ପଦ କଥା କହିଦେଲେ ସବୁ ଠିକ୍ ହୋଇଯିବ ।'

ମୋର ଭିତରେ ବାଇଗଣି ପଡ଼ିଲା ପରି ଜଳି ଉଠିଲି, ଏବଂ ଖବରକାଗଜଟା ମୋଡ଼ିମାଡ଼ି ଝରକା ବାଟେ ବାହାରକୁ ଫୋପାଡ଼ି ଦେଇ, 'ଯା-ଇଚ୍ଛା-ତା ବ୍ୟାପାର ! ତୁମେ କହୁଛ, ତୁମର ପ୍ରିୟ ସ୍ୱାମୀକୁ କେବଳ ଦ୍ୱୀପାନ୍ତରକୁ ପଠା ହୋଇଛି ! ତାହାକୁ ଯେ କେବେ ପଠାଯାଏ, ତାର କିଛି ଠିକ୍ ନାହିଁ । ହୁଏତ ଦିନେ ମୋତେ ବି ପଠାଇ ଦେବେ ।'

ଅଲିଭିୟା ଅବାକ ହୋଇଗଲା । କଥାଟା ତାର ବିଶ୍ୱାସ ହେଲା ନାହିଁ । 'ସେଠାକୁ ଭଦ୍ରଲୋକମାନଙ୍କୁ ବି ପଠାଯାଏ ନା କଣ ?'

ତାର ଅଜ୍ଞତା ମୋହନକୁ ଅସହ୍ୟ ମନେ ହେଲା । ସେ ଚିତ୍କାର କଲା, 'ତୁମେ ଚୁପ୍ କର ତ !' ସେ ମନେ ମନେ ଭାବିଲା, ସିମିଲିରେ ଦାସ-ମନୋଭାବ ଏପରି ମଜ୍ଜାଗତ ଯେ ସେଠାକାର ଛୋଟ ଲୋକମାନଙ୍କ ମଧ୍ୟରେ ଆତ୍ମସମ୍ମାନ ଜଗାଇବା ଅସାଧ୍ୟ ବ୍ୟାପାର । ତାର ମନଟା ଦବିଗଲା ।

ଗାଡ଼ି ଭଡ଼୍ୟା ସିଟ୍ରିନାରେ ମୋହନର ଘରର ଦୁଆର ମୁହଁରେ ଆସି ରହିଲା ।

ଡୋଲାଣ୍ଡ୍ର ଖଟ, ଉପରେ ଲାଲ ରଙ୍ଗର ଗୁଦୁଆ ବିଛା । ଲେସ୍-ଦିଆ ତକିଆ ଉପରେ ନୈଦାଘ ଅଳଙ୍କାର— ଏରସିଲିୟା ଶୋଇଅଛି । ତାର ବର୍ଣ୍ଣ ଯେମିତ କଳା ହୋଇ ଯାଉଛି— ପ୍ରସବ ପରେ କ୍ଲାନ୍ତ ଶୀର୍ଣ୍ଣ ଚେହେରା ।

ଆର୍କିଭିସ୍ୟା ଦୌଡ଼ିଯାଇ ତାକୁ ଜାବୁଡ଼ି ଧରିଲା ।

'ଟିନୋଶିଳା, ସିନୋଶିଳା, ଏଣ୍ଟୁ ତ ମୁଁ ଆସିଗଲି । ଏତେ ଶୀଘ୍ର ତୁମ ନିକଟକୁ ଫେରିଆସି ପାରିବି, ସ୍ୱପ୍ନରେ ବି ଭାବି ନ ଥିଲି । ବର୍ତ୍ତମାନ କେମିତ ଅଛ ? ଖୁବ୍ କଷ୍ଟ ହୋଇଛି ନା ? କି ଶୁଖିଲା ହୋଇ ଯାଇଛ ! ଚିନ୍ତା କରିବ ନାହିଁ । ଯଣ ବରଣ କୁହ, ସବୁ ତ ଭଗବାନଙ୍କର ଇଚ୍ଛା । ନାରୀର କପାଳରେ ଦୁଃଖ ଲେଖିଛନ୍ତି, ମୁକ୍ତି ପାଇବ କିପରି ?'

'ନାଁ, ପାହିଁଶ ବବବକ ଦୁଆନା । ସବୁ ଶିଆଳଙ୍କର ଏକ ସ୍ୱର । ନାରୀ ହୋଇ ଜନ୍ମିଛି, ତେଣୁ ଦୁଃଖ ପାଇବାକୁ ହେବ । ଅପୂର୍ବର ସ୍ୱାସ୍ଥ୍ୟ ଦେଇ ଦେଇ କି ଦଶା ହୋଇଛି, ଦେଖିପାରୁ ନାହିଁ ।

ପୁରୁଷମାନେ ସ୍ୱତନ୍ତ୍ର, ସେମାନେ ହେଲେ ପ୍ରଭୁ ଆଉ ଆମ୍ଭେମାନେ ହେଲୁ ସେମାନଙ୍କର ଦାସୀ। ଆମେ ଅଛୁଁ ସେମାନଙ୍କର ହୁକୁମ ତାମିଲ କରିବାକୁ। ପାନରୁ ଚୂନ ଖସିବାର ଯୁ ନାହିଁ। ସବଦା ଖୁସିବାକୁ ହେବ ଯେଉଁଥିରେ ସେମାନେ ଖୁସି ହୁଅନ୍ତି, ଯେଉଁଥିରେ ସେମାନଙ୍କର ଆରାମ ହେବ। ସେମାନେ ପରା ଏହିଲେ କର୍ତ୍ତା। ଝାଡୁ ମାର !'

କହିବା ବାହୁଲ୍ୟ, ଏଲିଜ୍ୟୋଙ୍କୁ ଲକ୍ଷ୍ୟ କରି ଏହିସବୁ ବାଣୀ ବାଣ। ସେ ରାଗି ମାଗି ତାର ଖବରକାଗଜଟା ମୋଡିମାଡ଼ି ଘରେ ଛାଡ଼ି ପଳାଇଲା।

ଆର୍ଟିମିସ୍ଆ ବିଚାରୀ ଅପ୍ରସ୍ତୁତ ହୋଇ କହିଲା, 'ଆହା, ପୁରୁଷ-ମାନଙ୍କର ତ ଦୁଃଖ କଷ୍ଟ ଅଛି।'

'ଆହା, କି ଚମତ୍କାର ଦୁଃଖରେ— ଖାଅ ପିଅ ଆଉ ଫୁର୍ତ୍ତି କର। ସେମାନଙ୍କୁ ଠିକ୍ ଉଚିତ ଶିକ୍ଷା ଦେବା ଦରକାର। ଯେମିତି ସବୁ ଏକ-ଅଣିଆ—।'

'ତାହା ଯାହା କହିଲ। ସେମାନଙ୍କୁ ତ ଆଉ ପେଟରେ ଧରିବାକୁ ପଡ଼େ ନାହିଁ।'

'ଖାଲି କଣ ସେତିକି ? ସାରା ଜୀବନ ଆମର ହାଡ଼ ଭଙ୍ଗାଇ ମାରନ୍ତି। ସମସ୍ତ ଜାତିଟା ଉପରେ ଏମାର ଘୃଣା ଜାତ ହୋଇଗଲା।'

ପାଖି ସରେ ଏଲିଜ୍ୟୋ ମୋଟର ଗଳା ଶୁଣାଗଲା, 'ମନୁ ଟେଲ୍ ନର୍ଭକୁ ଯାଉ।'

ପର ମୁହୂର୍ତ୍ତରେ ଶୁଣାଗଲା ଆଉ ଜଣେ କିଏ କହୁଛି, 'ଆଜ୍ଞା, ଏହି ଯେ ମୁଁ, କଣ କହିବାର ହେବ କୁହନ୍ତୁ।'

ଏରସିଲିଯ୍ସା ଚିଡ଼ା ହୋଇ ନାକ ଟେକି ପକାଇଲା। ଆର୍ଟିମିସ୍ଆକୁ କହିଲା, 'ଆମର ଏଇ ଚାକରାଣୀ ଅଛି। ସେ ଠିକ୍ ବହିରା, କିଛି ଶୁଣିପାରେ ନାହିଁ। ତାହାର ଗଳାର ଆବାଜ ମିଳିଲେହିଁ ସେ ମଣେ କରେ ଚୋର୍ଟାଏ ଡାକୁଛନ୍ତି।' ଏରସିଲିଯ୍ସା ପାଟି କରି ଡାକିଲା, 'ମାର୍ଗେରିଟା!'

ବୟସ୍କା ବୃଦ୍ଧା ଗୃହିଣୀଟା ମୁହଁ କଳା କରି ଦୁଆର ମୁହଁରେ ଆସି ଠିଆ ହେଲେ । ମୁଖରେ ଅପ୍ରତିଭ ଭାବ, କାରଣ ସାଙ୍ଗ ସବୁ ମୋର ଅଙ୍ଗ ଲକ୍ଷ କରି ତାକୁ ପ୍ରାୟ ପକଡ଼ାଇ ଆଣିଥିଲେ ।

ଏବସ୍ଥଳସ୍ଥା କହିଲେ, 'ମାଉଟେଗେକୃଟା, ଏଇ ଆମର ନୂଆ ଧାଙ୍ଗ, ବର୍ତ୍ତମାନ ଆସି ପହଞ୍ଚିଲେ । ତାକୁ ତାର ଘର ଦେଖାଇ ଦିଅ ତ !' ଆଲିଭିସ୍କାକୁ କହିଲେ, 'ଯା, ଗାଧୁଆ ପାଧୁଆ କରି ଆ ! ଧୂଆଁ କଳା ମାଖି ତ ଗୋଟାଏ ଭୂତ ସାଜିଛୁ !'

ଆଲିଭିସ୍କା ମଥା ବଢ଼ାଇ ଦର୍ପଣରେ ମୁହଁ ଦେଖି ଚିତ୍କାର କଲା, 'ବାପ୍‌ରେ, କି ଭେଟେହେବ ହୋଇଛି !'

ରେଲର ଧୂଆଁରେ ତାର ମୁହଁ ତ କଳା ହୋଇ ଯାଇଥିଲା, ତା ଉପରେ ସେଥି ଯେ ଷ୍ଟେସନରେ ବସି କାନ୍ଦିଥିଲା ସେତେବେଳେ ଆଖିର ଜଳ ଓ କାଳି ମିଶି ମୁହଁରେ ପ୍ରାୟ ଗୋଟାଏ ବଡ଼ିଆ ରଙ୍ଗ ହୋଇ ଯାଇଛି । କିନ୍ତୁ ଟାଟ ଧୋଇବାକୁ ଯିବ କିଏ ! ସେତେବେଳେ ଯେ ସିନୋରିନାକୁ ସାସ୍ତ୍ରାର ଜାହାଣା କିଛି ଲୁଚାଯାଇ ନାହିଁ । ତାର ଆଉ ତର ସହୁ ନାହିଁ, ସେତିକିବେଳେ କହିବାକୁ ହେବ । ରେଲରେ, ଷ୍ଟିମରରେ କେଉଁଠି କଣ ଘଟିଥିଲା, ହାତଗୋଡ଼ ହଲାଇ ଚିତ୍କାର କରି ମୂଳରୁ ଶେଷ ଯାଏ ସବୁ କହିବାକୁ ଲାଗିଲା । ବୟସ୍କ ଗୃହିଣୀମାନେ ଆଁ କରି ତାର କାଣ୍ଡ ଦେଖୁଛନ୍ତି । 'କଣ କହିବ ଭାଇ, ସାସ୍ତ୍ରାରେ ଷ୍ଟିମରରେ ଦୁଧ ଜମିଯାଇ ଗ୍ରୁନ ଦୁଇଟା ଟଣଟଣ ହେବାକୁ ଲାଗିଲା । ପାଣି ପଡ଼ିବ କି ଆଜ ! ପଲ୍ଟାରେ ମୁଁ ଭାଉ ପକାଇଲି । ଗାଁର ସବୁ ଲୋକ ପଚାରିବାକୁ ଲାଗିଲେ, ବ୍ୟାପାର କଣ, କଣ ହୋଇଛି ? ମୁଁ କଣ ମଦ ଖୋଲି କିଛି କହି ପାରୁଛି ? ଶେଷକୁ ସେମାନେ ସମସ୍ତେ ବୁଝି ପାରିଲେ । ତାର କଣ ହେଲା ଜାଣ ? ଗୋଟାଏ ବଦମାସ ପିଲା ଦୁରନ୍ତ କହି ପକାଇଲା, ସେଥିରେ ଭାବନା

କଣ, ମୁଁ ଚିଁ ଚିଁ କରି ଏଖଣି ଗାଇ ଦେଲି । ପିଲାଟାକୁ ଯେମିତି ଏହା ମଜା ଲାଗିଲା, ସେ ମୋ ସ୍ଥୂତ ଆଡ଼କୁ ହାତ ବଢ଼ାଇ ଦେଲା । ମୁଁ ତ ଭୟରେ ଘାଟି କରି କାନ୍ଦୁ ପକାଇଲି, ତା ହେଲେ ମୁଁ ଗାଡ଼କୁ ଡ଼େଇଁ ପଡ଼ିବି । ଭାଗ୍ୟକୁ ମୋ କଡ଼ରେ ଜଣେ ବୁଢ଼ା ବସିଥିଲା । ପରବର୍ତ୍ତୀ ଷ୍ଟେସନରେ ଗାଡ଼ି ଅଟକିବାରୁ ବୁଢ଼ା ମୋତେ ଆଉ ଗୋଟାଏ କାମରାକୁ ନେଇଗଲା । ସେଠାରେ ଗୋଟିଏ ସ୍ତ୍ରୀ-ଲୋକ ତିନି ମାସର ଗୋଟିଏ ଛୁଆକୁ ଧରି ବସିଥିଲା— ରୋଗା ଟେଣ୍ଟଣିଆ ଚେହେରା । ବସି ବସି ସେହି ଛୁଆଟିକୁ ଦୁଧ ଦେଲି; ବ୍ୟଥାଟା ଧୀରେ ଧୀରେ କମିଗଲା ।’

ଏରସିଲ୍ୟା ବର୍ତ୍ତମାନ ପୁସ୍ପୁର୍ ସହସ୍ରୀ ହୋଇ ଯାଇଛି । ଆନ୍ନିଚିସ୍କାର ଗାଇଁଲ କଥାବାର୍ତ୍ତା ଓ ଭାବଭଙ୍ଗୀ ତାକୁ ଭଲ ଲାଗୁ ନ ଥିଲା । ସେ କହିଲା, ‘ହୋଇଛି, ହୋଇଛି । ଏଖଣି ଦୌଡ଼ିଯା, ଗାଧୋଇ ସାରି ଆ । ପରେ ବାବା-ମାଆଙ୍କର ଖବର ଶୁଣିବା । ଯା, ଆଁ କରି ଠିଆ ହୋଇ ରହିଲୁ କାହିଁକି ?’

‘କିନ୍ତୁ ଆମ ଲୁନା ସୁନା ପୁଅ ? ତାକୁ ଥରେ ଦେଖିନିଏଁ, ତା ପରେ ଯିବି ।’

ଝୁଲଣାଟା ଦେଖାଇ ଦେଇ ଏରସିଲ୍ୟା କହିଲା, ‘ସେଇଟି ଅଛି । କିନ୍ତୁ ତୋର ସେହି ନୁଙ୍ଗୁରା ହାତରେ ମଶାରୀଟା ଛୁଇଁନା । ମାରଗେରିଟା, ଏଣେ ଆ ତ, ପୁଅକୁ ଦେଖାଇ ଦେ ।’

ରୁବପଟେ ରଙ୍ଗ-ବେରଙ୍ଗର ଫିତା, ଲେସ୍‌ର ବାହାର । ମଝିରେ ପିଲାଟି ଶୋଇଛି, ମୁଣ୍ଟି ଲାଲ୍, କଦର୍ଯ୍ୟ ଚେହେରା । କି ଖରାପ ଦେଖିବାକୁ । ଗାଡ଼ିରେ ଯେଉଁ ପିଲାଟିକୁ ଦୁଧ ଦେଇଥିଲା ତାକୁ କି ପସନ୍ଦ କରିଦେବ । ସେ ମୁହଁରେ କହିଲା, ‘ବାଃ, କି ସୁନ୍ଦର ଦେଖିବାକୁ । କେମିତି ଶାନ୍ତ ଶିଷ୍ଟ ପିଲାଟି ପରି ଶୋଇଛି । ତୁମେ

ଦେଖିବ ଲୁହ, ପିଲାଟିକୁ ଯେମିତକା ଜବାନ କରିଦେବ । ମୋ ପୁଅଟି ବି ଠିକ୍ ଏମିତି ଥିଲା— ଠିକ୍ ଏତିକିଟିଏ ଦେଖିବାକୁ, ଯଦି ଏଯାଣି ତାକୁ ଦେଖନ୍ତ'— ଆଲିରିସ୍ୟା ହଠାତ୍ ରହିଗଲା । ପୁଅର କଥା କହିବାକୁ ଯାଇ ତା ଚକ୍ଷୁରେ ଜଳ ଭରିଗଲା, ଗଳା ପଡ଼ିଗଲା । 'ଯାଉଛୁ ଏବେ, ଏଥର ଆସିଲ ପରୁ ।' ରୁକରିଣୀ ସାଙ୍ଗରେ ସେ ପାଖ ଘରକୁ ଚାଲିଗଲା ।

ତାର ଇଚ୍ଛା ଥିଲା, ତତ୍‌କ୍ଷଣାତ୍ ଆସି ପିଲାଟିକୁ ଦୁଧ ଦିଅନ୍ତା । ଘରର କର୍ତ୍ତାଙ୍କର ବି ସେଇ ମତ । କିନ୍ତୁ ଏରସିଲ୍ୟାର ତ ସବୁ ବିଷୟରେ ସ୍ୱାମୀଙ୍କ ସାଙ୍ଗରେ ଭଲି କରିବା ଦରକାର । ତେଣୁ ସେ କହିଲା, 'ଉହୁଁ, ତା ହେବ ନାହିଁ । ଆଗେ ତାର ସ୍ତନର ଦୁଧ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନେବାକୁ ହେବ ।'

ଆଲିରିସ୍ୟା ହସି ହସି କହିଲା, 'କାହିଁକି, ଡାକ୍ତରର କି ଦରକାର ? ଦେଖୁଛ ନା ମୋ ଶରୀର ? କେଉଁ ଦିନ ରୋଗ ବୈରାଗ ହୋଇ ନାହିଁ ।'

ବାସ୍ତବିକ ଦେଖିବା ଭଳି ତାର ସ୍ୱାସ୍ଥ୍ୟ । ମୁଖରେ ଗୋଲାପୀ ଆଭା । ସ୍ୱାସ୍ଥ୍ୟର ପ୍ରତିମୂର୍ତ୍ତି ।

ଏରପିଲ୍ୟା କଟମଟ କରି ତା ଆଡ଼କୁ ଅନାଇଲା । ସେ ଭାବିଲା, ଆଲିରିସ୍ୟା ଇଚ୍ଛା କରି ସ୍ୱାସ୍ଥ୍ୟର କଥା ଉଠାଉଛି କେବଳ ନିଜକୁ ତାର ସ୍ୱାମୀର ଆଖି ଆଗରେ ଜାହିର କରିବା ପାଇଁ । କହିଲା, 'ଡାକ୍ତର ଲୋଡ଼ା, ଏଖଣି—ଡାକ୍ତର ନେଇଆସ ।'

ମୋର ଖାଲି ମନେ ମନେ ବଡ଼ର-ବଡ଼ର ହୋଇ ଡାକ୍ତରଙ୍କୁ ଡାକିବା ପାଇଁ ବାହାରିଗଲେ ।

ଡାକ୍ତର ଅସୁ ଅସୁ ସନ୍ଧ୍ୟା ହୋଇଗଲା । ଏଣେ ଆର୍ନି ଗ୍ରିସ୍ମାର ସ୍ତନ ଫୁଲିଯାଇ ପୁଣି ସେହି ଆଗ ପରି ବ୍ୟଥା ହେଲା । ତେଣେ ପିଲାଟା ଭୋକରେ କାନ୍ଦୁଛି, କିନ୍ତୁ କୌଣସି ମତେ ଖାଇବ ନାହିଁ, ମା'ଆର ବକ୍ଷରେ ଦୁଧ ନାହିଁ ବୋଲି ।

ଏର୍ନି ଗ୍ରିସ୍ମାର ଇଚ୍ଛା ଥିଲା, ଡାକ୍ତରୀ ପରୀକ୍ଷା ସମୟରେ ପାଖରେ ଥାଆନ୍ତା, କିନ୍ତୁ ସ୍ତ୍ରୀ ତାଙ୍କୁ ଦୂର କରିଦେଲା, ଆଉ କହିଲା, 'ଆଁ ଭର କଣ ଦେଖୁଛ ? ଦେଖିବାର କିଛି ନାହିଁ । ଯାଅ, ମାରଗେରିଟାକୁ କୁହ ଗିଲାସେ ପାଣି ଆଉ ଗୋଟାଏ ଗ୍ଲୁମ୍ବତ ନେଇ ଅସିବାକୁ ।'

'କେଶ କଟା ହୋଇଛି, ଦେଖୁଛି— ହଁ, କଟା କେଶ ।' ଡାକ୍ତରର ସେହି ଏକ ସ୍ୱଭାବ । ଗୋଟିଏ କଥାକୁ ତିନି ଚାରି ଥର ଆଉଡ଼ାଇବ । ଭାରି ଭୁଲା ମନ । କୌଣସି ବିଷୟରେ ମନ ସଂଯୋଗ କରିବା ତା ପକ୍ଷରେ କଷ୍ଟକର ବ୍ୟାପାର । ନାଲଭଲ ଆଖି ଅନାଇ ରହୁଛି ତ ଅନାଇ ରହୁଛି । ଆର୍ନି ଗ୍ରିସ୍ମା ଲଜ୍ଜାରେ ଲାଲ ପଡ଼ିଗଲା ।

'ଫର୍ସା ରଙ୍ଗ, କଟା କେଶ, କେମିତିକି? କଣ କହୁଛନ୍ତି ସିନୋରା, କଟା କେଶ ତ ? ଖୁବ୍ ବଢ଼ିଲା ବଳିଷ୍ଠ ଗଢ଼ଣ, ସୁନ୍ଦରୀ··· ସୁବେଶା । ସ୍ୱାସ୍ଥ୍ୟଟା ଖୁବ୍ ଭଲ··· ବଳିଷ୍ଠ— କେମିତିକା । କିନ୍ତୁ ଶ୍ୟାମଳୀ ହୋଇଥିଲେ ସେମିତି ଭଲ ହୋଇଥାନ୍ତା । କାଲି ଗାଈର ଦୁଧ ଭଲ । ଦେବେଁ, ଥରେ ଭଲକରି ଦେଖାଯାଉ ।' ଆର୍ନୁ ଇସ୍ମାଙ୍କ ବ୍ଲାଉଜଟା ଉପରକୁ ଠେକିଥିବ ଗୋଲାର ଗଣ୍ଠିଗୁଡ଼ାକ ସେ ଟିପି ଟିପି ଦେଖିବାକୁ ଲାଗିଲା । ତା ପରେ ଅନ୍ୟମନସ୍କ ଭାବରେ ତାର ଛାତି ବୋତାମଗୁଡ଼ାକ ସେ ଖୋଲିବାକୁ ଲାଗିଲା । ଆର୍ନି ଗ୍ରିସ୍ମା ତ ହତବମ୍ଭ, ଲଜ୍ଜାରେ ତାର ସମସ୍ତ ଶରୀରରେ କଣ୍ଟା ଫୋଟ ହୋଇ ଯାଉଛି । ସେ

ତା ହାତରେ ସ୍ତନ ଦୁଇଟା ଢାଙ୍କିବାକୁ ଯାଉଛି, ଡାକ୍ତର କହି ପକାଇଲା, 'ଘୁଞ୍ଚାଇ ନିଅ— ହାତ ଘୁଞ୍ଚାଇ ନିଅ ।'

ଏହା ଦେଖି ଏରସିଲିଆ ଖିଲ୍ ଖିଲ୍ କରି ହସି ପକାଇଲା ।

'ହସି ପକାଇଲେ ଯେ, ସିନୋରା, ହସୁଛନ୍ତି କାହିଁକି ?'

'ମଫସଲ ଛୁଆଟାକୁ ଦେଖନ୍ତୁ । ଲାଜ ଓ ଭୟରେ ଜଡ଼ୁବୁଡ଼ ହୋଇ ଗଲଣି ।'

'ଲାଜ ? ଲାଜ କଣ ? ମୁଁ ଯେ ଡାକ୍ତର ।'

'ଲାଜ— ଅଚିହ୍ନା ପୁରୁଷ କାଛରେ । ଆଉ ଜାଣନ୍ତି ତ ଆମ ସିସିଲିର ମହିଳାମାନେ ଏଠାକାର ସହର ମହିଳାଙ୍କ ପରି ଏତେ ସଭ୍ୟ ନୁହନ୍ତି ।'

'ଓ, ବୁଝିଲି, ବୁଝି ପାରୁଛି । ଲାଜ ସରମ ଟିକିଏ ବେଶୀ, ଏସ୍ଥା ନା । କିନ୍ତୁ ଡାକ୍ତର ନିକଟରେ ଲାଜ କଣ ? ସ୍ତନଟା ଟିକିଏ ଟିପି ଫଣ୍ଟାଏ କି ଦୁଇ ଫଣ୍ଟା ଦୁଧ ପକାଅ ତ ଏହି ଗ୍ଲାସଟା ମଧ୍ୟରେ । ତୁମ ପୁଅର ବୟସ କେତେ ?'

ଅନୁଣ୍ଡିସ୍ଥା ଅତି କଷ୍ଟରେ ଆଖି ଟେକି ଡାକ୍ତରଙ୍କ ମୁହଁ ଆଡ଼କୁ ଅନାଇଲା । 'ଏହି ଦୁଇ ମାସ ହେଲା କୋଳକୁ ଆସିଛି ।'

'କୋଳକୁ ଆସିଛି ? ତାର ମାନେ ? ଜନ୍ମ କହଇ କୁହ । ପିଲା ନିଜେ ନିଜେ କୋଳକୁ ଆସେ ନା କଣ ? ଜନ୍ମ କରିବାକୁ ହୁଏ । ପ୍ରସବ କରିବାକୁ ହୁଏ, ସେଥିରେ ଦୋଷଟା କଣ ?'

ଦୁଧ ପରୀକ୍ଷା କରି ଡାକ୍ତର ଚାଲିଯିବା ପରେ ଅନୁଣ୍ଡିସ୍ଥା ଧଡ଼୍ କରି ଚୌକି ଉପରେ ବସି ପଡ଼ିଲା, ଯେମିତିକି ଅତ୍ୟଧିକ ପରିଶ୍ରମ ଫଳରେ ତାର ସମସ୍ତ ଶରୀରରେ ଅବସାଦ ଆସିଛି ।

ଛି, ଛି, ଛି, ଛି, ଲାଜରେ ମରିଗଲି ! କି ଲଜ୍ଜା କଥା !

ସବୁ ମୁହୂର୍ତ୍ତିରେ କାନ୍ଦଣା ଶୁଣି ଏରସିଲ୍ୟାର ପୁଅଟିକୁ କୋଳକୁ ନେଇ ସେ ଦୁଧ ଦେବାକୁ ଲାଗିଲା । 'ଅ, କୋଳକୁ ଆରେ ଧନମଣି, ପେଟ ଭରି ଦୁଧ ଖା ।'

ବଛଣାରେ ଶୋଇ ରହି ଏରସିଲ୍ୟା ପୁଣି ଏଣେତେଣେ ଭରି ଅନାଇଲା । ସୁନେଲି କେଶ ମଝିରେ ସିନ୍ଥି, ଦୁଇ କାନର ଦୁଇ ପାଖରେ ଗୋଲ କରି ଖୋସା ବନ୍ଧା ଯାଇଛି । ସେହି ସୁନେଲି କେଶର ବେଷ୍ଟନୀ ମଧ୍ୟରେ ତାର କଠୋର ମୁହଁଟି ଯେମିତ ଅଦ୍ଭୁତ ସୁନ୍ଦର ଦେଖା ଯାଉଛି । ଜାମାର ଫାଙ୍କ ଭିତରେ ତାର ସୁଗଠିତ ସ୍ତନ ଯୁଗଳ ଦେଖା ଯାଉଛି— ସଫା ଧଳା । ଏରସିଲ୍ୟା ଶରଭୃତ୍ପୂର୍ଣ୍ଣ ସ୍ୱରରେ କହିଲା, 'ଗୁଡ-ପୋଷାକଟା ପିନ୍ଧାଇ ଦେଲ ନାହିଁ ? କି ବୁଦ୍ଧି ! ଖାଇଁ ଖାଇଁ ଶୋଇ ପଡ଼ିବ ଯେ ।'

'ଆହା ଭୋକ ଲାଗୁଛି, ଆଗେ ଖାଇ ସାରୁ । କେମିତ ସୁନ୍ଦର ଚୁଁ ଚୁଁ କରି ଖାଉଛି'

ପୁଅକୁ ଶୁଆଇ ସେ ପାଖ ଘରକୁ ନେଇଗଲା । ସେହି ଘରେ ସେମାନଙ୍କର ଦୁଇ ଜଣଙ୍କର ଶୋଇବା ବ୍ୟବସ୍ଥା ହୋଇଛି । ଚମତ୍କାର ବଛଣା, ସୁନ୍ଦର ଆସବାବ । ସବୁ ଦେଖି ତାର ବିସ୍ମୟର ସୀମା ରହିଲା ନାହିଁ । ତାହା ହେବ ନାହିଁ ! ସେମ ତ । ଏଠ ତାର ବ୍ୟାପାରହିଁ ଅଲଗା । ସୁନ୍ଦର ଧୋବ ଫରଫର ପରିଷ୍କାର ବିଛଣା ତାର ପାଇଁ ପଡ଼ି ଯାଇଛି । ଆକ୍ସିନିୟା ହଠାତ୍ ଠିଆ ହୋଇଗଲା । ଦୁଇ ବର୍ଷ ପୂର୍ବେ ତାର ସେହି ବାସର ଶଯ୍ୟା କଥା ମନେ ପଡ଼ିଲା । ସେହି ପ୍ରଥମ ଥର ଅନ୍ୟ କାହାର ସହିତ ଏକା ବିଛଣାରେ ଶୋଇବା । ସୁଦୂର ସିପିଲିର ସେହି ଛୋଟ ଘରଟିର ଛବି ତା ଆଖି ଆଗରେ ଭାସିଗଲା । ତାଙ୍କୁ ସେତେବେଳେ ପାଗଳାମି ଛୁଇଁ ନ ଥିଲା । କେତେ ଆଶା କରି ସେ ନୂତନ ଘର ବାନ୍ଧିଥିଲା । ଆଜି ସେହି

ଘରଟିର କି ସ୍ୱତନ୍ତ୍ର ରୂପ । ଆସବାବ ଓହ୍ଲାଇଲେ ଦୁଇଟି ମାତ୍ର ଚୌକି । ଶାଶୂ ଓ ଶିଶୁଟିକୁ ଧରି ସେ ବାରଣ୍ଡାରେ ଗୁଡ଼ିଗାଣ୍ଡି ହୋଇ ଶୋଇବା । ··· ବୁଢ଼ୀ ତ ସମସ୍ତ ଖଟିଆ ଏଣିକି ଏକା ଦଖଲ କରିବ ! ଲକ୍ଷ୍ମୀ ହୁଏ ତ ପଡ଼ୋଶୀମାନଙ୍କ ଭିତରେ ଥିବ । ଆହା ବିଚରା, ଅଳ୍ପ ବୟସରେ ମାଆ-ଛଡ଼ା, ଘର-ଛଡ଼ା ! ସେହି ପଡ଼ୋଶୀ ସ୍ତ୍ରୀ-ଲୋକଟି କଣ ଲକ୍ଷ୍ମୀକୁ ଠିକ ସେମିତି ନଜର ଦେବ ? ହୁଏ ତ ଗୋଟାଏ ପାଖରେ ପକାଇ ରଖିବ— ନିଜ ଝିଅକୁ ଖୁଆଇ ପିଆଇ ଯାହା କିଛି ସାମାନ୍ୟ ବାକି ରହିବ, ସେତିକି ମାତ୍ର ଦେବ । ଏକା ମାଆର କୋଳ ଦଖଲ କରିଥିଲା, ଏଣିକି ପର ଝିଅର ଅଇଁଠା ଖାଇ ସେ ବଞ୍ଚିବ । ଆନନ୍ଦିନୀର ଛାତି ଫୁଲି ଉଠିବାକୁ ଲାଗିଲା । କାଳେ କେହି ଜାଣି ପାରିବେ, ସେଥିପାଇଁ ସେ ଜୋର କରି ଆଖିରୁ ଜଳ ପୋଛି ପକାଇଲା । ନିଜର ମନକୁ ବୁଝାଇବାକୁ ଚାହେ । ଲକ୍ଷ୍ମୀର ବୁଢ଼ୀ ମା ତ ଭିତରେ ଥିବ । ନାତିର ଅନାଦର ହେଲେ ସେ କଣ ଛାଡ଼ି ଦେବ— ଖୋଲାଖୋଲି ପଡ଼ୋଶୀର ମୁହଁ ଉପରେ ଦୁଇ କଥା ନିଶ୍ଚୟ ଶୁଣାଇ ଦେବ । କିନ୍ତୁ ଦିନ ପରେ ବୋହୂ ଉପରୁ ତାର ରାଗ ନିଶ୍ଚୟ ଗଳିଯିବ— ସେ ବୁଝି ପାରିବ ଆନନ୍ଦିନୀ ଯାହା କରନ୍ତି ପାଞ୍ଚ-ପଚାଶ ଭାବି କରନ୍ତି, ସେ ତ ଆଉ ଇଚ୍ଛା କରି ଶାଶୂର କଥା ଅଗ୍ରାହ୍ୟ କରି ନାହିଁ । ଘରେ ବସି ରହିଥିଲେ, ନ ଖାଇ ମରିବାକୁ ହୋଇଥାନ୍ତା ।

ସେ ଯେ ଶାଶୂ ଓ ପୁଅଟିର ମୁହଁକୁ ନାରେଙ୍ଗି ରୋମକୁ ଆସିଛନ୍ତି— ନୀଚଙ୍କ ସୁଖରେ ରହିବ ବୋଲି ନୁହେଁ— ଏ କଥାଟା ନିଜ ନିକଟରେ ପ୍ରମାଣ କରି ପାରିଲେ ସେ ଯେମିତି ବଞ୍ଚି ଯାଆନ୍ତା । ଯଦି ସମ୍ଭବ ହୁଅନ୍ତା, ତାହାହେଲେ ଆରାମପ୍ରଦ ଶଯ୍ୟା ଛାଡ଼ି ଚଟାଣ ଉପରେ ଶୋଇ ପାରିଲେହିଁ ସେ ଯେମିତି ଖୁବ୍ ତୃପ୍ତି ହୁଅନ୍ତା । ସେ ଯଦି ଏ ଘରର

ସାମ୍ରାଜ୍ୟ କୁକୁର ପରି ଚଟାଣ ଉପରେ ଶୋଇବାକୁ ଯାଏ, ତାହାହେଲେ ତାହାହିଁ ଯଥେଷ୍ଟ । ଲଙ୍ଗ୍ସି ଶଟସ୍ ଓ ଛଗର ବୃଦ୍ଧୀମା ଷ୍ଣ୍ଡ୍ରା କଣ୍ଠାରେ ସଜ ପୂନ୍ଥାଇବେ, ଆଉ ସେ କହିବ ବାବୁଗିରି, ତାହା କଣ ଓକରେ ହୁଏ !

ଦୁଇ ଦିନ ପରେ ଦର୍ଜି ଯେତେବେଳେ ଧାଡ଼ିର ପୋଷାକ ନେଇ ଆସିଲା, ସେତେବେଳେ ତାର ମନ ଅତ୍ଯନ୍ତ ଖରାପ ହୋଇଗଲା । ଏତେ ସୁନ୍ଦର ପୋଷାକ ସେ ପିନ୍ଧିବ କେଉଁ ଲଜ୍ଜାରେ— ରଙ୍ଗିନ ସିଲ୍କ ରିବନ୍, ଜାମା ଉପରେ ସୁନ୍ଦର ଛୁଞ୍ଚି କାମ, ରୁପାର ଚାରୁଣୀ— ଏହା ଯେମିତି ନାଚର ସାଜ ! ଏହା ପିନ୍ଧି ତାକୁ ରାସ୍ତାକୁ ବାହାରିବାକୁ ହେବ ?

ଏରସିଲ୍ଡ୍ସା ଇତି ମଧ୍ୟରେ ବିଛଣାରୁ ଉଠି ପଡ଼ିଲାଣି । ଆଲିଭିୟାର ହାବଭାବ ଦେଖି ସେ ରାଗି ନିଆଁ ହୋଇ ଗଲାଣି ।

‘ଅହ୍ବା ପ କଲମି ଦେଖ ! ଠିକ୍ ଯାହା ଭାବିଥିଲି । ରୋମର ଦାସୀମାନେ ଯେପରି ଭାବରେ ପୋଷା'କ ପିନ୍ଧନ୍ତି ତୋତେ ବି ତାହା ପରିଧାନ କରିବାକୁ ହେବ । ଭଲ-ଲାଗିବା ମନ୍ଦ-ଲାଗିବା କଥା ମୁଁ ଶୁଣିବାକୁ ଚାହେଁ ନା— ଯେଉଁଠିକାର ଯାହା ନିୟମ ତାହା ମାନି ଚଳିବାକୁ ହୁଏ ।’

ଆଲିଭିୟା ମୁନବାଣୀଙ୍କୁ ଖୁସି କରିବା ଲାଗି ତତ୍‌କ୍ଷଣାତ୍ କହି ପକାଇଲା— ‘ମୁଁ କଣ ତାହା କହୁଛି, ଭଉଣୀ । ତୁମ ଆଜ୍ଞା କଣ ଅବଜ୍ଞା କରି ପାରେଁ ! ମୁଁ ଖାଲି କହୁଥିଲି, ମୋ ପାଇଁ ଏତେ ଟଙ୍କା ଖରଚ କରିବା କି ଦରକାର ଥିଲା । ତା ଛଡ଼ା, ତୁମେ ତ ଜାଣ ଦେଶରେ ଆମ୍ଭେମାନେ— ।’

‘ମନେ ରଖ, ଏ ତୋର ସିସିଲି ନୁହେଁ— ଏ ହେଲା ରୋମ । ଜା ଛଡ଼ା ପୋଷାକଟା ତ ତୋତେ ଖୁବ୍ ଭଲ ମାନୁଛି ।’

ତାହା ସତ୍ୟ । ଲାଲ୍ ଟକଟକ ସିଲ୍କ ଜାମା ପିନ୍ଧି କେଶର ସୁନେଲି ଅଞ୍ଚଳ, ତାର ଭସାଣିଆ ଚକ୍ଷୁର ନୀଳ ମାଧୁରୀ ଯେମିତି ଅଦ୍ଭୁତ ଖୋଲି ଯାଇଛି । ଏରସିଲ୍ୟା ଭାବେ, ତାକୁ ଧରି ଯଦି ସେ ରାସ୍ତାକୁ ବାହାରେ ତା ହେଲେ ମହାରାଣୀ ଅପେକ୍ଷା ଦାସୀ ଆଡ଼କୁ ରାସ୍ତାର ଲୋକେ ବେଶି ନଜର ଦେବେ । ତାହା ହିଁ ଅନୁ— ଯେତେ ହେଲେ ଦାସୀ ତ ! ତାର ଈର୍ଷା ଅପେକ୍ଷା ଅହଙ୍କାରଟା ପ୍ରବଳ ହୋଇଯାଏ— ସୁନ୍ଦରୀ ଦାସୀ ତ ସମସ୍ତଙ୍କ ଭାଗ୍ୟରେ ଯୁଟେ ନାହିଁ !

ଏରସିଲ୍ୟା ଦିନେ ଘୋଡ଼ା ଗାଡ଼ି ଚଢ଼ି ବୁଲି ବାହାରିଲେ । ସାଙ୍ଗରେ ତାର ଦାସୀ, ଏବଂ ତା କୋଳରେ ପୁଅ । ବିଚାରୀ ଆନ୍ନିଭିସ୍ୟା ନୂଆ ପୋଷାକ ପିନ୍ଧି ଏହି ପ୍ରଥମ ଥର ବାହାରକୁ ବାହାରିଲା । ଲଜ୍ଜାରେ ସେ ଲାଲ ପଡ଼ି ଯାଇଛି, ଆଖି ଟେକି ଚାହିଁ ପାରୁ ନାହିଁ । କୋଳର ପୁଅଟି ଆଡ଼କୁ ଏକ ଦୃଷ୍ଟିରେ ଅନାଇ ସେ କାଠ ହୋଇ ବସିଛି । ଏରସିଲ୍ୟା ଦେଖିଲା ଯେ ରାସ୍ତାରେ ସମସ୍ତେ ଆଖି ବୁଲାଇ ଧାଇଁ ଅଡ଼କୁ ଚାହିଁଛନ୍ତି ।

'ମୁହଁ ତଳକୁ କରିଛୁ କାହିଁକି ? କେହୁ ତୋତେ ଧରି ମାରିଛନ୍ତି ନା କଣ ? ବୋକା କେଉଁଠିକାର !'

ଆନ୍ନିଭିସ୍ୟା ଆଖି ଟେକି ଚାହିଁବାକୁ ଚେଷ୍ଟା କରେ । କ୍ରମେ ନୂଆ ସହର ଦେଖିବା ଇଚ୍ଛା ତା ଭିତରେ ଜାତ ହୁଏ, ତାର ଲଜ୍ଜା କଟି ଯାଏ । ଏରସିଲ୍ୟା ଯେଉଁ ଆଡ଼କୁ ଅଙ୍ଗୁଳି ଦେଖାଏ, ସେ ସେହି ଦିଗକୁ ମିଲ୍ଲିକ ପରି ଗୋଲ ଗୋଲ ଚକ୍ଷୁରେ ଚାହିଁ ରହେ । 'କି ଚମତ୍କାର, ଏପରି ସୁନ୍ଦର ସହର ସେ କେବେ ହେଲେ ଦେଖି ନାହିଁ ।' ଘରକୁ ଫେରି ଆସିବାର ଅନେକ ସମୟ ପରେ ବି ତାର ସେହି ଅଚ୍ଛନ୍ନ ଅବସ୍ଥା ଦୂରୀଭୂତ ହେଲା ନାହିଁ । ପାଦ ଦୁଇଟି କମ୍ପୁଛି, ମଥା ଝିମଝିମ ହେଉଛି, ଏବଂ କାନରେ ଯେମିତି ତାଲି ପଡ଼ୁଛି । ଗୋଟାଏ

ପ୍ଲେଟ ସୁଦ୍ଧା ସେଥିରୁ ସେ ଯେମିତି କୌଣସି ପ୍ରକାରେ ପ୍ରାଣ ବଞ୍ଚାଇ ଚାଲି ଆସିଛି । ଏ ଯେମିତି ଅନ୍ୟ ଏକ ଜଗତ୍— ସେମାନଙ୍କର ସେହି ସିସିଲିର ମଫସଲ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେ ଯେମିତି ବାଟ ଭୁଲି ସ୍ୱପ୍ନର ଏକ ମାୟାପୁରୀରେ ପହଞ୍ଚି ଯାଇଛି ।

'— ମାଆ ଲୋ ମାଆ— କି ଚମତ୍କାର— କି ସୁନ୍ଦର !'

ଠିକ୍ ସେହି ମୁହୂର୍ତ୍ତରେ ମୋର ଭା ସ୍ତ୍ରୀ ହାତରେ ଖଣ୍ଡିଏ ଚିଠି ଆଣି ଦେଲା—ସିସିଲିରୁ ଆସିଛି । ସିନୋର ମାନଫ୍ରନି ଲେଖିଛନ୍ତି । ଅନ୍ନିଭିସ୍ତାର ପ୍ରଥମ ମାସର ଦରମା ବାବଦକୁ ଏରସିଲ୍ୟା ଯେଉଁ ଅଗାମୀ ଟଙ୍କା ପଠାଇଥିଲା, ମାଲୁଜୋର ବୁଢ଼ୀମା ତାହା ଫେରସ୍ତ ଦେଇଛି । ସେ କହୁଛି— ଦୁଆରେ ଦୁଆରେ ଭିକ ମାଗି ଖାଇବି, ନ ଖାଇ ମରିବି ପଛକେ, ତାହା ବରଂ ଭଲ, ତଥାପି ସେଣ୍ଟ ପାପ-ଟଙ୍କା ମୁଁ ଆଖିରେ ବି ଦେଖିବାକୁ ଚାହେଁ ନାହିଁ । ଇତି ମଧ୍ୟରେ ଯେଉଁ ପଡ଼ୋଶୀ ହାତରେ ଅନ୍ନିଭିସ୍ତା ତା ପୁଅଟିକୁ ଦେଇ ଯାଇଥିଲା, ସେ ଅପି ନାଲିସ୍ କରି ଯାଇଛି ଯେ ହତଭାଗିଣୀ ବୁଢ଼ୀ ତାକୁ ଗୋଟିଏ ହେଲେ ପଇସା ବି ଦେଇ ନାହିଁ, ଏପରିକି ଲୁଟ୍ସର ଜାମାପଟା କିଣିବା ଲାଗି ବି ନୁହେଁ । ସିନୋର ଅନ୍ଦ୍ରେ ଲେଖିଛନ୍ତି— ଏରସିଲ୍ୟା ପଠାଇଥିବା ଟଙ୍କାରୁ ଅଧେ ସେ ପଡ଼ୋଶୀ ହାତରେ ଦେଇଛନ୍ତି, ଆଉ ତାକୁ କହି ଦେଇଛନ୍ତି ସେ ଯେମିତି ବୁଢ଼ୀକୁ ନିତ ବସି ଖାଇବାକୁ ଦିଏ— ନ ହେଲେ ସେ ତ ନ ଖାଇ ମରି ଯିବ । ପଡ଼ୋଶୀ ଯେମିତି ଏଣିକି ଅଧେ ଟଙ୍କା ପଠାଏ—ଏପରି ଭାବ ଦେଖାଇବ ଯେ ସେ ନିଜେ ଦୟା କରି ବୁଢ଼ୀକୁ ଦାନା ଖାଇବାକୁ ଦେଉଛି । ବୁଢ଼ୀର ଯାହା ଦମାକ ! ଏରସିଲ୍ୟା ଯେମିତି ବୁଢ଼ୀଟା ତ ଟଙ୍କା ନେବ ନାହିଁ । ଶେଷରେ ସେ ଲେଖିଛନ୍ତି ଯେ ଏରସିଲ୍ୟାର ସ୍ୱାମୀର କଥା ଅନୁଯାୟୀ କାମ କରିବାକୁ ଯାଇ ଏହି ଗୋଳମାଳଟା ହେଲା । ଚିଠି ଖଣ୍ଡିକ ଭାଙ୍ଗ କରୁଁ କରୁଁ ଏରସିଲ୍ୟା କହିଲା—

'ତୁମର କଣ କେବେ ବୁଦ୍ଧି ହେବ ନାହିଁ ? କାହିଁକି ତୁମେ ମାଆକୁ ଲେଖିବାକୁ ଗଲ ?'

'ମୁଁ କଣ ସେଇ ଖଗୀ ଚୁଡ଼ୀଟାର ପୁଅକୁ ବୋହୂକୁ ପଠାଇବା ପାଇଁ ଖଣ ପକାଇ ଲେଖିଥିଲି ? ତୁମର ମାଆ ଦେଖୁଛନ୍ତି, ମୋ ଉପରେ ସବୁ ଦୋଷ ଲଦି ଦେଉଛନ୍ତି ।'

'ଲଦିବେ ନାହିଁ ତ କଣ— ଶହେ ବାର ଲଦିବେ । ସପିଲକୁ ଧାଇଁ ପଠାଇବା କଥା ତୁମେ ଲେଖି ନାହଁ ? ଆଉ ତୁମରି ପାଇଁ ଏଇ କାଣ୍ଡଟା ଘଟିଲା । ତୁମର ତ ଖୁବ ଖୁସିଗଲା ! ଆଁ କରି ତୁମେ ଦାସୀର ରୂପ ଗିଳୁଛ । ମୋ ଆଖିକୁ ଫାଙ୍କି ଦେବ ?'

ମୋର ଅବାକ ହୋଇ ପଚାରିଲି— 'କଣ କହୁଛ ତୁମେ ? ମୋ ପୁଅର ଦାସୀକୁ ନେଇ··· ।'

'ହଁ ଗୋ ହଁ, ସେଇ ଦାସୀଟା । କର ନା, ପାଟି କରି ଘର ଦୁଆର ଫଟାଇ ଦିଅ ।'

'ଅଲବତ୍ ପାଟି କରିବି । କିଏ ଚୁପ୍ କରି ସହିବ ତୁମର ସେଇ ବାଜେ କଥା ? ପୁଅର ଦାସୀ ପ୍ରତି ତୁମର ହିଂସା··· ତୁମର ମଥା ଖରାପ ହେବାକୁ ବୋଧହୁଏ ଆଉ ବାକି ନାହିଁ ।'

'ଆଉ ତୁମର ମଥାଟି ଖୁବ୍ ଥଣ୍ଡା ନା ? ମଥା ନାହିଁ, ତାର ପୁଣି ମଥା ଗରମ ! ବର୍ତ୍ତମାନ କଣ କରିବ କର, ତାହାଙ୍କୁ କୁହ । ଟଙ୍କାଟା ଯେ ଫେରସ୍ତ ଦେଲି— ।'

'ତାର ଶାଶୁ ଯେ ଟଙ୍କାଟା ନେବାକୁ ରାଜି ନାହିଁ, ତାହା ତାଙ୍କୁ ବୁଝାଇ କହିବ ନାହିଁ ?'

'ସଙ୍ଗିନ ? ମୁଁ ତାଙ୍କୁ ସେଇ କଥା କହିବାକୁ ଯାଉଛି ତ ଆଉ କଣ । ତା ହେଲେ ସେ ଏକବାରେ ଘାବରି ଯିବ ।'

ରାଗ ଓ ବିରକ୍ତିରେ ଅଧୀର ହୋଇ ମୋର ଘରୁ ବାହାରି ଗଲି ।

ଶେଷକୁ ତାହାହେଲେ କଥା ଏତେ ଦୂରକୁ ଗଳିଗଲା ! ମୋର ତା ପୁଅ କାଖକୁ ଯାଇ ପାରିବ ନାହିଁ— ଆଦର-ସ୍ନେହ କରିବା ତ ଦୂରର କଥା । ଏପରି ଅଦ୍ଭୁତ ସନ୍ଦେହ କେହି କେବେ ତ ଦେଖି ନାହିଁ ! ପୁଅକୁ ଗେହ୍ଲା କଲେ ଏରସିଲିଆ ଭାବିବ ସେ ଦାସୀକୁ ସେ ଶ୍ରଦ୍ଧା କରୁଛନ୍ତି ! ଦିନେ ତ ସେ ଏହା ତାଙ୍କୁ ଖୋଲି କରି କହି ଦେଲା ।

'ପୁଅ ଯେତେବେଳେ ମୋ କୋଳରେ ଥାଏ, ସେତେବେଳେ ତ ଗୁଲ ବି ମାତ୍ର ନାହିଁ । ଆଉ ଦାସୀର କୋଳରେ ଥିଲେ ସ୍ନେହ-ମମତାର ଅନ୍ତ ନାହିଁ —କି ଆଦର-ଯତ୍ନ !' ଏହି ପ୍ରକାର କଥାରେ ଏନ୍ନାଙ୍କର ଓପରକୁ ଦୁଃଖ ହୁଏ, ରାଗ ବି ତାହା ଠାରୁ ବେଶୀ ହୋଇଯାଏ । 'ପୁଅ ତ ତୁମ କୋଳରେ କେତେବେଳେ ନ ଥାଏ ।'

ସେହି କଥା ଅବଶ୍ୟ ଠିକ । ପୁଅ ତା ମାଆର କୋଳରେ ଶୁଇ ରହିବାକୁ ଚାହେଁ ନାହିଁ, କେବଳ କାନ୍ଦୁଥାଏ ଆଉ ତାର ଦୁଇଟି କୁନି ହାତ ବଢ଼ାଇ ଆନ୍ନଭିସ୍ତା ପାଖକୁ ଯିବାକୁ ଚାହେଁ । ବୋଧହୁଏ ଏରସିଲିଆ ତାକୁ ଠିକ୍ ଭାବରେ ସମ୍ଭାଳି ଧରି ପାରେ ନାହିଁ । ପିଲାକୁ କୋଳରେ ନେବାର ଅଭ୍ୟାସ ନାହିଁ ବୋଲି ସେ ଏମିତି ହୁଏ, ଏହା ଭାବିବା ଭୁଲ । ପ୍ରକୃତରେ ତାର ସର୍ବଦା ଭୟ ହୁଏ, ପିଲାଟା ତାର ମୂଲ୍ୟବାନ ଡ୍ରେସିଂ ଗାଉନଟା ନଷ୍ଟ କରି ଦେବ ।

ଏରସିଲିଆ ପ୍ରାୟ ଘରୁ ବାହାରକୁ ଆଦୌ ବାହାରେ ନାହିଁ । ଅବାଟଲ ସକାଳେ କେହି କେବେ ତାଙ୍କ ସହିତ ସାକ୍ଷାତ କରିବାକୁ ଆସନ୍ତି । ତାହା ହେଲେ ବି କଣ ହେବ । ପୋଷାକପତ୍ରରେ ସେ

ଅଜସ୍ର ଖର୍ଚ୍ଚ କରେ, ଅଥଚ ତାହା ବି ତାର ଆଦୌ ପସନ୍ଦ ହୁଏ ନାହିଁ । କୌଣସି କଥାରେ ସନ୍ତୁଷ୍ଟ ହେବା ତାର ଧାତରେ ନାହିଁ । ସବୁଥିରେ ତାର ଅରୁଚି, ଏପରିକି ନିଜକୁ ବି ତାର ଭଲ ଲାଗେ ନାହିଁ । ତାର ବଦ୍ଧ ଧାରଣା, ସେ ଅସୁଖୀ । ହୁଏ ତ ତାହା ସତ୍ୟ । କିନ୍ତୁ ସେଥିପାଇଁ ଅନ୍ୟ ଲୋକଙ୍କୁ ଦୋଷୀ କଲେ କଣ ଚଳିବ ? ଏଥିପାଇଁ ଦାୟୀ ତାର ନୀରସ କଟୁ ସ୍ୱଭାବ— ତାର କଳହ-ପ୍ରବୃତ୍ତି । ଏଣେ ତାର କିନ୍ତୁ ଦୃଢ ବିଶ୍ୱାସ ଯେ ତା ମନ ମୁତାବକ ମଣିଷ ସେ ଯଦି ପାଇଥାନ୍ତା— ଏପରି କେହି ଯଦି ତାକୁ ଭଲ ପାଇଥାନ୍ତା, ତାକୁ ବୁଝି ପାରିଥାନ୍ତା— ତା ହେଲେ ତାର ଗୃହ ଭିତରଟା ଏପରି ଖାଁ ଖାଁ କରୁ ନ ଥାଆନ୍ତା । ପୁଅ ପ୍ରତି ବି ଏବସିଲ୍ୟାର ମନରେ ବିତୃଷ୍ଣା ଆସିଛି— ମାଆକୁ ଛାଡ଼ି ସେ ଦାସୀକୁ ଚାହେ ବୋଲି । କାମ ନାହିଁ, ଦାମ ନାହିଁ, ଖାଲି ଦିନ ଏକା ପରି ଯାଏ— ଏପରି ଦିନ ନାହିଁ, ଯେଉଁ ଦିନ କି ସେ କନ୍ଦାକଟା ନ କରନ୍ତି । ମୋର ମଝିରେ ମଝିରେ ଲକ୍ଷ୍ୟ କରେ, ତାର ଚକ୍ଷୁ ଲାଲ । ସେ ଏହା ଓଢଣି ବି ଦେଖେ ନାହିଁ । କହିବାକୁ ଗଲେ, ସେ ସ୍ତ୍ରୀ ବହୁତ କଥାବାର୍ତ୍ତା ବି କରେ ନାହିଁ । କିନ୍ତୁ କହି ବୋଲି ସେ ଯେ ଏବସିଲ୍ୟାର ମନ ଚେନି ପାରିବ, ଏପରି ଆଶା ସେ ବହୁ ଦିନରୁ ଛାଡ଼ି ଦେଇଛି । ଜୀବନକୁ ଉପଭୋଗ କରିବା କ୍ଷମତା ଏବସିଲ୍ୟା ହରାଇ ଦେଇଛି— ସେ ଜାଣେ ନାହିଁ ଯେ ଯଦି ମଣିଷ ନିଜେ ସୁଖୀ ନ ହୋଇପାରେ ତା ହେଲେ କେହି ତାକୁ ସୁଖୀ କରି ପାରିବ ନାହିଁ । ଅଥଚ ଏବସିଲ୍ୟା ପାଖ ମୋର ନିଜେ ବା କେଉଁ ସୁଖରେ ଅଛି ! ତାହା ସହିତ ଗୋଟିଏ ଘରେ ରହିବା ତ ଏକ ଯନ୍ତ୍ରଣା ବିଶେଷ । ଓ ଉଦାସୀ ଜୀବନ— ଦିନ ସାରା ନିଜ ଅଫିସ-ଘରେ ସେ ବନ୍ଦୀ । ଭାଗ୍ୟକୁ ମଝିରେ ମଝିରେ ତାର ସାମ୍ୟବାଦୀ ବନ୍ଧୁମାନେ ଆସନ୍ତି । ସେମାନଙ୍କ ସହିତ

କଥାବାର୍ତ୍ତା ହସଖୁସି ଆଲୋଚନା କରି ତାର ମନଟା ଟିକିଏ ହାଲୁକା ହୋଇଯାଏ ।

ପିନୋର ଫେଲିସିସିମୋ ସ୍ମିଡେଲ୍ଲି ମୋଟରର କର୍ମଗୃହ । ଅଧା-ବୟସ୍କ ଲୋକ ଓକିଲର ମୋହରୀର । ବନ୍ଧୁମାନଙ୍କ ସହିତ ଆଳାପ ଆଲୋଚନା ସମୟରେ ମୋର ଡାକୁ ବସିବା-ଘରକୁ ପଠାଇଦିଏ । ସମବେତ ଭଦ୍ରଲୋକମାନଙ୍କୁ ସସମ୍ମାନରେ ନମସ୍କାର କରି ମୋହରୀର ବାହାରି ଆସେ, ଏବଂ ବାହାରି ପଛ ଦୁଆର ଟାଣିଦିଏ । ଦୁଆର ବାହାରେ ତାର ଅନ୍ୟ ମୂର୍ତ୍ତି— ନାଚର ଭଙ୍ଗୀରେ ପାଦ ପକାଇ ପକାଇ ହାତ ଘଷି ଘଷି, ଜଲପ-କସ ଖପରେ ହାତ ମାରି ମାରି ସେ ବାହାର ଘରକୁ ଆସି ଗୋଟାଏ ବେଞ୍ଚ ଉପରେ ବସେ । ସିସିଲିର ସୁନ୍ଦରୀ ଦାସୀଟି ପ୍ରତି ତାର ଭାରି ଲୋଭ ! ଇତି ମଧ୍ୟରେ ସେ ତାହା ସହିତ ଭାବ ଜମାଇବା ପାଇଁ ଚେଷ୍ଟା କରନ୍ତି :

'ମୋ ନାମ କଣ ଜାଣିଛ ତ ? ମୋ ନାମ ଫେଲିସିସିମୋ (ଭାଗ୍ୟବାନ) ।'

ଅଲିଭିସ୍ତା ଅଟାଟା ଠିକ୍ ଯେମିତି ବୁଝି ପାରେ ନାହିଁ । ତା ମୁହଁ ବୁଲାଇ ନିଏ ।

ପିନୋର ସ୍ମିଡେଲ୍ଲି ନିଜ ମନେ ମନେ ଅକ୍ଷେପ କରେ :

'କି ନାମ ଦେଇଥିଲେ ବାପ ମାଆ— ଫେଲିସିସିମୋ ! ପୋଡ଼ା କପାଳ ମୋର !' ବାପ-ମାଆ ଯେତେବେଳେ ଏପରି ସୁନ୍ଦର ନାମଟା ଦେଇଥିଲେ, ସେତେବେଳେ ସେମାନଙ୍କର ଆଶା ଥିଲା ଯେ ପୁଅଟି ଦିନେ ଭାଗ୍ୟବାନ ହେବ । କି ଚମତ୍କାର କପାଳ— ଖୁଦ-କୁଣ୍ଡା ଗୋଟାଇ ବୁଲିବା କି ସୌଭାଗ୍ୟ ଜାଣିଛ ତ । ସେ ଦିନରୁ ମକୁଟ୍ଟି ମାଢ଼ ପାଠ ଲେଖା ଯାଏ । କୌଣସି ପ୍ରକାରେ ସଂସାର ଚଳାଇବା ପକ୍ଷରେ ଏତିକି ଅର୍ଥ ନିତାନ୍ତ ଯତ୍ସାମାନ୍ୟ ନୁହେଁ । କିନ୍ତୁ

ସେଥିରେ ତାର ଭୁଲାଏ ନାହିଁ। କାରଣଟା ଖୁବ୍ ସାଧାରଣ— ସ୍ତ୍ରୀ ଲୋକଙ୍କ ପ୍ରତି ପେଲ୍‌ଗ୍ରିସିମୋର ଗୋଟାଏ ସହଜାତ ଦୁର୍ବଳତା ଅଛି। ଏଟା ତାର ଖିଆଲ ନୁହେଁ, ଅଭ୍ୟାସ; କୌଣସି ମତେ ଦୂରୀଭୂତ ହେଲା ନାହିଁ। ସ୍ତ୍ରୀ ଲୋକ ଦେଖିଲେ ସେ ଆଉ ଠିକ୍ ରହିପାରେ ନାହିଁ ।

ଏହି ଅର୍କିଡିୟାର କଥାଟା ଧର ନା— ଉପରେ ହୁଲୁ ହୁଲୁ! ଦେଖିଲା ମାତ୍ରେ ପାଟିରୁ ଲାଳ ବହେ । ସ୍ତ୍ରୀ-ଲୋକଟା ଯେ ଖାଲି ସୁନ୍ଦରୀ ତାହା ନୁହେଁ— ଆଦବ କାଇଦା ବି ଜାଣେ । ବାହାରର ଠାଟଟା କିନ୍ତୁ ଠିକ୍ ରଖିଛି। ହଁ, ଠାଟ ନୁହେଁ ତ ଆଉ କଣ। ଯାହି ମାନେହିଁ ଯେ ନଷ୍ଟ-ଚରିତ୍ର ତାହା କିଏ ନ ଜାଣେ, ଟଙ୍କା ପଇସାର କାରବାର— ଅଭଜାଇ ନେଲେହିଁ ହେଲା।

ମୋହସ୍ତିର ବାବୁର ଚତୁର ଗୃହିଣୀ ଓ ଲାମ୍ପଟ୍ୟ ବହୁତ ଭଙ୍ଗୀ ଅର୍କିଡିୟାର ଦୃଷ୍ଟିରେ ଯେ ନ ପଡ଼ିଛି ତାହା ନୁହେଁ। ତାକୁ ହସ ମାଡ଼େ, ତାର ରାଗ ବି ହୁଏ। ଅଦ୍ଭୁତ ଲୋକଟିଏ— ବୟସ ଢାକି ପାରେ ନାହିଁ, ଅଥଚ କଳପ ଲଗାଇ ଏବେ ବି ବେଶ ସତେଜ ରଖିବାକୁ ଚେଷ୍ଟା କରେ । ବୋଧହୁଏ ତାର ମଥା ଖରାପ— ଆଉ ତାହା ଯଦି ନ ହୋଇଥାଏ ତ ଖରାପ ହେବାକୁ ଅଉ ବେଶି ଡେରି ନାହିଁ ।

ଦିନେ ଅର୍କିଡିୟା ମୋହରର ପୁଅଟିକୁ ଖେଳାଉଥିଲା । ପୁଅର ନାମ ଦିଆ ଯାଇଛି ଲିଓନିଦା। ସେହି ନାମଟା ଅର୍କିଡିୟାର ତୁଣ୍ଡରେ କୌଣସି ମତେ ପଶୁ ନାହିଁ— ଏହି ଛଅ ମାସ ମଧ୍ୟରେ ବି ତାର ଦୁରସ୍ତ ହୋଇ ନାହିଁ । ତେଣୁ ସେ ନାମଟା ସଙ୍କ୍ଷେପ କରି ପୁଅଟିକୁ ଡାକେ ନୋନିଦା ।

ସମିରେଲ୍ଲି ତାକୁ ତାଗିଦ କରି କହେ : 'ଏ ଦାଏ, ତୁମର କି ବୁଦ୍ଧି ! ନୋନିଦା ନୁହେଁ ଲୋ, ଲି-ଓ-ନି-ଦା ।'

'ସେହି ନାମ ମୋ ତୁଣ୍ଡରେ ପଶୁ ନାହିଁ ।'

'ଅଛା, ତୁମେ ତ ଦେଖି ଫେଲିଚିସିମୋ, ସେହି ନାମଟା ଭଏ ଦେଉଛି ଜାଣ ? ମୁଁ ।' ଅଲିଭିଏରା ପୁଅକୁ କାଖେଇ ବାହାର ଯାଉଁ ଯାଉଁ କହିଲା : ସେହିପରି ନାମ ଫେର୍ ଅଛି ନା କଣ ?'

ମୋହନ୍ତିର ବାବୁ ଉଦାସ ଭାବରେ ନିଜ ମନେ ମନେ କହିଲା, 'ନ ଥିଲେ ବରଂ ଭଲ ।'

ବେଞ୍ଚରେ ବସି ରହି ସେ ଦୀର୍ଘଶ୍ୱାସ ଛାଡ଼େ ଅଉ ହତାଶ ଭାବରେ ମଥା ହଲାଏ । ସେତେବେଳେ ପାଖ ଘରେ ଜୋରରେ ଆଲୋଚନା ଚାଲିଥାଏ । ଟିକିଏ ଟିକିଏ କଥା କାନରେ ବାଜେ : ଶୋଷକ ସମ୍ପ୍ରଦାୟର ଅତ୍ୟାଚାର··· ସର୍ବହରାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ··· ଆନ୍ଦୋଳନ··· ସଭା ସମିତି··· ପ୍ରୋଗ୍ରାମ·· ଇତ୍ୟାଦି । ଏହିସବୁ କଥା ସେ ଶୁଣି ବି ଶୁଣେ ନାହିଁ, ସେ ଶିକାରି ବରାଡ଼ି ଭଳି ଘର ଭିତରର ଦରଜା ଆଡ଼କୁ ଲୁବ୍ଧ ଦୃଷ୍ଟିରେ ଅନାଇ ରହେ । ହଠାତ୍ ଖାସି ଅଟେ କରୁଣ ସ୍ୱରରେ ଗାଉଥିବା ପିଲା-ଭୁଲାଣିଆ ଗୀତର ଧୂଇ ଶୁଭି ପଡ଼େ । ଅଲିଭିଏରା ଏରସିଲିଆର ପୁଅକୁ ଶୋଇ ପକାଉଥିଲା । ଇତି ମଧ୍ୟରେ ପିଲାଟି ବଷର ଦୁଧ ଖାଇ ମୋଟାସୋଟା ହୋଇ ଯାଇଛି । ତାକୁ ଦେଖି ଦେଖି ଅଲିଭିଏରାର ଲୁଡ଼୍‌ସିର କଥା ମନେ ପଡ଼େ, ଗୀତ ଗାଉଁ ଗାଉଁ ତାର ଗଳା ପଡ଼ିଯାଏ । ଯଦି ଲୁଡ଼୍‌ସି ଏହି ଛଅ ମାସ ମାଆର ବଷର ଦୁଧ ପାଇ ଥାଆନ୍ତା, ତାହେଲେ ସେ କି ମୋଟାସୋଟା ହୋଇ ଯାଇ ନ ଥାନ୍ତା ! କିଏ ଜାଣେ, ଧନ ମୋର କେମିତି ଅଛି । ମଝିରେ ମଝିରେ ସେ ଲୁଡ଼୍‌ସିକୁ ସ୍ୱପ୍ନରେ ଦେଖେ— ରୋଗା, ହାଡ ବାହାରି ପଡ଼ିଲାଣି, ଗଳାଟା ସରୁ, ପ୍ରକାଣ୍ଡ ମୁଣ୍ଡଟା ଟଳମଳ ହୋଇ ଥରେ ଏ କାନ୍ଧ ଉପରେ ତ ଥରେ ସେ କାନ୍ଧ ଉପରେ ଢଳି ପଡ଼ୁଛି । ଅଲିଭିଏରା ଶିହରି ଉଠେ, ଭୟରେ ତାର ହାତ ଗୋଡ଼ ପଥର ପରି

ଟାଣି ହୋଇଯାଏ । ହାୟ ଭଗବାନ, ମୋ ଧନର ଏପରି ଦଶା କିଏ କଲା । ସ୍ୱପ୍ନରେ ସେ ତତ୍‌କ୍ଷଣାତ୍ ପିଲାଟିକୁ ଦୁଧ ଦେବାକୁ ଯାଏ, ଅଉ ଲକ୍ଷ୍ମୀ ତା ଆଡ଼କୁ କଟମଟ କରି ଅନାଇ ମୁହଁ ଫେରାଇ ନିଏ । କି ତୀବ୍ର ଈର୍ଷାଭର ଦୃଷ୍ଟି, ଠିକ୍ ତା ବୁଢ଼ୀ ଶାଶୁ ପରି । କଦର୍ଯ୍ୟ ସ୍ୱପ୍ନ— ଅଲିଭିୟା ଭୟରେ ଚିତ୍କାର କରେ । ରାତି ସାରା ତାକୁ ନିଦ ହୁଏ ନାହିଁ । ଶୋଇ ରହି ସେ ଛଟପଟ ହେଉଥାଏ— ଲକ୍ଷ୍ମୀର ସେହି ତିରସ୍କାରପୂର୍ଣ୍ଣ ଚାହାଣୀଟା ତା ଛାତିରେ ଯେମିତି କଣ୍ଟା ପରି ଫୁଟିଯାଏ ।

ଏରପିଲସ୍ୟା ନିକଟରେ ତାର ଦୁର୍ଭାବନା ବିଷୟ ଜଣାଇବା ପାଇଁ ଅଲିଭିୟାକୁ ଭୟ ଲାଗେ । ଘନ ଘନ ଦେଶର ଖବର, ଲକ୍ଷ୍ମୀର ଖବର ଜାଣିବାକୁ ଚାହିଁଲେ ସେ ବିରକ୍ତ ହୁଏ, ରାଗିଯାଏ । ବୋଧହୁଏ ସେ ଭାବେ ଯେ ନିଜ ପିଲା ପ୍ରତି ଯାହାର ଏତେ ମମତା, ସେ କଣ ପର ପିଲାର ସେମିତି ଯତ୍ନ ନେବ ! ଏହା ଯେ ତାର ମିଥ୍ୟା ସନ୍ଦେହ, ଅଲିଭିୟା ଛାତିରେ ହାତ ଦେଇ ତାହା କହିପାରେ । ଏମିତି କଥା ତାର ଅତି ବଡ଼ ଶତ୍ରୁ ବି କହି ପାରିବ ନାହିଁ— ନୋନଦା ଆଡ଼କୁ ଅନାଇଲେ ବୁଝା ଜଣାଯାଏ ଧାଈର ଯତ୍ନରେ କେଉଁଠି କୌଣସି ତ୍ରୁଟି ନାହିଁ— କେମିତି ସୁନ୍ଦର ମୋଟାସୋଟା ଦେହଟା ତାର ହୋଇଛି ।

ଗାଆଁରେ ସେ ଯେଉଁ ପିଟନାରନାକୁ ଚିହ୍ନିଥିଲା ଆଜିର ଏରପିଲସ୍ୟା ତାହା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଜୀବ । ଆଜନ୍ ଗିସ୍ୟା ଯେ ଦିନେ ତାର ଖେଳ-ସାଥୀ ଥିଲା, ସେହି କଥା ସେ ଯେମିତି ଏକଦମରେ ଭୁଲି ଯାଇଛି— ଏପରି ବ୍ୟବହାର କରୁଛି, ଯେମିତି କି ସେ ଦାସୀ ଠାରୁ ବି ଅଧମ । ମୁନିବାଣୀକୁ ଖୁସି କରିବା ଲାଗି ସେ ତ କେବେ ତାର ଚେଷ୍ଟାର ତ୍ରୁଟି କରି ନାହିଁ । ମାରଗେରିଟା ନାମରେ ସେହି କାଳି ରୁକବାଣୀଟା ବିଦାୟ ନେବା ପର ଠାରୁ ସେ ଏହି ଘରର ସବୁ କାମ ଖୁସି ମନରେ କରେ ପୁଅକୁ ମଣିଷ କରିବା କାମ ଛଡ଼ା ବି ତେଏ

ଖୁଡ଼ୀଏ ଉପୁର କାମ, ଅଥଚ ସେ ଦିନକ ପାଇଁ ହେଲେ ବି ଅନୁଯୋଗ କରି ନାହିଁ । ସେ ଜାଣେ, ଏରସିଲିୟାର କୁନ୍ଥୁ କୁନ୍ଥୁ ସ୍ୱଭାବ— ଟିକିଏ କଥାରେ ବିରକ୍ତ ହୋଇଯାଏ । ତେଣୁ ତାର ସର୍ବଦା ଚେଷ୍ଟା, ସିନୋରିନାର ମିଜାଜ ଯେମିତି ବିଗିଡ଼ି ନ ଯାଏ । ତା ତୁଣ୍ଡରେ ସାରା କ୍ଷଣ ସେହି ଏକା କଥା—

'ଏଇ ଯେ ସିନୋରିନା, ଏଇ ଯେ ମୁଁ । ସବୁ ଠିକ୍ ହୋଇଯିବ ।··· କିଛି ଚିନ୍ତା କର ନାହିଁ ।' ଏତେ କାମ ସେ କରେ, ଅଥଚ ଏରସିଲିୟାର ତାହା ପ୍ରତି ତିଳେ ମାତ୍ର ଦରଦ ନାହିଁ । ଦିନକର ଘଟଣା କହୁଛି । ସିସିଲିରୁ ଚିଠି ଆସିଛି । ପିଅନ ହାତରୁ ଚିଠି ଗୁଡ଼ାକ ନେଇ ଆନ୍ତୋନିୟୋ ଦୌଡ଼ିଗଲା ମୁନିବାଣୀଙ୍କ ନିକଟକୁ:

'ସିନୋରିନା ! ସିନୋରିନା !'

'କଣ ହୋଇଛି ? ଏତେ ପାଟିଗୋଳ କାହିଁକି ? ଯେମିତି ଯୁଦ୍ଧ ଜୟ କରି ଆସିଛୁ ।'

ଏରସିଲିୟାର ଏମିତି ବକବା ଶୁଣି ତାର ହୃଦୟର ରକ୍ତ ହିମ ହୋଇଗଲା, ଆଉ ସେ ସ୍ତବ୍ଧ ଭାବରେ ଠିଆ ହୋଇ ରହିଲା । ଚିଠି ପଢ଼ିସାରି ଏରସିଲିୟା ଯେତେବେଳେ ସେଗୁଡ଼ାକ ଲଫାପା ଭିତରେ ପୁରାଉଛି, ସେତେବେଳେ ଡରି ଡରି ଆନ୍ତୋନିୟୋ ତାକୁ ପଚାରିଲା : 'ଲୁଚିସିର କିଛି ଖବର ଅଛି ଚିଠିରେ ?'

'ହଁ, ଲେଖିଛି, ତୋର ପୁଅ ଭଲ ଅଛି ।'

'ଆଉ ବୁଢ଼ୀ ? ମୋ ଶାଶୁ ?'

'ସେ ବି ଭଲ ଅଛି ।'

ଏହି ସାମାନ୍ୟ ଦୁଇଟି କଥାରେ ତାକୁ ସନ୍ତୁଷ୍ଟ ରହିବାକୁ ହୁଏ । ତାହା ସହିତ ଆଉ କୌଣସି ଖବର ନାହିଁ ତ ? ଆହା, ସେ ଯଦି ନିଜ ହାତରେ ଚିଠି ଲେଖି ପାରୁଥାନ୍ତା ! ନିଜ ଅଜ୍ଞତାକୁ ସେ ଧିକ୍କାର

କରେ । ଘର ଛାଡ଼ି ଚାଲି ଆସିଲା ପରେ ତାର ମନ ଖରାପ ହେଉ, ତାହା ଅନ୍ନଛିସ୍ମା ଜାଣିଥିଲା । କିନ୍ତୁ ଏହା ତ କେବଳ ମନ ଖରାପ କରିବା ନୁହେଁ— ଏହା ଯେମିତି ଜଳି ପୋଡ଼ି ମରିବା !

ସେ ନିଜ ମନକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରେ । କିଛି ଦିନ ପରେ ତ ନୋକରିର ସାତ ମାସ ଚାଲିବ । ମୋର ଠିକ୍ କରିଛି, ନଅ ମାସରେ ଦୁଧ ଛଡ଼ାଇବାକୁ ହେବ । ସୁତରାଂ ଆଉ କେତୋଟା ଦିନ ମାତ୍ର ତାର ଧୈର୍ଯ୍ୟ ଧରି ଏଠାରେ ରହିବା । ଆଉ ଦୁଇଟି ମାସ ନରକ ଯନ୍ତ୍ରଣା ! କପାଳ କଥା— କିଏ ଏଡ଼ି ପାରିବ ? ଯାହାକୁ ଏଡ଼ି ହେବ ନାହିଁ, ତାକୁ ମାନି ନେବାହିଁ ଭଲ ।

ଯେଉଁ ଦିନ ନୋକରିର ସାତ ମାସ ପୂରିଗଲା, ସେହି ଦିନ ପେର୍ ତାର ପ୍ରଥମ ଦୁଧ-ଦାନ୍ତ ଦେଖାଗଲା । ପରିବାରରେ ଗୋଟାଏ ଉତ୍ସବର ଧୂମଧାମ ଲାଗିଲା । ଆସନ୍ନ ମୁକ୍ତିର ସମ୍ଭାବନାରେ ଅନ୍ନଛିସ୍ମାର ମନ ବି ଆନନ୍ଦରେ ଭରିଗଲା । ଅନ୍ତରାଳରେ ସେହି ଦିନ ଯେ ତାର ସର୍ବନାଶର ଆୟୋଜନ ହେଉଥିଲା, ଏପରି ଆଶଙ୍କା ଭୁଲ୍‌ରେ ବି ତା ମନକୁ ଛୁଇଁ ନାହିଁ ।

ବାହାର ଦରଜାରେ ଘଣ୍ଟା ବାଜିଲା । ଅନ୍ନଛିସ୍ମା ଭାବିଲା, ବୋଧହୁଏ ପିଅନ ଆସିଛି । ଏକା ଦୌଡ଼ାକେ ଯାଇ ସେ ଦୁଆର ଖୋଲିଦେଲା । ଆଜି ହୁଏତ ବା ସିସିଲିରୁ ଡ଼ାକ ଆସିଛି । ଦରଜା ଖୋଲି ଦେବା ପରେ କଣ ଯେ ଘଟିଲା, ତାର କିଛି ମନେ ନାହିଁ । ମଥାରେ ଗୋଟାଏ ପ୍ରଚଣ୍ଡ ଆଘାତ ଲାଗି ସେ ବେହୋସ ହୋଇ ଚଟାଣ ଉପରେ ପଡ଼ିଗଲା । ଜ୍ଞାନ ଫେରି ଆସିବା ପରେ ସେ ଦେଖିଲା— ମାନ୍ତୁଚ୍ଚୋ ଠିଆ ହୋଇଛି, ଏବଂ ଗୋଇଠା ମାରିବା ପାଇଁ ତା ମୁହଁ ଉପରେ ବୁଟ୍ ସହିତ ପାଦ ଟେକି ରଖିଛି । କ୍ରୋଧରେ ତାର ସମସ୍ତ ଶରୀର ଥର ଥର ହୋଇ କମ୍ପୁଛି, ଆଉ ମୁଖରୁ ସବୁ ରକ୍ତ ଯେମିତି ପୋଛି ହୋଇ ଯାଉଛି ।

'ହାରାମଜାଦୀ ! କାହିଁ ତୋ ମୁନିବ !'

ଆଣ୍ଟିୟାର କ୍ରନ୍ଦନ ଶୁଣି ସିନୋର ମୋରୋ, ଏରସିଲ୍ୟା ଓ ସିମିତେଲ୍ଲି ବାହାର ଘରକୁ ଦୌଡ଼ି ଆସିଲେ । ମୋରୋଙ୍କ କୋଟର କଲାରଟା ଧରି ଝୁଲାଇ ଦେଇ ଦେଇ ସେ କହିଲା— 'ମୋ ପୁଅ ମରି ଯାଇଛି— ଜାଣ ତ ସେ କଥା ?'

ଅନ୍ଟିୟା ଅଡ଼କୁ ବୁଲି ପଡ଼ି ସେ ପାଗଳ ଭଳି ଚିତ୍କାର କଲା ।

'ଲୁଇଜି ମରି ଯାଇଛି, ଆଉ ଫେରିବ ନାହିଁ । ନବାବ-ପୁତ୍ର ଏକ୍ଷଣି କଣ କରିବେ— କ୍ଷତି ପୂରଣ ଦେବେ, ନା ପୁଅ ବଦଳରେ ପୁଅ ଦେବେ ?'

ଭୟରେ ଏରସିଲ୍ୟାର ମୁଖ ବନ୍ଦ— କହିଲା, 'ଲୋକଟା ପାଗଳ ହେଲା ନା କଣ ?'

ମୋରୋ କ୍ଷୁଦ୍ର ମଣିଷଟିଏ— ସହସା ନିଜକୁ ତାଙ୍କର ହାତରୁ ମୁକ୍ତ କରି ତାର ଶରୀରର ସମସ୍ତ ଶକ୍ତି ପ୍ରୟୋଗ କରି ତାକୁ ଦରଜା ଆଡ଼କୁ ଠେଲି ଦେଲା । ବାହାର ଆଡ଼କୁ ଆଙ୍ଗୁଳି ଦେଖାଇ ସେ କହିଲା, 'ବାହାରି ଯା କହୁଛି । ବାହାର ମୋ ଘରୁ !'

'ମୁହଁ ସମ୍ଭାଳି କଥା କୁହ । ମୁଁ କାହାକୁ ପରବାଏ କରେ ନା । ଯାହା ଥିଲା ସବୁ ଯାଇଛି— ଜୀବନରେ ଆଉ ମୋର ମାୟା ନାହିଁ । ମାଆ ପଥର ଭିକାରୀ ହୋଇଛି, ପୁଅ ମରି ଯାଇଛି । ମୋର କଣ ? ମୁଁ ଶୀଘ୍ର ବାହାରି ଯାଉ ନାହିଁ । ଆଗେ ତୋ ଉପରେ ଛେପ ପକାଏ, ତା ପରେ ଏହି ହାରାମଜାଦୀକୁ ତା ମଥାର ବାଳ ଧରି ଟାଣି ନେଇଯିବି ।...... ଉଠ୍, କହୁଛି ଅଲକ୍ଷଣି !'

ପାଟିଗୋଳ ଯେତେବେଳେ ଘୁସି ମାଡ଼ରେ ଚାଲିଛି, ସେତେବେଳେ ଟିକିଏ ଫାଙ୍କରେ ସିମିତେଲ୍ଲି ବାହାରି ଯାଇଥିଲା ।

ଧଇଁସଇଁ ହୋଇ ସେ ଫେରି ଆସିଲା, ସାଙ୍ଗରେ ତାର ଦୁଇ ଜଣ ପୋଲିସ । ସେତେବେଳେ ଉତ୍ତେଜନାରେ ମୋର ଭର୍ତ୍ତୃ—ପୋଲିସକୁ କହିଲା, 'ନେଇଯାଅ ତାକୁ, ତା କାନ ଧରି ନେଇ ଯାଅ । ବଦମାସଟା ମୋ ଘରେ ମୋତେ ଅପମାନ ଦେବାକୁ ଆସିଥିଲା...... ଶୋଧିବାକୁ ଆସିଥିଲା ।'

ପୋଲିସ ଦୁଇ ଜଣ ମାଲ୍କମ୍‌କୁ ଦୃଢ଼ କରି ଧରିଲେ । ସେ ପାଟି କରୁଛି, 'ମୋ ସ୍ତ୍ରୀକୁ ନେବି— ତାକୁ ମୁଁ ଛାଡ଼ିବି ନାହିଁ ।'

ସେ ଚିତ୍କାର କରୁଛି ଆଉ ଝଟାପଟି କରୁଛି । ଶେଷକୁ ପୋଲିସ ଦୁହେଁ ତାକୁ ଘୋଷାରି ଟାଣି ନେଇ ଚାଲିଗଲେ । ମୋର ସେମାନଙ୍କ ପଛେ ପଛେ ଥାନାକୁ ଯାଇ ତାଙ୍କ ନାମରେ ନାଲିସ କରି ଦେଇ ଆସିଲା ।

ତା ପର ଦିନ ସିନୋର ମାନଫ୍ରେଡ଼ିଙ୍କ ଠାରୁ ଚିଠି ଆସିଲା— ଯଥା ସମ୍ଭବ ଦୁଃଖ ପରେ । ଚିଠିରେ ଲୁଇସିର ମୃତ୍ୟୁ ଓ ମାଲ୍କମ୍‌ର ବୁଢ଼ୀ ମାଆର ଅସୁସ୍ଥତା ଖବର ଅଛି, କିନ୍ତୁ ତାହାର କୌଣସି ଉଲ୍ଲେଖ ନାହିଁ ।

ମୋର ପ୍ରଥମେ ଭାବିଥିଲା, ଲୋକଟି ବୋଧହୁଏ ଦ୍ୱୀପାନ୍ତରରୁ ପଳାଇ ଆସିଛି । ପରେ ଶୁଣିଲା, ତାର ଛୁଟି । ମାଆ ଡାକ୍ତରଖାନାରୁ ଦରଖାସ୍ତ କରିବାରୁ ପୋଲିସ କର୍ତ୍ତୃପକ୍ଷ ତାର ଶାସ୍ତିର ଅବଶିଷ୍ଟ ବାତିଲ କରି ଦେଇଛନ୍ତି । ରୋମର ପୋଲିସ ତାକୁ ସିସିଲି ଚାଲାଣ କରି ଦେଲେ । ତାକୁ ସାବଧାନ କରି ଦେଇଥିଲେ— ତିନି ବର୍ଷ ସେ ନଜରବନ୍ଦୀରେ ରହିବ, କିଛି ଗୋଳମାଳ କଲେ ପୁଣି ତାକୁ ସେହି କଳାପାଣିକୁ ପଠାଇ ଦିଆଯିବ ।

ଝିଅର ହାତରେ ନିଗ୍ରହ, ତା ଉପରେ ଲକ୍ଷ୍ମୀପ୍ରିୟର ମୃତ୍ୟୁ ସମ୍ବାଦ— ଏହି ଦୁଇ ଘଟଣାର ସଂଯୋଗରେ ଅନ୍ନଣିନ୍ଦୁଆର ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା । ତିନି ଦିନ ଭୀଷଣ ଜ୍ୱର, ଘୋର ବିକାର, ମନେ ହେଲା ପାଗଳ ହୋଇଯିବ । ଧୀରେ ଧୀରେ ଯେମିତି ସମୟ କଟିଗଲା, କ୍ରମେ କ୍ରମେ ସେ ପ୍ରକୃତିସ୍ଥ ହେବାକୁ ଲାଗିଲା । ଜ୍ୱରର ପରବର୍ତ୍ତୀ ପ୍ରଶାନ୍ତ ଅଥଚ ଥମଥମ ଭାବଟା ଏଯାଏଁ ଯାଇନାହିଁ । ସେ ଆଖି ଖୋଲି ଥାଏ, କିନ୍ତୁ ଦେଖେ ନାହିଁ । କେହି କିଛି କହିଲେ ମୁଣ୍ଡ ହଲାଏ, କିନ୍ତୁ କଥାଟା ବୁଝିଛି ବୋଲି ବୋଧହୁଏ ନାହିଁ । ଏହା ଅପେକ୍ଷା ଯେମିତି ପୂର୍ବର ସେହି ଅବସ୍ଥାଟା ଭଲ ଥିଲା ।

ଅସୁସ୍ଥ ହେବା ସଙ୍ଗେ ସଙ୍ଗେ ତା ବକ୍ଷରୁ ଦୁଧ ଶୁଖିଗଲା । ବାଧ୍ୟ ହୋଇ ପିଲାଟିକୁ ଦୁଧ ଛଡ଼ାଇବାକୁ ପଡ଼ିଲା । ଘରେ ମହା ହୈ ଚୈ କାଣ୍ଡ । ଦିନକ ପାଇଁ ସେ ପିଲାଟିକୁ ଦେଖାଶୁଣା କରି ନାହିଁ, ଏଯାଏଁ ଏରସିଲ୍ୟା ପାଖରେ ସେ ବା କାହିଁକି ରହିବ ? ଦୁଇ ରାତି ତ ଶୋଇ ଦେଲା ନାହିଁ— ସବୁବେଳେ ଧାଇଁ ମା ପାଇଁ କାନ୍ଦିଲା । ମୁହୂର୍ତ୍ତକ ପାଇଁ ଶାନ୍ତି ନାହିଁ— ତା ଉପରେ ପୁଣି ଘର ଦୁଆର କାମ, ନୂଆ ଚାକରାଣୀକୁ କାମ କରାଇବା । ଅନ୍ନଣିନ୍ଦୁଆକୁ ବି ତ ଟିକିଏ ଅଧେ ଦେଖିବାକୁ ହେବ ! ଏରସିଲ୍ୟାର ମିଜାଜ ଏକବାରେ ବିଗିଡ଼ି ଯାଇଛି । ସଦାବେଳେ ମୋତିକୁ ସେ ବକୁଛି । ସେ ବଡ଼ରା ହାତରେ ଖବରକାଗଜ ଧରି ଏପାଖ ସେପାଖ ଘୁରିବୁଲିବା କରୁଛି, ଅଙ୍କ ବୁଝି ପାରୁ ନାହିଁ କଣ କରିବାକୁ ହେବ ।

'କିଛି କରିବାକୁ ହେବ ନା କଣ ?'

'ପାଗଳାମି ରଖ ଦିଅ ! ତୁମର କଣ ଆଖି ନାହିଁ କି ? ଦେଖି ପାରୁ ନାହିଁ, ଏକା କେତେ କାମ ସମ୍ଭାଳୁଛି । ଘରର କାମ, ପୁଅର ଖିଜମତ, ତା ଉପରେ ଯଦି ସେହି ବଜାରୁ ସ୍ତ୍ରୀ ଲୋକଟାର

ହେଫାଜତ କରିବାକୁ ହୁଏ ତ, ମୁଁ ଆଉ କରି ପାରିବି ନାହିଁ କହି ଦେଉଛି । ରାତି ତ ପାହିଲେ ବାହାରି ଯାଇ ଗୋଟାଏ କୌଣସି ଅନାଥ ଆଶ୍ରମରେ ବା ଡାକ୍ତରଖାନାରେ ତାକୁ ଭର୍ତ୍ତି କରି ଦେଇ ଆସ । ବୁଝିଲ ତ, ତୁମକୁ ଆଉ ଆଁ କରି ଠିଆ ହୋଇ ରହିବାକୁ ହେବ ନାହିଁ ।'

ଏଣ୍ଟ୍ୟୋ ତା କଥା ଶୁଣି ଅବାକ ହୋଇ କହିଲା, 'ତାକୁ ଅନାଥ ଆଶ୍ରମକୁ ପଠାଇବ ?'

'ହଁ ଗୋ ହଁ ! ଦରଦ ଯେ ଉଚ୍ଛୁଳି ପଡୁଛି, ଆଦରର ଯେ ଅନ୍ତ ନାହିଁ । ଯେତେ ମାୟା ମମତା ସବୁ ସେହି ଦାସୀଟା ପାଇଁ, ଆଉ ମୁଁ ବୋଧହୁଏ ଭାସି ଆସିଥିଲି ! ରାତି ରାତି ଆଖିକୁ ନିଦ ନାହିଁ, ବାଳ କୁଣ୍ଡାଇବାକୁ ବି ସମୟ ଟିକିଏ ନାହିଁ — ତାହା ତ ଆଉ ତୁମ ଆଖିରେ ପଡୁ ନାହିଁ ! ଖଟି ଖଟି ଏ ଘରେ ହାଡ଼ ମାଂସ ସଢ଼ି ଗଲାଣି । ମୁଁ ଏ ଘରର ସଭିଙ୍କର ଦାସୀ — ନା ! ମାଇକିନାଟା ଭଲ ହୋଇଯାଉ — ତାକୁ ଦେଖି ନେବି । ତାକୁ ଦୂର କରି ଦେବି — ସେ ପାପକୁ ବିଦାୟ ନ କରିବା ପର୍ଯ୍ୟନ୍ତ ମୋର ଶାନ୍ତି ନାହିଁ ।'

ତାକୁ ଶୋଧିଲା ସିନା, କିନ୍ତୁ କାମରେ ତାହା ପ୍ରୟୋଗ କରି ପାରିଲା ନାହିଁ । ଆଣ୍ଟିୟୋର ଶରୀରଟା ଯେତେବେଳେ ଆରୋଗ୍ୟ ହେବା ଉପରେ, ସେତେବେଳେ ସେ ଦିନେ କଥା କଥାକେ ତାକୁ ଜଣାଇ ଦେଲା ଯେ ତାର ସାତ ମାସର ଦରମା ବାବଦକୁ ଅନେକ ଟଙ୍କା ତାଙ୍କ ପାଖରେ ଜମା ଅଛି ।

ନୋଣିଦାକୁ ସ୍ନେହରେ ଜାକି ଧରି ଆଣ୍ଟିୟୋ କହିଲା, 'ଟଙ୍କା ପଇସା ନେଇ ମୁଁ କଣ କରିବି, ଭଉଣୀ ! ଏହି ଧନମଣିହିଁ ମୋର ସର୍ବସ୍ୱ ।' ନୋଣିଦା ପୁଣି ତା କୋଳକୁ ଫେରି ଆସିଛି । ଦୁଧ ଖାଏ ନାହିଁ, କିନ୍ତୁ ଠିକ୍ ସେହି ଆଗ ଭଳି ସେ ତାକୁ ଭଲ ପାଏ । ସେ ଆରୋଗ୍ୟ ହେବା ପରେ ପ୍ରଥମେ ଯେଉଁ ଦିନ ରୁକ୍ମିଣୀ

ନୋନାଦାକୁ ତା ବିଛଣା ପାଖକୁ ନେଇ ଆସିଲା, ସେହି ଦିନ ପୁଅ ଆଉକୁ ଚାହିଁବା ପାଇଁ ତାର ଇଚ୍ଛା ହେଉ ନ ଥିଲା। ଆନ୍ନ ଭିସ୍ମା ଯେଉଁ ପୁଅକୁ ଚାହେଁ, ସେ ଆଉ କେବେ ତା କୋଳକୁ ଫେରି ଆସିବ ନାହିଁ । କିନ୍ତୁ ନୋନାଦା ଯେତେବେଳେ ଛୋଟ ଛୋଟ ହାତ ଦୁଇଟି ବଢ଼ାଇ ଅଧୀର ଭାବରେ ତା ଆଡ଼କୁ ଝୁଙ୍କି ପଡ଼ିଲା, ସେତେବେଳେ ସେ ଆଉ ସ୍ଥିର ହୋଇ ରହି ପାରିଲା ନାହିଁ । ଦୁଇ ହାତରେ ପୁଅକୁ ଛାତି ଉପରକୁ ଟେକି ନେଲା, ଯେମିତିକା ନୋନାଦା ହିଁ ତାର ଲଉସି । ଏତେ ଦିନର ନିରୁଦ୍ଧ ଶୋକର ବନ୍ଧ ଅବିରଳ ଅଶ୍ରୁର ବନ୍ୟା ହୋଇ ଝରି ପଡ଼ିବାକୁ ଲାଗିଲା ।

'ସୁନା ମୋର, ଯାଦୁ ମୋର । କଣ ଚାହୁଁ ବାବା ମୋ ଠାରୁ? ଟୋପାଏ ଦୁଧ ନାହିଁ । ତୋର ଧାଈମା ମରି ଗଲାଣି ...... ।'

ଲଉସି କପରି ଭାବରେ ମରିଗଲା ସେହି ଖବରଟା ପାଇଲେ ସେ ଯେମିତି ଟିକିଏ ଶାନ୍ତି ଲଭନ୍ତା । ମରି ତ ଗଲା— କିନ୍ତୁ ଖାଇବାକୁ ନ ପାଇ, କି ଅଯତ୍ନରେ— କିଛି ନ ଜାଣି ପାରିଲେ ସେ ତା ମନକୁ କେମିତି ବା ବୁଝାଇବ ! କିଛି ଜାଣି ପାରିବ ନାହିଁ ନା କଣ ସେ ? ଏ ଯେମିତି ଗୋଟାଏ କୁକୁର ଛୁଆ ମରି ଯାଇଛି । ଆହା ଧନ ମଣିରେ, ବାପ-ମାଆ ଛେଉଣ୍ଡ ଅନାଥ ପିଲାଟି ପରି ସେ ପର ଘରେ ଅଯତ୍ନରେ ମରି ପଡ଼ିଲା ! ହାୟ ଭଗବାନ !

ଆନ ଭିସ୍ମାର ବେଦନା ଓ କଷ୍ଟ କେହି ବୁଝନ୍ତି ନାହିଁ । ଏରସିଲଜ୍ୟା ତ ଅଦୌ ବୁଝେ ନାହିଁ । ଓଲଟି, ବରଂ ବିରକ୍ତ ହୁଏ— ସାତ ମାସ ପୁଅଟା ଝଣି ତାର ଦୁଧ ଶୁଖିଗଲା ବୋଲି । ସେ ତ ଶାଢ଼ିବ— ମାଆର ପ୍ରାଣ । ମାଆ ନିକଟରେ ତାର ନିଜ ପିଲା ଛଡ଼ା ଜଗତରେ ଆଉ କେହି ନାହିଁ । ତାର ଶିଶୁଟି ମରି ଯାଇଛି, ସେଥିରେ ଏରସିଲଜ୍ୟାର କଣ ! ବିରକ୍ତ ହୋଇପାରେ, କିନ୍ତୁ ତାର ଦୁଃଖ କାହିଁକି ହେବ । ଆନ ଭିସ୍ମା ମନିରେ ମନରେ ଭାବେ,

ସିନୋରା ଦୁଃଖ ନ କଲୁ ନାହିଁ । କିନ୍ତୁ ଏତିକି ତ ତାର ବୁଝିବା ଉଚିତ ଯେ ନୋନାଦା ଉପରେ ମୋର ବି କିଛି ଦାବି ଥାଇ ପାରେ। ସେ ପେଟରେ ତାକୁ ଧରିଛି ସତ, କିନ୍ତୁ ନିଜ ସ୍ତନର ଦୁଧ ଦେଇ ତ ମୁଁ ତାକୁ ମଣିଷ କରିଛି । ମୋର ତ ଏବେଣି ସେହି ନୋନାଦା ଛଡ଼ା ଆଉ କେହି ନାହିଁ ।

ସୁଅଁକୁ ଦେଖାଶୁଣା-କରିବା ଝମେଲା ତାର ଆଉ ନାହିଁ ବୋଲି ଏରସିଲିଆ ଖୁସି ହୋଇଛି । କିନ୍ତୁ ସେ ମନେ ମନେ ସ୍ଥିର କରିଛି, ନୋନାଦାକୁ ଦାସୀର ଏତେ ଖେଳୁଣା ହେବାକୁ ଦେଲେ ଚଳିବ ନାହିଁ — ମାଲିକାଣୀ ଏମିତି ବ୍ୟବହାର କରେ, ଯେମିତିକି ପିଲାଟି ତାର ନିଜର । ତାକୁ ଏ ମନ୍ଦ ଘଉଡ଼ିବା ପାଇଁ ଯେ ଦୃଢ଼ ସଂକଳ୍ପ । କାହିଁକି ବା ତାକୁ ରଖିବ ? ଘର କାମ ଜାଣେ ନା, ନା ସୁଅର ଅଯତ୍ନ ହୋଇ ପାରିବ ! ତାହା ଛଡ଼ା ଏରସିଲିଆ ଚାହେଁ, ତା ପୁଅ ଯେମିତି ସଭ୍ୟ ମାର୍ଜିତ ଇଟାଲିୟାନ ଭାଷା ଶିଖେ । ସେ ଦଗରୁ ବି ଅନଭିଜ୍ଞା ଅଚଳ ! ସିସିଲିର ଗାଉଁଲି ଭାଷା ଛଡ଼ା ସେ ଆଉ କୌଣସି ଭାଷା ଜାଣେ ନାହିଁ । ନା, ତାକୁ ଏଠାରେ ଆଉ ରହିବାକୁ ଦିଆଯିବ ନାହିଁ ! ତାକୁ ରଖିବା ଅର୍ଥ ମୋରିକୁ ସୁନ୍ଦର ମୁଖ ଦେଖିବା ପାଇଁ ସୁଯୋଗ ଦେବା । ମୋରିକୁ ବି କହିବାକୁ ହେବ, ସେ ଯେମିତି ତାକୁ ଛଡ଼ି ଦିଏ ।

ମୋରି କହିଲା, 'ମୁଁ କାହିଁକି ତାକୁ ତଡ଼ିବାକୁ ଯିବି ?'

'କାରଣ, ତୁମେ ଯେ ହୋଲ ଘରର ମୁରବି । ତା ଛଡ଼ା ଦରଦ ଦେଖାଇ ତୁମେ ଯେ ତାର ମୁଣ୍ଡ ଖାଇଛ । ବୁଝି ପାରୁ ନାହିଁ?'

'ମୁଁ ? ମୁଁ ପୁଣି ତାକୁ ଦରଦ ଦେଖାଇବାକୁ ଗଲି କେବେ?'

'ତୁମେ ଢଙ୍ଗ କରିବାକୁ ଗୁହଁ, ଏଟା ମୋର ମନ-ଗଢ଼ା କଥା ? ଦେଖି ପାରୁ ନାହିଁ ତାର ଢଙ୍ଗଢାଙ୍ଗ, ଯେମିତିକି ଏ ଘରଟା ତାର ନିଜର । ଗୋଟିଏ ପିଲାର ଦୁଇ ଦୁଇଟା ମାଆ, ଆଉ କୋ

ଘରେ ଦୁଇ ଦୁଇଟା ଗୃହିଣୀ— ଏହା ତୁମକୁ ଭଲ ଲାଗି ପାରେ, ମୁଁ କିନ୍ତୁ ବରଦାସ୍ତ କରି ପାରିବି ନାହିଁ ।’

ଏଣ୍ଡ୍ରେୟା ଜାଣେ, ଯୁକ୍ତିତର୍କ କରିବାକୁ ଗଲେ ବ୍ୟାପାର କଦର୍ଯ୍ୟ ଆକାର ଧାରଣ କରିବ, ତଥାପି ସେ ନିଜ ପକ୍ଷରୁ ଓକିଲାତି କରିବାକୁ ଛାଡ଼ିଲା ନାହିଁ । ‘ଏ ସବୁ ତୁମେ କଣ ଯା ଇଚ୍ଛା ତାହା କହୁଛ, ସୁଟେଣି ? ଜୋର କରି ସବୁ କଥାକୁ ତୁମେ ଗୁରୁତର କରି ଦେଉଛ । ଏହି ସବୁ ଅମୂଳକ ସନ୍ଦେହ କରି କିଛି ଲାଭ ଅଛି ? ତୁମେ ଦେଖି ପାରୁ ନ, ମୁଁ ସଦା ସର୍ବଦା କାମ ଓ ପଢ଼ାପଢ଼ିରେ ବ୍ୟସ୍ତ । ଅନ୍ୟ କୌଣସି ସ୍ତ୍ରୀ ଲୋକ ଆଡ଼କୁ ମୁଁ କେଉଁ ଦିନ ନଜର ଦେଇଛି ? ଘରେ ତୁମେ ଯେମିତି ଶାନ୍ତିରେ ରୁହ, ତୁମେ ଯେଉଁଥିରେ ସୁଖୀ ହୁଅ ସେଥିପାଇଁ ନିଜର ପୁଅକୁ ବି ଆଦର କରିବା ଛାଡ଼ି ଦେଇଛି । ଆନାଭିୟା ବିଚାରୀର କିଛି ଦୋଷ ନାହିଁ— ତୁମେ ମିଛରେ ତାକୁ ଅବିଶ୍ୱାସ କରୁଛ । ଥରେ ତା କଥାଟି ଭାବି ଦେଖ ତ । କେଉଁ ସାହସରେ ସେ ସିସିଲିକୁ ଫେରିଯିବ ? ...... ପିଲାଟି ମରି ଯାଇଛି, ଜାନୁଆର ସ୍ୱାମୀଟା ତାର ଆଉ ଅନ୍ତ ରଖିବ ? ଏଠାକୁ ଧାଇ ହୋଇ ଆସିଲା ବୋଲି ତ ସେ ନିଜ ଛୁଆଟିକୁ ହରାଇଲା । ଯେଉଁ ପିଲାଟିକୁ ମଣିଷ କରିବା ପାଇଁ ସେ ନିଜ ପିଲାଟି ବିସର୍ଜନ ଦେଲା, ତାହା ପ୍ରତି ଯଦି ତାର ମାୟା ଲାଗିଯାଏ, ତାକୁ କୋଳଛଡ଼ା ଦେବାକୁ ଯଦି ସେ ନ ଚାହେଁ, ତାହାକୁ କଣ ତୁମେ ଦୋଷ ବୋଲି କହିବ ? ଥରେ ଭାବି ଦେଖ ତ ।’

ସ୍ତ୍ରୀ ନିକଟରେ ସେ ଯେଉଁ ଯୁକ୍ତିଗୁଡ଼ିକ ଆବୃତ୍ତି କରୁଛି, ତାହା ତାର ନିଜ ଲେଖାରୁ ସ୍ପଷ୍ଟ ହୋଇଛି । ସେ ସୁଦ୍ଧା କିଛି ଦିନ ପରେ ସାମ୍ୟବାଦୀ କ୍ଲବରେ ତାର ବକ୍ତୃତା ଦେବାର କଥା ! ବକ୍ତୃତା ପାଇଁ ସେ ପ୍ରସ୍ତୁତ ହେଉଛି । ସେ ସ୍ଥିର କରିଛି, ସ୍ୱାମୀର

ସିନେଲିରେ ଏହି ଯେ ଗୋଟିଏ ମାଆ-ଛାଡ଼ବା ଶିଶୁର ମୃତ୍ୟୁ ହେଲା— ଏହି ଘଟଣାଟି ଖୁବ୍ ବଢ଼ିଆ ବୋଲି ସେ ତା ବକ୍ତୃତା ମଧ୍ୟରେ ସ୍ଥାନ ଦେବ।

ଏରସିଲିସ୍ପା ସ୍ୱଭାବଗତଙ୍କର ଧାର ଧାରେ ନାହିଁ। ବରଂ ଓଲଟି, ଝପଟି ପଡ଼ିଲା। ତଗଡ଼ଗ କରି ସେ ସବୁ ବାହାର ଗଲା— ସେତେବେଳେ ଅନାଗିସ୍ପାଙ୍କୁ କାମରୁ ଶିକାଲି ଦେବା ପାଇଁ। ସିନୋର ମୋର ବିରକ୍ତ ହୋଇ ଚୌକିରୁ ଉଠି ପଡ଼ି ଠିଆ ହେଲା, ଆଉ ବକ୍ତୃତାର ଲିଖିତ ଅଂଶଗୁଡ଼ିକ ଛିଡ଼ାଇ ପୋଡ଼ି ଦେଲା।

କେତେ ମୁହୂର୍ତ୍ତ ପରେ ଅନାଗିସ୍ପାର ରୁଦ୍ଧ କନ୍ଦନର ଶବ୍ଦ ଶୁଣାଗଲା। କାତର ସ୍ୱରରେ ସେ ତାର ମୁନିବାଣୀଙ୍କୁ ଅନୁନୟ କରୁଛି, 'ମୋତେ ତଡ଼ାଇ ଦିଅ ନାହିଁ, ଦରମା ମୋର ଦରକାର ନାହିଁ, କେବଳ ଦୁଇ ମୁଠା ଖାଇବାକୁ ଦେବ— ତୁମର ଅଇଁଠା କଣ୍ଟା ଯାହା ପଡ଼ିଥିବ। ମୁଁ ଏହି ଘରର ଗୋଟାଏ କୋଣରେ ପଡ଼ିଥିବି। ତୁମକୁ ନେହୁରା କରୁଛି, ମୋତେ ଘଉଡ଼ି ଦିଅ ନାହିଁ। ମୁଁ ଫେରି ଯାଇ ପାରିବି ନାହିଁ, କଦାପି ପାରିବି ନାହିଁ। ନୋନାଦା ରାଣୀ, ମୋତେ ଟିକିଏ ଦୟା କରି ରଖ। ତଡ଼ି ଦେଲେ ମୋର ସର୍ବନାଶ ହେବ। ମୋର ଆଉ କେଉଁଠାକୁ ଯିବାର ରାସ୍ତା ନାହିଁ। ଅନେକ କ୍ଷଣ ଯାଏ କନ୍ଦନ ଓ ଅନୁନୟର ପାଲା ଚାଲିଲା। ତା ପରେ ସବୁ ଚୁପଚାପ। ମୋର ଭାବିଲା, ହୁଏତ ଏରସିଲିସ୍ପାର ମନ ତରଳିଛି। ସ୍ତ୍ରୀ ଲୋକଟାକୁ ହୁଏତ ଶେଷକୁ ତଡ଼ି ଦେଲା ନାହିଁ।

କିଛି କ୍ଷଣ ପରେ ସିନୋର ରମିଟେଲ୍ଲି ମୋ ଘରର ଘରେ ପ୍ରବେଶ କଲା। ତାର ପ୍ରଶସ୍ତ ବଦନର ଗମ୍ଭୀର ଭାବ ଉଭେଇ ଯାଇଛି! ଲାଲ ମୁଖ-ମଣ୍ଡଳରେ ଦୁଇଟି ଚକ୍ଷୁ ଜଳୁଛି!

'ଖୁବ୍ ଭାଗକୁ ଆଣିଛୁ କହିବାକୁ ହେବ ।' ମୁନାବ ଅଗରେ ଆନନ୍ଦରେ ସେ ହାତ ଘଷିବାକୁ ଲାଗିଲା । 'ସିପିଲର ସେହି ସୁନ୍ଦରୀ ଝିଅଟା— ସେହି ଯାହାକୁ ଅପଣଙ୍କ ସ୍ତ୍ରୀ ଟିକିଏ ଅଗରୁ ଭାଡ଼ାର କରି ଦେଉଛନ୍ତି— ଅଜି ରାତିରେ ସେ ମୋ ଘରକୁ ଆସିବ ! ଝାଣ ଭାଗ୍ୟ କହିବାକୁ ହେବ— ଶିକାର ଅପଣା ଛାଏଁ ଧରା ଦେଉଛି । ଧାଙ୍ଗଗୁଡ଼ାକ ଯେ ନଷ୍ଟ-ଚରିତ୍ର, ଏହା କଏ ନ ଜାଣେ ? ଟଙ୍କା ପଇସାର କାରବାର...... ଯେ କେହି ଟେକି ନେଲେ ହେଲା । ଏ କିନ୍ତୁ ଭିନ୍ନ ସିହାଣୀ— ଏମିତ ଢଙ୍ଗ କାଢ଼େ, ଯେମିତିକି ଭଜା ମାଛ ବି ଉଠାଇ ଖାଇ ଜାଣେ ନାହିଁ ; ତାର ମନ, ମୁଁ ଯେମିତି ତାହା ଦ୍ୱାରା ଦାସୀର କାମ କରାଇବି । ଦାସୀ ସତ... କିନ୍ତୁ ସେବା-ଦାସୀ ।'

'ସିନେମାର ସ୍ୱମିତ୍ରଚଲ୍ଲି !'

'ଅଜ୍ଞା ।'

ବକ୍ତୃତାର ଲିଖିତ ଅଂଶଗୁଡ଼ିକ ମୋହସ୍ୱରର ହାତରେ ଦେଇ -ମୋର କହିଲା, 'ଏଗୁଡ଼ାକ ତୁରନ୍ତ ଛପାଇ ପଠାଅ ତ ।'

ସ୍ୱମିଚେଲ୍ଲି ଲେଖି ଗୁଲିଲା: ସମାଜତନ୍ତ୍ରର ମୂଳଭିତ୍ତି ସୁଦୃଢ଼ କରିବାକୁ ହେଲେ, ଅର୍ଥାତ୍ ମାନବ ସମାଜରେ ସାମ୍ୟ ପ୍ରତିଷ୍ଠା କରିବାକୁ ହେଲେ, ଦୁଇଟି କଥା ସ୍ମରଣ ରଖିବା ଏକାନ୍ତ କର୍ତ୍ତବ୍ୟ । ପ୍ରଥମତଃ, ସମସ୍ତ ମନୁଷ୍ୟଙ୍କର ଜୀବିକା ନିର୍ବାହ ପାଇଁ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଥିବା ପ୍ରୟୋଜନ । ଦ୍ୱିତୀୟତଃ, ଜୀବନ ସଂଗ୍ରାମର ସୂଚନାରେ ସମସ୍ତଙ୍କୁ ସମାନ ସୁଯୋଗ ଦେବାକୁ ହେବ । ସମାଜ-ବ୍ୟବସ୍ଥାରେ ଏହୁ ସାମ୍ୟ ପ୍ରତିଷ୍ଠା ହେଲେ, ପ୍ରତ୍ୟେକ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱର ବିକାଶ ପାଇଁ ସ୍ୱାଧୀନ କ୍ଷେତ୍ର ପାଇବେ । ଦୁଃଖର ବିଷୟ, ଆଧୁନିକ ସମାଜରେ ବର୍ତ୍ତମାନ ସୁଦ୍ଧା ଏହିପରି ବ୍ୟବସ୍ଥା ଅବଲମ୍ବନ କରାହୋଇ

ନାହୁଁ । ତାର ବିଷମୟ ଫଳ ଆମେ ସମସ୍ତେ ପ୍ରତ୍ୟକ୍ଷ କରୁଅଛୁଁ । ଯେଉଁ ଶିଶୁ ଶକ୍ତି ଓ ସ୍ୱାସ୍ଥ୍ୟ ଧରି ଗରିବ ଘରେ ଜନ୍ମିଲା, ପରିଣାମରେ ତାକୁ ରୁଗ୍ଣ ଶୀର୍ଣ୍ଣ ଧନୀ ସନ୍ତାନ ନିକଟରେ ପରାଜୟ ସ୍ୱୀକାର କରିବାକୁ ହୁଏ ।……

'ସିନୋର ଗ୍ରିମିଚେଲି !'

'ଆଜ୍ଞା !'

'ତୁମର ଆଜି କଣ ହୋଇଛି କୁହତ ? ମଥା ଖରାପ ହୋଇନି ନା କଣ ? ଏମିତ ହସୁଛ ବା କାହିଁକି ?'

# ବେଣ୍ଟ ଭଲ

—୧—

୧୮୭୧ ମସିହା ଫେବୃୟାରୀ ୧୨ ତାରିଖ ରାତିରେ ସରେଣ୍ଟୋରେ ଚାର୍ଲସ୍ ଫ୍ରାନସେସ୍କୋ ଅର୍ଣ୍ଣେଲ୍ଡ ଅମିଦେଇ ଓ ତାର ସ୍ତ୍ରୀ ଫ୍ଲୋରେନ୍ସାର ଗୋଟିଏ ପୁଅ ଜନ୍ମ ହେଲା । ପୁଅଟିର ନାମ ହେଉଛି ଜସେପେ ଆଣ୍ଟୋନିଓ ଚାର୍ଲସ୍ । ଭୂମିଷ୍ଠ ହେଉ ନ ହେଉଣୁ ସେ ଅଦ୍ଭୁତ ଅଭ୍ୟର୍ଥନା ଲାଭ କଲା— ଓଲଟା ଉତ୍ତମ-ମଧ୍ୟମ ପ୍ରହାର । ପ୍ରସବ ହେବାକୁ ଖୁବ୍ ବେଶୀ ସମୟ ଲାଗିଥିଲା— ପ୍ରାୟ ନିଶ୍ୱାସ ବନ୍ଦ ହୋଇଯିବା ଉପରେ— ତେଣୁ ପୃଥିବୀରେ ପ୍ରବେଶ କରିବା ସମୟରେ ସେ କାନ୍ଦିଲା ନାହିଁ । ସେଥିପାଇଁ ଧାଈ ତା ମଥାଟାକୁ ତଳକୁ ଝୁଲାଇ ରଖି, ନ କାନ୍ଦିବା ଯାଏ ତାକୁ ବେଶ୍ କଷି ବେତ ମାଡ଼ ଲଗାଇଲା । କାରଣ ପୃଥିବୀରେ ପ୍ରବେଶ କରିବାକୁ ହେଲେ ସମସ୍ତଙ୍କୁ ନିଶ୍ଚୟ କାନ୍ଦିବାକୁ ହେବ ।

୧୮୭୧ ମସିହା ଫେବୃୟାରୀ ୧୩ ତାରିଖ ଠାରୁ ୧୮୭୨ ମସିହା ମାର୍ଚ୍ଚ ୧୫ ତାରିଖ ଭିତରେ ତା ପାଇଁ ପାଞ୍ଚ ଜଣ ଧାଈ ନିଯୁକ୍ତ ହୋଇଥିଲେ । ଯଥେଷ୍ଟ ଦୁଧ ନ ହେବାରୁ ପ୍ରଥମ ଦୁହିଁଙ୍କୁ ବଦଳାଇ ଦିଆଯାଇଥିଲା । ତୃତୀୟଟିର କାରଣ ଅଲଗା । ଟିକିଏ ଅନ୍ୟ ପ୍ରକାର

ଥିଲେ—ଦିନେ ସକାଳେ ଗାଧୋଇଦେବା ବେଳେ ପ୍ରାୟ ଫୁଟିଲା ଗରମ ପାଣିରେ ଟିକିଏ ଥଣ୍ଡା ପାଣି ମିଶାଇବାକୁ ଭୁଲିଯାଇ ସେ ପିଲାଟିକୁ ସେଥିରେ ଛାଡ଼ି ଦେଇଥିଲେ । ଫଳରେ ସେ ସାଙ୍ଘାତିକ ଭାବରେ ପୋଡ଼ିଗଲା ଏବଂ ଅନେକ କଷ୍ଟରେ ତାର ପ୍ରାଣ ରକ୍ଷା ହେଲା । ଭଗବାନ ଦୟା କରି ତାର ପ୍ରାଣ ରକ୍ଷା କଲେ ସତ, ମାତ୍ର ତା ବଦଳରେ ତାର ମାଆକୁ ନେଇଗଲେ । ଚତୁର୍ଥ ଧାଈଟି ମାତ୍ର ତିନି ଥର ତାକୁ ଖଟ ଉପରୁ ତଳକୁ ଗଡ଼ାଇ ପକାଇଥିଲା । ଆଉ ଥରେ, ଥରେ ମାତ୍ର, ପିଲାଟିକୁ ଧରି ଦୋତାଲାରୁ ଓହ୍ଲାଇ ଆସୁଥିବା ବେଳେ ସେ ପଡ଼ି ଯାଇଥିଲା । ଏତେ ଥର ପଡ଼ି ଯାଇଥିଲେ ବି ପିଲାଟିର ବିଶେଷ କିଛି କ୍ଷତି ହୋଇ ନ ଥିଲା—ସେଥି ଭିତରୁ ଥରେ ସାଙ୍ଘାତିକ ଭାବରେ ଅବଶ୍ୟ ତା ନାକର ହାଡ଼ ଭାଙ୍ଗି ଯାଇଥିଲା

ତାକୁ ନଅ ବର୍ଷ ବୟସ ହେଲା ବେଳକୁ, ଶୈଶବରୁ ବାଲ୍ୟ କାଳରେ ଉପନୀତ ହେବା ପର୍ଯ୍ୟନ୍ତ ଯେତେସବୁ ଅସୁଖର ସୋପାନ ଚଢ଼ି ଆସିବାକୁ ହୁଏ, କ୍ରମେ ଅଣ୍ଟୋନିଓ କରଭାର ଆସିଦେଲା ଗୋଟିଏ ଅଡ଼େ ଡାକ୍ତର ଓ ଅନ୍ୟ ଅଡ଼େ ଔଷଧ ବିକ୍ରେତାର ସାହାଯ୍ୟରେ ସେ ସବୁ ଉତ୍ତୀର୍ଣ୍ଣ ହୋଇଥିଲା । ନଅ ବର୍ଷ ବୟସରେ ପ୍ରଗାଢ଼ ଧାର୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସେ ବିଦ୍ୟାଳୟରେ ପଢିବାକୁ ଗଲା

ଧର୍ମ ଗ୍ରନ୍ଥରେ ସାତ ପ୍ରକାର ଦାକ୍ଷିଣ୍ୟର ଉଲ୍ଲେଖ ଅଛି । ବିଦ୍ୟାଳୟକୁ ଯିବାର କିଛି ଦିନ ପରରୁ ଏହି ସାତ ପ୍ରକାରରୁ ଏକ ପ୍ରକାର ସେ ପ୍ରାୟ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା । ସମୁଦ୍ର କୂଳରେ ଗୋଟିଏ ସମ୍ପୂର୍ଣ୍ଣ ଉଲଗ୍ନ ବାଳକକୁ ଦେଖି, ତାର ବାପା ଯେଉଁ ନୂଆ ପୋଷାକଟା ତା ପାଇଁ ନେପଲ୍‌ସରୁ କିଣି ଆଣିଥିଲେ, ସେ ସେଇଟାକୁ ଖୋଲି ତାକୁ ପିନ୍ଧାଇ ଦେଲା ଏବଂ ନିଜେ ଖାଲି ଗାର

ନାବିକ ଟୋପିଟା ପିନ୍ଧି ଘରକୁ ଫେରି ଆସିଲା । କିନ୍ତୁ ହାୟରେ ! ତାର ଏମିତି ଧାର୍ମିକ କାର୍ଯ୍ୟର ପରିଣାମ କଣ ହେଲା ? ଘରେ ଟୋପି ନ ଦେଖିଣୁ ତା ବାପାଙ୍କ ଠାରୁ ଅକର୍ମଣ୍ୟ, ବୋକା ଓ ଗଧ ବୋଲି ସେ ଗାଳି ଖାଇଲା ଏବଂ ସେ ଏମିତି ଜୋରରେ ତାର କାନ ମୋଡ଼ି ଦେଲେ ଯେ କାନ ଦୁଇଟା ଉପୁଡ଼ି ନ ଯାଇ ଟିକିଟକୁ ରହିଗଲା ।

ବିଦ୍ୟାଳୟରେ ଜସେମୋ ଆଣ୍ଟୋନିଓ କରଶ୍ରୀଙ୍କ ଅମିଦେଇ ଏମିତି ଭାବରେ ମନପ୍ରାଣ ଲଗାଇ ପଢ଼ାଶୁଣା ଓ ଧର୍ମଚର୍ଚ୍ଚା କରିବାକୁ ଲାଗିଲା ଯେ ବୟସ ଷୋଳ ବର୍ଷ ବୟସରେ ତା ଦେହରେ ଯକ୍ଷ୍ମା ରୋଗର ଲକ୍ଷଣ ଦେଖାଗଲା । ସେତେବେଳକୁ ସେ ଧର୍ମ ସମ୍ବନ୍ଧରେ ପ୍ରଥମ ଶ୍ରେଣୀର ଶିକ୍ଷା ଲାଭ କରି ସାରିଲାଣି ଓଡ଼ିବାକୁ ଦିନେ ସେ ଓ ଗ୍ରାଟିସ୍ନା ନାମକ ଧର୍ମ ଗ୍ରନ୍ଥରେ ଗୋଟିଏ ଧାଡ଼ି ଦେଖିବାକୁ ପାଇଲା ।

ରୋମାନ କାଥଲିକ ଧର୍ମ ତତ୍ତ୍ୱ କହେ ଯେ ଭଗବାନ ଯାହାଙ୍କୁ ଉଦ୍ଧାର କରିବାକୁ ଗ୍ରହଣ କରନ୍ତି ସେ ସେହି ଲୋକର ଭଲ ବା ମନ୍ଦ କିଛି ବିଚାର କରନ୍ତି ନାହିଁ । ଅରକଟେ ଭଲ କାମଟା କରି ନ ପାରିଲେ ସେ ତାଙ୍କୁ ବାରମ୍ବାର ଚେଷ୍ଟା କରିବାକୁ କ୍ଷମତା ପ୍ରଦାନ କରନ୍ତି ।

ସେଣ୍ଟ ଟମାସ ମଧ୍ୟ ସେହି କଥା କହିଛନ୍ତି । ଜସେମୋ ଆଣ୍ଟୋନିଓ କରଶ୍ରୀଙ୍କ ଅମିଦେଇ । ଏହି ପ୍ରଶ୍ନ ବିଷୟରେ କେତେ ସପ୍ତାହ ଧରି ଗଭୀର ଚିନ୍ତାରେ ମଗ୍ନ ହୋଇ ରହିଲା । ତା ପରେ ହଠାତ୍ ଦିନେ ସନ୍ଧ୍ୟାରେ ଦେଖାଗଲା, ଦେହରେ ଖାଲି କମିଜଟା ଗଳାଇ ଓ ହାତରେ ମହମବତିଟିଏ ଧରି, ସେ ଶୟନାଗାର ଭିତରେ ପଦଚାରଣ କରୁଛି । ତାର ମୁହଁଟା ଲାଲ ଓ ଜଳୁଆ ଦିଶୁଥିଲା, ଏବଂ ତାର ଆଖି ଦୁଇଟା ଭ୍ରମା ଭ୍ରମ ହୋଇଯାଇ ଅଦ୍ଭୁତ ଆଭାରେ

ହେଉଥିଲା । ଘଣ୍ଟାଏ ଭଳି ପଚାରିବାରୁ ସେ କହିଲେ ଯେ ସେ ଗୋଟାଏ ବୃକ୍ଷ ଖୋଜୁଛନ୍ତି । କି ବୃକ୍ଷ ବୋଲି ପଚରା ଯିବାରୁ, ସେ ଜବାବ ଦେଲେ ଯେ ସେଇଟା ହେଉଛି ଅଧ୍ୟବସାୟର ବୃକ୍ଷ । ସେ ପ୍ରାୟ ପାଗଳ ହୋଇଯାଇ ଥିଲେ । ଦୈବ ଯୋଗକୁ ତାର ମସ୍ତିଷ୍କ-ଜ୍ୱର ହେବାରୁ, ତାକୁ ଡାକ୍ତରଖାନାକୁ ନେଇଗଲେ ଏବଂ ସେଠାରେ ପ୍ରାୟ ମାସେ ଯାଏ ତାର ଜୀବନ ସଙ୍କଟଜନକ ଅବସ୍ଥାରେ ରହିଲା ।

ଶେଷରେ ସେ ଆରୋଗ୍ୟ ହେଲା ବେଳକୁ, ଧର୍ମରେ ତାର ଭଲେ ହେଲେ ବିଶ୍ୱାସ ନ ଥିଲା । ଖାଲି ସେତିକି ନୁହେଁ । ତା ମଥାରୁ ବାଳସବୁ ବି ଝଡ଼ି ଯାଇଥିଲା, ବାକ୍-ଶକ୍ତି ଲୋପ ହୋଇ ଯାଇଥିଲା, ପ୍ରାୟ ଅଧେ ଦୃଷ୍ଟି-ଶକ୍ତି ନଷ୍ଟ ହୋଇ ଯାଇଥିଲା ଏବଂ ଆହୁରି ଅନେକ କଷ୍ଟ ତାର ହୋଇ ଯାଇଥିଲା । ତାର ସ୍ମରଣ ଶକ୍ତି ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ଯାଇଥିଲା ଏବଂ ପ୍ରାୟ ବର୍ଷେ ଯାଏ, ସେ ଜଡ଼ ହୋଇ ରହିଲା । ଅବଶେଷରେ ତାର ମେରୁଦଣ୍ଡରେ ଭୁସ୍ ଧକା ଯିବାରୁ ସେ ତାର ହୃତ ସ୍ୱାସ୍ଥ୍ୟ କିଛିଟା ଫେରି ପାଇଲା ଏବଂ ତାକୁ ଯେତେବେଳେ ବାଇଶ ବର୍ଷରୁ ଟିକିଏ ବେଶୀ, ସେତେବେଳେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷା ଦେଲା ଏବଂ ସାହିତ୍ୟ ଓ ଦର୍ଶନରେ ଡକ୍ଟରେଟ ପାଇବା ଲାଗି ସେ ନେପଲ୍‌ସ ବିଶ୍ୱବିଦ୍ୟାଳୟକୁ ପଢ଼ିବାକୁ ଗଲା । ଏହି ବୟସରେ ପୁଣି ସେ ସମ୍ପୂର୍ଣ୍ଣ ଭାବରେ ଝାପସା ଓ ଅଧା-ଅନ୍ଧ ହୋଇଗଲା ଏବଂ ଶୈଶବରେ ସେହି ପତନ ଫଳରେ ତାର ନାକଟି ଭାଙ୍ଗି ଯାଇଥିଲା ।

୧୮୮୭ ମସିହା ଅକ୍ଟୋବର ମାସରେ, ସେ ସାସାରିର ଜନ୍ମ ବିଦ୍ୟାଳୟରେ ସହକାରୀ ଶିକ୍ଷକ ପଦ ପାଇଁ ପ୍ରାର୍ଥୀ ହେଲା ଏବଂ ସ୍ଥାନଟା ବି ପାଇଗଲା । ବାଳକମାନେ ତ ଜୀବନ୍ତ ତରୁଣ ଜୀବଜନ୍ତୁ । ଯଦି ସେମାନେ ଏକ ଶିକ୍ଷକକୁ ପସନ୍ଦ ନ କରନ୍ତି ଏବଂ ଖେଳ ଓ

କ୍ଷୀଣ ଦୃଷ୍ଟି ହେତୁ ପରିଷ୍କାର ଭାବରେ ସେମାନଙ୍କୁ ଦେଖି ନ ପାରେ, ତାହାହେଲେ ପିଲମାନେ ସାଧାରଣତଃ କ୍ଲାସଟାକୁ ଗୋଟାଏ ଭୁତ-ଖାନା କରି ଦିଅନ୍ତି । ଏ କ୍ଷେତ୍ରରେ ମଧ୍ୟ ସହକାରୀ ଶିକ୍ଷକ କ୍ଲାସରେ ଠିକ୍ ଭାବରେ ଶୃଙ୍ଖଳା ନ ରଖି ପାରିବାରୁ ପ୍ରଧାନ ଶିକ୍ଷକ ମହାଶୟ ସେଥିପାଇଁ ତାଙ୍କୁ ବାରମ୍ବାର ଦୋଷ ଦେବାକୁ ଲାଗିଲେ ।

ସାସାସ୍ୱିର ବାଟ ଘାଟରେ ମଧ୍ୟ, ଛୋଟ ଛୋଟ ପିଲମାନେ ଅଧ୍ୟାପକ କସମୋ ଅଷ୍ଟୋଲାଣ୍ଡି କରଭାସି ଆମିଦେଇଙ୍କୁ ଏପରି ଭାବରେ ଇଟେଲଇ ଯୋଡ଼େଇ ମାରିବାକୁ ଲାଗିଲେ ଯେ ଶେଷକୁ ତାର ଜଣେ ସହକର୍ମୀ—ସାଧାରଣ ବିଜ୍ଞାନର ଅଧ୍ୟାପକ ଡଲ୍‌ଫୋ ଡଲ୍‌ଫି—ତାଙ୍କୁ ବିଦ୍ୟାଳୟ ଭିତରେ ଓ ବାହାରେ ରକ୍ଷା କରିବାର ଭାର ଗ୍ରହଣ କଲେ । ଖାଲି ସେତିକି ନୁହେଁ । ସାଙ୍ଗରେ ନିଜ ବସାରେ ରହିବା ପାଇଁ ବି ସେ ତାଙ୍କୁ ଡାକି ଆଣିଲେ ।

ଡଲ୍‌ଫୋ ଡଲ୍‌ଫି ଟିକିଏ ବେଶୀ ବୟସରେ ଶିକ୍ଷକତା ବୃତ୍ତି ଅବଲମ୍ବନ କରିଥିଲେ । ତାଙ୍କର କୌଣସି ବିଶେଷ ଡ଼ିଗ୍ରୀ ନ ଥିଲେ ସୁଦ୍ଧା, ଏବଂ ଶିକ୍ଷକତା ପାଇଁ ସାଧାରଣ ପରୀକ୍ଷା ନ ଦେଇ ମଧ୍ୟ, ଜଣେ ପଡ଼ ମୁଣ୍ଡିଆ ପାର୍ଲାମେଣ୍ଟ ସଭ୍ୟଙ୍କ ଦୟାରୁ ସେ ଶିକ୍ଷକତା ଖଣ୍ଡିକ ପାଇଯାଇ ଥିଲେ । ଏହା ପୂର୍ବରୁ ସେ ପ୍ରଥମେ ଆଫ୍ରିକାରେ ଭୂପର୍ଯ୍ୟଟନ କରୁଥିଲେ ଏବଂ ତା ପରେ ଭେନେଜୁଏଲାରେ ବହୁ ବର୍ଷ ସାମ୍ବାଦିକ ଭାବରେ କଟାଇଥିଲେ । ଜୀବନରେ ସେ ପ୍ରାୟ ବାରଟାରୁ ଅଧିକ ଦ୍ୱନ୍ଦ୍ୱ ଯୁଦ୍ଧ ଲଢ଼ି, ଅଧିକାଂଶରେ ଜୟଯୁକ୍ତ ହୋଇଥିଲେ । ସେ ଜଣେ ସ୍ୱାଧୀନ ସ୍ୱଭାବ ଥିଲେ, ଏବଂ ନିଜର ଜାରଜ କନ୍ୟାକୁ ନେଇ ବାସ କରୁଥିଲେ । ତାର ଅଦ୍ଭୁତ ନାମ ଥିଲା ସାଟାନିନା ।

କସମୋ ଅଷ୍ଟୋଲାଣ୍ଡି କରଭାସି ଆମିଦେଇ ଆଶା କରିଥିଲେ ଯେ ଡଲ୍‌ଫୋ ଡଲ୍‌ଫିଙ୍କ ବାହୁ ଛାୟା ତଳେ ରହି ସେ ଟିକିଏ ଶାନ୍ତିରେ

ନିଶ୍ୱାସ ମାରି ପାରିବ, କିନ୍ତୁ ତାର ସେ ଆଶା ବ୍ୟର୍ଥ ହେଲା । କାରଣ ଅବସର ସମୟରେ ତାର ଶିକ୍ଷକ ମହାଶୟ ନିଜର ଭ୍ରମଣ କାହାଣୀ, ସାମ୍ବାଦିକ ଜୀବନର ବିଚିତ୍ର ଗତି ଓ ଦ୍ୱନ୍ଦ୍ୱ ଯୁଦ୍ଧ ବିଷୟ ବର୍ଣ୍ଣନା କରି କିସମୋକୁ ଅତିଷ୍ଠ କରି ପକାଉଥିଲେ । ନିଜ ଅଦ୍ଭୁତ ଜୀବନର ଧର୍ମ, ଦର୍ଶନ ଓ ଅସଂନ୍ତି ଅଭିଯାନ, ପ୍ରଭୃତି ବିଷୟରେ ସେ ଆଲୋଚନା ଚଳାଇବାକୁ ଖୁସି ମଣୁଥିଲେ । ଏହିସବୁ ଦୀର୍ଘ ଆଲୋଚନାରେ ସେ କେବଳ ଏକାକୀ ଭାଗ ନେଉଥିଲେ । ଗୋଡ଼ ଲମ୍ବାଇ ଓ ଛାତି ଫୁଲାଇ ବସି ରହି, ସେ ନିଜ ଆଙ୍ଗୁଳିରେ ମୁହଁର ଦାଢ଼ୀ ଆଉଁଷୁଥାନ୍ତି ଏବଂ ଘଣ୍ଟା ଘଣ୍ଟା ଧରି ବାଜେ କଥାଗୁଡ଼ାକ ବକୁଥାନ୍ତି । ତାଙ୍କ ଗପ ଯେତେ ଲମ୍ବ ହୋଇ ଯାଉଥାଏ, କିସମୋ ଆଣ୍ଟୋନିଓ କରଭାଗ୍ ଅମିଦେଇ ଯେତେ ବେଶୀ ନିଜ ଭିତରେ ପଶି ଯାଉଥାଏ । ସେ ସଦାବେଳେ ସନ୍ତୁଷ୍ଟ ଜଣାଉଥାଏ, ଏବଂ କେବେ ହେଲେ କୌଣସି କଥାରେ ପ୍ରତିବାଦ କରେ ନାହିଁ । ବିଦ୍ୟାଳୟର ଛାତ୍ରମାନେ ଓ ସହରର ପିଲାମାନେ ବର୍ତ୍ତମାନ ଜଲ୍‌ଫ୍ରେଙ୍କ ଉପରେ ଅମିଦେଇଙ୍କୁ କିଛି କହିବାକୁ ସାହାସ କରୁ ନ ଥିଲେ । ତେଣୁ ସେ ସେମାନଙ୍କ ହାତରୁ ନିଷ୍କୃତି ପାଇ, ନିଃସନ୍ଦେହରେ, ଖୁବ୍ ସୁଖ ଶାନ୍ତିରେ ଦିନ କାଟୁଥିଲା । କିନ୍ତୁ ଅନ୍ୟ ଦିଗରେ ସେ ନିଜର ସ୍ୱାଧୀନ ସତ୍ତା ଟିକକ ହରାଇ ବସିଲା । ବିଦ୍ୟାଳୟରୁ ଛୁଟି ମିଳିଲେ ଅବସର ସମୟ ଟିକକ ସେ ନିଜର ଖୁସି ମୁତାବକ କଟାଇବ ସେ ଅଧିକାର ତାର ନ ଥିଲା, କାରଣ ନିମ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସେ ଯେଉଁ ସାମାନ୍ୟ ଦରମା ଗଣ୍ଡାକ ପାଉଥିଲା ସେତିକି ବି ତା ପାଖରେ ରହୁ ନ ଥିଲା । ତାର କେବେ କିଛି ପଇସା କଉଡ଼ି ଦରକାର ହେଲେ, ସେ ସାହାଣିନାକୁ ହାତ ପତାଉଥିଲା । ପନ୍ଦର ବର୍ଷ ବୟସରେ ସେହି ବାଳିକାଟି ଏହି ଘରେ ମାଆର ଆସନ ଦଖଲ କରିଥିଲା । ଲୁସିଇ

ପଇସା ଦେବା ବେଳେ ସେ ତାକୁ ସାବଧାନ କରି କହୁଥିଲା ଯେ ସେ ଯାହା କରୁ ପଛକେ, ତା ବାବାକୁ ଯେମିତି ପଇସା କଥା ନ କହୁ । ତା ନ ହେଲେ ସେ ବି ତାକୁ ପଇସା ପାଇଁ ହିଙ୍କହିଙ୍କ କରି ଖାଇଯିବେ ଏବଂ ସେଥା ହେଲେ ସେ ଆଉ ଘର ଚଳାଇ ପାରିବ ନାହିଁ ।

ସାଟାନିନା ଭାରି ଭଲ ଝିଅଟିଏ— ସେଥିପାଇଁ କପମୋ ଅଣ୍ଡୋନାର୍ଡ କରଭାସ୍ ଆମିଟେଦେଇ ତାକୁ ଏତେ ଶ୍ରଦ୍ଧା କରୁଥିଲା ଯେ ତାର ନାମଟା ଛୋଟ କରି ନିନା ବା ନନେଟା ବୋଲି ଡାକିବାକୁ ସେ ପ୍ରସ୍ତାବ ଦେଲା । କିନ୍ତୁ ଡଲ୍ ଫୋ ଡଲ୍ ଫି ସେ କଥା ହସି ଉଡ଼ାଇ ଦେଲେ ।

'ନିନା, ନନେଟା, ବାସ୍ତବିକ ! ପାଗଳ ନା କଣ ! ତାର ନାମ ହେଉଛି ସମୃତାନ, ମୁଁ କହୁଛି— ଖାଲି ସମୃତାନ !

ସମୃତାନ, ତୁମକୁ ଆହ୍ୱାନ କରେ !
ବିଦ୍ରୋହ, ତୁମକୁ ଆହ୍ୱାନ କରେ !
ମଣିଷର ସ୍ଥିର ଚିନ୍ତାଧାରା ସହ ତୁମର ଯୁଦ୍ଧ,
ତୁମକୁ ନମସ୍କାର କରେ ।'

ଏହିପରି ଭାବରେ ଆଉ ତିନୋଟି ବର୍ଷ ବିତିଗଲା । ଲୋକମାନେ ଅଧ୍ୟାପକ କରଭାସ ଅମିଟେଦେଇଙ୍କୁ ପ୍ରାୟ ଭୁଲିଗଲେଣି, ସେ କିପରି ଭାବରେ ଡଲ୍ ଫୋ ଡଲ୍ ଫିଙ୍କ ଭଳି ଜଣେ ଧାର୍ମିକ ଲୋକ ସାଙ୍ଗରେ କାଳାତିପାତ କରି ପାରୁଛି । କିନ୍ତୁ ସେ କେବେ ତାର କୌଣସି ଜବାବ ଦିଏ ନାହିଁ । କାନ୍ଧଟା ଟିକିଏ ବଙ୍କାଇ ଏବଂ କ୍ଷୀଣ-ଦୃଷ୍ଟି ଆଖି ଦୁଇଟା ଦରବୁଜା କରି, ସେ ତାର ହାତ ଦୁଇଟା ହତାଶ ଭଙ୍ଗୀରେ ବିସ୍ତାର କରିଦିଏ । ସାମାନ୍ୟ ହସର ରେଖାଟିଏ ଫୁଟାଇବାକୁ ଯାଇ ତାର ମୁହଁଟା ଅଧିକ କରୁଣ ଦେଖାଯାଏ । ସେ ବେଶ୍ ବୁଝି ପାରେ ଯେ ଏହି ପ୍ରଶ୍ନଟା ଉଠାଇ ଲୋକେ ତାକୁ କହିବାକୁ ଚାହାନ୍ତି ଯେ ସେ ଗୋଟାଏ ଅପଦାର୍ଥ ।

ଆଉ ବାସ୍ତବିକ, ତାଙ୍କୁ ଟିକିଏ ଲୁଗା ଦେଲେ, ଇସମୋ ପାସ୍କୋଲିଓ ବରଞ୍ଚ ଅମିଦେଇ ନିଜ ହୃଣ୍ଡରେ ସ୍ୱୀକାର କରି ପକାଏ ଯେ ସେ ଗୋଟାଏ ଅପଦାର୍ଥ । ତଥାପି, ଯାହାହେଉ, ଏ ବିଷୟରେ ତାର ଟିକିଏ ସନ୍ଦେହ ଥିଲା, କାରଣ ଅନେକ ଥର ଚିନ୍ତି ସେ ସ୍ଥିର କଲା ଯେ ସାଧାରଣତଃ ମଣିଷ ଜୀବନଟାହିଁ ବୋଧହୁଏ ତା ନିଜ ଠାରୁ ଅଧିକ ଅପଦାର୍ଥ । ଯେତେବେଳେ ଜୀବନଟା ଏତେ ଅପଦାର୍ଥ, ସେତେବେଳେ ସଜାଗ କି ଚତୁର ହୋଇ, କାମ୍ୟ ହେବାକୁ ଛଳନା କରି ପ୍ରକୃତରେ କିଛି ଲାଭ ନାହିଁ— ବିଶେଷତଃ ଯେତେବେଳେ ଦେଖା ଯାଏ ଯେ ଜୀବନଟା ତାର ନଖରେ କାହାକୁ କାହାକୁ ଅଣ୍ଟି ଦେବା ପାଇଁ ବଦ୍ଧପରିକର ହୋଇଛନ୍ତି । ଏଣୁ କ୍ଷେତ୍ରରେ ବିରୋଧିତା କରି କୌଣସି ଲାଭ ନାହିଁ, ଏବଂ ଯାହା ଚୂପି ତାହା କରିବା ପାଇଁ ଜୀବନକୁ ସୁବିଧା ଦେବା ବରଂ ସବୁ ଠାରୁ ଭଲ । କାରଣ, ଆମେ ବୁଝି ନ ପାରିଲେ ସୁଦ୍ଧା କୌଣସି ଗୋଟାଏ ବିଶେଷ ଲକ୍ଷ୍ୟ ରେ ପହଞ୍ଚିବା ପାଇଁ ଜୀବନ ସତତ ଚେଷ୍ଟା କରୁଥାଏ, ଏବଂ ଯଦି ତାହା ନ ହୁଏ ତାହାହେଲେ ଦିନେ ନା ଦିନେ ଜୀବନର ଅବସାନ ଘଟିବ— ଏଥିରେ କୌଣସି ସନ୍ଦେହ ନାହିଁ । ସେଥିପାଇଁ ତା ସାଙ୍ଗରେ ଅଯଥା ବିବାଦ ଭିଆଇ କି ଲାଭ !

ସତକୁ ସତ ହଠାତ୍ ଦିନେ ଜୀବନର ଅବସାନ ଘଟିଲା— କିନ୍ତୁ ହାୟ, ତାର ନୁହେଁ ! କ୍ଲାସରେ ପଢାଇଁ ପଢାଇଁ ତଲ୍ ଗୋ ତଲ୍ଫି ସହସା ଏପୋପ୍ଲେକ୍ସିରେ ଆକ୍ରାନ୍ତ ହେଲେ ଏବଂ ତାଙ୍କର ଜ୍ଞାନ ଆଉ ଫେରି ଆସିଲା ନାହିଁ ।

ଏହି ଅଭାବିତ ଦୁର୍ଘଟଣାରେ ଇସମୋ ଅଣ୍ଡୋନିଓ ଭରଷ୍ପ ପାଦଟେଇ ଏକ ଦାରୁଣ ଆଘାତ ଲାଭ କଲା । ତାର ମନେ ହେଲା, ସମଗ୍ର ଅଟ୍ଟାଳିକାଟା ଯେମିତି ହଠାତ୍ ଶୂନ୍ୟ ହୋଇଗଲା— ଉଚ୍ଚଳ-

ଜୀବନ ଭାବରେ ଶୂନ୍ୟ । ଘରର କୌଣସି ଅସବାବ ପତ୍ର ହସ୍ତଗତ ଆଗରୁ ସବିଶେଷ ଦେଖିବା ପାଇଁ ତାକୁ କେଉଁ ଦିନ ଅବସର ମିଳି ନ ଥିଲା । ସେ ଜାଣିଥିଲା ଯେ ମାତ୍ର ଜଣେ ଲୋକରେହିଁ ଏହି ଘର ଦୁଆର ପୂର୍ଣ୍ଣ ରହିଥିଲା । ଆଜି ସେହି ସବୁ ଅସବାବ ପତ୍ର ଆଡେ ଦୃଷ୍ଟି ପଡ଼ିବା ମାତ୍ରେ ତାର ମନେ ହେଲା ଯେ ତାରି ଭଳି ଏହି ଜିନିଷଗୁଡ଼ିକ ବି ଯେମିତି ସେହି ଲୋକଟିର ପ୍ରତୀକ୍ଷା କରୁଛନ୍ତି, ଯେ ଆଉ କେବେ ଫେରିଆସି ପାରିବ ନାହିଁ ।

ସାଷ୍ଟାନୀନା ଶୋକାଭିଭୂତା ହୋଇ କାନ୍ଦିବାକୁ ଲାଗିଲା । ପ୍ରଥମେ ସେ ତାକୁ ସାନ୍ତ୍ୱନା ଦେବା ପାଇଁ ଆଦୌ ଚେଷ୍ଟା କରି ନ ଥିଲା, କାରଣ ସେ ଭାବିଥିଲା ଯେ ସେ ଯାହା କହୁ ପଛକେ ସେଥିରେ ସାଷ୍ଟାନୀନା କେବେ ହେଲେ ସାନ୍ତ୍ୱନା ଲାଭ କରିବ ନାହିଁ । ତା ପରେ ଯେବେ ହେଡମାଷ୍ଟର ଓ ତାର ସହକର୍ମୀମାନେ ତାକୁ ପଚାରିଲେ, ସେ ବିଚରା ସାଷ୍ଟାନୀନା ପାଇଁ କି ବ୍ୟବସ୍ଥା କରୁଛି— ତାର ବାପା ହଠାତ୍ ମରି ଗଲେ ଏବଂ ଆଇନ ଅନୁଯାୟୀ ସେ ତ ପେନସନ ପାଇବାକୁ ହକଦାର ନୁହେଁ । ତାର ବାପା କିଛି ପଇସା ପତ୍ର ରଖି ଯାଇ ନାହାନ୍ତି, ଏବଂ ଏଣେ ତାର ମଧ୍ୟ କେହି ଆତ୍ମୀୟ ସ୍ୱଜନ ନାହାନ୍ତି, ଏପରିକି କୌଣସି ଦୂର ସମ୍ପର୍କୀୟ ଆତ୍ମୀୟ ସୁଦ୍ଧା । ଅଧ୍ୟାପକ କସମୋ ତତ୍କ୍ଷଣାତ୍ ସେମାନଙ୍କୁ ଜବାବ ଦେଇଥିଲା ଯେ ଏସବୁ କଥା କହିବା ନିତାନ୍ତ ବାହୁଲ୍ୟ ଏବଂ ଝିଅଟିକୁ ସେ ତା ପାଖରେ ନିଜର ଝିଅ ପରି କରି ରଖିବ । କିନ୍ତୁ ହେଡମାଷ୍ଟର ଓ ତାର ସହକର୍ମୀମାନେ ଏଥିରେ ଅସମ୍ମତିସୂଚକ ଭାବ ପ୍ରକାଶ କରି କାନ୍ଧ ହଲାଇ ଚାଲିଗଲେ । ତହୁଁ ସେ ବୁଝି ପାରିଲା ଯେ ସେ ଭୁଲ କଥାଟାଏ କହିଲା । ସେମାନେ କାହିଁକି ତା ଉପରେ ଅସନ୍ତୁଷ୍ଟ ହେଲେ ଏବଂ ସେ କା'ଣ ଭୁଲ କଥା କହିଲା, ତାହା ବୁଝି ନ ପାରି ସେ ଅବାକ ହୋଇଗଲା । ତାର

ପ୍ରସ୍ତାବଟିର ଅନ୍ୟାୟଟା ବା ରହିଲା କେଉଁଠି ? ସେ ଏ ବିଷୟରେ ସାଥୀମାନଙ୍କ ସଙ୍ଗେ କଥାବାର୍ତ୍ତା ହେଲା ଏବଂ ଦେଖି ଆଶ୍ଚର୍ଯ୍ୟ ହେଲା ଯେ ସେ ବି ତାର ପ୍ରସ୍ତାବକୁ ଗ୍ରାହ୍ୟ କରୁ ନାହିଁ । ସେ ଜୋର ଗଳାରେ ତାକୁ ଜଣାଇ ଦେଲା ଯେ ଏଠା ଘରେ ତାହା ସହିତ ବାସ କରିବା ସାଥୀମାନଙ୍କ ପକ୍ଷରେ ଅସମ୍ଭବ ଏବଂ ସେଥିପାଇଁ ଯେତେ ଶୀଘ୍ର ସମ୍ଭବ, ତାକୁ ଏଠାରୁ ପଳାଇ ଯିବାକୁ ହେବ ।

'କେଉଁଠାକୁ ?'

'ଓ— ଯେଉଁ ଆଡ଼କୁ ତ ଆଖି ପଳାଇବ ।'

'କିନ୍ତୁ ତୁମେ ବା କାହିଁକି ପଳାଇବ ?' ସେ ପଚାରିଲା, ମାତ୍ର କୌଣସି ଜବାବ ମିଳିଲା ନାହିଁ ।

କିଛି ଦିନ ପରେ ଅନ୍ୟ ଶିକ୍ଷକମାନେ ତାକୁ କାରଣଟା ସଂକ୍ଷେପରେ ବୁଝାଇ କହିଲେ— ତାର ବୟସ ତିରିଶ ବର୍ଷରୁ ଟିକିଏ ବେଶୀ, ଅଥଚ ସାଥୀମାନଙ୍କର ଏତେ ଅଠର ପୂରିଗଲା । ସୁତରାଂ ସେ ସାଥୀମାନଙ୍କର ବାପର ବୟସୀ ନୁହେଁ, କି ସାଥୀମାନେ ବି ତାର ବନ୍ଧୁ ହେବା ଭଳି ସାନ ନୁହେଁ । ଏଥର ତାର ନିଷ୍ପତ୍ତି ପଡ଼ିଲା, ସାଥୀମାନେ ତାହାଙ୍କୁ ଚାଲି ଯିବାକୁ କହୁଛନ୍ତି । ଅଧ ପାକ କରିବାର ଅମିତବେ, ଥରେ ନିଜ ପାଦର ଅଙ୍ଗୁଳି ଆଡ଼କୁ ଏବଂ ଥରେ ହାତର ଅଙ୍ଗୁଳି ଆଡ଼କୁ ଅନାଇଲା ଏବଂ ତା ପରେ ତା ତଣ୍ଟି ପାଖରେ ଅଟକିଥିବା କିଛି ଜିନିଷକୁ ଗିଳି ପକାଇବାକୁ ଚେଷ୍ଟା କଲା । ସେ ଭାବିବାକୁ ଲାଗିଲା— ତାର ସହକର୍ମୀମାନେ ଆଉ ଭାବୁଥିଲେ କି ଯେ ତାର ସାଥୀମାନଙ୍କୁ ......ବିବାହ...... କରିବା ଉଚିତ ? ଏହି ଚିନ୍ତାରେ ତାର ମଥା ଘୂରିଗଲା । ତାର ମନେ ହେଲା, ସେ ଏଥର ଅଜ୍ଞାନ ହୋଇଯିବ । ନା, ସେମାନେ ନିଶ୍ଚୟ ତାକୁ ଥଟ୍ଟା କରୁଛନ୍ତି ? ନା, ଏମିତି ହେଲେ ତ ଚଳିବ ନାହିଁ, ସାଥୀମାନେ ସଙ୍ଗରେ ତାକୁ ଥରେ କଥାବାର୍ତ୍ତା କରିବାକୁ ହେବ । ସେ ସେଆ କଲା ଏବଂ ତାକୁ

ବୁଝାଇବାକୁ ଚେଷ୍ଟା କଲା ଯେ ଅନ୍ୟ ଆଡ଼େ ପଳାଇବା ପାଇଁ ସେ ମନରେ ଯେଉଁ ଧାରଣା ପୋଷଣ କରନ୍ତି, ତାହା ପାଗଳାମି, ଛୁଆ ପାଗଳାମି ଛଡ଼ା ଆଉ କିଛି ନୁହେଁ । ତା ପରେ ସାନ୍ତାନିନା ବି ତାକୁ ବୁଝାଇ ଦେଲା ଯେ ଏକମାତ୍ର ଗୋଟିଏ ସର୍ତ୍ତରେ ସେ ତା ନିକଟରେ ରହିବା ସମ୍ଭବ ହେବ । ତାହା ହେଉଛି, ଯଦି ସେ ତାର ସ୍ତ୍ରୀ ହୁଏ ।

ଉସ୍ତେମା ଆଣ୍ଟୋନିଓ କରଭୁସ୍ ଅମିଦେଇ ଏହା ଶୁଣି ଖାଲି ଭାବିଗଲା ଯେ ସେ ନିଜେ ପାଗଳ ହୋଇ ଯାଉଛି — ହୁଏତ ସତରେ ତାର ମଥା ଖରାପ ହୋଇ ଯାଉଛି, ନଚେତ୍ ସେମାନେ ସମସ୍ତେ ମିଶି ତା ସାଙ୍ଗରେ ନିଷ୍ଠୁର ପରିହାସର ଅଭିନୟ କରୁଛନ୍ତି । ସେ କୌଣସି ମତେ ବୁଝି ପାରିଲା ନାହିଁ ଯେ ସାନ୍ତାନିନା ପରି ସୁନ୍ଦରୀ ଯୁବତୀଟିଏ କିପରି ଭାବରେ ତାକୁ ବିବାହ କରିବା କଥା ମନରେ ଆଣିଲା— ସେମାନେ ବିବାହ ନ କରି ଏକା ଘରେ ରହିଲେ ଯେ ଗ୍ରାମରେ କୌଣସି ବଦନାମ ରଟନା ହେବ ସେ ଏହା ବି ବିଶ୍ୱାସ କରି ପାରିଲା ନାହିଁ ! ଅଚ୍ଛା!, ଏହା କଣ ସମ୍ଭବ ହୋଇପାରେ ଯେ ତାକୁ ବିବାହ କରିବାଟା ଖୁବ୍ ଉପଯୁକ୍ତ ବା ଯଥାର୍ଥ ବୋଲି ସାନ୍ତାନିନା ମନେ କରୁ ନାହିଁ ? ତା ମନ ଭିତରେ ଯେପରି ଗୋଟାଏ ଆଶା ସଞ୍ଚାରିତ ହେଲା । ସେ ଏପରି ଝକମକ ଦିଶୁଛି, ଭଲ ଭାବରେ ତାହା ଥରେ ଦେଖି ନେବା ପାଇଁ ସେ ଅଇନା ଆଡ଼କୁ ଯାଇ ଠିଆ ହେଲା । ସତରେ ସେ ଦେଖିବାକୁ ଯେତେ କୁତ୍ସିତ, ନିଜର ଚେହେରାକୁ ଚାହିଁ ଦେଲା ମାତ୍ରେ ଏପରି ତାହା ତାକୁ ବରଂ ଅଧିକ କୁତ୍ସିତ ବୋଲି ବୋଧ ହେଲା । ଶିର ଦାନ ରୋଗରେ ପଡ଼ି ପଡ଼ି ଏବଂ ଭାଗ୍ୟର ଲାଞ୍ଛନା ସହି ସହି ତା ମୁହଁର ରଙ୍ଗ ସେପରି ଘର ହଳଦିଆ ପଡ଼ି ଯାଇଛି, ଏବଂ ସେ ଛାଙ୍କର ଓ ଅଧା-ଅନ୍ଧ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ଆନନ୍ଦରେ ପରିପୂର୍ଣ୍ଣ ସାନ୍ତାନିନାକୁ ନିଜ ପାଖରେ କଳ୍ପନା କଲା

ଶୁଣି ତାର ମଥା ବୁଲିଗଲା । ସତରେ ସାଣ୍ଟାଲିନା ତାକୁ ବିବାହ କରିବ ! ଏହା କଣ ସମ୍ଭବ ହୋଇପାରେ ? ସେ ପୁଣି ସାଣ୍ଟାଲିନା ପାଖକୁ ଫେରିଗଲା ଏବଂ, ଅତି କଷ୍ଟରେ ଅଟକି ଅଟକି, ତାକୁ ପଚାରିଲା ପ୍ରକୃତରେ ସେ ତାକୁ ବିବାହ କରିବାକୁ ରାଜି କି ନା । ସେ ହତଭମ୍ବ ହୋଇ ଦେଖିଲା, ତଲେ ମାନି ଲଜ୍ଜା କି ଦ୍ୱିଧା ନ କରି ସାଣ୍ଟାଲିନା ତାକୁ ଜବାବ ଦେଲା 'ହଁ', ଏବଂ ଅହୁରି ବ୍ୟକ୍ତ କଲା ଯେ ଯଦି ଭସମୋ ତାକୁ ଗ୍ରହଣ କରିବ, ତାହାହେଲେ ସେ ତା ନିକଟରେ ଚିର କୃତଜ୍ଞ ରହିବ ।

ଭସମୋ ଅଣ୍ଟୋନିଓ ଭରଭ୍ରିସ ଆମିଟେଦେଇ ଏ କଥାର ପ୍ରତିବାଦ କରିବାକୁ ବସିଲା ! ମାତ୍ର ତା ପାଟିରୁ ପଦେ ହେଲେ କଥା ବାହାରିଲା ନାହିଁ ଏବଂ ଗୋଟିଏ ପିଲାଙ୍କ ପରି ସେ ଭଇଁ ଭଇଁ ହୋଇ କାନ୍ଦିବାକୁ ଲାଗିଲା । ନିଜକୁ ସମ୍ଭାଳି ନେଇ ସେ ସାଣ୍ଟାଲିନାକୁ କୃତଜ୍ଞତାର କଥା ନ ଜଣାଇବାକୁ ଅନୁଯୋଗ କଲା । କି ଅବାସ୍ତବ ! ତାର ବରଂ କୃତଜ୍ଞ ହେବା ଉଚିତ । ଭାଗ୍ୟଦେବୀ ଯେ ତା ପାଇଁ ଏତେ ବଡ଼ ସମ୍ପଦ ଲୁଚାଇ ରଖିଥିଲେ, ତାହା ତ ତାକୁ ଜଣା ନ ଥିଲା । ଏହା ତାକୁ ଅସମ୍ଭବ ଜଣାଗଲା ।

କେତେ ଦିନ ଯାଏ ଅଧ୍ୟାପକଙ୍କର ତୁଣ୍ଡରୁ ଭଲ ଭାବରେ ପଦଏ ହେଲେ କଥା ବାହାରିଲା ନାହିଁ ।

ବାଗଦତ୍ତ ଦମ୍ପତ୍ତିଙ୍କୁ ଏକା ଘରେ ରହିବାକୁ ପଡୁଥିବାରୁ, ବିଭାଘରଟା ଶୀଘ୍ର ହୋଇଗଲା । ହେଡ୍‌ମାଷ୍ଟର ମହୋଦୟ ତ ଆଶା ପୋଷଣ କରିଥିଲେ ଯେ, ଥରେ ବାଧ୍ୟ ହୋଇ ପଡ଼ିଲେ, ତାଙ୍କର ସ୍ୱପ୍ନଚାରୀ ପରୀ-ରାଜ୍ୟରୁ ପୁଣି ଧୂଳିର ଧରଣୀକୁ ଓହ୍ଲାଇ ଆସିବ । କିନ୍ତୁ, ଯାହା ହେଉ, ତାଙ୍କର ଆଶା ବ୍ୟର୍ଥ ହେଲା । ୧୮୯୨ ମସିହା ମାର୍ଚ୍ଚ ୧୫ ତାରିଖରେ ବିବାହଟା ସମ୍ପୂର୍ଣ୍ଣ ଗୋପନ ଭାବରେ ସମ୍ପନ୍ନ

ହୋଇଗଲା । କେତେ ବର୍ଷ ତଳେ ଅଧ୍ୟାପକ ଧର୍ମ ସମ୍ବନ୍ଧରେ ଯେଉଁ ମତ ଗ୍ରହଣ କରିଥିଲା, ତାର ଫଳରେ ଗୀର୍ଜାକୁ ଯାଇ ବିବାହ କରିବାକୁ ସେ ଆଦୌ ସ୍ୱଙ୍କ ହେଲା ନାହିଁ ।

ବିବାହ ପରେ, ଅଧ୍ୟାପକ ପୂର୍ବାପେକ୍ଷା ଅଧିକ ସୁଖୀ ହେଲା ସତ । କିନ୍ତୁ, ଫଳତଃ, ତାର ବୋକାମିର ମାତ୍ରା ଦିନକୁ ଦିନ ବଢ଼ିବାକୁ ଲାଗିଲା । ବର୍ଷ ବର୍ଷ ଧରି ଦୁଃଖ ଭୋଗି ଭୋଗି ତାର ଯାହା ହୋଇ ନ ଥିଲା, ଏହି କେତେଟା ଦିନର ସୁଖ ଭୋଗରେ ତାହା ହୋଇଗଲା । କସମୋ ଅଣ୍ଟୋନିଓ କରଲିସ୍ ଅମିଡେଇ ଏତେ ଦିନ ହେଲା ଶ୍ରମ ସ୍ୱୀକାର କରି ଯାହା ଶିଖିଥିଲା ସବୁ ଭୁଲିଗଲା, ଏପରିକି ଲାଟିନ ବ୍ୟାକରଣ ମଧ୍ୟ, ଏବଂ ଶିକ୍ଷକତାରେ ସମ୍ପୂର୍ଣ୍ଣ ଅଯୋଗ୍ୟ ହୋଇ ପଡ଼ିଲା । ସାନ୍ତାନିନା ଛଡ଼ା ସେ ଆଉ କାହାକୁ ସ୍ୱପ୍ନରେ କି ଜାଗରଣରେ ଦେଖି ପାରିଲା ନାହିଁ । ଖାଇବା ଲାଗି ସାନ୍ତାନିନା ତାକୁ ବାଧ୍ୟ ନ କଲେ, ସେ ଖାଇବାକୁ ଚାହୁଁଲା ନାହିଁ । ତାର କ୍ଷୁଧାତୁର ଆନନ୍ଦ ମୁଖର ସ୍ତ୍ରୀକୁ ଭୋଜନ ଟେବୁଲ କଡରେ ବସି ଥିବାର ଦେଖିଲେ ସେ ତୃପ୍ତି ବୋଧ କରୁଥିଲା । ଯଦି ସାନ୍ତାନିନା ନିଜର ସୁନ୍ଦର ଛୋଟ ଛୋଟ ଦାନ୍ତରେ ତାର ଦେହକୁ ଖାଦ୍ୟ ଉପଯୋଗୀ ବୋଲି ମନେ କରୁ ଥାଆନ୍ତା, ତାହାହେଲେ ନିଜକୁ ତାର ଖାଦ୍ୟ ଭାବରେ ସମର୍ପଣ କରି ଦେବାକୁ ସେ ଉବାପନ୍ଥୁଏ ତଳେ ମାତ୍ର ଦ୍ୱିଧା ପ୍ରକାଶ କରୁ ନ ଥାଆନ୍ତା ।

ଏଣେ ଡଲ୍ ଓମୀ ଡଲ୍‌ଫିର ଅନୁପସ୍ଥିତିର ସୁଯୋଗ ନେଇ ବିଦ୍ୟାଳୟର ଛାତ୍ରମାନଙ୍କର ଓ ବସ୍ତିର ପିଲାମାନଙ୍କର ଭୟ ଭାଙ୍ଗି ଗଲା । ଏଥର କ୍ଲାସରେ ଓ ବାହାରେ ଯେଉଁ ଗୋଳମାଳ ଆରମ୍ଭ ହେଲା, ତାହା ସହିତ ପୂର୍ବ ଗୋଳମାଳର କୌଣସି ତୁଳନା କରାଯାଇ ନ ପାରେ । ହେଡ୍‌ମାଷ୍ଟର ଗର୍ଜି ଉଠିଲେ, ଏବଂ ତାଙ୍କ

ସହକାରୀଙ୍କୁ ଖୁବ୍ କଡ଼ା ଭାଷାରେ ଧମକାଇବାକୁ ଲାଗିଲେ । କିନ୍ତୁ ସେଥିରେ ତ କିଛି ଫଳ ହେଲା ନାହିଁ । ଅଧ୍ୟାପକ କରଭାସ ଆସିଦେଇ ଏମିତ ମଧୁର ଭାବରେ ହେଡମାଷ୍ଟରଙ୍କ ଆତ୍ମଗୁମର ଖୋଲି କହିବାକୁ ଲାଗିଲା ଯେ ମନେ ହେଲା, ଏହି ଘଟଣା ସହିତ ଯେମିତି ତାର କୋଣସି ସମ୍ପର୍କ ନାହିଁ । ସମସ୍ତ ଘଟଣା ଦେଖି ସାଠାନିନା ସେମାନଙ୍କର ପ୍ରଭାବଶାଳୀ ବନ୍ଧୁ ପାର୍ଲାମେଣ୍ଟର ସଭ୍ୟଙ୍କ ନିକଟକୁ ଖଣ୍ଡିଏ ଚିଠି ଲେଖିବାକୁ ବାଧ୍ୟ ହେଲା । ତାଙ୍କ କ୍ଷମତା ପୂର୍ବାପେକ୍ଷା ଏବଣି ଢେର୍ ବେଶି ଥିବାରୁ ସେ ତାଙ୍କୁ ଲେଖିଲା, ଅଧ୍ୟାପକଙ୍କୁ ଏଠାରୁ ସ୍ଥାନାନ୍ତର କରି ଦେଇ ଏମିତି କୌଣସି ସ୍ଥାନରେ ରଖେଇ ଦିଅ, ଯେଉଁଠି ଏଭଳି ଗୋଳମାଳ ନ ଥିବ—ଯଥା, କୌଣସି ସାଧାରଣ ପାଠାଗାରରେ କିମ୍ବା ସାଧାରଣ ଶିକ୍ଷା ମନ୍ତ୍ରଣାଳୟର କୌଣସି ଅଫିସରେ । ଏହି ଚିଠି ଫଳରେ, ଦୁଇ ମାସ ପରେ, ମନ୍ତ୍ରଣାଳୟରେ ଉପସ୍ଥିତ ହେବାକୁ ଆଦେଶ ପାଇ, କସମୋ ଆଣ୍ଟୋନିଓ କରଭାସ ଆସିଦେଇ ରୋମ ଉଦ୍ଦେଶ୍ୟରେ ଯାତ୍ରା କଲା । ଦୁଷ୍ଟାମୀ କଲେ ସୁଦ୍ଧା, ତାର ଯେଉଁ ଛାତ୍ରମାନେ ପ୍ରକୃତରେ ତାକୁ ଖୁବ ଭଲ ପାଉଥିଲେ, ତାର ବିଦାୟ ହେତୁ ସେମାନେ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲେ । ମାତ୍ର ହେଡମାଷ୍ଟର ଓ ତାଙ୍କ ସହକର୍ମୀମାନେ ତା ହାତରୁ ମୁକ୍ତ ପାଇ, ଯାହା ହେଉ, ଶାନ୍ତିରେ ଟିକିଏ ନିଶ୍ୱାସ ମାରିଲେ । ଏତକବେଳେ ସାଠାନିନା ସନ୍ତାନ ସମ୍ଭବା ଥିବାରୁ, ସମୁଦ୍ର ପାର ହେବା ସମୟରେ ସେ ଭାରି ଅସୁସ୍ଥ ହୋଇ ପଡ଼ିଲା । କିନ୍ତୁ ଇଟାଲିର ପ୍ରଧାନ ଭୂଭାଗରେ ପୁନଃ ପଦାର୍ପଣ ହେତୁ ଓ ରୋମର ଏତେ ନିକଟରେ ପହଞ୍ଚି ଯିବାରୁ ସେ ଏତେ ଆନନ୍ଦ-ବିହ୍ୱଳ ହୋଇ ଯାଇଥିଲା ଯେ, ଚିଭିଟାଭେକ୍କିୟାଠାରେ ଜାହାଜରୁ ଓହ୍ଲାଇବା କ୍ଷଣି ସେ ସେହିସବୁ ଦୁଃଖ-ଯନ୍ତ୍ରଣା ଭୁଲିଗଲା । ତାର ଦୁଃସାହସୀ

ବାବାର ରକ୍ତ ନିଜର ଶିର-ପ୍ରଶିରରେ ପ୍ରବଳ ଭାବରେ ପ୍ରବାହିତ ହେଉଥିବାର ଅନୁଭବ କରି ସାନ୍ତ୍ୱନା ବିସ୍ମିତ ହୋଇଗଲା।

ଶିକ୍ଷା ମନ୍ତ୍ରଣାଳୟରେ ଯେଉଁ ନକଲ ବିଭାଗ ଅଛି, ତାର ତତ୍ତ୍ୱାବଧାରକ ପଦରେ ଅଧ୍ୟାପକଙ୍କୁ ନିଯୁକ୍ତ କରାଗଲା— କିନ୍ତୁ ତାର ତତ୍ତ୍ୱାବଧାନ ସମ୍ପୂର୍ଣ୍ଣ ଅବର୍ଣ୍ଣନୀୟ ବୋଲି ପ୍ରତିପାଦିତ ହେଲା। ଦିନ-ମଜୁରିରେ ଯେଉଁ ସ୍ୱଳ୍ପ-ବେତନ-ଶ୍ରେଣୀ କର୍ମଚାରୀମାନଙ୍କୁ ନିଯୁକ୍ତ କରାଯାଏ, ସେମାନେ ଶୀଘ୍ର ସେମାନଙ୍କର ନୂଆ ମୁନିବଙ୍କୁ ଚିହ୍ନି ନେଲେ। ଯଦି କୌଣସି ଖିଟିଖିଟିଆ ବୁଢ଼ା, ଯାହା ସମ୍ବନ୍ଧରେ ନାନା ରକମ ଗୁଜବ ଶୁଣାଯାଏ, ସେମାନଙ୍କର କାମ ତଦାରଖ କରିବା ପାଇଁ ନିଯୁକ୍ତ ହୋଇଥାନ୍ତା, ତାହାହେଲେ ଅବଶ୍ୟ କିଛି କହିବାର ନ ଥିଲା— ସମସ୍ତେ ତାଙ୍କୁ ସଲାମ କରିଥାନ୍ତେ ଏବଂ ଖାତିର କରିଥାନ୍ତେ। କିନ୍ତୁ ଏହିଭଳି ଜଣେ ନିରୀହ ଲୋକଙ୍କୁ ସମ୍ମାନ ଦେଖାଇ କି ଲାଭ? ସେମାନେ ଯେ ତାଙ୍କୁ ଖୁବ୍ ବେଶି ଘୃଣା କରୁଥିଲେ ତାହା ନୁହେଁ— ମାତ୍ର ଯେତେବେଳେ କାମର ଚାପ କମ ଥାଏ, ସେମାନେ ତାଙ୍କୁ ଟିକିଏ ହାଲୁକା ଥଟ୍ଟା ନ କରି ରହି ପାରନ୍ତି ନାହିଁ। ଆଉ ଯଦି ସେମାନେ ନକଲ କରିବାରେ କିଛି ଭୁଲ କରି ପକାନ୍ତି— ତାହାହେଲେ, ଦୋଷଟା ଆସି ସିଧା ଅଧ୍ୟାପକ ବରିଷ୍ଠ ଆମିରେଇ ଉପରେ ପଡ଼ିଯାଏ।

'ଶୁଣନ୍ତୁ ଆପଣମାନେ, କିଏ କଣ ନକଲ କରୁଛନ୍ତି ମୋତେ ଟିକିଏ ଦେଖାନ୍ତୁ ତ। ମନ ଦେଇ ଶୁଣନ୍ତୁ। ମୋ କଥା ଟିକିଏ ଶୁଣନ୍ତୁ। ଶୁଣୁଛନ୍ତି ଆପଣ, ଆପଣଙ୍କୁ କହୁଛି, ଆପଣ ଯେତେବେଳେ ragione ଲେଖିବେ, ଦୟାକରି ଗୋଟିଏ 'g' ଲେଖିବେ। ବୁଝିଲେତ, ମହାଶୟ?'

ବେଶୀ ରହିବା ଭଲ, ଅଧ୍ୟାପକ ମହାଶୟ, ବରଂ ଦୁଇଟା ଲେଖିବା ଉତ୍ତମ। କାରଣ ଏହା reasonର ବ୍ୟାପାର କି ନା।'

'ବେଶ୍ ଭଲ !' ଅଧ୍ୟାପକ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ଉତ୍ତର ଦେଲା ଏବଂ ଅଭ୍ୟାସ ବଶତଃ ବେକଟା ଲମ୍ବାଇ ଦେଇ ଓ ଆଖିଟା ନୁଆଁଇ ଆଣି, ତାର ଶୀର୍ଣ୍ଣ-ଦୃଷ୍ଟି ଚକ୍ଷୁ ଦୁଇଟିକୁ ପ୍ରାୟ ଦରବୁଜା କରି ଦେଲା । ତାର ଚଷମା ଖାଲି ବୋତଲ ତଳର କାଚ ଭଳି ମୋଟା— ତାରି ତଳେ ତାର ଆଖି ଦୁଇଟା ପ୍ରାୟ ଲୁଚିଗଲା ।

ଯେତେବେଳେ ନକଲ୍-ନବିସ୍‌ମାନେ ଅଧ୍ୟାପକଙ୍କୁ ଏପରି ଭାବରେ ଦୀର୍ଘ ନିଶ୍ୱାସ ଛାଡ଼ି 'ବେଶ୍ ଭଲ' ବୋଲି କହିବାର ଶୁଣନ୍ତି, ସେମାନେ ସମସ୍ତେ ହସି ହସି ଗଡ଼ି ଯାଆନ୍ତି । ସେ ଅଦୌ ବୁଝି ପାରେ ନାହିଁ, କାହିଁକି ସେମାନେ ଏମିତି କରନ୍ତି । ତାର କେଉଁଠି କିଛି ଗୋଳମାଳ କି ଭୁଲ୍ ହୋଇଗଲେ, ଏହି ଦୁଇଟି ଶବ୍ଦ ଉଚ୍ଚାରଣ କରିବାଟା ତାର ପ୍ରାୟ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା— 'ବେଶ୍ ଭଲ··· ବେଶ୍ ଭଲ···', ଆଉ ଏହି କିରାଣୀମାନେ ଏବେ ତା ବିଷୟରେ କିଛି କହିବାକୁ ଗଲା ବେଳେ, ତାକୁ 'ଅଧ୍ୟାପକ ବେଶ୍ ଭଲ' ବୋଲି ସମ୍ବୋଧନ କରୁଥିଲେ । ଏହି ନୂତନ ନାମକରଣଟା ତା କାନରେ ପଡ଼ିବାରୁ ସେ ଟିକିଏ ହସି ଦେଲା, ତା ବେକଟା ଲମ୍ବାଇ ଦେଲା, ତା ଆଖି ନୁଆଇଁ ଦେଲା ଏବଂ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ିଲା······ ଓ, ତାର ଅଜାଣତରେ, କେତେବେଳେ ତାର ସେହି ଅଭ୍ୟାସଟା ହୋଇଗଲା······ ନିଷ୍ଠୁର ନିୟତିର ପାଖୁ କ୍ରମାଗତ ପ୍ରହାର ଖାଇ ଖାଇ ସେ ଆଶା ଛାଡ଼ି ଦେଇ ଥିବାରୁ, ତାର ଫଳ ସ୍ୱରୂପ ଏହି ଅଭ୍ୟାସଟା ବୋଧହୁଏ ତା ଦୈନନ୍ଦିନ ଜୀବନରେ ଆପେ ଠିଆ ହୋଇ ଯାଇଛି । କିନ୍ତୁ ଏଣିକି, ଏବେ ଯଦି, ସେ ତାର ସବୁ ଦୁଃଖ ବଦଳରେ ଶାନ୍ତି ପାଇଛି, ଏବଂ ଭବିଷ୍ୟତରେ ବି ଯେତେ ଦୁଃଖ ଆସିବ ସେ ତାହା ସହାସ୍ୟ ମୁଖରେ ସହିଯିବ, —ପ୍ରାଚ୍ୟ ଦପାର୍ଯ୍ୟଙ୍କୁ ସେ ଆଉ ଭୟ କରେ ନାହିଁ । ପୃଥିବୀର ସବୁ ନକଲ ନବିସମାନେ

ତାକୁ ପରିହାସ କରନ୍ତୁ, ସେମାନେ ତାକୁ 'ବେଣ୍ଟ୍ ଭଲ' ବୋଲି ଡାକନ୍ତୁ— ସେମାନଙ୍କର ଯାହା ଖୁସି ସେମାନେ ତାକୁ ତାହା ବୋଲି ଡାକନ୍ତୁ— ତାର ସାଣ୍ଟାନିନା ଥିବା ଯାଏ ସେ ସେମାନଙ୍କର ଉପହାସକୁ ଆଦୌ ଖାତିର କରିବ ନାହିଁ। ଯେତେବେଳ ଯାଏ ସେ ଅଫିସରେ ବସି କାମ କରୁଥାଏ, ତାର ମନଟା ସବୁବେଳେ ସାଣ୍ଟାନିନା ପାଖରେ ଘୂରି ବୁଲୁଥାଏ। ସାଣ୍ଟାନିନା କେଉଁ ରୂପରେ ଥିଲେ କଣ ହେବ, ତାର ଛବି ଅଧ୍ୟାପକର ଆଖି ଆଗରେ ପ୍ରାୟ ବରାବର ନାଚୁଥାଏ। ସେ ପରିଷ୍କାର ଦେଖିପାରେ, ଭୟ୍ୟା ସାନ ନିଗ୍ରେଲେ ଧା ଝେଲେଣ୍ଟି-ନୋଟରେ ବନ୍ଧା ନେଇଥିବା ତାର ଶ୍ଲେଟ କବାସଟିର ଗୋଟିଏ କୋଣରେ ସାଣ୍ଟାନିନା ଯେମିତି ଏକ ମନରେ କାମ କରୁଛି।

୧୮୯୩ ମସିହାର ଅଗଷ୍ଟ ୧୫ ତାରିଖରେ, ସାଣ୍ଟାନିନା ନିର୍ବିଘ୍ନରେ ଗୋଟିଏ ଝିଅ ପ୍ରସବ କଲା। ତାର ନାମ ଜଲିଫିନା। ପିତୃତ୍ୱର ଗୌରବରେ ଆନନ୍ଦ-ଅଧୀର ହୋଇ ଅଧ୍ୟାପକ ପ୍ରାୟ ପାଗଳ ହୋଇଗଲେ। ଯାହା ହେଉ, ଗୋଟିଏ ବିଷୟରେ, ସେ ଚିନ୍ତିତ ହୋଇଗଲେ— କାରଣ ପିଲାଟିକୁ ପ୍ରତିପାଳନ କରିବା ପାଇଁ ସାଣ୍ଟାନିନାର ଯଥେଷ୍ଟ ଶକ୍ତି ନ ଥିଲା। ତେଣୁ କିଛି ଦୂରସ୍ଥ ସାବନ ପାହାଡ଼ ତଳେ ଥିବା ଗୋଟିଏ ଗ୍ରାମର ଜଣେ ଧାଈ-ମାଆ ପାଖକୁ ପିଲାଟିକୁ ପଠାଇ ଦେବାକୁ ପଡ଼ିଲା। ଏହି ବ୍ୟବସ୍ଥାକୁ ମାନି ନେବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ବୋଲି ଜାଣି, ଅଧ୍ୟାପକ ତା ମନକୁ ଶାନ୍ତ କରିବାକୁ ଚେଷ୍ଟା କଲେ ଏବଂ ଧାଈ-ମାଆର ଖରଚ ଯୋଗାଇବା ପାଇଁ ସେ ସିଗାରେଟ, କଫି ଓ ଆଉ କିଛି ଶ୍ରେଷ୍ଠ ଜାତର ବିଳାସ ଛାଡ଼ିଦେଲେ।

ଆପଣ ଭେଳିକିବାଜ ଦେଖିଥିବେ। ସେମାନେ ଗୋଟିକ ପରେ ଗୋଟିଏ ଖେଳ ଦେଖାଉଥାନ୍ତି ଏବଂ ବଳେ ଲୋକ ମୁହଁପଟେ ଠିଆ

ହୋଇ ଉଲ୍ଲସିତ ଢଙ୍ଗରେ ଖେଳ ଦେଖୁଥାନ୍ତି । କିମ୍ବା ହୁଏତ ଆପଣ ଶୁଣିଥିବେ, ସର୍କସ-ଚାଳକ ଯେତେବେଳେ କୌଣସି କଠିନ ଖେଳ ଦେଖାଇବା ପାଇଁ ତାର ଖେଳାଳୀକୁ ଠିଆ କରାଏ, ସେ ସମସ୍ତଙ୍କୁ ଶୁଣାଇ କହେ: 'ବର୍ତ୍ତମାନ ଗୋଟାଏ ବଡ଼ କଠିନ ଖେଳ ଦେଖାଯିବ। ଆପଣମାନେ ମନ ଦେଇ ଲକ୍ଷ୍ୟ କରନ୍ତୁ । ଆମେ ବର୍ତ୍ତମାନ ଆଗ ଅପେକ୍ଷା ଗୋଟାଏ ଅଧିକ କଠିନ ଖେଳ ଦେଖାଇବାକୁ ଯାଉଛୁ ।' ବିଚରା ସାମାନ୍ୟ କସମୋ ଅନ୍ତଷ୍ଠାନୀଓ କରଭାସ ଆମିଦେଇକୁ ଭାଗ୍ୟବିଧାତା ରୂପୀ ସର୍କସ-ଚାଳକ, ତାର ଜନ୍ମ ଠାରୁ ଆଜି ଯାଏ, ଦୁଅସ୍ତି ଭାବରେ ଗୋଟାକ ପରେ ଗୋଟାଏ କେତେ ଯେ ଶକ୍ତ ଖେଳ ଖେଳାଇଲେ, ତାହାର ହିସାବ ନାହିଁ ! କିନ୍ତୁ ସବୁ ଠାରୁ କଠିନ ଖେଳଟା ସେତେବେଳେ ବାକି ଥିଲା, ୧୯୧୪ ମସିହା ମେ ୩୦ ତାରିଖରେ ଖେଳା ହୋଇଗଲା ।

ସେହି ଦିନ, ଅଧ୍ୟାପକ କରଭାସ ଆମିଦେଇ ଠିକ୍ ସମୟରେ ଘରକୁ ଫେରି ଆସିଲେ— ଠିକ୍ ସାଢ଼େ ଛଅଟା ବେଳେ— ଗୋଟିଏ ବାକ୍ସରେ ମିଠାଇ ଆଣିଥିଲେ, କାରଣ ସାନ୍ତାନିନା ସେହି ମିଠାଇ ଖାଇବାକୁ ଭଲ ପାଏ । ସେ ସିଡ଼ିରେ ଅସ୍ତେ ଅସ୍ତେ ଉପରକୁ ଉଠିଗଲେ, ପକେଟରୁ ଚାବି ବାହାର କଲେ, ଅନେକ କଷ୍ଟରେ ତାହାର କଣ୍ଟା ପାଇ ଚାବି ଲଗାଇଲେ, ଦୁଆର ଫିଟାଇଲେ ଏବଂ ଭିତରକୁ ଗଲେ । କିନ୍ତୁ ସାନ୍ତାନିନା ଘରେ ନ ଥିଲା । ସେ କୁଆଡ଼େ ଗଲା ? ସେ ତ କେଉଁ ଦିନ ଏତେବେଳେ କୁଆଡ଼େ ବାହାରି ଯାଏ ନାହିଁ । ଆଜି ତାର ନିଶ୍ଚୟ କିଛି ହୋଇଛି, କାରଣ ଭୋଜନ-ଘରେ କିଛି ବ୍ୟବସ୍ଥା ହୋଇ ନାହିଁ, କି ଶୋଇବା-ଘରେ ଶୋଇବାର ବନ୍ଦୋବସ୍ତ ହୋଇ ନାହିଁ । ନିଆଁ ଲିଭି ଯାଇଛି ଏବଂ ଖାଲି ସକାଳେ ଆସି ଚାକରାଣୀ ଯେମିତି ବାସନକୁସନ ଓ ଘରଦ୍ୱାର ସଫା କରି ଦେଇ

ଯାଇଥାଏ; ସବୁ ଠିକ୍ ସେମିତ ଅବସ୍ଥାରେ ରହିଛି । ତାହାହେଲେ ସାଚାନିନାଙ୍କ କଣ ହୋଇ ଥାଇ ପାରେ ? ବୋଧହୁଏ ଡଲଫିନୋର ଧାଈ-ମାଆ ଠାରୁ କୌଣସି ଜରୁରୀ ଖବର ଆସି ଥାଇ ପାରେ । ତାହା ହେଲେ ସୁଦ୍ଧା ଶିକ୍ଷା ଅଫିସକୁ ତା ପାଖକୁ କୌଣସି ଖବର ନ ପଠାଇ, ତାର ଚାଲି ଯିବାଟା ବି ତ ସମ୍ଭବ ନୁହେଁ । ଲମ୍ବା ସିଡ଼ିରେ ସେ ପୁଣି ତଳକୁ ଓହ୍ଲାଇ ଆସିଲା, ଘରର ଦରୁଆନକୁ ପଚାରିଲା, ଘର ଭିତରେ ଥିବା ଷ୍ଟେସନ ଦୋକାନରେ ଅନୁସନ୍ଧାନ କଲା, ଏବଂ ପଡ଼ୋଶୀ ଘରର ଚାକରକୁ ପଚାରିଲା, କିନ୍ତୁ କେହି କିଛି ଖବର ଦେଇ ପାରିଲେ ନାହିଁ । ଉପରେ, ତାର ଉନୋଟି କ୍ଷୁଦ୍ର କକ୍ଷ ଅସବାବପତ୍ର ସବୁ ଧରି ଏମିତ ନିସ୍ତବ୍ଧ ଓ ନୀରବ ଭାବରେ ଠିଆ ହୋଇଥିଲେ ଯେ ତାକୁ ଜଣା ଯାଉଥିଲା, ସେମାନେ ଯେମିତ ଧୈର୍ଯ୍ୟ ଧରି ଅପେକ୍ଷା କରିଥିଲେ କେତେବେଳେ ପୁଣି ସେହି ସୁଖ ଶାନ୍ତିମୟ ଜୀବନ ଯାତ୍ରା ଆରମ୍ଭ ହେବ । ସେମାନଙ୍କର ସୁଶୃଙ୍ଖଳ ବ୍ୟବସ୍ଥା ସହିତ ନିଜର ମାନସିକ ବିଭ୍ରାନ୍ତି ତୁଳନା କଲା ମାତ୍ରେ ସେ ଆଉ କିଛି ସହି ପାରିଲା ନାହିଁ କି ସେଠାରେ ବି ରହି ପାରିଲା ନାହିଁ । ତେଣୁ ସେ ସାଚାନିନାର ଅନୁସନ୍ଧାନରେ ବାହାରି ପଡ଼ିଲା । ପ୍ରଥମେ ସେ ଏଣେ ତେଣେ ଘୂରି ବୁଲିଲା, ମାତ୍ର ତାକୁ ପାଇଲା ନାହିଁ । ତା ପରେ ସେ ତାର ଅଫିସକୁ ଗଲା ଏବଂ ଡଲଫିନୋର ଧାଈ-ମାଆ ପାଖକୁ ଗୋଟାଏ ରିପ୍ଲାଇ-ପେଡ ତା'ର ପଠାଇଲା । ତା ପରେ ସେ ଉଦ୍ଦେଶ୍ୟ-ହୀନ ଭାବରେ ଏଣେ ତେଣେ ଘୂରି ବୁଲିବାକୁ ଲାଗିଲା, ଅର୍ଥାତ୍ ତା ଗୋଡ଼ ତାକୁ ଯେଉଁଠାକୁ ନେଲା ସେ ସେଠାକୁ ଚାଲିଗଲା । ତାର ମଥା ବାସ୍ତୁ ଗୃହଟି ଭଳି ଘର ବୁଲୁଥିଲା, ଏବଂ ସେଥିପାଇଁ ସ୍ପଷ୍ଟ ହୋଇ ଯାଇଥିଲେ ସୁଦ୍ଧା ସେ ତାହା ଲକ୍ଷ୍ୟ କରି ପାରିଲା ନାହିଁ । ହଠାତ୍ ଯେତେବେଳେ ତାର ଖିଆଲ ହେଲା ସେ ତାରି କବାଟ

ଆସିବା ବେଳ ହୋଇ ଗଲାଣି, ସେ ଘରକୁ ଫେରି ଆସିଲା । ସେ ମନେ ମନେ ଆଶା କରିଥିଲା ଯେ ତୁରନ୍ତ ପରେ ସେ ସାଣ୍ଟାନିଜାକୁ ଦେଖିବାକୁ ପାଇବ । କିନ୍ତୁ ଦରୁଆନର ପ୍ରଥମ କଥାରେହିଁ ତାର ସେହି ଆଶା ଧୂଳିସାତ ହୋଇଗଲା, ଏବଂ ତା ପରେ ଅଧ୍ୟାପକ ସିହ୍ନସା ଏତେ କାନ୍ତ ବୋଧ କଲା ଯେ ପୁଣି ଥରେ କପରି ସେହି ସିଡ଼ି ଦେଇ ସେ ଉପରକୁ ଉଠିଯିବ ତାହା ସେ ଆଦୌ ଚିନ୍ତା କରି ପାରିଲା ନାହିଁ । ଯାହା ହେଉ, କୌଣସି ମତେ, ସେ ଉଠିଯାଇ ପାରିଲା, ଏବଂ ଉପରେ ପହଞ୍ଚି, ଅନ୍ଧାରରେ, ଅଣ୍ଡାଳି ଅଣ୍ଡାଳି ତାର ଶୋଇବା ଘରେ ପ୍ରବେଶ କଲା, ଏବଂ— ତଥାପି ଅନ୍ଧାରରେ— ଗୋଟାଏ ଆରାମ-ଚୌକିରେ ପଡ଼ିଯାଇ, ସାଣ୍ଟାନିଜାର ପ୍ରତୀକ୍ଷା କରିବାକୁ ଲାଗିଲା ।

କିଛି କ୍ଷଣ ପରେ, ଗୋଟାଏ କି ଅବାଜ ତାକୁ ଚଞ୍ଚଳ କରି ପକାଇଲା: ମନେ ହେଲା ସେଠା ଯେମିତ ତାର ସାରା ଶରୀରରେ ପ୍ରବେଶ କରୁଛି— ତାର ମଥା, ପେଟ ଓ ଏପରିକି ଆଣ୍ଠୁ ଓ ଗୋଡ଼ର ଚୋଇଠି ବାଟେ ପଶିଗଲା । ତାର ମନେ ହେଲା, ଶବ୍ଦଟା ଯେମିତି ସବୁଦିଗରେ ତା ଆଡ଼କୁ ଉଡ଼ି ଆସୁଛି । ସେଥିରେ ତାର ଶରୀର କମ୍ପିବାକୁ ଲାଗିଲା ଏବଂ ତାର ଭାବନା ଓ ଚିନ୍ତାସବୁ ଦୂରିଭୂତ ହୋଇଗଲା । କିଛି ସମୟ ସେ ଦର-ସ୍ୱପ୍ନ ଅବସ୍ଥାରେ ବସି ରହିଲା । ତା ପରେ, ତାର ଧରି ପିଅନ ଘରର ଦୁଆର ମୁହଁରେ ଠିଆ ହୋଇଛନ୍ତି କି ନା ଦେଖିବା ଲାଗି, ସେ ଝରକା ପାଖକୁ ଉଠିଗଲା, ଏବଂ ଜାଣି ପାରିଲା ଯେ ସେହି ଶବ୍ଦଟା ତଳ ରାସ୍ତାରୁ ଆସୁଛି ଏବଂ ଗୋଟିଏ ବିଜୁଳି ଆଲୁଅ ଖରାପ ହୋଇ ଯାଇ ଥିବାରୁ ଯେମିତି ହେଉଛି ।

ଶେଷରେ ସକାଳ ହେବା ସଙ୍ଗେ ସଙ୍ଗେ, ଧାଈ-ମାଆ ନିକଟରୁ ତାରଟା ଆସିଗଲା— ନାସ୍ତିବାଚକ ଜବାବ । ତହୁଁ ତାର ଆଶାର ଶେଷ ରେଖା ଟିକକ ଲିଭିଗଲା ।

କେତେକ ଘଣ୍ଟା ପରେ, ସେ ଧୂଳର ବାହାର କରିବା ଓ ଘର ସଫା କରିବା ପାଇଁ ରୁକସଣୀ ଆସି ପହଞ୍ଚିଗଲା । ସେ ଜଣେ ଟସବାଗ୍ଦାସୁ, ହସଚଞ୍ଚଳ, ବଳିଷ୍ଠ, ତୀକ୍ଷ୍ଣ-ବୁଦ୍ଧି ଓ ମୁଖରା ବାଳିକା ।

ତାର ମୁହଁର ରଙ୍ଗ ଉଡ଼ିଥିଲା । ତାର ବଦନ ମଣ୍ଡଳରେ ଭୟଙ୍କର ବିବର୍ଣ୍ଣତା ଓ ଅଦ୍ଭୁତ ଦୃଷ୍ଟି ଦେଖି, ରୁକସଣୀ କହି ପକାଇଲା, 'ଆଜି ତ ଖୁବ୍ ଶୀଘ୍ର ଉଠିଛ !'

'ସେ ଏଠାରେ ନାହିଁ,' ସେ ତାକୁ ବୁଝାଇବାକୁ ଲାଗିଲା, 'କାଲି ଠାରୁ— ଏଠାରେ ନାହିଁ ।'

'ସତେ ! ତାହାହେଲେ କି ସର୍ବନାଶ !'

ଅଧ୍ୟାପକ କରଭାର୍ଗ ଅମିଦେଇ ତାର ହାତ ଦୁଇଟା ଲମ୍ବାଇ ଦେଲା, ଏବଂ ତା ପରେ ଧୀରେ ଧୀରେ ପୁଣି ଗୋଟାଏ ଚୌକିରେ ବସି ପଡ଼ିଲା ଏବଂ ସେଠାରେ ହତଜ୍ଞାନ ଅବସ୍ଥାରେ ବସି ରହିଲା ।

'ଘର ସାରା ନାହିଁ,' ସେ ପୁଣି କହିଲା ।

'ତାହାହେଲେ ଓଭର୍ଣ୍ଣି ଭେର୍ଣ୍ଣିଠାକୁ ସେ ଯାଇ ପାରିଥିବ ?' ରୁକସଣୀ ପଚାରିଲା ।

ସେ ଆଉ ଗୋଟାଏ ନୈରାଶ୍ୟଜନକ ଭଙ୍ଗୀରେ ଜବାବ ଦେଲା ।

'ଆପଣ ଟିକିଏ ଖୋଜନ୍ତୁ, ଆଜ୍ଞା,' ରୁକସଣୀ ପରାମର୍ଶ ଦେଲା, 'ହୋଟେଲ ଦେଖନ୍ତୁ, ଯେଉଁଠି କେତେ ଜଣ... କେତେ ଜଣ ବିଦେଶୀ ରହୁଛନ୍ତି— ସେହି ଯେଉଁ ଲୋକମାନେ ଛବି ଆଙ୍କନ୍ତି । ମୁଁ ଜାଣେ, ସେମାନଙ୍କ ଭିତରୁ ଜଣେ ତାର... ତାର ଛବି ଆଙ୍କୁଥିଲା ।'

ଅଧ୍ୟାପକ ଚମକି ପଡ଼ିଲା, ଏବଂ ତା ପରେ ହିଁଅଷ୍ଟି ଆଖିକୁ ଆଁ କରି ଅନାଇଲା ।

'ଏଁ' ମୋ ସ୍ତ୍ରୀ ? ତାର ଛବି ? କେବେ ?

'ମୁଁ ଭାବିଥିଲି ଅପଣ ସେ ବିଷୟ ଜାଣନ୍ତି । ଗତ ସକାଳେ ତ ସେ ସେଠାକୁ ଯାଅନ୍ତି, ଆଉ ଭୋଜନ ପରେ ମଧ୍ୟ ସେ ପୁଣି ଚାଲିଯାନ୍ତି ।'

ମୁହଁଟା ମେଲା କରି, ଖୁବ୍ ଧୀର ସ୍ଥିର ଭାବରେ, ସେ ବସି ରହିଲା, ଏବଂ ତାର ଶିରା ବହୁଳ ହାତ ଦୁଇଟି, ଖୁବ୍ ଧୀରେ ଧୀରେ, ଗୋଡ଼ ଉପରେ ବୁଲାଇବାକୁ ଲାଗିଲା ।

'ତାହାହେଲେ ମୁଁ ଯାଉଛି, ତାଙ୍କୁ ଦେଖି ଆସେଁ ? ବେଶୀ ଦୂର ବି ତ ନୁହେଁ, ଏଇ ତ ଚଉଣ୍ଡି ମୋଡ଼ରେ... ମୁଁ ସେହି ଲୋକଟାକୁ ଚିହ୍ନିଛି... ସେହି ଫରାସୀ ଚାକରଟା ।'

ଗୃହକର୍ତ୍ତ୍ରୀ ଯାହା କହିଲା ତାହା ତା କାନରେ ବୋଧହୁଏ ବାଜିଲା ନାହିଁ । ତେଣୁ ସେ ବଖରା ତଳକୁ ଓହ୍ଲାଇ ଗଲା ଏବଂ କେତେ ମିନିଟ ପରେ, ଧଇଁସଇଁ ହୋଇ ଓ ମଥା ନୁଆଇ, ଫେରି ଆସିଲା । ଟିକିଏ ଦମ ନେଲା ଷଣି, ସେ କହି ପକାଇଲା :

'ଆଃ ! ମୁଁ ଯାହା ଭାବିଥିଲି ସେୟା ! ସେ ବି ଚାଲି ଯାଇଛି... କାଲି... ଠିକ୍ ସେତିକିବେଳେ... ବଡ଼ ଅଜବ କଥା ତ ଏଟା !'

ଅଧ୍ୟାପକ କଡ଼େଇବ୍ ଆସିଦେଇ ଚୁପ୍ କରି ବସି ରହିଲା । ତାର ମୁହଁର ଭାବରେ କୌଣସି ପରିବର୍ତ୍ତନ ହେଲା ନାହିଁ । ମୃତ ମଣିଷର ଦୃଷ୍ଟି ଯେମିତି ତା ନୟନରେ ଖେଳୁଥିଲା । ସେ ଦଳ ଗୁଳାଉ ବଳ ତା ଗୋଡ଼ରେ ହାତ ମାରୁଥାଏ । ଗୃହକର୍ତ୍ତ୍ରୀଟା ତା ଅଡ଼କୁ କିଛି ସମୟ କରୁଣାପୂର୍ଣ୍ଣ ଦୃଷ୍ଟିରେ ଅନାଇଲା. ଏବଂ ତା ପରେ ନିଜର ମାଲିକାଣୀ ସମ୍ବନ୍ଧରେ ମନେ ମନେ ଗୁଣୁଗୁଣୁ ହେବାକୁ ଲାଗିଲା:

'କେଡ଼େ ବୋକାଟାଏ ମ ! ତୋ ସ୍ୱାମୀ ତୋତେ ଏତେ ଭଲ ପାଆନ୍ତି । କଠିନ ପରି ବଡ଼ଗ ସଦାବେଳେ ମୁହଁ ବନ୍ଦ କରି ଥାଆନ୍ତି ।

ତୁ ତ ଏଠାରେ ତାଙ୍କ ପାଖରେ ନିଶ୍ଚିନ୍ତରେ ଥାଆନ୍ତୁ···।' ମାଳତୀଙ୍କୁ ଲକ୍ଷ୍ୟ କରି ସେ କହିଲା, 'ଅସନ୍ତୁ ଆପଣ, ମନଟା ଏତେ ଖରାପ କରୁଛନ୍ତି କାହିଁକି, ଉଠନ୍ତୁ । ସେମିତି ଚୁପ୍‌ଚାପ୍ ବସି ରହନ୍ତୁ ନାହିଁ ! ନିଜ ମନଟା ଠିକ୍ କରି ରଖନ୍ତୁ । ସେମିତି ଗୋଟାଏ ବଦମାସ ଟୋକା ମାଇକିନା ବିଷୟ ଭାବି କିଛି ଲାଭ ନାହିଁ । ଯଦି ପ୍ରେମ କଥା କହନ୍ତି ତ ମୁଁ କହିବି ସେଟା କି ଭଳି ? ନିଆଁ ଉପରେ ବସାଇଥିବା ଗୋଟାଏ ଦୁଧ-କଡ଼େଇ ଭଳି ସେଟା— ପ୍ରଥମେ ସେଟା ଫୁଟି ଉଠେ, ଆଉ ତା ପରେ ଫୁଟିବାକୁ ଲାଗେ ଓ ଉତୁରି ପଡେ··· ଅସନ୍ତୁ, ଉଠି ଆସନ୍ତୁ, ଦମ୍ଭ ଧରନ୍ତୁ ! ମନଟାକୁ ହାଲୁକା କରିବା ପାଇଁ ଚେଷ୍ଟା କରନ୍ତୁ ! ସେଠାରେ ସେମିତି ଚୁପ୍ କରି ବସି ରହନ୍ତୁ ନାହିଁ !'

କିନ୍ତୁ ଅଧ୍ୟାପକ ତାର ସରଳ ଓ ବନ୍ଧୁପଣିଆ କଥାର କୌଣସି ଜବାବ ଦେଲେ ନାହିଁ । ସେ ଖାଲି ତା ମଥାଟା ଟିକିଏ ହଲାଇ ଦେଲା । ତା ଆଖିରୁ ଟୋପାଏ ଲୁହ ଗଡ଼ି ପଡ଼ିଲା ନାହିଁ, କି ଆଉ କାହା ଆଗରେ ନିଜର ଦୁଃଖ ପ୍ରକାଶ କରିବାକୁ ବି ତାର ଟିକିଏ ଇଚ୍ଛା ହେଲା ନାହିଁ । ସେ ନିଜକୁ ଧରା ପଡ଼ିବାକୁ ଦେବ ନାହିଁ କି କାହାରି ଠାରୁ ସମବେଦନା ବା ସାନ୍ତ୍ୱନା ପାଇବାକୁ ଲାଳାୟିତ ହେବ ନାହିଁ । କେବେ କେବେ ତାର ମନେ ହୋଇଛି, ଯଦି କୌଣସି ଅଭାବିତ କାରଣରୁ ସେ ତାର ସାଙ୍ଗିନୀକୁ ହରାଏ— କିମ୍ବା ତାର ପ୍ରେମକୁ ହରାଇ ବସେ, ତାହାହେଲେ ତା ଅନ୍ତର ଭିତରେ ସେ କି ଦାରୁଣ ଆଘାତ ନ ପାଇବ— କିନ୍ତୁ ଆଜି ତା ମନର ଅନ୍ତରତମ ପ୍ରଦେଶରେ ସେହି ଦୁଃଖର କୌଣସି ସୂଚନା ସେ ପାଇଲା ନାହିଁ । ଏତେ ଦିନ ହେଲା ଯାହା ତା ମନ ଭିତରେ ମଝିରେ ମଝିରେ କଳ୍ପନାରେ ଦେଖା ଦେଉଥିଲା, ଆଜି ତାହା ସତକୁ ସତ ଘଟିଲା··· ଅଥଚ ସେ ସେଥିପାଇଁ ତିଳେ ମାତ୍ର ଦୁଃଖ କି କଷ୍ଟ ବୋଧ

କଲା ନାହିଁ ! ସେ ଅଧା ଭାବିଥିଲା ଯେ ଏମିତି କିଛି ଘଟିଲେ ତାର ଚତୁର୍ଦ୍ଦିଗର ସଂସାର ଭାଙ୍ଗି ପଡ଼ିବ, କିମ୍ବା ସେ ନିଜେ ନିଃସହାୟ ହୋଇ ପଡ଼ିବ । ମାତ୍ର ତାର କିଛି ହେଲା ନାହିଁ—ଭଲେ ମାତ୍ର କୁହେଁ ! ଗୁକବାଣୀକୁ ତାର ଚାକରୀ ନ ଭାଇ ଦେଇ ସେ ତାକୁ ନିଶ୍ଚିନ୍ତ ଭାବରେ ବିଦାୟ କରିଦେଲା । ଗୁଲଯିବା ବେଳେ ସେ ଯେମିତି ଆଉ କିଛି ସାନ୍ତ୍ୱନାପୂର୍ଣ୍ଣ ବାଣୀ ଶୁଣାଇଛି, ତାର ସ୍ୱଭାବ ସୁଲଭ ଢଙ୍ଗରେ ସେ ତାକୁ ଜବାବ ଦେଇଦେଲା :

'ବେଶ୍ ଭଲ... ବେଶ୍ ଭଲ...'

ଯେତେବେଳେ ସେ ଏକା ହୋଇଗଲା ଏବଂ, ଯାହାହେଉ, ଯେତେବେଳେ ସେ ପୁଣି ଚୌକିଟିରେ ଅଧା ବସିଗଲା, ସେତେବେଳେ ସେ ହଠାତ୍ ବୁଝି ପାରିଲା ଯେ ଗୋଟାଏ ଅଙ୍ଗୁଳି ଉଠାଇବା ପାଇଁ ବି ତାର ଟିକିଏ ହେଲେ ଇଚ୍ଛା-ଶକ୍ତି ନାହିଁ । ତାହାହେଲେ ସେ ଯେତିକି ପରିମାଣରେ ସମ୍ପୃକ୍ତ, ସତକୁ ସତ କଣ ତାର ସଂସାରଟା ଭାଙ୍ଗି ପଡ଼ୁଛି ! କିନ୍ତୁ ତାହା ଏତେ ଧୀରେ ଧୀରେ ହେଉଛି ଯେ ସେ ଆଦୌ ଲକ୍ଷ୍ୟ କରି ପାରିଲା ନାହିଁ । ଚୌକିଗୁଡ଼ାକ ସେମିତି ପଡ଼ି ରହିଥିଲା, ପୋଷାକ-ଆଲମାରୀଟା ବି... ବିଛଣାଟା ବି ଠିକ୍ ସେହିଭଳି... କିନ୍ତୁ ଭବିଷ୍ୟତରେ ସେଗୁଡ଼ାକ କାହାର କି କାମରେ ଲାଗିବ ?

ଦୁଇ ହାତରେ ସେ ତା'ର ଗୋଡ଼ ଦୁଇଟା ଘଷିବାକୁ ଲାଗିଲା ଏବଂ କ୍ରମେ କ୍ରମେ ଅଧିକ ଜୋରରେ ଅଙ୍ଗସ୍ଖଳନା କଲା, କାରଣ ତାର ମନେ ହେଲା ଯେ ତାର ସମଗ୍ର ଶରୀରଟା ଯେମିତି ହେମାଳ ହୋଇ ଯାଉଛି—ଗୋଟାଏ କି ଅଦ୍ଭୁତ ଧରଣର ଅଶ୍ରା ନମନିତ ତାର ହାଡ଼ ବାଟେ ଶରୀର ଭିତରକୁ ପଶି ଯାଉଛି । ସେ ଚୌକିରୁ ଉଠି ଆସିଲା ନାହିଁ, କିନ୍ତୁ ସେଠାରେ ବସି ରହି ଗୁକବାଣୀ ତାକୁ ଯେଉଁ ଖବର ଦେଇ ଯାଇଥିଲା ତାକୁ ମନେ ମନେ ଆଉଡ଼ାଇବାକୁ ଲାଗିଲା— 'ତାର ଛୁଟି... କ୍ୱେଷ୍ଟୀ ଶତକଡ଼ା... ସେ ନିତ ସକାଳେ

ତା ପାଖକୁ ଯାଉଥିଲ...।' ସେ କହୁଥାଏ, ଓ ଆପେ ଆପେ ତାର ଗୋଡ଼ ଅଙ୍ଗୁଳି ତଳାରରେ ଘଷୁଥାଏ, ଏବଂ ଏଣେ ଥଣ୍ଡା ଯୋଗୁଁ ତାର ଦାନ୍ତ ଦାନ୍ତରେ ବାଜୁଥାଏ। ମାତ୍ର ସେହି କମ୍ପନଟା ସେ ବନ୍ଦ କରି ପାରୁ ନ ଥାଏ। ତିନୋଟି କଥା ତା ମନ ଭିତରେ ଭୁଷ ହେଉଥାଏ— ଛବି, ପସ୍ୱସୀ ଚାଏକର ଓ ନାତ ସକାଳେ ତାର ସଠାକୁ ଗମନ। ଏହି ତିନୋଟି କଥା କାଗଜର ତିନୋଟି ବାୟୁ-ଚାଳିତ କଳ ପରି ତା ଆଖି ଆଗରେ ଯେମିତ ଅନବରତ ପବନରେ ଚୁଲିବାକୁ ଲଗିଲା। ସେହି ଘୂର୍ଣ୍ଣନ ଅଦ୍ଭୁ କ୍ରମାଗତ ବୃଦ୍ଧି ହେବା ହେତୁ ତାର ମଥାଟା ବ ଘୂରିବାକୁ ଲଗିଲା। ଗୋଟାଏ ଭୟଙ୍କର କମ୍ପନ ପରେ, ସେ ଅଜ୍ଞାନ ହୋଇ ଚୌକିରୁ ଗଡ଼ି ପଡ଼ିଲା ଏବଂ ଭୂଇଁରେ ଶୋଇ ରହିଲା।

୧୯୦୪ ମସିହା ମାର୍ଚ୍ଚ ମାସ ବେଳକୁ ନଅ ବର୍ଷ ଦୁଇ ମାସ ଗତ ଗଲାଣି। ଅଧ୍ୟାପକ ଭରଦ୍ୱାଜ ଅମିଦେଇଙ୍କର ଏଣ୍ଟି ଅନ୍ଧ ଟେନେ ପଭୁ ନାହିଁ, ସର୍କସ-ଚାଳକ ବଂଶୀଙ୍କ ନିର୍ଦ୍ଦେଶରେ କଠିନତମ ଖେଳ ଦେଖାଇବାକୁ ଯାଇ କିପରି ସେ ଡାକ୍ତରଖାନାରେ ପ୍ରାୟ ମୃତ୍ୟୁର ଦ୍ୱାର-ଦେଶରେ ଉପନୀତ ହୋଇଥିଲ। ସୁନ୍ଦର ସାବନ ଗାନ୍ଧାଡ଼ ତଳେ ଅବସ୍ଥିତ ଗ୍ରାମଟିରେ, ତାର ଟେଣ୍ଟ ପୁଅର କଥା ସେ ଦିନ ମନେ ପଡ଼ି ସିବାକୁ ଭାଗ୍ୟକୁ ତାର ଜୀବନଟା ତିନା ରହିଗଲା। ବର୍ତ୍ତମାନ କଳିଫିଟୋ ଅବଶ୍ୟ ତା ପାଖରେ ରହୁଛି। ଲଭରଟିର ବୟସ ଦଶ ବର୍ଷକୁ ଟପି ଗଲଣି। ମାତ୍ର ତାକୁ ଦେଖିଲେ ଜଣା ଯାଏ, ଯେମିତ ତା ବାବାର ଅଶେଷ ସେବା ଯତ୍ନ ଓ ଅତଏବ୍ଭ କଷ୍ଟହିଁ ତାକୁ

ବଞ୍ଚାଇ ରଖିଛନ୍ତି । ସେ ଭାରି ରୋଗା ଓ ଦୁର୍ବଳ ଦିଶୁଥିଲା ଏବଂ ବିଦ୍ୟାଳୟରେ ଅଧ୍ୟୟନ କଲା ବେଳେ ତା ବାବା ପାଖରେ ଯେଉଁ ରୋଗର ଉପକ୍ରମ ହୋଇଥିଲା, ତା ଦେହରେ ବି ସେହି ଲକ୍ଷଣ ଦେଖା ଗଲା ।

ତାକୁ ଆଠ ବର୍ଷ ହେବା ଯାଏ ଡଲ୍‌ଫିନୋ ଜାଣିଥିଲା, ତାର ଜନ୍ମ ପରେ ପରେ ତାର ମାଆ ମରି ଯାଇଛନ୍ତି । କିନ୍ତୁ ଦୁଇ ବର୍ଷ ତଳେ, ଦିନେ ତାର ବାବା ଅଫିସକୁ ଯାଇଥିବା ବେଳେ, ମୁହଁରେ ରଙ୍ଗ ଓ ପାଉଡରର ଟୋପା ଆଉ ଅଜବ ପୋଷାକ ପିନ୍ଧି, ଜଣେ ସ୍ତ୍ରୀ ଲୋକ ତାଙ୍କ ଘରକୁ ପଶି ଆସିଲା ଏବଂ, ଅଖିରୁ ଝର ଝର ଲୁହ ବୁହାଇ, ତାକୁ କହିଲା ଯେ ତାର ମାଆ ମରି ଯାଇ ନାହିଁ— ଏବେ ବି ବଞ୍ଚିଛି ! ହଁ, ପ୍ରକୃତରେ ସେ ହେଉଛି ତାର ମାଆ । ସେ ତାକୁ ଭାରି ଭଲ ପାଏ, ଏବଂ ତା ପାଖରେ, ଦିନସାରା, ସବୁ ବେଳେ ରହିବାକୁ ଚାହେଁ, ଆଉ ଏଣିକି ତାର ପୁନା ପ୍ରିୟ, ଜନ୍ମ-ଦିନ୍‌ଟିକୁ ଯେମିତି ଭାବରେ ଗୋଟାଏ କରୁଛନ୍ତି ସବୁବେଳେ ସେ ସେମିତି କରିବାକୁ ଚାହେଁ ।

ଏତିକି ବେଳେ, ଫ୍ଲାଟ୍‌ଟିର ଧାଈ-ମାଆ ଆସି ପହଞ୍ଚିଲା— ସନ୍ତାନହୀନା, ବିଧବା ହୋଇ ଯିବାରୁ, ନିଜର ଅନ୍ନ-ସଂସ୍ଥାନ ପାଇଁ ସେ ରୋମକୁ ଚାଲି ଆସିଥିଲା ଏବଂ ବର୍ତ୍ତମାନ ସେମାନଙ୍କର ଧାଈ ଓ ଗୃହକର୍ତ୍ତ୍ରୀ ଉଭୟ ଭାବରେ କାମ କରୁଛନ୍ତି । ସେତିକେ ବଜାରରୁ ଫେରିଆସି, ଯେମିତି ଦେଖିଲା ସେହି କୁରୂପା ସ୍ତ୍ରୀ ଲୋକଟିର କୋଳରେ ଡେଇଁଛନ୍ତି, ତତ୍‌କ୍ଷଣାତ୍ ସେ ଧାଇଁଯାଇ ତାକୁ ତା କୋଳରୁ ଝାମ୍ପି ନେଲା । ଡଲ୍‌ଫିନୋ ବିଚିତ୍ର ଭାବରେ ଜଡ଼ସଡ଼ ହୋଇ ଶୁଣିଲା ଯେ ଯେଉଁ ସ୍ତ୍ରୀ ଲୋକଟି ତାର ମାଆ ବୋଲି ପରିଚୟ ଦେଉଥିଲା, ତାର ଧାଈ-ମାଆ ତାକୁ ମନ ଇଚ୍ଛା ଗାଳି ଦେଉଛି ।

ତା ପରେ ସ୍ତ୍ରୀ ଲୋକ ଦୁହେଁ ହାତାହାତି ହେବାକୁ ଲାଗିଲେ, ଏବଂ ଗୋଟାଏ ଭୟଙ୍କର କାଣ୍ଡ ବି ଘଟିଲା, ଆଉ ତାର ଫଳରେ ଡଲିପିନୋକୁ ଖୁବ୍ ସାଙ୍ଘାତିକ ଜର ଭୋଗିବାକୁ ପଡ଼ିଲା ।

କସମୋ ଅଣ୍ଟୋନିଓ କରଭାସି ଆମିଦେଇ ଥାନାକୁ ଯାଇ ଅଭିଯୋଗ କଲା ଯେ ସେହି ଘୃଣ୍ୟ ସ୍ତ୍ରୀ ଲୋକଟା ତାର ଯଥେଷ୍ଟ କ୍ଷତି କରିସାରି ସୁଦ୍ଧା ସନ୍ତୋଷ ଲାଭ କରି ନାହିଁ, ଏବଂ ଏଷଣି ପିଲାଟିର ସର୍ବନାଶ କରିବାକୁ ବସିଛି ।

ଅନେକ ଦିନ ତଳେ, ସାନ୍ତାନିନା ତାକୁ କହିଥିଲା ଯେ ଆଖି ଯେତେ ଦୂର ଯାଉଛି ସେ ସେତେ ଦୂରକୁ ବୁଲିଯିବ । ତା ପରେ ପ୍ରକୃତରେ ସେ ଢେର୍ ବୁଲିଲଣି । ଯେଉଁ ପରସୀ ଶିଳ୍ପକର ତାର ହୃଦ ଅଙ୍କିଥିଲା ତା ସାଙ୍ଗରେ ପଳାଇ ଯାଇ, ସେ ପାରିସ ଓ ନିସ୍‌ରେ ଦୁଇ ବର୍ଷ ରହିଲା ଏବଂ ତା ପରେ, କ୍ରମେ କ୍ରମେ ଅବନତିର ପଥରେ ଗତି କରି କରି, ସେ ଭିଏନା ଓ ମିଲାନରେ ଘୂରି ବୁଲିଲା । ରୋମରେ ପହଞ୍ଚିବାର କିଛି ଦିନ ପରେ, ଦୈବାତ୍ ସେ ତା ସ୍ୱାମୀର ନଜରରେ ପଡ଼ିଗଲା । ଯଦିଚ ସେ ବର୍ଷକର ଭାବୁଥିଲା ଯେ ସାନ୍ତାନିନା ଅଧୋପତନର ଚରମ ସୀମାକୁ ଚାଲି ଯାଇଛି, ତଥାପି ତାକୁ ସେ ଦିନ ହଠାତ୍ ବାଟରେ ଦେଖି ଦେଲା କ୍ଷଣି ସେ ମୂର୍ଚ୍ଛା ହୋଇଗଲା, ଏବଂ ତାକୁ ଜଣେ ଡାକ୍ତର ପାଖକୁ ନେଇଗଲାରୁ ଯାଇ ତାର ଚେତନା ଫେରି ଆସିଲା ।

ସାସାଣରେ ଥିବା ବେଳେ, ଡନ ମେଲ୍‌କାସୁର ସ୍ମାନୁ ନାମକ ଜଣେ ସାଦ୍ଧିନୀଷ୍ଟ ପୁରୋହିତ ସହିତ ତାର ପରିଚୟ ହୋଇଥିଲା । ଅନେକ ବର୍ଷ ତଳେ ସେ ନିଜେ ପୁରୋହିତ ହେଉଁ ହେଉଁ ନାସ୍ତିକ ହୋଇ ପଡ଼ିଥିଲା । ତେଣୁ ଏତେ ଦିନ ପରେ ତା ଭିତରେ ଧର୍ମଭାବ ଉଦ୍ରେକ କରିବା ପାଇଁ ଏହି ପୁରୋହିତଙ୍କ ମନପ୍ରାଣ ଦେଇ ଲାଗି

ପଢ଼ିଲା । ଅଫିସରେ କୌଣସି କାମ ନ ଥିଲେ ଅଧ୍ୟାପକ ଯେତେବେଳେ କ୍ଲାନ୍ତ ବୋଧ କରେ, ସେତେବେଳେ ସମୟଟା କଟାଇବା ପାଇଁ ପୁରୋହିତ ଦେଇଥିବା ଧର୍ମ ପୁସ୍ତକ ଗୁଡ଼ିକରୁ ସେ ଗୋଟାକ ପରେ ଗୋଟାଏ ପଢ଼ିବାକୁ ଲାଗେ । ତାର ଯୌବନରେ ଯେ ଯେ ଏତେ ଦୁଃଖ କଷ୍ଟ ଭୋଗ କଲା, ତାର ଏକମାତ୍ର ପ୍ରଧାନ କାରଣଟି ହେଉଛି ଯେ ତାର ମାତା ରୂପୀ ପବିତ୍ର ଧର୍ମ ପ୍ରତି ସେ ଦୁର୍ବ୍ୟବହାର କରିଥିଲା— ଏହି କଥାଟି ପୁରୋହିତ ତାକୁ ଖୁବ୍ ଯୁକ୍ତିଯୁକ୍ତ ଉପାୟରେ ବୁଝାଇଥିଲା । ଖାଲି ସେତିକି ନୁହେଁ, କିନ୍ତୁ କୌଣସି ବିଶେଷ କାରଣ ଯୋଗୁଁ, ତାର ଉଲ୍‌ଫିନୋ ଭଳି ସୁନା ପୁଅଟିକୁ ବି, ଭଗବାନ ତାଙ୍କର ଦେବଦୂତ ଓ ମହାତ୍ମାଙ୍କ ଦଳ ଭିତରକୁ ଟାଣି ନେବାକୁ ଚାହିଁଛନ୍ତି । ବାସ୍ତବିକ, ଏହା ତାଙ୍କର ଗୋଟାଏ ପବିତ୍ର ସାବଧାନ ବାଣୀ । ସୁତରାଂ ସ୍ୱଧର୍ମତ୍ୟାଗୀ ଅଧ୍ୟାପକ କରଲୋସ ଅମିଦେଇ, ଯେତେବେଳେ ଏ ସଂସାରରେ ଏକା ହୋଇଯିବ, ସେତେବେଳେ ସର୍ବସ୍ୱ ତ୍ୟାଗ କରି ନିଶ୍ଚୟ ସେ କୌଣସି ମଠରେ ଶ୍ରମଣର ଜୀବନ ଯାପନ କରିବ । ଏହାହିଁ ତାଙ୍କର ଇଚ୍ଛା । ଦେଖିବାକୁ ଗଲେ, ଟ୍ରେପ-ସ୍ଥାନରେ ଗୋଟାଏ ମଠ ଅଛି— ଖୁବ୍ ଚମତ୍କାର ସ୍ଥାନ, ବାସ୍ତବିକ ଚମତ୍କାର ସ୍ଥାନଟିଏ ! ପ୍ରକୃତରେ ଅନୁତାପ କରିବା ପାଇଁ ଉପଯୁକ୍ତ ସ୍ଥାନଟିଏ— ସେ ନିଶ୍ଚିନ୍ତ ମନରେ ସେଠାରେ ରହି ପାରିବ ।

ଏହିସବୁ ଉପଦେଶ ବାଣୀ ଶୁଣି, ଅଧ୍ୟାପକ କରଲୋସ ଅମିଦେଇ ତାର ବେକଟା ଆଗକୁ ଲମ୍ବାଇ ଦେଲା ଓ କାନ୍ଧ ନୁଆଇଁ ଦେଲା, ଏବଂ ଧରଚ୍ଛନ୍ନା ଆଖିରେ ଅନାଇ, ଆଉ ଥରେ ଗୁଷ୍ଟିନ ସ୍ୱରରେ କହିଲା :

'ବେଶ୍ ଭଲ !'

ବେଶି ବେଶି ଦିନ ଶିକ୍ଷା ଅଫିସକୁ ଫେରିବା ବେଳେ, ସେ ଦେଖେ— ତନ ମୋଲକସ୍ୱର ତାର ପାଇଁ ଅପେକ୍ଷା କରି ସାନ୍ତା

ମାରସ୍କା ଡେଲା ମିନାର୍ଭାର ସିଡ଼ିରେ ଠିଆ ହୋଇଛନ୍ତି, ଆଉ ତେଣେ ଅନ୍ୟ ଭାଗରେ ତାର ସ୍ତ୍ରୀ ଆନ୍ତୁସ୍ନିନର ରେଲିଂକୁ ଆଉଜି ରାଜକୀୟ ଭଙ୍ଗୀରେ ଠିଆ ହୋଇ ରହନ୍ତି । ଦୂରରୁ ଦୁହେଁ ପରସ୍ପର ଉପରେ ହିଂସ୍ର ଦୃଷ୍ଟି ନିକ୍ଷେପ କରୁଥାନ୍ତି । ଯେତେଥର ଶିଅର ଦେଖି ପକାନ୍ତି, ପୁରୋହିତର ମୁହଁରେ ସଦାବେଳେ ଦାଢି ଥାଏ— ଦେଖି, ସେ ତା ଶରୀର ଓ ଗାଲ ଅଉଁସୁଥାଏ । ଆଉ ସ୍ତ୍ରୀ ଲୋକଟି ତାର ରଞ୍ଜିତ ଅଧର କୋଣରେ ଅବଜ୍ଞାର ହସର ରେଖା ଫୁଟାଉ ଥାଏ ।

ସନ୍ଧ୍ୟା ବେଳେ ଅଧ୍ୟାପକ ଉଦ୍ୟାନ ଭିତରକୁ ପଶି ଆସିଲା କ୍ଷଣି, ତାର ସ୍ତ୍ରୀ ଯେଉଁଠି ରେଲିଂ ଧରି ଠିଆ ହୋଇଥାଏ ତାର ଦୃଷ୍ଟି ଯାଇ ସେଠିରେ ପଡ଼ିଯାଏ । କିନ୍ତୁ ସେ ସେଥିପ୍ରତି ଭ୍ରୂକ୍ଷେପ ନ କରି ସିଧା ସଳଖ ପୁରୋହିତ ଆଡ଼କୁ ଚାଲିଯାଏ । ମାତ୍ର ସେ ଜାଣିଥାଏ ଯେ ସେ ଭଙ୍ଗା ସିଡ଼ିର ମାର୍ବଲରେ ନ ପହଞ୍ଚୁଣୁ ତାର ସ୍ତ୍ରୀ ତାକୁ ଧରି ପକାଇ ନିଶ୍ଚୟ କିଛି ଟଙ୍କା ମାଗିବ— ମାଗିଲେ ସେ ତ କୌଣସି ମତେ ତାକୁ ମନା କରି ପାରିବ ନାହିଁ । କିନ୍ତୁ ସେ ତାକୁ କ୍ଷମା କରିବାକୁ ଚାହିଁଲେ. ଯାହାହେଉ, ସେ ଘୃଣାରେ ମୁହଁ ବୁଲାଇ ଦେଇ ଚାଲିଯାଏ । ପୁରୋହିତଙ୍କ ସାଙ୍ଗରେ ସାକ୍ଷାତ ହେବା ମାତ୍ରେ, ସେ ମନେ ମନେ ଧରିନିଏ ଯେ ସ୍ତ୍ରୀକୁ ଟଙ୍କା ଦେଉଥିବାରୁ ତାକୁ ବହେ ଗାଳି ଶୁଣିବାକୁ ହେବ । ସେଥିପାଇଁ ହାତ ଦୁଇଟା ଘଷି ଘଷି, ତାର ସ୍ବାଭାବିକ ନୈରାଶ୍ୟ ଭଙ୍ଗୀରେ, ସେ କହି ପକାଏ :

'ବେଶ୍ ଭଲ !... ବେଶ୍ ଭଲ !'

ଏଣେ ବସନ୍ତ ବି ଆସିଗଲା— ଏହି ସମୟଟା ଯକ୍ଷ୍ମା ରୋଗୀଙ୍କ ପକ୍ଷରେ ଅତ୍ୟନ୍ତ ମାରାତ୍ମକ । ଅତଏବ ବସନ୍ତ ଋତୁର ପ୍ରଥମ ମାସଟା ଓଲିଭିଏଟୋକୁ ନେଇ ସମୁଦ୍ର-କୂଳରେ କଟାଇ ଆସିବା ପାଇଁ ଡାକ୍ତର ତାକୁ ପରାମର୍ଶ ଦେଲେ, କାରଣ ସେତେବେଳେ ରୋମର ଜଳବାୟୁ ତା ପକ୍ଷରେ ଅତ୍ୟନ୍ତ କଷ୍ଟ ହୋଇ ପଡ଼େ ।

ତେଣୁ ବସନ୍ତମା ଆଣ୍ଟୋନିଓ କରଭ୍ରାସ ଅମିଠେଇ ମାସେ ଛୁଟି ପାଇଁ ଦରଖାସ୍ତ କଲା ଏବଂ ୧୯୦୪ ମସିହା ମାର୍ଚ୍ଚ ୫ ତାରିଖରେ, ପୁଅକୁ ସାଙ୍ଗରେ ଧରି ସମୁଦ୍ର କୂଳରେ ଅବସ୍ଥିତ ନେଟୁନୋ ଗ୍ରାମକୁ ଯାଇ ଗୋଟିଏ ଛୋଟ ଘର ଭଡ଼ା ନେଇ ରହିଲା ।

— ୨ —

ସେହି ଗ୍ରାମଟି ଏକା ନିଶ୍ଚିନ୍ତ ମନରେ ମାସେ ଛୁଟି ଉପଭୋଗ କରିବା ଭଲ ସ୍ଥାନଟିଏ । ଦିନକ ପୂର୍ବରୁ ଏଠାରେ ଖୁବ୍ ବର୍ଷା ହୋଇଥିଲା, କିନ୍ତୁ ବର୍ତ୍ତମାନ ମାର୍ଚ୍ଚ ମାସରେ ଆକାଶ ପରିଷ୍କାର ହୋଇ ଯାଇ ଉଜ୍ଜ୍ୱଳ ସୂର୍ଯ୍ୟ କିରଣ ପଡ଼ିଲା ଏବଂ ପବନ ମୃଦୁ ମୃଦୁ ବହିଲାଣି— ଏଥିରୁ ନିଃସନ୍ଦେହରେ ଜଣା ପଡୁଛି ଯେ ବସନ୍ତ ଆସି ଗଲାଣି ।

ଠିକ୍ ରୋମ ଛାଡ଼ିବା ପରେ ପରେ, ଗାଡ଼ିର ଝରକା ବାଟେ ମୁହଁ ଗଳାଇ ବାହ୍ୟ ଦୃଶ୍ୟ ଦେଖୁଁ ଦେଖୁଁ ଅଧ୍ୟାପକ ମନେ କଲା, କୋମଳ ସବୁଜ ପ୍ରାନ୍ତରରେ ଗୋଟିକ ପରେ ଗୋଟିଏ ଗୁଳ୍ମ ଫୁଲର ରୂପ ଧାରଣ କରି ବସନ୍ତ ଯେମିତି ତା ଆଗରେ ଧାଇଁ ଧାଇଁ ଲୁଚକାଳି ଖେଳୁଛି । କି ଫୁଲ ? ବୋଧହୁଏ ପୀତ ଗଛ ଫୁଲରେ ମଣ୍ଡିତ ହୋଇ ଯାଉଛି । ହଁ, ହଁ, ଏହି ତ ଆଉ ଗୋଟିଏ— ହଁ, ସତ୍ୟତରେ ସେହା— ଏହି ତ ଆଉ ଗୋଟିଏ, ଅଜଣା ଗୋଟାଏ । ତାହାହେଲେ ନିଶ୍ଚୟ ବସନ୍ତ ଆସିଲାଣି ! କେତେ ବର୍ଷ ପରେ ସେ ଆଜି ଦେଖିଲା, ବସନ୍ତର ଆଗମନରେ ପୀତ ଗଛଗୁଡ଼ିକ ଏତେ ଉଦ୍ଗମ ଓ ଆନନ୍ଦ-ମୁଖର ହୋଇ ପଡ଼ିଛନ୍ତି !

ସେ ଗୋଟାଏ ଗଭୀର ଦୀର୍ଘ ନିଶ୍ୱାସ ନେଲା, ଏବଂ ପ୍ରାନ୍ତରର ନିର୍ମଳ ଓ ମିଠା ପବନ ଗ୍ରହଣର ଅଭିନବ ଅନୁଭୂତି ତାକୁ ପ୍ରାୟ ମତମତ୍ତ କରି ପକାଇଲା । ତାର ନୟନ-ଯୁଗଳ ଲୋତକରେ ପୂର୍ଣ୍ଣ ହୋଇଗଲା । ତାର ମନେ ହେଲା, ତାକୁ ଟିକିଏ ଦୟା ଦେଖାଇବା ପାଇଁ ନିର୍ମମ ଭାଗ୍ୟ ଏହି ଅପରୂପ ଦୃଶ୍ୟଟି ତା ଆଗରେ ବୋଧହୁଏ ଖୋଲି ଧରିଛି । ଏକ ଅଚିନ୍ତନୀୟ ଆନନ୍ଦରେ ତାର ଅନ୍ତର ପରିପୂର୍ଣ୍ଣ ହୋଇଗଲା । ବର୍ତ୍ତମାନ ଏହି ଦୁଃଖ-ଦୁର୍ଭର ଦିନଗୁଡ଼ିକ ଦୂରକୁ ହଟାଇ ଦେଇ, କୌଣସି ଅଜଣା ପଥ ଧରି, ସେ ବହୁ ଦିନ ତଳର ସେହି ହେଇଯାଇଥିବା ଶୈଶବ ନିକଟକୁ, ନିଜ ଗ୍ରାମର କୋମଳ ସ୍ମୃତି ନିକଟକୁ ଫେରିଗଲା । ସେତେବେଳେ ସେ ତାର ଅତୀତ ଓ ବର୍ତ୍ତମାନର ସବୁ ଦୁର୍ଭାଗ୍ୟ କଥା ପାଶୋରି ପକାଇଲା— ଏତେ ମାରାତ୍ମକ ରୋଗଗ୍ରସ୍ତ ନିଜର ପୁଅକୁ, ତାର କଳଙ୍କିତା ଚରିତ୍ରହୀନା ସ୍ତ୍ରୀଟାକୁ, ତାକୁ ଅଶାନ୍ତି ପ୍ରଦାନକାରୀ ପୁରୋହିତଙ୍କୁ ବି । ଯଦିଓ ଜଲଫିନୋ ନିଶ୍ଚୟ ବଞ୍ଚିବ ନାହିଁ, ତଥାପି ତାକୁ ରୋଗମୁକ୍ତ କରିବା ଆଶାରେ, ସେ ଯେ ନିଜର ସାମାନ୍ୟ ଆୟ ତୁଳନାରେ ଅତିରିକ୍ତ ବ୍ୟୟ କରୁଛି, ଏବଂ ତାର ଏହି ଦୁଃଖମୟ ସ୍ୱତନ୍ତ୍ର ଅସ୍ତିତ୍ୱ ଓ ଜୀବନର ଏହି ଦୁର୍ବହ ବୋଝ— କିଛି ଆଉ ତାର ମନେ ରହିଲା ନାହିଁ । ତାର ଅନ୍ତର ଭିତରଟି ଅବଶ୍ୟ ଅନ୍ଧକାର, କିନ୍ତୁ ବାହାରେ ଥିଲା ସବୁଜ ପ୍ରାନ୍ତର, ସୁନୀଳ ଆକାଶ ଓ ବସନ୍ତ ଋତୁର ନିଶ୍ୱାସ ପରି ସୁକୋମଳ ସତେଜ ପବନ । ବିମୁଗ୍ଧ ହୋଇ ସେ ସେହି ଦୃଶ୍ୟ ଉପଭୋଗ କରିବାକୁ ଲାଗିଲା ।

ହଁ, ପ୍ରକୃତରେ ଜୀବନ ମଧୁମୟ ହୋଇ ପାରିବ, କିନ୍ତୁ ଆଉ କେଉଁଠି ନୁହେଁ, କେବଳ ସବୁଜିମା ପରିବେଷ୍ଟିତ ସେହି ଉନ୍ମୁକ୍ତ ପ୍ରାନ୍ତରରେ । ସହରର ସରୁ ଗଳି ଭିତରେ ତାକୁ ନିର୍ଯାତିତ କରିବା

ପାଇଁ ସୁଯୋଗ ହିଂସ୍ରଅ ଯେପରି ପ୍ରକାର, ଏହି ପ୍ରାନ୍ତର ଭିତରେ ଅବଶ୍ୟ ତାହା ଖୋଜି ପାରିବ ନାହିଁ । ସେ ତା ମନ ଭିତରେ ସେହି ନିର୍ଯାତନାର ଗୋଟିଏ ପ୍ରକୃତ ପ୍ରତିମୂର୍ତ୍ତି ପ୍ରାୟ ଗଢ଼ି ପକାଇଲା ଏବଂ ଭାବିବାକୁ ଲାଗିଲା, ଯେପରି ସେହି ମୂର୍ତ୍ତିଟି ବାସ୍ତବିକ ତା ପଛେ ପଛେ ଗୋଡ଼ାଉଛି— ଗୋଟାଏ ବିଭତ୍ସ ଛାୟା ମୂର୍ତ୍ତି । ତାର ଉପସ୍ଥିତି ତାକୁ ଟିକିଏ ଠିଆ ହେବା ପାଇଁ ବି ଅବକାଶ ଦେଉ ନାହିଁ, ମାଡ଼ ଈଶାଙ୍କା ତଳେ ତାକୁ ଚାପି ରଖୁଛି । ଯେଉଁ ମୂର୍ତ୍ତିଟି ତା ପଛେ ପଛେ ଗୋଡ଼ାଉଥିଲା, ସେ ହେଉଛି ତାର ସ୍ତ୍ରୀର ।

ଏହି ମନୋରମ ଦୃଶ୍ୟକୁ ଢାଙ୍କି ଦେବା ପାଇଁ ଯେଉଁ ଛବିଟି ସହସା ତା ଆଗରେ ଉଭା ହୋଇଗଲା ସେ ତାକୁ ତୁରନ୍ତ ଦୂର କରି ଦେଲା । ବର୍ତ୍ତମାନ ସେ ଅଳ୍ପ ଥରେ ବାହ୍ୟ ସୃଷ୍ଟିକୁ ଦେଖିବାକୁ ଲାଗିଲା । ଦେଖ ! ଆଲ୍‌ବାନ ପାହାଡ଼ ମାଳା ଦିଶୁଛି । କେହି ଯେପରି ତାକୁ ଆକାଶ ଉପରକୁ ଟେକି ଧରିଛି— ସେଗୁଡ଼ିକ ଏତେ ହାଲୁକା ଦିଶୁଛନ୍ତି ଯେ କଠିନ ପଥରର ଗଠନ ବୋଲି କେହି ସେଗୁଡ଼ିକୁ ଜାଣି ପାରିବ ନାହିଁ । ଏହି ଯେଉଁ ମଧ୍ୟେ କେଉଁ ଦୂରାଗତ ତାର ଟେମ୍ପଲ ଓ ସୀଡର ମାଳା ପରିଧାନ କରି ଯେ ବସି ରହିଛି, ଆଉ ତାର ଉପରେ ଅଧା-ବାଟରେ, ଗୋଟିଏ ବର୍ଦ୍ଧମାନ ଗଛର ବଣ ଭିତରେ ପୁରାତନ ଆଶ୍ରମଟିଏ ଠିଆ ହୋଇଛି । ଆଉ ଟିକିଏ ଦୂରରେ, ପ୍ରାସାଦଟି— ଆଲୋକୋଜ୍ଜ୍ୱଳ ପ୍ରାସାଦଟି । ରେଲଗାଡ଼ିର ଶବ୍ଦରେ ଚମକି ପଡ଼ି, ପକ୍ଷୀଏ ଘରଚଟିଆ ଉଡ଼ିଗଲେ, ଆଉ ତାଙ୍କ ମଥା ଉପରେ ହେର୍ ଭିତରେ ଗୋଟାଏ ଶଲ୍ ଉଜ୍ଜ୍ୱଳ ପକ୍ଷ ବିସ୍ତାରି ଜଳ ଉଡ଼ୁଥିଲା । ଶଲ୍ ଆଡ଼କୁ ଅନାଇ ଦେବାକ୍ଷୁ ଏତେ ଦିନ ପରେ ଲାଟିନ ବ୍ୟାକରଣର ପ୍ରଥମ ଧାଡ଼ିଟି ଅଧ୍ୟାପକର ମନେ ପଡ଼ିଗଲା— କେତେ ବର୍ଷ ତଳେ ସେ ବ୍ୟାକରଣ ପଢ଼ାଉଥିଲା ! ହଁ, ଶେଯ୍ୟା ତ । ସେ ମଥା ହଲାଇଲା ।

ହଁ, ତାର ପ୍ରାୟ ମନେ ହେଉଛି ଯେମିତି ଶିକ୍ଷକ ଜୀବନର ପ୍ରଥମ କେତୋଟି ବର୍ଷ ତ ତାର ଖୁବ୍ ଭଲରେ କଟିଥିଲା, କିନ୍ତୁ ତା ସାଙ୍ଗରେ ଘର ବାନ୍ଧିବାର ଠିକ୍ ପୂର୍ବରୁ···

'ବେଶ୍ ଭଲ !' ସେ ଗୋଟାଏ ଦୀର୍ଘଶ୍ୱାସ ଛାଡି ଅସ୍ପଷ୍ଟ କଣ୍ଠରେ କହିଲା, କାରଣ ପୁଣି ତାର ମନ ଖରାପ ହୋଇଯାଇଥିଲା ।

ତାର ବିଷାଦ ମାନସିକ ଅବସ୍ଥା ବେଶୀ ବେଳ ରହିଲା ନାହିଁ— କଲକତା ଷ୍ଟେସନ ଛାଡି ଯିବା ପରେ ସେ ବୁଝି ପାରିଲା ଯେ ସେ ସମୁଦ୍ର ପାଖରେ ଆସି ପହଞ୍ଚି ଗଲାଣି । ମନରେ ଏହି ଚିନ୍ତା ପଶିବା ମାତ୍ରେ ତାର ଅନ୍ତର ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଲା । ସେ ବ୍ୟଗ୍ର ମନରେ ଅପେକ୍ଷା କରି ରହିଲା— ଯେ କୌଣସି ମୁହୂର୍ତ୍ତରେ ସେହି ଅନନ୍ତ ସୌନ୍ଦର୍ଯ୍ୟର ନୀଳିମା ତା ଆଖି ଆଗରେ ଭାସି ଉଠିବ ! ଆଃ ! ସମୁଦ୍ର, ତାର ପ୍ରିୟ ସମୁଦ୍ର—ସେ କେବେ ସମୁଦ୍ର ଦେଖିଥିଲା, ଏହା ଭିତରେ କେତେ ବର୍ଷ ଗଡ଼ି ଗଲାଣି ! ତାକୁ ଆଉ ଥରେ ଦେଖିବା ଲାଗି ତା ମନ ଭିତରେ କି ଅତୁଳ ଆଗ୍ରହ ନ ଥିଲା ! ହଁ, ଓହିର ତ' ! ସେଇତ ଦେଖା ଯାଉଛି ! ଅଧୀରବ ଏତେ ଉତ୍ତେଜିତ ହୋଇ ପଡ଼ିଲା ଯେ -ସେ ଠିଆ ହୋଇପଡ଼ି ଝରକା ବାଟେ ତା ମଥା ବାହାରକୁ କାଢିଦେଲା ଏବଂ ଏମିତି ଅସୀମ ଆଗ୍ରହ ଓ ଆନନ୍ଦରେ ସମୁଦ୍ରର ଲବଣାକ୍ତ ବାୟୁ ପିଇ ଯିବାକୁ ଲାଗିଲା ଯେ ସଙ୍ଗେ ସଙ୍ଗେ ତାର ମଥା ବୁଲାଇ ଦେଲା । ତହୁଁ ସେ ଆସନରେ ବସି ପଡ଼ି ନିଜ ହାତରେ ତା' ଆଖି ଘୋଡ଼ାଇ ପକାଇଲା ।

ରେଲଗାଡ଼ି କିଛି ସମୟ ଆନନ୍ଦପୁରରେ ରହିଲା । ସେହି ସୁନ୍ଦର ଛୋଟ ସହରଟିକୁ ସେ ଆଗରୁ କେବେ ଦେଖି ନ ଥିଲା । ଷ୍ଟେସନରୁ ସହରର ଯାହା କିଛି ଦେଖା ଯାଉଥିଲା, ସେସବୁ ଦେଖି ସେ ସମୟ କଟାଇଲା । ଟିକିଏ ପରେ ନେହୁନୋରେ ସେ ଗାଡ଼ିରୁ ଓହ୍ଲାଇଲା—

ପ୍ରଥମେ ସମୁଦ୍ର ଦେଖି, ସେ ପ୍ରାଣ ଭରି ଯେଉଁ ଗମ୍ଭୀର ନିଶ୍ୱାସ ଗ୍ରହଣ କରିଥିଲା, ତାର ତନ୍ଦ୍ରାରେ ତେବେ ସୁଦ୍ଧା ସେ ଆକ୍ରାନ୍ତ ଓ ବିଚଳିତ ହୋଇ ରହିଥିଲା— ଅନେକ ବର୍ଷ ହେଲା ସେ ଏପରି ଗମ୍ଭୀର ଭାବରେ କେବେ ନିଶ୍ୱାସ ଗ୍ରହଣ କରି ନ ଥିଲା ।

ଶିକ୍ଷା ଅଫିସର ନକଲନବିସ୍‌ମାନେ ଏହି ସହରଟି ସମ୍ବନ୍ଧରେ ତାକୁ ଅନେକ ଖବର ଦେଇଥିଲେ । ସହରର ସବୁ ଠାରୁ ବଡ଼ ବଜାରକୁ ଯାଇ ସେ ଅନୁସନ୍ଧାନ କଲା, କେଉଁଠି ସମୁଦ୍ର-କୂଳରେ କମ ଭଡ଼ାରେ ଗୋଟିଏ ଫ୍ଲାଟ ଘର ମିଳିବ । ବଜାର ତଳେ, ଡାହାଣ ଦିଗକୁ, ଗୋଟିଏ ଫ୍ଲାଟ ଘର, ଏକବାରେ ସମୁଦ୍ର-କୂଳରେ— ପ୍ରକୃତରେ ଭଡ଼ାଟା ତା ପକ୍ଷରେ ଟିକିଏ ବେଶୀ ହେଲେ କଣ ହେବ, କୌଣସି ପ୍ରକାରେ ସେ ଉପସ୍ଥିତରେ ଚଳାଇ ନେଇ ପାରିବ । ଅଧ୍ୟାପକ ଏହି ଘରଟି ଭଡ଼ା ନେବାକୁ ସ୍ଥିର କଲା । ବଜାରଟା ଘରର ପଛପଟେ ପଡ଼ି ରହିଲା, ଆଉ ଏଣେ ସାମନାରେ ଦଳ ଦଳ ହୋଇ ଯେଉଁ ପିପାସ୍ନାୟୀମାନେ ଷ୍ଟାର୍ଟ ପ୍ରାକ୍‌ଟିସ କରିବାକୁ ଆସନ୍ତି ସେମାନଙ୍କର ବାଗ୍‌ବୁଡ଼ାକ । ତାର ସାମନା ଝରକାଟା ପ୍ରାୟ ଭୂଇଁ ସାଙ୍ଗରେ ଲାଗିଛି, ଆଉ ଦକ୍ଷିଣେ ସମୁଦ୍ର ଆଡ଼କୁ ଥିବା ପଛ ଝରକାଟା ପ୍ରାୟ ଦୋତାଲା ଉଚ୍ଚ ହେବ । ଝରକା ବାଟେ ବାହାରକୁ ଅନାଇଲେ, ମନେ ହେଉଛି ଯେମିତି ସମୁଦ୍ରଟା ସେ କୌଣସି ମୁହୂର୍ତ୍ତରେ ଘର ଭିତରକୁ ପଶି ଆସିବ— ଖାଲି ସମୁଦ୍ର ଛଡ଼ା ଆଉ କିଛି ଦେଖାଯାଏ ନାହିଁ । ଘର-ମାଲିକ ପାଖରେ ଭଡ଼ା ଜମା ଦେଇ ଅଧ୍ୟାପକ ତାକୁ କହିଲା ଯେ ସେ କାଲି ଠାରୁ ଆସି ରହିବ । ତା ପରେ ସେ ସମୁଦ୍ର-କୂଳ ଆଡ଼କୁ ଚାଲିଗଲା ।

ତା ଘରର ପଶ୍ଚିମ ଦିଗକୁ ମୁହଁ କରି, ଷୋଡ଼ଶ ଶତାବ୍ଦୀରେ ନିର୍ମିତ ବିରାଟ ପ୍ରାଚୀନ ଦୁର୍ଗ ଠିଆ ହୋଇଛି । ସମୟର ଗତି ସଙ୍ଗେ

ତାଲ ଦେଲ ତାର ବାନ୍ଧୁସ୍ଥାନ ଅବଶ୍ୟ ଜଳା ସନ୍ତ ଗଲାଣି— ଓସବୁସ୍ଥାନ ଠିକ୍ ସମୁଦ୍ରର ଧାରରୁ ଗାନ୍ଧୁଲ ମହାଇଛୁ । ଦୁର୍ଗ ତଳେ ଯେଉଁଠି ସମୁଦ୍ରର ଢେଉ ଆସି ମଥା ପିଟୁଛି, ସେ ଓସବୁ ପାହାଡ଼ ଉପରକୁ ଚଢ଼ିଯାଇ ପ୍ରାୟ ଘଣ୍ଟାଏ କାଳ ବସି ଅପୂର୍ବ ଆନନ୍ଦ ଉପଭୋଗ କରିବାକୁ ଲାଗିଲା । ଦୂରରେ, ସେ ମଞ୍ଚୋ ଶରଚେଲୋର ଅନ୍ତରୀପ ଦେଖି ପାରିଲା— ମନେ ହେଉଛି, ଯେମିତ ନୀଳ ସମୁଦ୍ର ଭିତରୁ ଗୋଟିଏ ସ୍ୱର୍ଗୀୟ ମନୋରମ ଦ୍ୱୀପ ଉପରକୁ ମୁଣ୍ଡ ଟେକିଛି । ଆଉ ଟିକିଏ ଦୂରକୁ, ସମୁଦ୍ର କୂଳେ କୂଳେ ଆଖି ଗଲେ, ସୁଷ ଦୁର୍ଗ ଦେଖାଯାଏ । ତାର ଆଉ ଟିକିଏ ଡାହାଣ ବାଗକୁ, ଜାହାଜ-ପରିପୂର୍ଣ୍ଣ ଓ କୋଇଲା-ଧୂଆଁ-ଅଚ୍ଛନ୍ନ ଆନସ୍ପର୍ଗ ବନ୍ଦର, ଏବଂ ତା ପରେ ଅନନ୍ତ ଜଳରାଶି ସୂର୍ଯ୍ୟାଲୋକରେ ଝଟକୁଛି— ଏତେ ଶାନ୍ତ ଓ ନୀରବ ଯେ ଗୋଟାଏ ଲହଡ଼ି ହେଲେ ବି ତୀରରେ ଆସି ଭାଙ୍ଗୁନାହିଁ । ଶେଷରେ ଅନେକ କଷ୍ଟରେ ସେ ଏହି ଅପରୂପ ଦୃଶ୍ୟଠାରୁ ନିଜକୁ ବିଚ୍ଛିନ୍ନ କରିନେଲା ଏବଂ ଭୋଜନ କରିବା ପାଇଁ ଚାଲିଗଲା । ଅପରାହ୍ଣରେ ପାଞ୍ଚଟା ଆଗରୁ ଘରକୁ ଫେରିଯିବା ପାଇଁ ଆଉ କୌଣସି ଗାଡ଼ି ନ ଥିଲା । ତେଣୁ ଏହି ତିନୋଟି ଘଣ୍ଟା ସମୟ କଟାଇବା ଲାଗି ସେ ଆନସ୍ପର୍ଗ ଓ କେନ୍ଦ୍ରେ ମଝିରେ ଥିବା ବର୍ଗେସର ରମଣୀୟ ଉଦ୍ୟାନରେ ବୁଲି ଆସିବ ବୋଲି ସ୍ଥିର କଲା ।

ଏକ ବାଗରେ ସବୁଜ ବନ ଓ ପ୍ରାନ୍ତର, ଆଉ ଅନ୍ୟ ବାଗରେ ପର୍ବତ ପାଦ ତଳେ ସମୁଦ୍ର— ସେହି ସ୍ୱର୍ଣ୍ଣ-ରଞ୍ଜିତ ଦ୍ୱିପ୍ରହରରେ ସେଠାରେ ବିଚରଣ କରୁଁ କରୁଁ ସେ ନିଜକୁ ଅତ୍ୟନ୍ତ ସୁଖୀ ମନେ କଲା । ତା ଜୀବନରେ ଏପରି ଆନନ୍ଦମୟ ଦିନଟିଏ ଆଉ କେବେ ଆସିଛି ବୋଲି ତାର ଖିଆଲ ହେଲା ନାହିଁ । ଉଦ୍ୟାନର ପ୍ରବେଶ ଦ୍ୱାର ଖୋଲା ଥିଲା । ଆନନ୍ଦିତ ହୋଇ, ସେ ତା ଭିତରେ ବୁଲିବାକୁ

ଲାଗିଲା, ଏବଂ ଗୋଟାଏ ଉଠାଣି ରାସ୍ତା ଧରି ହାଲ୍କ ଉପରକୁ ଉଠିବାକୁ ଯାଉଛି, ଗୋଟାଏ ଶବ୍ଦ ଆସି ତା କାନରେ ବାଜିଲା :

'ଏଇଟି, ଠିଆ ହୁଅନ୍ତୁ ! ଆପଣଙ୍କୁ ଟିକଟ କରିବାକୁ ପଡ଼ିବ··· ଟିକଟର ଦାମ ପାଞ୍ଚ ସଲ୍‌ଡ ।'

ପଛକୁ ବୁଲି ପଡ଼ି ସେ ଦେଖିଲା, ଜଣେ ବାମନ ତା ଆଡ଼କୁ ଧାଇଁ ଆସୁଛି । ସେହି ସ୍ତ୍ରୀଲୋକଟି ଉଦ୍ୟାନର ଦୁଆରରେ ପହରା ଦିଏ । ତାର ଇଚ୍ଛା ଥିଲା ଯେ ସେ ଅବଦୌ ବାଜେ ଖରଚ କରିବ ନାହିଁ, ମାତ୍ର ପ୍ରଫୁଲ୍ଲ ଚିତ୍ତରେ ସେ ଏତିକ ପଇସା ତାକୁ ଦେଇ ଦେଲା ; ଏବଂ ତା ପରେ ବନ-ଲତା-ବେଷ୍ଟିତ ସୁଡ଼ଙ୍ଗ ଭଳି ନିର୍ଜନ ରାସ୍ତାରେ ବିଚରଣ କରିବାକୁ ଲାଗିଲା । ତାର ମନେ ହେଲା ଯେମିତି ସେ ଏଠାରେ ସ୍ୱପ୍ନରେ ବିଚରଣ କରୁଛି । ସେହି ବିଶାଳ ଗଛଗୁଡ଼ିକ ସ୍ୱପ୍ନ-ଜଗତର ବୋଲି ତାକୁ ବୋଧ ହେଲା । ସେଗୁଡ଼ିକ ମୌନ ଧ୍ୟାନମଗ୍ନ ଅବସ୍ଥାରେ ଠିଆ ହୋଇଥିଲେ । ପକ୍ଷୀର କୂଜନରେ ସେହି ନୀରବତା ଭାଙ୍ଗି ନ ଯାଇ ବରଂ ରହସ୍ୟ ବୃଦ୍ଧି କରୁଥିଲା । ସେ ଅନେକ ଲୋକଙ୍କ ଠାରୁ ଶୁଣିଥିଲା ଯେ ଉଦ୍ୟାନର ଯେଉଁ ସ୍ଥାନରେ ଲୋକଙ୍କର ଚଳଚଳ କମ୍ ସେଠାରେ ନାଇଟିଙ୍ଗେଲ ଚଢ଼େଇ ଦେଖାଯାନ୍ତି । କାନ ଡେରି ସେ ଶୁଣିଲା, ଯେମିତି ଦୂରରେ ଗୋଟାଏ ସେହି ଚଢ଼େଇ ଡାକୁଛି । ସେହି ଶବ୍ଦକୁ ଅନୁସରଣ କରି କରି, କ୍ରମେ କ୍ରମେ ବଣ ଭିତରେ ପ୍ରବେଶ କରିବାକୁ ଲାଗିଲା, ଏବଂ ଦୀର୍ଘ ଭ୍ରମଣ ପରେ ସେ ଗୋଟାଏ ସୁନ୍ଦର ପାଇନ ବଣରେ ଆସି ପହଞ୍ଚିଗଲା । ଗଛର ଲମ୍ବ ଲମ୍ବ ସିଧା ଗଣ୍ଡିଗୁଡ଼ାକ ଯେମିତି ଗୋଟାଏ ପ୍ରକାଣ୍ଡ ଗୀର୍ଜାର ବଡ଼ ବଡ଼ ସ୍ତମ୍ଭ ଭଳି ଦିଶୁଥିଲେ । ଖୁବ୍ ଉଚ୍ଚରେ ଗଛର ପତ୍ରସବୁ ଏମିତି ସୁନ୍ଦର ଭାବରେ ଛନ୍ଦାଛନ୍ଦି ହୋଇ ଯାଇଥାନ୍ତି ଯେ ଫଳ ଆକାଶର ତିଳେ ମାତ୍ର ଅଂଶ ଦିଶୁ ନ ଥାଏ । ନିଜର ଏତ

ଅପରୂପ ବାତାବରଣ ଧରି ସେଥିରୁ ପାଇନ ବଣଟି ଠିଆ ହୋଇଥିଲା— ଗୀର୍ଜାର ଶୀତଳ ଓ ଅନ୍ଧକାର ଅଭ୍ୟନ୍ତରରେ ଯେଉଁ ଅଦ୍ଭୁତ ତାମ୍ର ମିଶ୍ରିତ ସୁଗନ୍ଧର ଆଘ୍ରାଣ ମିଳେ, ଏଠାରେ ବି ତାହାରି ଆଭାସ ମିଳୁଥିଲା ।

ଅଧ୍ୟାପକ ଅଭି ଗୁଳି ପାରିଲେ ନାହିଁ । ମଥାରୁ ଟୋପିଟା କାଢ଼ି ଦେଇ ସେ ବସି ପଡ଼ିଲେ, ଏବଂ ତା ପରେ ଲମ୍ବ ହୋଇପାଇ ଶୋଇବାକୁ ଲାଗିଲେ ।

ବହୁ ବର୍ଷ ହେଲା, ଗୋଟି ଗୋଟି ହୋଇ ବହୁତ ଦୁର୍ଭାଗ୍ୟର ବୋଝ ତା ମନର ଗୂଢ଼ପଟେ ଅନ୍ତସ୍ଥାନ ଦୁଃଖର ଗୋଟାଏ ଘନ ଆବରଣ ରଚନା କରିଥିଲା । ଦୈନନ୍ଦିନ ଜୀବନର ଦୁଶ୍ଚିନ୍ତାରେ ପୀଡ଼ିତ ହୋଇ, ତାର ମନ ସାଂସାରିକ ଚିନ୍ତା ଭିତରୁ ବାହାରି ପାରି ନ ଥିଲା । ଯୌବନାବସ୍ଥାରେ ତାର ମନ ସାଟେନାର ଅନୁଷ୍ଠାନକୁ ଗ୍ରହଣ କରିଥିଲେ କଣ ହେବ, ତା ପରେ ସେ ସାମୟିକ ପାଗଳ ହୋଇଗଲା ଏବଂ ତାର ଧର୍ମବିଶ୍ୱାସ ଏକବାରେ ତୁଟିଗଲା । କିନ୍ତୁ ସେହି ଦିନ ତାର ଭାଗ୍ୟ ସହିତ ସନ୍ଧି ହେଲା ଏବଂ ଜୀବନ ଯେ ପ୍ରକୃତରେ ଏକ ଉପଭୋଗ୍ୟ ବସ୍ତୁ ଏହି ପରମ ସତ୍ୟର ଅସ୍ପଷ୍ଟ ଆଭାସ ସେ ସେହି ଦିନ ପାଇଲା । ଅସ୍ପଷ୍ଟ ଭାବରେ ସେ ଖାଲି ସତ୍ୟକୁ ଦେଖି ପାରିଥିଲେ, କାରଣ ଭାବି ନ ହୋଇଥିଲେ, ଏତେ ଦିନ ହେଲା ଯେଉଁ ଦୁର୍ବିସହ ଚିନ୍ତାରେ ସେ ଲିପ୍ତ ହୋଇ ଥିଲା, ସେହି ଚିନ୍ତାର ଶେଷରେ ଅନେକର ସନ୍ଧାନରେ ସେ ଏପରି ଭୋକାଙ୍କ ପରି ବା ଆଖିଙ୍କ ଦୌଡ଼ିବାକୁ ଲାଗିବ ! ଜୀବନରେ କେବେହେଲେ ସେ ଈଶ୍ୱରଙ୍କ ଦ୍ୱାରା କୌଣସି ହିତ ଲଭିନାହିଁ— ଅନ୍ୟ ପକ୍ଷରେ, ବରଂ ସେ ତାର ସାଧ ଅନୁଯାୟୀ ଲୋକଙ୍କର ଉପକାର କରି ଆସିଛି । ତଥାପି ଭାଗ୍ୟ କାହିଁକି ତାର ଉଣା ଖାଲିକରି ସବୁ ଶର ଏକା ତାକୁ ଲକ୍ଷ୍ୟ କରି ନିକ୍ଷେପ କରୁଛି : ଏହି କଥାଟି ସେ ଗଭୀର ଭାବରେ ଚିନ୍ତା କରିବାକୁ ଲାଗିଲା । ସୁଖୋଦ୍ଭବ ହେବାର

ବାସନା ତ୍ୟାଗ କରିବାକୁ ସେ ଠିକ୍ କରିଥିଲା, କାରଣ ଗୀର୍ଜାର ପୁରୋହିତମାନଙ୍କ ମତ ସହିତ ତାର ବିଶ୍ବାସଗୁଡ଼ିକର ତିଳେ ହେଲେ ମେଳ ନ ଥିଲା । ଗୋଟିଏ ଅନାଥ ବାଳକକୁ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ତାକୁ ବିବାହ କରି ସେ ତ କିଛି ଅନ୍ୟାୟ କରି ନ ଥିଲା— ଆଉ ବାଳକଟିର ଇଚ୍ଛା ଅନୁଯାୟୀ ସେ ତାକୁ ବାଛି ନେଲା । ମାତ୍ର ସେ ତ ଖୋଲା ମନରେ, କୌଣସି ପ୍ରକାର ସନ୍ଦେହର ଅବକାଶ ନ ରଖି, ବିବାହ ନ କରି ସୁଦ୍ଧା ତାକୁ ଆଶ୍ରୟ ଦେବାକୁ ଚାହିଁଥିଲା । ଆଉ ବର୍ତ୍ତମାନ, ସେହି ସ୍ତ୍ରୀହିଁ ତାହା ସହିତ ନିଷ୍ଠୁର ଭାବରେ ପ୍ରବଞ୍ଚନା କରି ତାକୁ ଛାଡ଼ି ପଳାଇଗଲା ଏବଂ ତଦ୍ଦ୍ୱାରା ତାର ଜୀବନକୁ ସମୂଳେ ନଷ୍ଟ କରି ଦେଲା । ବର୍ତ୍ତମାନ ସେ ସ୍ପଷ୍ଟ ଭାବରେ ବୁଝି ପାରିଲା ଯେ ତାର ଏକମାତ୍ର ସାନ୍ତ୍ୱନା — ଯେତେ ସାମାନ୍ୟ ହେଉ ପଛକେ — ହେଉଛି, ନିଜର ପୁଅଟିକୁ ଆଖି ଆଗରେ ତିଳେ ତିଳେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବାର ଦେଖି ଖାଲି ବସି ରହିବା । କାହିଁକି ଏହି ବିପର୍ଯ୍ୟୟ ମଣିଷ ଜୀବନରେ ବା ଆସେ ? ସେଟା କଣ ଭଗବାନଙ୍କର ଦାନ ? ନା, ଭଗବାନଙ୍କର ଇଚ୍ଛା କଦାପି ଏପରି ହୋଇ ନ ପାରେ । ଯଦି ଭଗବାନ ବିରାଜମାନ ଥାଆନ୍ତି, ତାହାହେଲେ ସେ ସବୁ ଲୋକଙ୍କ ପ୍ରତି ନିଶ୍ଚୟ ସଦୟ ହେବେ । ଭଗବାନଙ୍କର ଅସ୍ତିତ୍ୱରେ ବିଶ୍ୱାସ କରିବା ଅର୍ଥ ତାଙ୍କୁ ଅପମାନ ଦେବା । ତାହାହେଲେ ସେ ବା କିଏ ? ପୃଥିବୀକୁ କିଏ ବା ଶାସନ କରୁଛି ? କାହାର ହାତ ମୁଠାରେ ଅସହାୟ ଲୋକମାନଙ୍କର ଜୀବନ ନିହିତ ଅଛି ?

ଗୋଟାଏ ପାଇନ-ଫଳ... ସତରେ କଣ ଏଟା ଗୋଟାଏ ପାଇନ-ଫଳ ? ହଁ, ଗୋଟାଏ ବଡ଼ ପାଇନ-ଫଳ ସତକୁ ସତ ଏତିକି ବେଳେ ଗଛର ଡାଳରୁ ଖସି ପଡ଼ିଲା ଏବଂ ଅଧ୍ୟାପକର ମଥାରେ ପଡ଼ି ତାର ସବୁ ପ୍ରଶ୍ନର ଜବାବ ଦେଇଦେଲା ।

ବଜ୍ରଘାତରେ ମଣିଷ ଯେମିତ ସ୍ତମ୍ଭୀତ ହୋଇଯାଏ, ଶରତ୍ ଅଧ୍ୟାପକ ତେବେ ଠିକ୍ ସେମିତି ଅଚେତନ ହୋଇ ପଡ଼ି ରହିଲା। ଚେତନା ଲାଭ କରି ସେ ଦେଖିଲା, ରକ୍ତରେ ସେ ଜୁଡୁବୁଡୁ ହୋଇ ଯାଇଛି । ତାର ମୁଣ୍ଡ ଉପରୁ ସିଧା ଡାଳଣ କାନର ପଛ ଯାଏ ଗୋଟାଏ ଲମ୍ବ କ୍ଷତ ହୋଇ ଯାଇଛି ଏବଂ ସେଥିରୁ ପ୍ରଚୁର ରକ୍ତ ବହୁଛି । ଦୁର୍ବଳ ମସ୍ତିଷ୍କରେ, ଖୁବ୍ କଷ୍ଟରେ ସେ ଉଠି ଠିଆ ହେଲା ଏବଂ ତା ପରେ ଧୀରେ ଧୀରେ ଉଦ୍ୟାନର ଫାଟକରେ ଆସି ପହଞ୍ଚିଲା । ଫାଟକ ପାଖରେ ଥିବା ଝରୁଆଳି ସେହି ବମନ ସ୍ତ୍ରୀ ଲୋକଟି ଯେମିତ ତାର ରକ୍ତାକ୍ତ ମୁଖରେ ତାକୁ ଫେର୍ ଆସିବାର ଦେଖିଲା, ସେ ଭୟରେ ଚିତ୍କାର କରି କହି ପକାଇଲା:

'ଯୀଶୁ ! ତୁମର କଣ ହେଲା ?'

ସେ ତାର କମ୍ପିତ ହାତଟି ଉଠାଇଲା ଏବଂ ବ୍ୟଥା କମ୍ପା ଆନନ୍ଦପୂର୍ଣ୍ଣ ହସରେ ମୁହଁଟା ଟିକିଏ ବଙ୍କାଇ, ଖିନ୍ନ ମାର ଯାଉଥିବା କଣ୍ଠରେ ଜବାବ ଦେଲା:

'ସେହି···ସେହି ପ୍ରଭନ-ଫଲ···ଯେଉଁ ଗାଇନ-ଫଲ ପୃଥିବୀକୁ ଶାସନ କରେ··· ତାହାହିଁ ମୋର ଏ ଦଶାର କାରଣ ।'

ସ୍ତ୍ରୀ ଲୋକଟି ତାକୁ ଗୋଟାଏ ପାଗଳ ବୋଲି ଧରି ନେଲା । ନିକଟବର୍ତ୍ତୀ ଗୋଶାଳାରୁ ଜଣେ ଗଉଡ଼କୁ ଡାକି ଆଣିବା ପାଇଁ ସେ ଦଉଡ଼ିଗଲା । ତା ପରେ ଉଦ୍ୟାନର ଫାଟକ ନିକଟରେ, ଯେଉଁ କୁଲିମାନେ ରେଲ୍ ଲାଇନ ମରାମତି କରୁଥିଲେ, ସେମାନଙ୍କ ଭିତରୁ ଜଣଙ୍କୁ ଡାକି ଆଣି, ଦୁହେଁ ମିଳି ଆହତ ଲୋକଟିକୁ ତୁରନ୍ତ ନିକଟସ୍ଥ ଆର୍ଚେନିଗୋ ଡାକ୍ତରଖାନାକୁ ନେଇଗଲେ ।

ଡାକ୍ତରଖାନାରେ, ଅଧ୍ୟାପକର ମଥାଟା ପ୍ରଥମେ ହିଅର କରି ଦେଲେ ଏବଂ ତା ପରେ କ୍ଷତ ଟାକେ ପାଞ୍ଚଟା ବଡ଼ ସିଲାଇ କରି ଦେଇ, ପଟି ବାନ୍ଧି ଦିଆଗଲା । ସେ ଟିକିଏ ଉତ୍ତର ହେଉଥିଲା, କାରଣ

ଡେରି ହେଲେ ତାଲେ ସେ ଗାଡ଼ି ଧରି ନ ପାରିବ । ରୋଗୀଙ୍କୁ ଏପରି ରେଳଟ୍ରେନ୍ ଯିବାକୁ ଉଚିତ ବୋଲି ଶୁଣି, ଡାକ୍ତର ଆଉ ଟିକିଏ ଭଲ ବନ୍ଦୋବସ୍ତ କରି ଦେବାକୁ ସ୍ଥିର କଲେ । ତେଣୁ, ପଟି ଛଡ଼ା, ସେ ତା ମଥାରେ ଗୋଟାଏ ପଗଡ଼ି ବାନ୍ଧିଦେଲେ । ଅଧ୍ୟାପକ ଶେଷଯୋଗ୍ୟ ତା ମଥାରେ ଟୋପି ଦେଇ ପାରିଲେ ନାହିଁ । ଯେତେବେଳେ ସବୁ କାମ ସରିଗଲା, ଭଦ୍ରମୋ ଅଣ୍ଟୋନିଓ ଚରିତ୍ର ଅମିତେଜ ତାର ଜାକେଟ କୁ ଟିକିଏ ନୁଆଁଇ ଦେଲେ ଏବଂ ତେବେ ଅନ୍ୟ ଅଟ୍ଟେ ଅଟ୍ଟେ ଲମ୍ବ ଇ ଦେବା ପାଇଁ ଚେଷ୍ଟା କଲେ । ଆଖି ଦୁଇଟା ଅଧେ ବନ୍ଦ କରି ଓ ଦୀର୍ଘଶ୍ୱାସ ପକାଇ, ସେ ଆଉ ଥରେ କହିଲେ:

'ଠେଙ୍କସ୍ ଭଲ !'

—ଗ—

'ପ୍ରିୟ ବସନ୍ତ,

'ମଣିଷ ତାର ପଞ୍ଜିକାରେ ତୁମ ଆଗମନର ଦିବସ ନିର୍ଦ୍ଦେଶ କରି ଦେଇଛି । ଏ ବର୍ଷ, ତୁମେ ଯେ କାହିଁକି ତା ଆଗରୁ ଆସୁଛ, ମୁଁ ତାର କାରଣ କିଛି ବୁଝିପାରୁ ନାହିଁ । ଏଥର ଖୁବ ବେଶୀ ଶୀତ ପଡ଼ି ନାହିଁ । ଗୁଲ୍‌ଚିବା ଆଗରୁ, ଶୀତ ପୃଥିବୀର କିଛି କ୍ଷତି କରି ଯିବ ବୋଲି ମୁଁ ଚାହେଁ । ମୋ ଅଧିକାର ବି ତାର ଅଛି । ଗୋଟାଏ କି ଦୁଇଟା ଗ୍ଲୋଟ ଫୁଲ ଧରି ସେ ଏପରି ଟିକିଏ ବ୍ୟସ୍ତ ଅଛି । ତାର ଇଚ୍ଛା, ଯେତେବେଳେ ଯାଏ ସେ ଏହି ଫୁଲର ବୋଝ ତା କାନ୍ଧରୁ ଖସାଇ ନ ଦେଇଛି, ସେତେବେଳେ ଯାଏ ତୁମେ ଟିକିଏ ସବୁରି ଠିଆ ହେବ । ଯଦି ତାର ଏହି ଅନୁରୋଧ ତୁମ ମନକୁ ନ ପାଏ, ତାହାହେଲେ

ମୁଁ କହୁଥାଏ, ତାର ଭସ୍ମ ହେଉଛି, ତୁମେ ସେତେବେଳେ ଭିକଟୋରିଆସରେ ସହର ଓ ଗ୍ରାମରେ ପ୍ରବେଶ କରିବ ଯଦି ସେତେବେଳେ ବାଟଘାଟସବୁ କର୍ଦ୍ଦମାକ୍ତ ହୋଇଥାଏ, ତାହାହେଲେ ତୁମର ଛୋଟ ଲାଲ ପାଦ ଦୁଇଟି ନିଶ୍ଚୟ ଅପରିଷ୍କାର ହୋଇଯିବ । ବୟସ ହୋଇଯାଇଥିଲେ ବି ଶୀତ ଋତୁ ବୁଢ଼ା ହୋଇ ନାହିଁ । ତେଣୁ ସେ ତୁମକୁ ଜଣାଉଛି ଯେ ତାର ଯୌବନର ତେଜଟା ଖସାଇ ଦେବା ପାଇଁ ତୁମେ ତାକୁ ଅନ୍ତତଃ ଟିକିଏ ସମୟ ଦେବ । ସେ ତୁମ ପାଖରେ ଶପଥ କରୁଛି ଯେ ସେ ପବନକୁ ସ୍ୱ ଶୀତଳତା ଛାଡ଼ି ଦେବ, ଏବଂ ଭୂଇଁରେ ଯେତେ କାଦ ଆଣି ଜମା କରିଛି ନିଜେ ସବୁ ପୋଛିନେବ । ଯଦି ତୁମେ ତାର ଏହି ଅନୁରୋଧଟି ରକ୍ଷା କର, ତାହାହେଲେ ତୁମେ ତ ଖାଲି ତାକୁ ଅଶେଷ ଆନନ୍ଦ ଦେବ ନାହିଁ, ମୋତେ ବି ବହୁତ ଅଧିକ ଦେବ । ଏଠାରେ ମୁଁ ତୁମକୁ କହିପାରେ ଯେ ଜଣେ ଖୁବ୍ ଭଲ ମଣିଷକୁ ମୁଁ ତାର ଜନ୍ମ ପାଖୁ ଆଜି ଯାଏ, ଅତି ଯତ୍ନରେ, ଲାଳନ ପାଳନ କରୁଛି ! ତାକୁ କଷ୍ଟ ଦେଇ, ମୁଁ ଯେ କି ଆନନ୍ଦ ଲାଭ କରୁଛି ତାହା ତୁମକୁ କଣ କହିବି । ଏହି ତ କାଲି, ଗୋଟାଏ ଖୁବ୍ ସୁନ୍ଦର ପାର୍କରେ ପାଇନ ବଣରେ ଶୋଇ ଥିବା, ସେ ତୁମର ପ୍ରଶଂସାରେ ଏକବାରେ ମୁଖର ହୋଇ ଯାଇଥିଲା । ସେତେବେଳ-ବେଳେ ମଜା କରିବା ପାଇଁ ମୁଁ ତା ମଥା ଉପରେ ଗୋଟିଏ ସୁନ୍ଦର ବଡ଼ ଶକ୍ତ ପାଇନ ଫଳ ପକାଇ ଦେଲି । ସେଥିରେ ସେ ମରି ଯାଇ ପାରିଥାନ୍ତା । କିନ୍ତୁ ନା, ମୋର ଉଦ୍ଦେଶ୍ୟ ତ ତାହା ନୁହେଁ । ତୁମେ ତ ଭଲ ଭାବରେ ଜାଣ, ମୋ ପତାକାରେ କ'ଣ ଲେଖା ଅଛି— ଗୋଟିଏ ବିରାଡ଼ି ମୂଷାଟିକୁ ମାରି ନ ପକାଇ ତା ସାଙ୍ଗରେ ଖେଳୁଛି…’

ଅନେକ ଦିନ ତଳେ ଗୋଟିଏ ପୁରୁଣା ବହିରେ ସେ ଯେମିତି ପଢିଥିଲି, ଠିକ୍ ସେହି ଢଙ୍ଗରେ କସମୋ ଅଣ୍ଡ୍ରୋଜିଓ କହିଲେ

ଆମିଦେଇ ଗୋଟିଏ ମର୍ମସ୍ପର୍ଶୀ ନିବେଦନ ଲେଖି ପକାଇଲି । ଭାଗ୍ୟର ନିଷ୍ଠୁରତା ଯେ ତା ପ୍ରତି କି ଦୁଃସହ ତାହା ଦେଖାଇଦେବାହିଁ ତାର ଏ ରଚନାର ଉଦ୍ଦେଶ୍ୟ । ଗତ ପନ୍ଦର ଦିନ ହେଲା ସେ ନିଜ ମନ ଭିତରେ ଏହି କଥାଗୁଡ଼ାକ ଆଲୋଚନା କରୁଥିଲା : ତାର ଦୃଢ଼ ବିଶ୍ୱାସ ଯେ ତାର ଭାଗ୍ୟ ଦେବତା ନିଶ୍ଚୟ ବସନ୍ତ ଦେବୀଙ୍କ ନିକଟରେ ଠିକ୍ ଏହି ପ୍ରକାର ଏକ ଆବେଦନ ପତ୍ର ଦାଖଲ କରିଥିଲେ ଏବଂ ଦେବୀ ମଧ୍ୟ ତତ୍‌କ୍ଷଣାତ୍ ସେହି ପ୍ରାର୍ଥନା ପୂରଣ କରିଥିଲେ । ସେତେବେଳେ ବି ମଥାରେ ପଗଡ଼ି ବାନ୍ଧି, ଅଧ୍ୟାପକ ଡଲଫିନୋର ଶଯ୍ୟାରେ ବସି ରହିଥିଲା । ନେଷ୍ଟୁରୋ ଷ୍ଟେସନରେ ଓହ୍ଲାଇବା ବେଳୁ ପିଲଟାକୁ ଯେ ଜର ଆସିଲା, ଏଯାଏ ତାହା ଛାଡ଼ି ନାହିଁ । ସେଥିରେ ସେ କାହିଲି ହୋଇ ଗଲାଣି । ଆଗରୁ—ସେମନରେ ଥିବା ବେଳେ— ଖାଲି ରାତିରେ ତାକୁ ଜର ଆସୁଥିଲା ।

କିନ୍ତୁ ପବନ, ପବନ, ପବନ ! ଗତ ପନ୍ଦର ଦିନ ହେଲା, କି ଦିନ କି ରାତି, ଝଞ୍ଜାର ପାଇଁ ତାର ବେଗ ଆଦୌ କମିଲା ନାହିଁ । ପର୍ଦ୍ଦାର ସବୁ ସ୍ୱର କମ୍ପାଇ ସେ ସିଟି ମାରୁଥିଲା, ଚିତ୍କାର କରୁଥିଲା ଏବଂ ଗର୍ଜନ ବି କରୁଥିଲା । ସମସ୍ତ ସମୟରେ ଏମିତି ଗୋଟାଏ ଗୋଟାଏ ପ୍ରଚଣ୍ଡ ଦମକା ପବନ ଆସେ ଯେ ମନେ ହୁଏ ଯେମିତି ସେ ଘରଦ୍ୱାରସବୁ ଉଡ଼ାଇ ନେଇଯିବ । ଯାହା ହେଉ, ସେ ଖାଲି ଭୟ ଦେଖାଉଥିଲା— ମାତ୍ର କେତେକ ସ୍ଥାନରେ ପ୍ରକୃତରେ ସେ କେତେ ଛାତ ଉଡ଼ାଇ ନେଲା, କେତେ ଗଛ ଓ ଖାର-ଖୁଣ୍ଟି ଉପାଡ଼ି ପକାଇଲା, ଆଉ କେତେ ଝରକା ଭାଙ୍ଗି ଦେଲା । ସମୁଦ୍ର ବି ପବନ ଆଉ ଗୋଟାଏ ମଜା ଖେଳ ଖେଳିଲା— ବଡ଼ ବଡ଼ ଢେଉଗୁଡ଼ାକ ସୁଦ୍ଧା ଗଡ଼ି ଗଡ଼ି ଆସି ଭୟଙ୍କର ଗର୍ଜନ କରି ସହର କାନ୍ଥରେ ପିଟି ହେବାକୁ ଲାଗିଲା । ପ୍ରଚଣ୍ଡ ଝଡ଼ ଭିତରେ ସମୁଦ୍ରରେ ଥିଲେ ଜାହାଜର

ଯେଭଳି ଗଡ଼ ହୋଇଥାନ୍ତା ଅଧ୍ୟାପକଙ୍କର ଅବସ୍ଥା ଏଖଣି ସେପରି ବୋଧ ହେଲା ! ଶେଟସ୍ ଡଲଫିନୋ ଅବଶ୍ୟ ଉତ୍ସୃଷ୍ଟ ହୋଇ ଯାଉଥିଲା । ତାର ବାବା ତାକୁ ସାନ୍ତ୍ୱନା ଦେବା ପାଇଁ ଚେଷ୍ଟା କଲେ କଣ ହେବ, ତା ପାଟିରୁ ପଦେ ହେଲେ କଥା ବାହାରିଲା ନାହିଁ । ଢେଉର ଶବ୍ଦ ସେତେ ବେଶୀ ପ୍ରବଳ ନୁହେଁ, ମାତ୍ର ସେହି ପବନର ଭୀଷଣ ଗର୍ଜନ— ତାର ମନେ ହେଲା, ତାର କଥା କହିବାର କ୍ଷମତା ଏପରିକି ତାର ନିଶ୍ୱାସ ଗ୍ରହଣର ଶକ୍ତିକୁ ବି ସେହି ପବନର ଗର୍ଜନ ତା ଭିତରୁ ଛାଡ଼ି ନେଉଛି । ନୈଃଶବ୍ଦ୍ୟର ଅତଳ ନୀରବତାରେ ପ୍ରାଣ ଯେତେବେଳେ ଅଣନିଶ୍ୱାସୀ ହୋଇଯାଏ, ସେତେବେଳେ ମଝିରେ ମଝିରେ ଧାଈର କଣ୍ଠ-ସ୍ୱରରେ ଚମକି ପଡ଼ି ରୋଗୀଙ୍କୁ ଔଷଧ ଦେବା ପାଇଁ ସେ ଉଠିଯାଏ । କାରଣ, ସେମାନଙ୍କର ଦୁର୍ଭାଗ୍ୟ ବଢ଼ାଇବା ପାଇଁ ଶେଟସ୍ ଧାଈଟିର ଗଳାରେ ବି ରୋଗ— ସେ ମଧ୍ୟ ବିଛଣାରେ ପଡ଼ି ରହିଥିଲା ।

ଏକ ହାତରେ କାର୍ବଲିକ୍ ଏସିଡ୍‌ର ବୋତଲ ଓ ଅନ୍ୟ ହାତରେ ପେଣ୍ଟ-ବ୍ରସ ଧରି ତା ଆଡ଼କୁ ଆସୁ ଥିବାର ଦେଖିଲା କ୍ଷଣି, ଧାଈ ତାକୁ ସତର୍କ କରିଦିଏ, 'ମହାଶୟ, ସାବଧାନ । ସାବଧାନ ହୋଇ ଲଗାଇବେ, ମହାଶୟ ।'

ଧାଈ ବିଛଣା ଉପରେ ଉଠି ବସି ପଡ଼େ ଏବଂ ତାର ପାଟି ମେଲି କରିଦିଏ । ତାର ତଣ୍ଟି ଭିତରଟା ଫୁଲି ଲାଲ ହୋଇ ଯାଇଛି । ଡେବିଷି ମାରିବାକୁ ଇଚ୍ଛା ନ ଥିଲେ ସୁଦ୍ଧା, ଝରକାରେ ପବନ ପିଟି ହେବା କ୍ଷଣି ଅଧ୍ୟାପକଙ୍କର ହାତଟା ପ୍ରାୟ ହଲିଯାଏ ଏବଂ ତା ଫଳରେ କିଛି ଔଷଧ ବାହାରେ ଢଳି ପଡ଼ିଯାଏ । କିନ୍ତୁ ତାର କଷ୍ଟ ଜୋରରୁ ଧାଈ ଶେଟସ୍‌ର ଆଖି ଫୁଟିଯାଏ ନାହିଁ ।

'ବ୍ରେକ ପକାଅ ! ହଁ, ଏବେ ବ୍ରେକ ପକାଅ !' କହୁ କହୁ ସେ ଡଲଫିନୋ ପାଖକୁ ଫେରି ଆସେ— ତାର ଆଖି ଦୁଇଟା ହିଂସ୍ର ଭାବରେ ଜଳୁଥାଏ। କାର୍ବଲିକ ଏସିଡର ବୋତଲଟା ତା ହାତରେ ରହିଥାଏ। କାର୍ବଲିକ ଏସିଡ... ବିଷ... ନା, ଖୁବ୍ କମ, ଖୁବ୍ କମ ଏବଂ ସେଥା ବି ମିଶା... ଏଥିରେ ତେଣ କାମ ହେବ ଏହା ବି ନୁହେଁ... ତାଛଡ଼ା, ଏହି ଅବସ୍ଥାରେ ସେ ଡଲଫିନୋକୁ କାପର ଛୁଞ୍ଚ ଦେଇ ଯାଇ ପାରିବ ? ନା, ଯଦିଓ ତାର ଖୁବ୍ ଲୋଭ ହେଉଛି, ତଥାପି ସେ କୌଣସି ମତେ ଏହା କରିବ ନାହିଁ... ପବନଟା ତାକୁ ପାଗଳ କରି ପକାଉଛି।

'ସମୁଦ୍ର କୂଳରେ ଛୁଟି ଉପଭୋଗ !' ସେ ତା ମନେ ମନେ କହି ପକାଇଲା।

ମାସକଡ଼ୁ ଅଧେ ତ ଗଡ଼ି ଗଲାଣି। ଏଠାକୁ ଆସି ତାର ବା କି ଲାଭ ହୋଇଛି ? ତାକୁ ଦୁଇ ଜାଗାରେ ଭଡ଼ା ଦେବାକୁ ପଡୁଛି, ଘରର ସୁଖରୁ ସେ ବଞ୍ଚିତ ହୋଇଛି, ପୁଅର ବେମାର, ଆଉ ଏଣେ ଡଲଫିନୋର ରୋଗ ବଢୁଛି। ହଁ, ଖାଲି ସେତିକି ନୁହେଁ। ତାକୁ ଏକା ତିନି ଜଣଙ୍କର କାମ କରିବାକୁ ପଡୁଛି— ବଡ଼ ଲଗାଇବା, ବଜାର କରିବା ଏବଂ ରୋଷାଇ କରିବା... ଅଥଚ ସେଥିପାଇଁ ସେ ତା ପୁଅଟିକୁ, ମୁକ୍ତିକ ପାଇଁ, ସମୁଦ୍ର କୂଳକୁ ବୁଲାଇବାକୁ ନେଇ ପାରୁ ନାହିଁ। ସେହି ଭଡ଼ାଟି କୋଠରୀରେ, ସମୁଦ୍ର ଓ ପବନର ଅତ୍ୟାଗ୍ରହରେ, ସେ ଜାଣେ ବନ୍ଦୀ ହୋଇ ରହିଛି। ଅସହ୍ୟ, ଶଳା ଭଲ ମାଡ଼େ ତାକୁ କାନ୍ଦ ମାଡ଼େ...

ଦୁଆରରେ ଗୋଟାଏ ଅତି ମୃଦୁ କରାଘାତ ହେଲା।

'କିଏ ?'

ଦୁଆର ଖୋଲି ଦେଇ ଅଧ୍ୟାପକ ଅବାକ ହୋଇଗଲା । ସଂଜ୍ଞା ଭାବରେ ସାନ୍ତାନିନା ଘର ଭିତରକୁ ପଶି ଆସିଲା— ସାନ୍ତାନିନା, ଯିଏ ମାଆ ହେବା ପାଇଁ ଧାଇଁ ଆସିଛି । ଯେ କୌଣସି ମତେ ସେ ତା ହେଗଣା ପୁଅକୁ ନିଶ୍ଚୟ ଥରେ ଦେଖିବ ।

ଅବିନ୍ୟସ୍ତ ବେଶ ଗୁଚ୍ଛରେ, ସେ ଆଗକୁ ଦୌଡ଼ିଗଲା, ଏବଂ ଅଧ୍ୟାପକର ଗୋଡ଼ ତଳେ ପଡିଗଲା । ସେ ଚମକ୍କି ପଡ଼ି ପଛକୁ ଘୁଞ୍ଚିଗଲା । ସାନ୍ତାନିନା ତାର କୋଟଟା ଧରି ପକାଇ ଚିତ୍କାର କଲା

'କସମୋ ! 'କସମୋ ! ଭଗବାନଙ୍କ ଦୋହାଇ ! ମୋତେ ଟିକିଏ ଜଲଫିନୋକୁ ଦେଖାଅ । ମୋତେ କ୍ଷମା କର ! ମୋତେ ଉଦ୍ଧାର କର ! ମୋ ପ୍ରତି ଟିକିଏ ସଦୟ ହୁଅ !'

ତା ପରେ ତା ନୟନରୁ ଲୋତକର ବନ୍ୟା ବହିବାକୁ ଲାଗିଲା— ପ୍ରକୃତ ଲୋତକ, ଯେମିତି ତାହା କୌଣସି ମତେ ବନ୍ଦ ହେବ ନାହିଁ । କାନ୍ଦୁଥିବା ଯୋଗୁଁ ତାର ସାସ୍ ଶବ୍ଦରରେ କମ୍ପନ ଜାତ ହେଲା— କ୍ରନ୍ଦନ ଓ ଲୋତକ ଠାରୁ କୌଣସି ଗୁଣରେ ଊଣା ନୁହେଁ । ସେ ଭୂଇଁରୁ ଆଦୌ ଉଠିଲା ନାହିଁ, ମାତ୍ର ଦୁଇ ହାତରେ ତା ମୁହଁ ଢାଙ୍କି ରଖି ସେ ଆବେଦନ କରିବାକୁ ଲାଗିଲା :

'କସମୋ, ତୁମେ ମୋତେ ଖାଲି କ୍ଷମା କଲେ, ମୋତେ ଉଦ୍ଧାର କଲେ, ମୁଁ ଚୁମ୍ବନ କରିବି··· ତୁମର ଚରଣ ଯେଉଁ ଭୁଇଁରେ ପଡ଼ିଛି ମୁଁ ତାକୁ ଚୁମ୍ବନ କରିବି । ମୁଁ ଆଉ ଏ ଜୀବନ ସେଣ ସହି ପାରୁ ନାହିଁ ! ଏଥୁ ପରେ ଜଲଫିନୋକୁହିଁ ମୁଁ ଏକାନ୍ତ ଆପଣାର କରି ରଖିବି । ମୋତେ ସାହାଯ୍ୟ କର, ଭଗବାନଙ୍କ ଦୋହାଇ, ମୁଁ ତାର ସବୁ ସେବା ଶୁଶ୍ରୂଷା କରିବି । ମୁଁ ତୁମକୁ ଅନୁରୋଧ କରୁଛି···' ।

ଗୋଟାଏ ଚୌକିରେ ବସି ପଡି, ଅଧ୍ୟାପକ ଦୁଇ ହାତରେ ତା ମୁହଁ ଢାଙ୍କି ପକାଇଲା । ତାର ମୁହଁ ଢାଙ୍କିବାକୁ ତାର ଅବଶ୍ୟ କିଛି-ପ୍ରୟୋଜନ ନ ଥିଲା, କାରଣ ସେତେବେଳକୁ ସଞ୍ଜ ମାଡ଼ି ଆସିଥିଲା ଏବଂ ଘରଟା ଅନ୍ଧକାରାଚ୍ଛନ୍ନ ହୋଇ ଯାଇଥିଲା । ସାନ୍ଧ୍ୟ ଉପାସନାର ଘଣ୍ଟା ବାଜିଲା ଏବଂ ଧୀର ଉଚ୍ଚ ସ୍ୱରରେ ଅନେକ ମାନବାତ୍ମାର ସ୍ତୋତ୍ର ପାଠ କରିବାକୁ ଲାଗିଲେ— ତାର ଆଶା ଥିଲା, ଏହା କାନରେ ବାଜିଲେ ତାର ମୁନିବ ନିଶ୍ଚୟ ସାଣ୍ଟାନିନାର ପ୍ରତିଲମ୍ଭନ ଏଡ଼ାଇ ପାରିବ ।

ପଛ ପଟୁ ଡଲ୍ଫିନୋର କଣ୍ଠସ୍ୱର ଶୁଣାଗଲା । ଘରେ କଣ ହେଉଛି ବୁଝି ନ ପାରି ସେ ଭୟରେ ଡାକ ଛାଡ଼ିଲା :

'ବାବା ! ବାବା !'

ଚିତ୍କାର ଶୁଣି, ସାଣ୍ଟାନିନା ଉଠି ପଡ଼ିଲା ଏବଂ ତା ପୁଅ ପାଖକୁ ଦୌଡ଼ିଗଲା ।

ଅଧ୍ୟାପକ ସେହିପରି ଚୌକିରେ ପଡି ରହିଲା ଏବଂ ଡଲ୍ଫିନୋର ଘରୁ ଭାସି ଆସୁଥିବା ଶବ୍ଦ ପ୍ରତି କାନ ଡେରି ରହିଲା— ମା'ର ଚୁମ୍ବନ ଓ ପୁଅକୁ ଗେଲ କରିବାର ଶବ୍ଦ । ସହସା ବାହାରେ ଗୋଟାଏ ବଡ଼ ପରିବର୍ତ୍ତନ ମାଡ଼ି ଆସିଲା— ସମୁଦ୍ରର ଗର୍ଜନ କମିଗଲା ଏବଂ ପବନର ଜୋର ଆଉ ନ ଥିଲା— ଏକ ଅସ୍ୱାଭାବିକ ନୀରବତା, ଯେମିତି ସମଗ୍ର ପୃଥିବୀଟା ସ୍ତବ୍ଧ ହୋଇଗଲା । ମଥା ଟେକି ସେ ବିସ୍ମୟରେ ଶୁଣିବାକୁ ଲାଗିଲା । ତେବେ ସୁଦ୍ଧା ଝରକାର ଗୋଟାଏ କବାଟ ଅତି ଧୀରେ ଧୀରେ ପିଟି ହେଉଥିଲା । ହଁ । ସତରେ ତ— ପବନ··· ଅବଶେଷରେ ପବନ ବନ୍ଦ ହୋଇଗଲା । ଏହା କଣ ସମ୍ଭବ ହୋଇପାରେ ? ସେ ଝରକା ପାଖକୁ ଚାଲିଗଲା ଏବଂ ଅଗ୍ନିସ୍ୱରଙ୍କ ନିବାସ ସାମନାରେ ବଗିଚାର ସେ ପଟେ ଯାଉଥିବା ଆଲୋକିତ

ସ୍ତ୍ରୀ ଆଡ଼କୁ ଅନାଇ ଦେଖିଲା । ହଁ, ସତରେ ଖୁବ୍ ସହସା, ପବନ ବନ୍ଦ ହୋଇ ଯାଇଥିଲା । କେତେ ଜଣ ଅଫିସରଙ୍କର କଣ୍ଠ ସ୍ୱର ତା କାନରେ ଆସି ବାଜିଲା । ଭୋଜନ ପରେ ପଦାରେ ଫୁର୍ତ୍ତି କରିବା ପାଇଁ ସେମାନେ ବାହାରି ଆସୁଥିଲେ ।

ଯାହା ହେଉ, ଏତେ ବେଳ ଯାଏ ତାର ମନେ ନ ଥିଲା ଯେ ସେ ଡଲ୍‌ଫିନୋକୁ ଅନ୍ଧାରରେ ତାର ଶୋଇବା-ଘରେ, ସାଟାନିନାର ଉପସ୍ଥିତିରେ, ଛାଡ଼ି ଦେଇ ଆସିଛି । ଗୋଟାଏ ଆଲୁଅ ଆଣିବା ଲାଗି ସେ ଧାଇଁଗଲା ।

'ମୁଁ ଜାଳି ଦେ ଛି··· ମୁଁ ଜାଳି ଦେଉଛି,' ସେ ସହସା କହି ଉଠିଲା । 'ଆଲୁଅ କେଉଁଠି ଅଛି ? ଅର ଘରେ ନା ?'

ଆଲୁଅ ଆଣିବା ପାଇଁ ସେ ଖୁବ୍ ଚଞ୍ଚଳ ଧାଇଁଗଲା ।

'ବାବା,' ଡଲ୍‌ଫିନୋ ଫୁସ୍‌ଫୁସ୍ କରି କହିଲା, 'ବାବା, ମୋର ତାକୁ ଭଲ ଲାଗୁ ନାହିଁ··· ତା ଦେହରୁ କଦର୍ଯ୍ୟ ଗନ୍ଧ ବାହାରୁଛି··· ।'

'ତୁ କିଛି ଚିନ୍ତା କର ନା, ପୁଅ । ତୁ କିଛି ଚିନ୍ତା କର ନା ।'

'କିନ୍ତୁ ବାବା, ତୁମେ କେଉଁଠି ଶୋଇବ ? ସେ ଶୋଇଲେ ତ ତୁମ ପାଇଁ ଆଉ ବିଛଣା ରହିବ ନାହିଁ । ତେଣୁ ତୁମେ ନିଶ୍ଚୟ ମୋ କଡ଼ରେ ଶୋଇବ— ଶୁଣୁଛ ତୁମକୁ, ବାବା ?'

'ହଁରେ, ପୁଅ, ଖୁବ୍ ଭଲ ଭାବରେ··· ତୁ ସେଥିପାଇଁ କିଛି ଚିନ୍ତା କର ନା ।'

ଛୁଆଟି ନୀରବ ହୋଇଗଲା । ମାତ୍ର ସାଟାନିନା କାହିଁକି ଫେରି ଆସୁ ନାହିଁ ? ସେ କଣ ଆଉ ଆଲୁଅ ପାଇଲା ନାହିଁ ? ତାହାହେଲେ ସେ କଣ କରୁଛି ? ଅଧ୍ୟାପକ କାନ ଡେରି ଶୁଣିବାକୁ ଲାଗିଲା । ତା ପରେ ସେ ହଠାତ୍ ଲକ୍ଷ୍ୟ କଲା ଯେ ଝଲକାଏ

ହେମାଲ ପର୍ବନ ଅସ୍ତ୍ର ତା ପାଦରେ ଲାଗିଲା । ତାର ମନେ ହେଲା–ଆଉ ଘରେ ସାଟାନିନା ଯେମିତ ଗୋଟାଏ ଝରକା ଖୋଲିଦେଲା କିନ୍ତୁ କାହିଁକି ?

ସେ ଉଠି ଠିଆ ହେଲା, ଏବଂ ବନ୍ଧୁକଟା ଛାଡ଼ି ଦେଇ, ଗୋଡ଼ ଟିପି ଟିପି ଧୀରେ ଧୀରେ ପାଖ ଘରର ଦୁଆର ଆଡ଼କୁ ଗଲା । ସେହି ଘରର ଗୋଟାଏ ନୂଆଁଣିଆ ଝରକା ବଗିଚା ସଂଲଗ୍ନ ବାରଣ୍ଡା ଆଡ଼କୁ ରହିଛି । ହଁ ତ, ସାଟାନିନା ସେହି ଝରକାଟା ଖୋଲିଦେଇ, ସେଇଠି ଠିଆ ହୋଇଛି, ଆଉ ଠିକ୍ ତା ତଳେ କାହା ସାଙ୍ଗରେ ଅନୁଚ୍ଚ ସ୍ୱରରେ କଥାବାର୍ତ୍ତା କରୁଛି । ସେ ବା କିଏ ? ସେହି ଅଲାଜୁକୀ ମାଇକିନାଟାର ଅସୂତାଣୀ କଣ ଫେର୍ ଏହା ଭିତରେ ଆରମ୍ଭ ହୋଇଗଲା ? ଅଧ୍ୟାପକ ବାଘ ପରି ସତର୍କ ପାଦ ପକାଇ ଟିକିଏ ହେଲେ ଶବ୍ଦ ନ କରି ତା ପାଖରେ ଯାଇ ପହଞ୍ଚିଗଲା । ସେ ଶୁଣିବାକୁ ଲାଗିଲା, ତଳେ ଠିଆ ହୋଇଥିବା ଅଫିସରକୁ ସାଟାନିନା କହୁଛି: 'ନା, ଗେଗି, ଆଜି ସନ୍ଧରେ ଲୁଚେଇଁ, ଅସମ୍ଭବ । କିନ୍ତୁ କାଲି··· ମୁଁ ତୁମକୁ ଜବାବ ଦେଉଛି କାଲି ।'

ଏହା ଶୁଣି ଅଧ୍ୟାପକ ଅଳ୍ପ ଟିକିଏ ନଇଁ ପଡ଼ିଲା, ଏବଂ ସାଟାନିନାର ପାଦ ଦୁଇଟା ଧରି ପକାଇ, ସହସା ତାକୁ ଟେକି ନେଇ ଝରକା ବାହାରକୁ ଫୋପାଡ଼ି ଦେଲା, ଏବଂ ପାଟି କରି କହିଲା:

'ହୋ ଲେଫ୍ଟେନାଣ୍ଟ ସାହେବ ! ଶୁଣନ୍ତୁ, ତାକୁ ଭଲ କରି ଧରି ନିଅନ୍ତୁ !'

ସାଟାନିନାର ଆର୍ତ୍ତନାଦ ଓ ଅଫିସରର ଚିତ୍କାରରେ ଭୟତ୍ରସ୍ତ ହୋଇଯାଇ, ସେ ଥରି ଥରି ଝରକା ପାଖରୁ ଘୁଞ୍ଚି ଆସିଲା । ସେ ଝରକାର କବାଟ ବନ୍ଦ କରି ଦେବାକୁ ଚେଷ୍ଟା କଲା, କିନ୍ତୁ ସେତେବେଳକୁ ବାହାରେ ସିପାହୀ, ଅଫିସର ଓ ନାଗରିକମାନଙ୍କର

ପାଟିଓଗୋଲ ଶୁଖି ଗଲାଣି । ତେଣୁ କମ୍ପିତ ପଦକ୍ଷେପରେ ସେ ତା ପୁଅର ଘରକୁ ପଳାଇ ଆସିଲା । ତା ଆଗରୁ ସନ୍ଧି-ପୋଷାକରେ ଓ ଲିଣ୍ଟା ବିଛଣାରୁ ଉଠି ପଡ଼ି ଦୌଡ଼ି ଆସିଥିଲା । ସେ ତାକୁ ଅଟକାଇ ପଚାରିବାକୁ ବସିଲା, କଣ ହୋଇଛି କି ଆଉ ଏଠି ଗୋଳମାଳ ବା କାହିଁକି ହେଉଛି । ମାତ୍ର ଅଧ୍ୟାପକ ତାକୁ ଗୋଟାଏ ଅଡ଼ୁକୁ ଠେଲି ଦେଇ, ପୁଅର ଶଯ୍ୟା ପାଖକୁ ଧାଇଁଗଲା ଏବଂ ତାକୁ ଚୁମ୍ବନ କଲା ।

'କିଛି ନୁହେଁ······ ଆଦୌ କିଛି ହୋଇ ନାହିଁ,' ତା ପୁଅର ପ୍ରଶ୍ନର ଉତ୍ତର ଦେବାକୁ ଯାଇ, ସେ ଆବେଗରେ କହି ପକାଇଲା । 'ସତରେ କିଛି ନୁହେଁ··· ତୁ ଡର ନା । ଖାଲି ଖଣ୍ଡିଏ ଟାଇଲ୍··· ଛାତରୁ ଖଣ୍ଡିଏ ଟାଇଲ ଲେଫ୍ଟେନାଣ୍ଟର ମଥାରେ ଖସି ପଡ଼ିଲା··· ଆଉ କିଛି ନୁହେଁ ।'

ସଦର ଦରଜାରେ ଘନ ଘନ ଠକ୍କା ବାଜିଲା । ଧାଇ ରାତିର ପୋଷାକ ବଦଳାଇ, ଦୁଆର ଖୋଲିବା ପାଇଁ ଦୌଡ଼ିଗଲା । ମାତ୍ର ଦୁଇ ଜଣ ସିପାହୀ ଓ ଜଣେ ପୋଲିସ ସାର୍ଜେଣ୍ଟ ପଶି ଆସିଲେ । ତାଙ୍କ ପଛେ ପଛେ ଦଳେ ସୈନ୍ୟ ଓ ଅଫିସରଙ୍କ ସମେତ ଗୁଡ଼ାଏ ଲୋକ ବି ପାଟିତୁଣ୍ଡ କରି ଧାଇଁ ଆସିଲେ ।

ଜନତାର ଆକସ୍ମିକ ଆଗମନରେ ଭୟଭୀତ ହୋଇ, ଧାଇର ପାଟି ଖିଲି ମାରିଗଲା ଏବଂ ସେହି ଅବସ୍ଥାରେ ସେ କହିଲା: 'ଟିକିଏ ଅପେକ୍ଷା କରନ୍ତୁ··· ମୁଁ ଆଲୁଅଟା ଜଳାଇ ନେଇ ଆସେଁ ।'

ଦେଖାଗଲା, ଡଲଫିନୋ ବିଛଣା ଉପରେ ଆଣ୍ଠୁ ମାଡ଼ି ବସିଛି, ଆଉ କସମୋ ଆଣ୍ଟୋନିଓ ଥରଥର ଅମିଦେଇ ତାକୁ ଦି ହାତରେ କୁଣ୍ଢାଇ ଧରିଛି ।

'ଏହି ସେ !' ଜଣେ ପୋଲିସ ଚିତ୍କାର କଲା । 'ମୋ ସାଙ୍ଗରେ ଚାଲି ଆସ ।'

ଅଧ୍ୟାପକ ସେମାନଙ୍କ ଆଡ଼କୁ ମଥା ବୁଲାଇ ଦେଲା । ଯେଉଁ ଲୋକମାନେ ପୋଲିସ ସାଙ୍ଗରେ ସେ ଘରକୁ ପଶି ଆସିଥିଲେ, ସେମାନେ ଫଟିର ପଗଡ଼ି ଓ ବଡ଼ ବଡ଼ ଚଷମା ପିନ୍ଧିଥିବା ସେହି ମଡ଼ା-ଭଳି ଦିଶୁଥିବା ମୁହଁଟିକୁ ବିସ୍ମୟ ଓ ଭୟରେ ଚାହିଁ ରହିଲେ ।

'କେଉଁଠାକୁ ?' ସେ ପଚାରିଲା ।

'ମୋ ସାଙ୍ଗରେ ଚାଲି ଆସ ! ଆଉ ବେଶି ବଦମାସି କର ନାହିଁ !' ତାର କାନ୍ଧ ଉପରେ ହାତ ରଖି, ପୋଲିସ ଅଫିସର ରୁକ୍ଷ ସ୍ୱରରେ ଜବାବ ଦେଲା ।

'ବେଶ୍ ଭଲ । କିନ୍ତୁ ମୋ ପୁଅ କଣ କରିବ ? ସେ ଯେ ବେମାର ଅଛି । ତାକୁ କାହା ପାଖରେ ଛାଡି ଦେଇ ଯାଇ ପାରିବି ? ମହାଶୟ, ମୁଁ କଥାଟା ଖୋଲି କହୁଛି··· ।'

'ଚୁପ୍ ରହ !' ପୋଲିସ ଅଫିସର କ୍ରୋଧରେ ତାକୁ ବାଧା ଦେଇ କହିଲା । 'ତୁମ ପୁଅକୁ ଡାକ୍ତରଖାନାକୁ ପଠାଇ ଦିଆଯିବ । ତୁମେ କିନ୍ତୁ ମୋ ସାଙ୍ଗରେ ଚାଲି ଆସ !'

ଭାଲ୍‌ଫିନୋର ସାରା ଶରୀର ଭୟରେ କମ୍ପୁଥିଲା । ଅଧ୍ୟାପକ ପୁଣି ତାକୁ ବିଛଣାରେ ଶୁଆଇ ପକାଇଲା । ବହୁ କଷ୍ଟରେ ଆଖିରୁ ଲୁହ ପୋଛି ଦେଇ, ସେ ବାରମ୍ବାର ତାର ପୁଅକୁ ଚୁମ୍ବନ କଲା ଏବଂ ତା କାନ ପାଖରେ ଫୁସଫୁସ କରି କହିବାକୁ ଲାଗିଲା—ତୁ ଦମ୍ଭ ଧରି, ସେମିତି କିଛି ସୁନ୍ଦର ଘଟଣା ହୋଇ ନାହିଁ, ମୁଁ ଶୀଘ୍ର ଫେରି ଆସିବି । ଜଣେ ସିପାହୀ ଅଧୈର୍ଯ୍ୟ ହୋଇ, ତାର ହାତ ଧରି ପକାଇଲା ।

ତୁମେ କଣ ମୋତେ ହାତକଡ଼ି ବି ପିନ୍ଧାଇବ ?' ଅଧ୍ୟାପକ ପଚାରିଲା ।

ତାକୁ ହାତକଡ଼ି ପିନ୍ଧାଇ ଦେବା ପରେ, ସେ ଭାଲ୍‌ଫିନୋ ଉପରେ ନଇଁ ପଡ଼ିଲା ଏବଂ ତାକୁ କହିଲା:

'ପୁଅ… ମୋ ଚଶମାଟା…'

ତେବେ ବି ଟିଲୁଟି ଉସ୍ସୁରେ ବସି ଥିଲା। ସେ କହିଲା, 'କଣ କହୁଛ, ବାପା !'

'ସୁନାଟା ପରା, ମୋ ଚଶମାଟା ଟିକିଏ ଖୋଲି ନେ ତ…… ଏହି ! ଏହି ଥର ଠିକ୍ ହୋଇଛି… ଚମତ୍କାର। ମୁଁ ଆଉ ଏବେ ତୋତେ ଦେଖି ପାରିବି ନାହିଁ…'।

ଜନତା ଆଡ଼କୁ ବୁଲିପଡ଼ି, ସେ ଆଖି ମିଟିମିଟି କରିବାକୁ ଲାଗିଲା ଏବଂ ଥରେ କଦର୍ଯ୍ୟ ଭାବରେ ହସିବାକୁ ଚେଷ୍ଟା କଲା। ସେଥିରେ ଏକା ସାଙ୍ଗରେ ତାର ହଳଦିଆ ଦାନ୍ତସବୁ ଯେମିତି ବାହାରି ପଡ଼ିଲା। କାଉଁଠା ନୁଆଁଇ ଆଣି, ସେ ତା ବେକଟା ଲମ୍ବାଇ ଦେଲା, କିନ୍ତୁ ଆଜି ତାର ଦୁର୍ଦ୍ଦଶା ହେତୁ ତା ପାଟିରୁ ପଦେ ହେଲେ କଥା ବାହାରିଲା ନାହିଁ। ଏହି ଥରକ ତାର ଅଭ୍ୟାସଗତ କଥାଟି ନିଜ ତୁଣ୍ଡରେ ଆଉ ପଇଠିଲା ନାହିଁ;

'ବେଶ୍ ଭଲ !'